ସୁବର୍ଣ୍ଣ ଜୟନ୍ତୀ ପ୍ରକାଶନ ମାଳା

# ଓଡ଼ିଆ ଲେଖକ ପରିଚୟ
## (୧୪୫୦-୧୮୫୦)



ଡକ୍ଟର କୃଷ୍ଣଚରଣ ସାହୁ

# ଓଡ଼ିଆ ଲେଖକ ପରିଚୟ

(୧୪୫୦-୧୮୫୦)

ସଂକଳକ

ଡକ୍ଟର କୃଷ୍ଣଚରଣ ସାହୁ

ଓଡ଼ିଶା ସାହିତ୍ୟ ଏକାଡେମୀ

ଭୁବନେଶ୍ୱର

# ଓଡ଼ିଆ ଲେଖକ ପରିଚୟ

(୧୪୫୦-୧୮୫୦)

ସଂକଳକ : **ଡକ୍‌ଟର. କୃଷ୍ଣଚରଣ ସାହୁ**
ପ୍ରକାଶକ : **ଓଡ଼ିଶା ସାହିତ୍ୟ ଏକାଡେମୀ,**
ସଂସ୍କୃତି ଭବନ, ଭୁବନେଶ୍ୱର-୭୫୧୦୧୪
ପ୍ରଥମ ପ୍ରକାଶ : ୧୯୮୧
ଦ୍ୱିତୀୟ ପ୍ରକାଶ : ୨୦୦୮
ମୁଦ୍ରଣ : **ସରସ୍ୱତୀ**, ଭୁବନେଶ୍ୱର-୨
ମୂଲ୍ୟ : ଟ.୯୦.୦୦ (ନବେ ଟଙ୍କା ମାତ୍ର)

**ODIA LEKHAKA PARICHAYA**
**(1450- 1850)**

Compiled by :
**Dr. Krushna Charan Sahu**
Published by :
**Odisha Sahitya Akademi**
Sanskruti Bhawan, Bhubaneswar-751014
1st Edition : 1981
2nd Edition : 2008
Printed at : **Saraswati,** Bhubaneswar-2
Price : Rs. 90.00 (Rupees Ninty Only)

ISBN : 81-7586-173-8

# ଦ୍ୱିତୀୟ ପ୍ରକାଶନ ଅବସରରେ

ଲେଖା ଓ ଲେଖକ ଗୋଟିଏ ମୁଦ୍ରାର ଦୁଇପାର୍ଶ୍ୱ । ପୃଥିବୀର ଯେଉଁ ଭାଷା ଓ ସାହିତ୍ୟ ସମୃଦ୍ଧିର ଶିଖର ସ୍ପର୍ଶ କରିଛନ୍ତି, ତାହା କେବଳ ସେହି ଭାଷାର ଲେଖକମାନଙ୍କ ଉଲ୍ଲେଖନୀୟ ସର୍ଜନା ଦ୍ୱାରା ହିଁ ସମ୍ଭବ ହୋଇପାରିଛି ତେଣୁ ଲେଖକମାନଙ୍କ ପରିଚୟ ସଂପର୍କରେ ବିଶଦ୍ ଭାବରେ ଜ୍ଞାତ ହେବାପାଇଁ ପାଠକ ସବୁବେଳେ ଉଦ୍‌ବିଗ୍ନ ହେବା ସ୍ୱାଭାବିକ । ଲେଖକର ବଂଶ ପରିଚୟ, ଜନ୍ମସ୍ଥାନ, ଜନ୍ମ ଓ ମୃତ୍ୟୁ ତଥ୍ୟ, ବ୍ୟକ୍ତିଗତ ବୃତ୍ତି ଓ ପେଶା ଉଲ୍ଲେଖନୀୟ ସାରସ୍ୱତ ସୃଷ୍ଟି ଏବଂ ସେ ଲାଭ କରିଥିବା ଉପାୟନ/ ସମ୍ମାନ/ ସ୍ୱୀକୃତି ଓ ପୁରସ୍କାର ଇତ୍ୟାଦି ବିଷୟରେ ପାଠକମାନଙ୍କ ସହ ସମସ୍ତେ ଜାଣିବା ଆବଶ୍ୟକ । ଆମ୍ଭେମାନେ ପ୍ରାଚୀନ ସାହିତ୍ୟ କହିଲେ ପ୍ରାୟ ପୁରାଣ, କାବ୍ୟ ଇତ୍ୟାଦି ବୋଲି ଜାଣିଥାଉ ଏହି ସବୁ ଲେଖାରେ ଲେଖକମାନେ ଏକ ପରମ୍ପରାକୁ ଅନୁସରଣ କରି ଲେଖା ଶେଷରେ ନିଜ ନାମକୁ ସଂଯୋଜନ କରୁଥିଲେ ହେଁ ଏଥିରୁ କେବଳ ସେମାନଙ୍କର ନାମ ବ୍ୟତୀତ ଅନ୍ୟ କୌଣସି ଉପରୋକ୍ତ ସୂଚନା ବିଶଦ୍‌ଭାବରେ ମିଳିନଥାଏ । ତେଣୁ କୌଣସି ସାହିତ୍ୟକୁ ଜାଣିବାକୁ ହେଲେ ପ୍ରଥମେ ତା'ର ଲେଖକଙ୍କୁ ଜାଣିବାର ଆବଶ୍ୟକ ଅନିବାର୍ଯ୍ୟ ହୋଇଥିବାରୁ ବିଭିନ୍ନ ଭାଷାରେ ଲେଖକମାନଙ୍କ ପରିଚୟ ପୁସ୍ତିକା ସାଂପ୍ରତିକ କାଳରେ ବହୁଳ ଭାବରେ ଦେଖିବାକୁ ମିଳିଥାଏ । ଓଡ଼ିଆ ଭାଷାରେ ମଧ୍ୟ ଏହି ଧରଣର ଅନେକ ପୁସ୍ତକ ରହିଅଛି । ମାତ୍ର ଆଜିକୁ ପ୍ରାୟ ୨୬ ବର୍ଷ ତଳେ ଯେତେବେଳେ ଏହି ଧରଣର ପୁସ୍ତକ ବଜାରରେ ଉପଲବ୍ଧ ହେଉନଥିଲା କିମ୍ବା ଅଳ୍ପ ଦୃଷ୍ଟିଗୋଚର ହେଉଥିଲା ସେତେବେଳେ ଓଡ଼ିଆ ସାହିତ୍ୟର ପ୍ରାଚୀନ କବିମାନଙ୍କର ଏକ ପରିଚୟ ପୁସ୍ତିକା ଏକାଡେମୀ ପକ୍ଷରୁ ପ୍ରକାଶିତ ହୋଇ ଏ ଦିଗରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିପାରିଥିଲା । ଓଡ଼ିଆ ସାହିତ୍ୟରେ ରୁଚି ରଖିଥିବା ବ୍ୟକ୍ତିବିଶେଷ, ଗବେଷକ, ପାଠକ ଓ ବିଦ୍ୱାନମଣ୍ଡଳୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପ୍ରଫେସର୍ ଡକ୍‌ଟର କୃଷ୍ଣଚରଣ ସାହୁ ପ୍ରାଚୀନ କାଳ ୧୪୫୦ ମସିହାଠାରୁ

ଆରମ୍ଭ କରି ୧୮୫୦ ମସିହା ମଧ୍ୟରେ ଓଡ଼ିଆ ସାହିତ୍ୟର ସ୍ରଷ୍ଟାମାନଙ୍କର ପରିଚୟ ସଂକଳନ ଏକାଡେମୀ ପକ୍ଷରୁ ପ୍ରସ୍ତୁତ କରିଥିଲେ । ଏହି ପୁସ୍ତକଟି ପ୍ରକାଶ ପାଇବାପରେ ଓଡ଼ିଆ ସାହିତ୍ୟରେ ରୁଚି ରଖିଥିବା ପାଠକମାନଙ୍କ ଦ୍ୱାରା ବିଶେଷ ଆଦର ଲାଭ କରିଥିଲା । ଏହି ପୁସ୍ତକଟି ଏକାଡେମୀରୁ ଅନେକ ଦିନ ହେବ ଏକାଡେମୀରୁ ଶେଷ ହୋଇଯାଇଥିବାରୁ ଏହାର ପୁର୍ନମୁଦ୍ରଣ ନିମନ୍ତେ ବିଭିନ୍ନ ସମୟରେ ପାଠକମାନଙ୍କ ନିକଟରୁ ଦାବି ହୋଇଆସୁଥିଲା । ପାଠକମାନଙ୍କ ଆଗ୍ରହକୁ ସମ୍ମାନ ଜଣାଇ ଓଡ଼ିଶା ସାହିତ୍ୟ ଏକାଡେମୀ ଏହି ପୁସ୍ତକଟିକୁ ପୁନର୍ବାର ପ୍ରକାଶନ କରିବାକୁ ଯାଉଛନ୍ତି । ଏହି ପୁସ୍ତକର ପୁର୍ନମୁଦ୍ରଣ ଅବକାଶରେ ପ୍ରଫେସର ସାହୁଙ୍କୁ ସ୍ମରଣ କରିବା ସଂଗେ ସଂଗେ ତାଙ୍କ ସୃଷ୍ଟିକୁ ସମ୍ମାନ ଜଣାଉଅଛି ।

ଓଡ଼ିଶା ସାହିତ୍ୟ ଏକାଡେମୀ ପ୍ରତିଷ୍ଠାର ପଚାଶ ବର୍ଷ ପୂର୍ତ୍ତୀ ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ପ୍ରାଚୀନ ଓଡ଼ିଆ ସାହିତ୍ୟର ସ୍ରଷ୍ଟାମାନଙ୍କ ପରିଚୟ ସଂବଳିତ ପୁସ୍ତକଟି ପ୍ରକାଶ ପାଉଥିବା ଅତ୍ୟନ୍ତ ଆନନ୍ଦର କଥା । ଯାହାଙ୍କ ସର୍ଜନାରେ ଓଡ଼ିଆ ସାହିତ୍ୟ ଆଜି ପରିପୁଷ୍ଟ ହୋଇଛି ସେହି ମହାନ ସ୍ରଷ୍ଟାଙ୍କ ଉଦ୍ଦେଶ୍ୟରେ ମୋର ପ୍ରଣିପାତ ଜଣାଉଛି । ଓଡ଼ିଆ ସାହିତ୍ୟର ବିମୁଗ୍ଧ ପାଠକ/ପାଠିକା, ବିଦ୍ୱାନମଣ୍ଡଳୀ, ଗବେଷକ, ଛାତ୍ର ଓ ଅଧାପକମାନଙ୍କ ଦ୍ୱାରା ଏହି ଲେଖକ ପରିଚୟ ପୁସ୍ତକଟି ଆଦର ଲାଭ କଲେ ଏକାଡେମୀର ଶ୍ରମ ସାର୍ଥକ ହେବ ବୋଲି ଆଶା କରୁଅଛି ।

ଭୁବନେଶ୍ୱର
ତା ୨୪. ୧୨. ୨୦୦୮

ଡକ୍ଟର ହରପ୍ରସାଦ ପରିଛା ପଟନାୟକ
ସଚିବ
ଓଡ଼ିଶା ସାହିତ୍ୟ ଏକାଡେମୀ

# ପଦେ ଅଧେ

ଯେକୌଣସି ସାହିତ୍ୟର ଚର୍ଚ୍ଚା ଓ ଅନୁଶୀଳନ ପାଇଁ ଉକ୍ତ ସାହିତ୍ୟର ଲେଖକମାନଙ୍କର ଧାରାବାହିକ ପରିଚୟାତ୍ମକ ବିବରଣୀ ଏକାନ୍ତ ଅପରିହାର୍ଯ୍ୟ ବୋଲି ମନେ କରାଯାଏ ।

ଓଡ଼ିଆ ଲେଖକମାନଙ୍କର କୌଣସି ଧାରାବାହିକ ବିବରଣୀ ଏଯାବତ୍ ପ୍ରକାଶିତ ହୋଇପାରିନଥିବାରୁ ଏପରି ଏକ ଗ୍ରନ୍ଥ ଦୁଇଭାଗରେ ପ୍ରକାଶ କରାଯିବାର ସିଦ୍ଧାନ୍ତ କରାଯାଇଥିଲା ।

ବର୍ତ୍ତମାନ ପ୍ରକାଶିତ ହେଉଥିବା ଏହି ପ୍ରଥମ ଭାଗରେ ୧୪୫୦ରୁ ୧୮୫୦ ମସିହା ମଧ୍ୟରେ ଓଡ଼ିଆ ସାହିତ୍ୟ-କ୍ଷେତ୍ରରେ ଅବତୀର୍ଣ୍ଣ ହୋଇଥିବା ଲେଖକମାନଙ୍କର ଯଥାସମ୍ଭବ ପରିଚୟ ସଂକ୍ଷିପ୍ତ ଭାବରେ ପ୍ରଦାନ କରାଯାଇଛି । ପରବର୍ତ୍ତୀ ସମୟରୁ ସାଂପ୍ରତିକ କାଳ ପର୍ଯ୍ୟନ୍ତ ପ୍ରସାରିତ ଏ ସଂକଳନର ଦ୍ୱିତୀୟ ଭାଗ ଅବିଳମ୍ବେ ପ୍ରକାଶିତ ହେବାକୁ ଯାଉଛି ।

ଏ ପୁସ୍ତକଟି ଓଡ଼ିଆ ସାହିତ୍ୟ ଚର୍ଚ୍ଚା କ୍ଷେତ୍ରରେ ସହାୟକ ହେବ ବୋଲି ଆଶା କରୁଛି ।

**ସଚ୍ଚିଦାନନ୍ଦ ରାଉତରାୟ**
ସଭାପତି

# ଦୁଇପଦ

ଖ୍ରୀଷ୍ଟାୟ ୧୪୫୦ରୁ ୧୮୫୦ ମସିହା ମଧ୍ୟରେ ପ୍ରାଚୀନ ଓ ମଧ୍ୟ ଯୁଗୀୟ ଓଡ଼ିଆ ସାହିତ୍ୟକୁ ଗୁଦ୍ଧିମନ୍ତ କରିଥିବା ଲେଖକମାନଙ୍କର ସମ୍ୟକ୍ ପରିଚୟ ଏ ସଂକଳନରେ ପ୍ରଦାନ କରାଯିବାର ପ୍ରୟାସ କରାଯାଇଛି । ଏହା ପରବର୍ତ୍ତୀ ଅର୍ଥାତ୍ ୧୮୫୦ ମସିହାରୁ ଅଦ୍ୟାବଧି ବିସ୍ତାରିତ ସମୟରେ ଅବତୀର୍ଣ୍ଣ ହୋଇଥିବା ଲେଖକମାନଙ୍କର ପରିଚୟ ସମ୍ବଳିତ ଗ୍ରନ୍ଥ ବର୍ତ୍ତମାନ ଏକାଡ଼େମୀ ପକ୍ଷରୁ ସଂକଳନାଧୀନ ରହିଛି ।

ପ୍ରାଚୀନ ଓ ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟ ସଂପର୍କୀୟ ବହୁ ଉପାଦେୟ ତଥ୍ୟ ଏଯାବତ୍ ଉଦ୍‌ଘାଟିତ ହୋଇପାରିନାହିଁ ବୋଲି ମତପୋଷଣ କରାଯାଏ । ଏଣୁ ଏ କାର୍ଯ୍ୟ ପାଇଁ ସଂକଳକ ଯଥେଷ୍ଟ ଆୟାସ ସ୍ୱୀକାର କରିଥିବା ସ୍ୱାଭାବିକ । ଏଥିପାଇଁ ସେ ଧନ୍ୟବାଦାର୍ହ ।

ଓଡ଼ିଶାର ପ୍ରାଚୀନ ଓ ମଧ୍ୟଯୁଗୀୟ ଲେଖକମାନଙ୍କର ପରିଚୟ ସଂକଳନ ଓ ପ୍ରକାଶନ କ୍ଷେତ୍ରରେ ଏହି ସର୍ବପ୍ରଥମ ଉଦ୍ୟମକୁ ଓଡିଶାର ବିଦ୍ୱାନମଣ୍ଡଳୀ ଓ ପାଠକ ସାଧାରଣ ସ୍ୱାଗତ କରିବେ ବୋଲି ଆଶା କରୁଛି ।

**ରାଇଚରଣ ଦାସ**
ସଂପାଦକ

# ମୁଖବନ୍ଧ

ପ୍ରାଚୀନ ସାହିତ୍ୟ ବିଶେଷ କରି ପୁରାଣ, କାବ୍ୟ ଓ କବିତା ପାଇଁ ପ୍ରସିଦ୍ଧ। ନାରାୟଣ ଦାସ, ବ୍ରଜନାଥ ବଡ଼ଜେନା ପ୍ରମୁଖ କତିପୟ ଗଦ୍ୟ ଲେଖକ କଥା କାବ୍ୟ ଲେଖିଥିଲେ ହେଁ, ଏହା ସେ ଯୁଗର ପ୍ରମୁଖ ରୀତି ନଥିଲା। ପଦ୍ୟ ଓ ଗଦ୍ୟ ଉଭୟ ଶ୍ରେଣୀୟ ଲେଖକ ମଧ୍ୟକାଳୀନ ପରମ୍ପରାକୁ ଅନୁସରଣ କରି ଭଣିତାରେ ନିଜ ନାମକୁ ସଂଯୋଜିତ କରୁଥିଲେ ହେଁ, ବଂଶ, ଜାତି, ବାସସ୍ଥାନ,ବ୍ୟବସାୟ, ନିଜ ରଚିତ କାବ୍ୟ କବିତାବଳୀର ହିସାବ ଓ ସର୍ବୋପରି ନିଜର ବ୍ୟକ୍ତିତ୍ୱ ସମ୍ବନ୍ଧରେ ବିଶେଷ କରି ସୂଚନା ଦେଉ ନଥିଲେ, କବି ଦୀନକୃଷ୍ଣଙ୍କ ଭାଷାରେ ସେମାନେ 'ଅନ୍ତକପଟ-ଅନ୍ତ-ନୃତ୍ୟକାରୀ' ହେବାକୁ ହିଁ ବେଶି ପସନ୍ଦ କରୁଥିଲେ। ସାସୁବେଦ ଓ ଅମରକୋଷ ପ୍ରଭୃତି କେତେକ ପ୍ରସିଦ୍ଧ ପ୍ରାଚୀନ ଗ୍ରନ୍ଥରେ କବିଙ୍କ ନାମ ପର୍ଯ୍ୟନ୍ତ ନଥିଲା। ଏପରି ଅବସ୍ଥାରେ ପ୍ରାଚୀନ କବିମାନଙ୍କ ବିଧିବଦ୍ଧ ଇତିହାସ ସଙ୍କଳନ କରିବା ଏପରିକି ସାମାନ୍ୟ ପରିଚୟ ପ୍ରଦାନ କରିବା ସହଜ ନୁହେଁ।

ଭଣିତାରେ ଥିବା ନାମରୁ କବିଙ୍କ ପରିଚୟ ମିଳିବା ପରିବର୍ତ୍ତେ ପରିଚୟ ପାଇବାରେ ଅସୁବିଧା ହୁଏ। ବଳରାମ, ଜଗନ୍ନାଥ, ଅଚ୍ୟୁତ ଅନନ୍ତ, ଯଶୋବନ୍ତ ଓ ଦୀନକୃଷ୍ଣ ପ୍ରଭୃତି ଓଡିଆ ସାହିତ୍ୟର ପ୍ରସିଦ୍ଧ କବିମାନଙ୍କ ସମସ୍ୟା ଏହି ଦୃଷ୍ଟିରୁ ଅତ୍ୟନ୍ତ ଜଟିଳ, ଏକାନାମ ବିଶିଷ୍ଟ କବିମାନଙ୍କୁ 'ଏକ' କହିବା ଯେତିକି କଷ୍ଟ 'ଅନେକ' କହିବା ସେତିକି ଅସୁବିଧାଜନକ, ନିଧିଦାସ ଗୋଟିଏ ଗ୍ରନ୍ଥରେ ନିଜକୁ 'ଶିଶୁ ନିଧିନିଧି ଦାସ' କହିବାବେଳେ ଅନ୍ୟ ସ୍ଥଳରେ ଦୀନନିଧି ଦାସ କହିଛନ୍ତି। ଈଶ୍ୱର ଦାସ (ଦ୍ୱିଜ)ଙ୍କ ଦୃଷ୍ଟାନ୍ତ ମଧ୍ୟ ଦିଆଯାଇପାରେ । କୃଷ୍ଣ କଥାକୁ ନେଇ କାବ୍ୟ ଲେଖିବାବେଳେ ସେ ନିଜକୁ ଈଶ୍ୱର ଦାସ (ଦ୍ୱିଜ) କହିଛନ୍ତି, ଅଥଚ ରାମ କଥା ସମ୍ବନ୍ଧୀୟ କାବ୍ୟରେ ସେ ହେଲେ ଈଶ୍ୱର ବ୍ରହ୍ମା। ଉଭୟ 'ଈଶ୍ୱର'ଙ୍କ ଘର ଖେମୁଣ୍ଡି ଓ ଉଭୟେ ବ୍ରାହ୍ମଣକୁଳ ସଂଭୂତ ହେଲେ ବି ନିଜର ସ୍ୱାତନ୍ତ୍ର୍ୟ ରଖିବା ପାଇଁ ଦୁଇ ପ୍ରକାର ଭଣିତା ଯେମିତି ସମ୍ଭବପର ନିଜକୁ ଦୁଇଭାଗରେ ଉଲ୍ଲେଖ କରିବା ମଧ୍ୟ ସେମିତି ଯଥାର୍ଥ। ପ୍ରସିଦ୍ଧ କବିଙ୍କଠାରୁ ନିଜକୁ ସ୍ୱତନ୍ତ୍ର କରିବା ପାଇଁ ପରବର୍ତ୍ତୀ କାଳର ସମନାମ ବିଶିଷ୍ଟ କବିମାନେ ନିଜ ନାମ ପୂର୍ବରୁ ଦ୍ୱିଜ, ଦୀନ, ହୀନ ପ୍ରଭୃତି ଶବ୍ଦ ସଂଯୋଗ କରୁଥିବା ଅନୁମାନ କରାଯାଇପାରେ।

ପ୍ରାୟ ହଜାର ବର୍ଷର ପୁରୁଣା ଓଡିଆ ସାହିତ୍ୟର କବିମାନଙ୍କୁ ଖୋଜି ବାହାର କରି ସେମାନଙ୍କ ପରିଚୟ ପ୍ରଦାନ କଲାବେଳେ ସଂଗ୍ରାହକଙ୍କୁ ଏହିପରି ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ହୋଇଥାଏ। ବହୁ କବି ମରିଯିବା ସଙ୍ଗେସଙ୍ଗେ ତାଙ୍କ କାବ୍ୟ କବିତା ପ୍ରସିଦ୍ଧ କବିଙ୍କ ରଚିତ କାବ୍ୟ ଓ କବିତାର ଚାପରେ ପଡି କାଳ ଗର୍ଭରେ ଲୋପ ପାଇଯାଏ।

ପ୍ରାୟ ଦଶମ ଶତାବ୍ଦରେ ଓଡ଼ିଆ ଭାଷା ସୃଷ୍ଟି ହୋଇ ରାଜାଙ୍କର ଆଦେଶନାମା ସବୁକୁ ଶିଳାଗାତ୍ରରେ ବହନ କରୁଥିବା ବେଳେ, କବି ମୁଖ ଓ ଲେଖନୀ ମୁନରେ କବିତା ସବୁ ନିଶ୍ଚିତଭାବେ ଲିଖିତ ହୋଇ ପ୍ରଚାରିତ ହୋଇଥିବ। କିନ୍ତୁ ପ୍ରବଳ ପ୍ରତାପୀ ଶୂଦ୍ର ମୁନି ସାରଳା ଦାସଙ୍କ ବିରାଟକାୟ ମହାଭାରତ ରଚିତ ହେବା ପରେ ଓ ସବୁ ଧର୍ମକୁ ମୁଖ୍ୟ କରି ଉତ୍କଳର ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥଙ୍କୁ କବଳିତ କରି ବୈଷ୍ଣବ ଧର୍ମର ବିଜୟବାନା କେବଳ ଭକ୍ତମାନଙ୍କୁ ଅଭୟ ଦାନକରି ଉଦ୍ଧାର କରିବା ପାଇଁ ସଂକଳ୍ପବଦ୍ଧ ହେବା ପରେ ଅନ୍ୟଧାରାର ଗ୍ରନ୍ଥ ସବୁ ଗୁପ୍ତ ହୋଇଯାଇଥିବ ଓ ଧୀରେ ଧୀରେ ଲୋକସ୍ମୃତିରୁ ଉଭେଇ ଯାଇଥିବ, ଅସମ୍ଭବ ନୁହେଁ। ତେଣୁ ସାରଳା -ପୂର୍ବ ପାଞ୍ଚଶ ବର୍ଷର ଇତିହାସ କେବଳ ଲେଖକ ବିହୀନ ଶିଳାଲେଖର ଇତିହାସ।

ସାରଳା ଦାସଙ୍କ ପରେ ଯେଉଁମାନେ କବି ଭାବେ ପ୍ରସିଦ୍ଧି ଲାଭ କରିଥିଲେ, ସେମାନଙ୍କ ମଧ୍ୟରୁ ସମସ୍ତେ ଆଜି ନାହାନ୍ତି। ବଣମଲ୍ଲୀ ପରି ବଣରେ ଫୁଟି ମଉଳି ଯାଇଛନ୍ତି। ସେମାନଙ୍କୁ ଖୋଜି ବାହାର କରିବା ଆଉ ସମ୍ଭବ ନୁହେଁ। ପ୍ରସିଦ୍ଧ କବିମାନଙ୍କ ଲେଖାର ପ୍ରଭାବ, ସେମାନଙ୍କ ଅନୁଗାମୀମାନଙ୍କ ପ୍ରାଦୁର୍ଭାବ ପୁଣି ପ୍ରାକୃତିକ ଦୁର୍ବିପାକରୁ ଯେଉଁମାନେ ରକ୍ଷାପାଇପାରିଛନ୍ତି; ସେହିମାନଙ୍କ ଇତିହାସ ହେଉଛି, ଓଡ଼ିଆ ସାହିତ୍ୟର ଇତିହାସ।

ପ୍ରାଚୀନ କବିମାନଙ୍କ ମଧ୍ୟରୁ କାହାରି ବିଧିବଦ୍ଧ ଇତିହାସ ଲେଖା ଯାଇନାହିଁ । ଜଗନ୍ନାଥ ଦାସ ଓ ଯଶୋବନ୍ତ ଦାସଙ୍କ ଜୀବନୀ ରଚିତ ହୋଇଥିଲେ ହେଁ ଏହା ବିଶେଷ ଭାବରେ ମହିମା ପ୍ରଚାର ପାଇଁ ଉଦ୍ଦିଷ୍ଟ। କବିଙ୍କ ବ୍ୟକ୍ତିତ୍ୱର ଝଲକ ଏଥିରୁ ପ୍ରାୟ ମିଳେନାହିଁ। ଭଞ୍ଜ ବଂଶାବଳୀ ବା ଦାତା ଭକ୍ତି ରସାମୃତରୁ ବହୁ ଲେଖକଙ୍କ ପରିଚୟ ମିଳିଥାଏ। ଲେଖକମାନଙ୍କ ଇତିହାସ ଲେଖିବା ଏସବୁ ଗ୍ରନ୍ଥର ମଧ୍ୟ ଉଦ୍ଦେଶ୍ୟ ନୁହେଁ। ସେଥିପାଇଁ କବିତା ହିଁ ପ୍ରାଚୀନ କବିମାନଙ୍କ ଏକମାତ୍ର ପରିଚୟ।

ଓଡିଆ ସାହିତ୍ୟରେ ଆଧୁନିକ ଯୁଗ ଆରମ୍ଭ ହେବା ପରେ ପ୍ରାଚୀନ ଓ ଆଧୁନିକ ସାହିତ୍ୟର ସଂଘର୍ଷରୁ ପ୍ରାଚୀନ କବିଙ୍କୁ ଅନୁସନ୍ଧାନ କରିବା କାର୍ଯ୍ୟ ଆରମ୍ଭ ହୁଏ। ଜନ୍ ବିମ୍ସ୍ ଓଡ଼ିଶା ଇତିହାସ ଲେଖିବାବେଳେ କତିପୟ ଓଡ଼ିଆ କବିଙ୍କର ନାମ ଓ ଲେଖାର ଉଲ୍ଲେଖ କରିଛନ୍ତି। ଏହାପରେ ଏଥିରେ ସହଯୋଗ କରନ୍ତି ଅଧ୍ୟାପକ ଆର୍ତ୍ତବଲ୍ଲଭ ମହାନ୍ତି ପଣ୍ଡିତ ବିନାୟକ ମିଶ୍ର, ଶ୍ରୀ ବିଚ୍ଛନ୍ଦ ଚରଣ ପଟ୍ଟନାୟକ, ସୁଧାକର ପଟ୍ଟନାୟକ, ଅଧ୍ୟାପକ ବଂଶୀଧର ମହାନ୍ତି, ଅଧ୍ୟାପକ ଜାନକୀ ବଲ୍ଲଭ ମହାନ୍ତି ଓ ଅନ୍ୟ ଅନେକ ସଂଗ୍ରାହକ ଓ ସମାଲୋଚକ। ଓଡ଼ିଶା ରାଜ୍ୟ - ସଂଗ୍ରହାଳୟ ପ୍ରତିଷ୍ଠିତ ହୋଇ ଓଡିଶାର ବହୁ ଅଞ୍ଚଳରୁ ପୋଥି ସଂଗ୍ରହ କାର୍ଯ୍ୟ ତ୍ୱରାନ୍ୱିତ ହେବା ଫଳରେ ଏହି କାର୍ଯ୍ୟରେ ନୂଆ ଅଧ୍ୟାୟ ଆରମ୍ଭ ହୁଏ। ବହୁ ପ୍ରାଚୀନ କବି ଆବିଷ୍କୃତ ହୋଇ ଲୋକଲୋଚନକୁ

ଆସନ୍ତି । ଏହି କ୍ଷେତ୍ରରେ ଶ୍ରୀଯୁକ୍ତ କେଦାରନାଥ ମହାପାତ୍ର, ପଣ୍ଡିତ ନୀଳମଣି ମିଶ୍ର ଓ ଶ୍ରୀନିବାସ ରଥଙ୍କ ନାମ ଉଲ୍ଲେଖଯୋଗ୍ୟ । କେବଳ ପୋଥି ବିଭାଗ ଦାୟିତ୍ୱରେ ଥିବା ଯୋଗୁଁ ନୁହେଁ, ନିଜର ଅଭିରୁଚି ହେତୁ ସେମାନେ ପ୍ରାଚୀନ ଓଡ଼ିଆ ସାହିତ୍ୟ ପାଇଁ ଏପରି କାର୍ଯ୍ୟ କରୁଛନ୍ତି, ଯାହା କି ବହୁଦିନ ପର୍ଯ୍ୟନ୍ତ ସଂଭବ ହୋଇ ପାରିନଥିଲା । ସେହିମାନଙ୍କ ପରିଶ୍ରମ ଯୋଗୁଁ ଆଜି ୭୬୦ ପ୍ରାଚୀନ କବିଙ୍କର ଏହି ପରିଚୟଗ୍ରନ୍ଥ ପ୍ରସ୍ତୁତ ହୋଇପାରିଛି ଓ ଭବିଷ୍ୟତରେ ଆଉ ଅନେକ ନୂତନ କବି ଯେ ଆବିଷ୍କୃତ ହେବେ ଏଥିରେ ସନ୍ଦେହ ନାହିଁ । ଆବିଷ୍କୃତ ପ୍ରତ୍ୟେକ କବିଙ୍କୁ ଏହି ପରିଚୟଗ୍ରନ୍ଥରେ ଅନ୍ତର୍ଭୁକ୍ତ କରିବାପାଇଁ ଚେଷ୍ଟା କରାଯାଇଥିଲେ ହେଁ ଏଥିରେ ଭ୍ରମ ପ୍ରମାଦ ଯେ ନଥିବ ଓ କେତେକ ପ୍ରକାଶିତ କବି ଯେ ଛାଡ଼ି ହୋଇଯାଇ ନଥିବେ, ସେ କଥା କୁହାଯାଇ ନପାରେ । ପ୍ରାଚୀନ କବି ପରିଚୟଗ୍ରନ୍ଥ ପ୍ରସ୍ତୁତ କଲାବେଳେ ନିମ୍ନୋକ୍ତ ନିୟମକୁ ଅନୁସରଣ କରାଯାଇଛି ।

(୧) ଦୀନଦ୍ୱିଜଶିଶୁ ଓ ଦେବଙ୍କ ପ୍ରଭୃତି ସ୍ୱାତନ୍ତ୍ର୍ୟ ବାଚକ ଶବ୍ଦ ଥିବା ଏକା ନାମ ବିଶିଷ୍ଟ କବିଙ୍କୁ ସ୍ୱତନ୍ତ୍ର କବି ରୂପେ ଉଲ୍ଲେଖ କରାଯାଇଛି ।

(୨) ଏକା ନାମ ବିଶିଷ୍ଟ କବିମାନଙ୍କ ମଧ୍ୟରୁ ନିର୍ଦ୍ଦିଷ୍ଟ ପ୍ରମାଣ ଥିବା ବ୍ୟକ୍ତିଙ୍କୁ ସ୍ୱତନ୍ତ୍ର କବି ଭାବେ ଉଲ୍ଲେଖ କରାଯାଇଛି ।

(୩) କବିମାନଙ୍କ ସମୟ ସଂବନ୍ଧରେ ନିର୍ଦ୍ଦିଷ୍ଟ ସୂଚନା ମିଳୁନଥିବାରୁ ବହୁ ସ୍ଥଳରେ 'ଆନୁମାନିକ' ସମୟହିଁ ଦିଆଯାଇଛି ।

(୪) ଯେଉଁ କବିମାନଙ୍କ କେବଳ ଗୋଟିଏ ବା ଦୁଇଟି କବିତା ବ୍ୟତୀତ ଆଉ କିଛି ମିଳୁ ନାହିଁ, ସେ ସ୍ଥଳରେ ସେମାନଙ୍କ କବିତାରୁ ଆଦ୍ୟ ବା ପ୍ରାନ୍ତ ପଙ୍‌କ୍ତି ଉଦ୍ଧାର କରାଯାଇଛି ।

(୫) କୌଣସି କବିଙ୍କ ପରିଚୟ ଦେଲାବେଳେ ମୂଳ ଆଲୋଚକମାନଙ୍କ ନାମ ଦେବା ସଙ୍ଗେ ସଙ୍ଗେ ଅନେକ ସ୍ଥଳରେ ସେମାନଙ୍କ ଉକ୍ତିକୁ ଅବିକଳ ଉଦ୍ଧାର କରାଯାଇଛି ।

ଆଶା, ଏହି ଗ୍ରନ୍ଥ ପ୍ରାଚୀନ ଓଡ଼ିଆ ସାହିତ୍ୟର ବିଧିବଦ୍ଧ ଆଲୋଚନା ପାଇଁ ସହାୟକ ହେବ ।

**ଡ. କୃଷ୍ଣଚରଣ ସାହୁ**

# ସୂଚୀପତ୍ର


| | | ପୃଷ୍ଠା |
|---|---|---|
| ୧। | ଅଗଣି ନାୟକ | ୩୫ |
| ୨। | ଅଚ୍ୟୁତ ଗୋକୁଳ ନାୟକ | ୩୫ |
| ୩। | ଅଚ୍ୟୁତ ନାୟକ | ୩୫ |
| ୪। | ଅଚ୍ୟୁତାନନ୍ଦ | ୩୫ |
| ୫। | ଅଧମ ଚନ୍ଦ୍ର | ୩୬ |
| ୬। | ଅଧର ପଟ୍ଟନାୟକ | ୩୬ |
| ୭। | ଅନଙ୍ଗଭୀମ ଦେବ | ୩୭ |
| ୮। | ଅନଙ୍ଗ ନରେନ୍ଦ୍ର | ୩୭ |
| ୯। | ଅନନ୍ତ | ୩୭ |
| ୧୦। | ଅନନ୍ତ ଦାସ (ଶିଶୁ) | ୩୭ |
| ୧୧। | ଅନାଥ | ୩୭ |
| ୧୨। | ଅନାଥ ଦାସ | ୩୭ |
| ୧୩। | ଅନାଦି ଦାସ | ୩୭ |
| ୧୪। | ଅନିରୁଦ୍ଧ ଛୋଟରାୟ | ୩୭ |
| ୧୫। | ଅଭିମନ୍ୟୁ ଭଞ୍ଜ | ୩୮ |
| ୧୬। | ଅଭିମନ୍ୟୁ ସାମନ୍ତସିଂହାର | ୩୮ |
| ୧୭। | ଅରକ୍ଷିତ ଦାସ | ୩୮ |
| ୧୮। | ଅଳନ୍ଧୁଆ | ୩୮ |
| ୧୯। | ଅଷ୍ଟଦୁର୍ଗ ରାଜା | ୩୯ |
| ୨୦। | ଅର୍ଜୁନ ଦାସ | ୩୯ |
| ୨୧। | ଆଦିକନ୍ଦ | ୩୯ |
| ୨୨। | ଆଦିକନ୍ଦ ଦାସ | ୩୯ |

| | |
|---|---|
| | ପୃଷ୍ଠା |
| ୨୩। ଆଦିକନ୍ଦ ଭୀମ ଦେବ | ୩୯ |
| ୨୪। ଆରତ | ୪୦ |
| ୨୫। ଆରତ ଦାସ | ୪୦ |
| ୨୬। ଇନ୍ଦୁମୁଖୀ କନ୍ୟା | ୪୦ |
| ୨୭। ଈଶ୍ୱର ଦାସ | ୪୦ |
| ୨୮। ଈଶ୍ୱର ଦାସ (ଦ୍ୱିଜ) | ୪୦ |
| ୨୯। ଈଶ୍ୱର ଦାସ (ଶିଶୁ) | ୪୧ |
| ୩୦। ଈଶ୍ୱର ବ୍ରହ୍ମା | ୪୧ |
| ୩୧। ଉଚ୍ଛବ ଦାସ | ୪୧ |
| ୩୨। ଉଦ୍ଧବ ଦାସ | ୪୧ |
| ୩୩। ଉପେନ୍ଦ୍ର ଭଞ୍ଜ | ୪୨ |
| ୩୪। କଣ୍ଠ ଦାସ | ୪୩ |
| ୩୫। କନ୍ଧ ମୁକୁନ୍ଦ | ୪୩ |
| ୩୬। କପିଳ ନରେଶ | ୪୩ |
| ୩୭। କପିଳ ମୁନି | ୪୩ |
| ୩୮। କପିଳେନ୍ଦ୍ର ଦେବ | ୪୩ |
| ୩୯। କବି ଦାସ | ୪୪ |
| ୪୦। କବି ବଲ୍ଲଭ | ୪୪ |
| ୪୧। କବି ରବିତନୟ | ୪୪ |
| ୪୨। କପିଳେଶ୍ୱର ଦାସ | ୪୪ |
| ୪୩। କପିଳେଶ୍ୱର ନନ୍ଦ | ୪୪ |
| ୪୪। କବି କର୍ଣ୍ଣ | ୪୪ |
| ୪୫। କବି ଚନ୍ଦ୍ର | ୪୫ |
| ୪୬। କମଳ ଲୋଚନ ଖଡ଼୍‌ଗରାୟ | ୪୫ |
| ୪୭। କରୁଣାକର ପଟ୍ଟନାୟକ | ୪୫ |
| ୪୮। କଳ୍ପତରୁ ଦାସ | ୪୬ |
| ୪୯। କହ୍ନାଇ | ୪୬ |
| ୫୦। କହ୍ନାଇ ଖୁଣ୍ଟିଆ | ୪୬ |
| ୫୧। କହ୍ନାଇ ଦାସ | ୪୬ |
| ୫୨। କାର୍ତ୍ତିକ ଦାସ | ୪୬ |
| ୫୩। କାଳିନ୍ଦୀ ଦାସ | ୪୬ |
| ୫୪। କାଶୀ (ଦୀନ) | ୪୬ |
| ୫୫। କାଶୀ ଦାସ (ବିପ୍ର) | ୪୭ |
| ୫୬। କାଶୀନାଥ ଦ୍ୱିଜ | ୪୭ |

पृष्ठा


୫୭ । କାଶୀ ବସନ୍ତିଆ ୪୭
୫୮ । କାହ୍ନୁଚରଣ ୪୭
୫୯ । କାହ୍ନୁ ଦାସ ୪୭
୬୦ । କାହ୍ନୁପାଦ ୪୭
୬୧ । କିଶୋର ଦାସ ୪୭
୬୨ । କିଶୋର ଚନ୍ଦ୍ର ରାଜେନ୍ଦ୍ର ୪୮
୬୩ । କିଶୋରାନନ୍ଦ ୪୮
୬୪ । କୁଆଁର ୪୮
୬୫ । କୁଞ୍ଜବନ ପଟ୍ଟନାୟକ ୪୮
୬୬ । କୁଞ୍ଜବିହାରୀ ୪୮
୬୭ । କୁଞ୍ଜବିହାରୀ ନୃପ ୪୮
୬୮ । କୁଞ୍ଜବିହାରୀ ଭ୍ରମରବର ୪୮
୬୯ । କୁଞ୍ଜ ମଙ୍ଗରାଜ ୪୯
୭୦ । କୁଞ୍ଜ ସିଂହ ୪୯
୭୧ । କୁଳମଣି ରାଜେନ୍ଦ୍ର ୪୯
୭୨ । କୁଳମଣି ଦ୍ୱିଜ ୪୯
୭୩ । କୃପାସିନ୍ଧୁ ୪୯
୭୪ । କୃପାସିନ୍ଧୁ ଛୋଟରାୟ ୫୦
୭୫ । କୃପାସିନ୍ଧୁ ଦାସ (୧) ୫୦
୭୬ । କୃପାସିନ୍ଧୁ ଦାସ (୨) ୫୦
୭୭ । କୃପାସିନ୍ଧୁ ଦାସ (୩) ୫୦
୭୮ । କୃପାସିନ୍ଧୁ ସିଂହଦେଓ ୫୦
୭୯ । କୃପାସିନ୍ଧୁ ସାମନ୍ତ ୫୧
୮୦ । କୃଷ୍ଣ କର ୫୧
୮୧ । କୃଷ୍ଣଚରଣ ପଟ୍ଟନାୟକ ୫୧
୮୨ । କୃଷ୍ଣଚନ୍ଦ୍ର ୫୧
୮୩ । କୃଷ୍ଣଚନ୍ଦ୍ର ନରେନ୍ଦ୍ର ୫୧
୮୪ । କୃଷ୍ଣଚନ୍ଦ୍ର ରାଜେନ୍ଦ୍ର ୫୧
୮୫ । କୃଷ୍ଣ ଦାସ ୫୨
୮୬ । କୃଷ୍ଣଦାସ ଅବଧୂତ ୫୨
୮୭ । କୃଷ୍ଣ ପଟ୍ଟନାୟକ ୫୨
୮୮ । କୃଷ୍ଣପ୍ରିୟା ଜେମାଦେଈ ୫୨
୮୯ । କୃଷ୍ଣ ଶରଣ ୫୨
୯୦ । କୃଷ୍ଣସୂର ହରିଚନ୍ଦନ ୫୨

ପୃଷ୍ଠା


୯୧ । କୃଷ୍ଣ ସିଂହ ୫୨
୯୨ । କେଶବ କବି ୫୩
୯୩ । କେଶବ ତ୍ରିପାଠୀ ୫୩
୯୪ । କେଶବ ଦାସ ୫୩
୯୫ । କେଶବ ପଟ୍ଟନାୟକ ୫୩
୯୬ । କେଶବ ଭଞ୍ଜ ୫୩
୯୭ । କେଶବ ରଥ (କବିରାଜ) ୫୩
୯୮ । କେଶବ ଶ୍ରୀଚନ୍ଦନ ୫୩
୯୯ । କେଶବରାଜ ହରିଚନ୍ଦନ ୫୩
୧୦୦ । କେଶବ ହରିଚନ୍ଦନ ୫୪
୧୦୧ । କୃପାସମୁଦ୍ର ଦାସ ୫୪
୧୦୨ । କ୍ଷତ୍ରୀ ପୁରୁଷୋତ୍ତମ ୫୪
୧୦୩ । କ୍ଷତ୍ରୀୟବର ଭଞ୍ଜ ୫୪
୧୦୪ । କ୍ଷୀରୋଦ୍ରମାଳୀ ଜେମା ୫୪
୧୦୫ । ଖଣ୍ଡୁଆଳ ୫୪
୧୦୬ । ଗଙ୍ଗା ଦେବୀ ୫୪
୧୦୭ । ଗଙ୍ଗାଧର (କବିଚନ୍ଦ୍ର) ୫୫
୧୦୮ । ଗଙ୍ଗାଧର ଦାସ ୫୫
୧୦୯ । ଗଙ୍ଗାଧର ପ୍ରଧାନ ୫୫
୧୧୦ । ଗଙ୍ଗାଧର ବୈଶ୍ୟ ୫୫
୧୧୧ । ଗଙ୍ଗାପାଣି ମହାପାତ୍ର ୫୫
୧୧୨ । ଗଣ୍ଡା ଦାସ ୫୫
୧୧୩ । ଗଦାଧର ୫୫
୧୧୪ । ଗଦାଧର ଦ୍ୱିଜ ୫୬
୧୧୫ । ଗିରିଧର ଦାସ ୫୬
୧୧୬ । ଗିରିଧାରୀ ଦାସ ୫୬
୧୧୭ । ଗିରି ଗଦାଧର ଦାସ ୫୬
୧୧୮ । ଗୁଣମଣି ସୁତ ୫୬
୧୧୯ । ଗୋକୁଳ ୫୬
୧୨୦ । ଗୋକୁଳ ଦାସ ୫୬
୧୨୧ । ଗୋକୁଳ ନରେନ୍ଦ୍ର (ମାନ୍ଧାତା) ୫୭
୧୨୨ । ଗୋପାଳ (ତେଲଙ୍ଗା) ୫୭
୧୨୩ । ଗୋପାଳକୃଷ୍ଣ ୫୭
୧୨୪ । ଗୋପାଳ ଦାସ ୫୭

ପୃଷ୍ଠା


୧୨୫ । ଗୋପାଳ ଦ୍ୱିଜ ୫୮
୧୨୬ । ଗୋପାଳ ଭଂଜ ୫୮
୧୨୭ । ଗୋପୀ ଜୀବନ ୫୮
୧୨୮ । ଗୋପୀ ଦାସ (ବିପ୍ର) ୫୮
୧୨୯ । ଗୋପୀନାଥ ୫୮
୧୩୦ । ଗୋପୀନାଥ କର ୫୮
୧୩୧ । ଗୋପୀନାଥ ତୁଙ୍ଗ ୫୮
୧୩୨ । ଗୋପୀନାଥ ଦାସ (୧) ୫୮
୧୩୩ । ଗୋପୀନାଥ ଦାସ (୨) ୫୯
୧୩୪ । ଗୋପୀନାଥ ଦାସ (୩) ୫୯
୧୩୫ । ଗୋପୀନାଥ ଦେବ ୫୯
୧୩୬ । ଗୋପୀନାଥ ନାଥ ୫୯
୧୩୭ । ଗୋପୀନାଥ ପାତ୍ର (କବିଭୂଷଣ) ୫୯
୧୩୮ । ଗୋପୀନାଥ ମିଶ୍ର ୬୦
୧୩୯ । ଗୋପୀନାଥ ସିଂହ ୬୦
୧୪୦ । ଗୋପୀନାଥ ହରିଚନ୍ଦନ ୬୦
୧୪୧ । ଗୋବର୍ଦ୍ଧନ ୬୦
୧୪୨ । ଗୋବର୍ଦ୍ଧନ ରଥ ୬୦
୧୪୩ । ଗୋବିନ୍ଦ ୬୦
୧୪୪ । ଗୋବିନ୍ଦ ଚରଣ ସିଂହ ନୃପ ୬୦
୧୪୫ । ଗୋବିନ୍ଦ ଦାସ (୧) ୬୦
୧୪୬ । ଗୋବିନ୍ଦ ଦାସ (୨) ୬୧
୧୪୭ । ଗୋବିନ୍ଦ ବିଦ୍ୟାଧର ୬୧
୧୪୮ । ଗୋବିନ୍ଦ (ପତିତ) ୬୧
୧୪୯ । ଗୋବିନ୍ଦ (ବାଇ) ୬୧
୧୫୦ । ଗୋବିନ୍ଦ ଭଞ୍ଜ ୬୧
୧୫୧ । ଗୋବିନ୍ଦ (ରାୟପୁରୁ) ୬୧
୧୫୨ । ଗୋରଖ ନାଥ ୬୧
୧୫୩ । ଗୋଲେକ ଦାସ ୬୨
୧୫୪ । ଗୋଲେଖ ଦାସ ୬୨
୧୫୫ । ଗୌରକୃଷ୍ଣ ୬୨
୧୫୬ । ଗୌର ଗଜପତି ୬୨
୧୫୭ । ଗୌରଚନ୍ଦ୍ର ୬୨
୧୫୮ । ଗୌରଚନ୍ଦ୍ର ଦ୍ୱିଜ ୬୨

ପୃଷ୍ଠା


୧୫୯ । ଗୌରଚନ୍ଦ୍ର ନୃପ ବା ଗୌରଚନ୍ଦ୍ର ଭଞ୍ଜ ୬୨
୧୬୦ । ଗୌରଚନ୍ଦ୍ର ଭ୍ରମରବର ସାନସିଂହ- ମର୍ଦ୍ଦରାଜ ୬୨
୧୬୧ । ଗୌର ଚରଣ ୬୨
୧୬୨ । ଗୌରହରି ଦାସ ୬୩
୧୬୩ । ଗୌରହରି (ପରିଛା) ୬୩
୧୬୪ । ଘନ ଦାସ ୬୩
୧୬୫ । ଘନ ଭଞ୍ଜ ୬୩
୧୬୬ । ଚଇତନ ଦାସ ୬୪
୧୬୭ । ଚକ୍ରଧର ଭଞ୍ଜ ୬୪
୧୬୮ । ଚକ୍ରପାଣି ପଟ୍ଟନାୟକ ୬୪
୧୬୯ । ଚକ୍ରପାଣି ଭଞ୍ଜ ୬୪
୧୭୦ । ଚକ୍ରପାଣି ସିଂହ ୬୪
୧୭୧ । ଚଣ୍ଡୀ ଦାସ ୬୪
୧୭୨ । ଚନ୍ଦ୍ର ଚୂଡ଼ାମଣି ହରିଚନ୍ଦନ ୬୪
୧୭୩ । ଚନ୍ଦ୍ରମଣି ଦାସ ୬୫
୧୭୪ । ଚନ୍ଦ୍ରଶିଖର ପୂଜାରୀ ଭାଗ୍ୟରଥି ରଣା ୬୫
୧୭୫ । ଚନ୍ଦ୍ରଶେଖର ୬୫
୧୭୬ । ଚନ୍ଦ୍ରଶେଖର (କରଣ) ୬୫
୧୭୭ । ଚନ୍ଦ୍ରଶେଖର ଗଜେନ୍ଦ୍ର ୬୫
୧୭୮ । ଚନ୍ଦ୍ରଶେଖର ଦାସ ୬୫
୧୭୯ । ଚନ୍ଦ୍ରଶେଖର ନାଥ ୬୫
୧୮୦ । ଚମ୍ପତି ସିଂହ ୬୫
୧୮୧ । ଚରଣ ଦ୍ୱିଜ ୬୫
୧୮୨ । ଚାନ୍ଦ ଦାସ ୬୬
୧୮୩ । ଚିତ୍ରମାଳୀ ଜେମାଦେଈ ୬୬
୧୮୪ । ଚିନ୍ତାମଣି ଦାସ ୬୬
୧୮୫ । ଚୈତନ୍ୟ ଗୁରୁ ୬୬
୧୮୬ । ଚୈତନ୍ୟ ଦାସ ୬୬
୧୮୭ । ଛୟଳ କହ୍ନାଇ ୬୬
୧୮୮ । ଜଗତେଶ୍ୱର ଭଞ୍ଜ ୬୬
୧୮୯ । ଜଗନ୍ନାଥ ୬୬
୧୯୦ । ଜଗନ୍ନାଥ ଆଚାର୍ଯ୍ୟ ୬୭
୧୯୧ । ଜଗନ୍ନାଥ ଦାସ (୧) ୬୭
୧୯୨ । ଜଗନ୍ନାଥ ଦାସ (ଶିଷ୍ୟ)(୨) ୬୭

ପୃଷ୍ଠା


୧୯୩। ଜଗନ୍ନାଥ ଦାସ (ଦ୍ୱାରକା) (୩) ୬୭
୧୯୪। ଜଗନ୍ନାଥ ଦାସ (୪) ୬୮
୧୯୫। ଜଗନ୍ନାଥ ଦାସ (୫) ୬୮
୧୯୬। ଜଗନ୍ନାଥ ଦାସ (ରାଜକୁମାର)(୬) ୬୮
୧୯୭। ଜଗନ୍ନାଥ ଦେବ ୬୮
୧୯୮। ଜଗନ୍ନାଥ ଦ୍ୱିଜ ୬୮
୧୯୯। ଜଗନ୍ନାଥ ନାରାୟଣ ଦେବ ୬୮
୨୦୦। ଜଗନ୍ନାଥ ନରପତି ୬୯
୨୦୧। ଜଗନ୍ନାଥ ପାଣି ୬୯
୨୦୨। ଜଗନ୍ନାଥ ମର୍ଦ୍ଦରାଜ ୬୯
୨୦୩। ଜଗନ୍ନାଥ ମିଶ୍ର ୬୯
୨୦୪। ଜଗନ୍ନାଥ ରାଜମଣୀଙ୍କ ସୁତ ୬୯
୨୦୫। ଜଗନ୍ନାଥ ରାଜେନ୍ଦ୍ର ୬୯
୨୦୬। ଜଗବନ୍ଧୁ ୬୯
୨୦୭। ଜଗୁ ନନ୍ଦ ୬୯
୨୦୮। ଜଡା ଦାସ ୭୦
୨୦୯। ଜଗଦ୍ଦେବ ନୃପ ୭୦
୨୧୦। ଜନାର୍ଦ୍ଦନ ବିପ୍ର ୭୦
୨୧୧। ଜନାର୍ଦ୍ଦନ (ରାଜକବି) ୭୦
୨୧୨। ଜମେଶ୍ୱର ଦାସ ୭୦
୨୧୩। ଜୟକୃଷ୍ଣ ୭୦
୨୧୩।(କ) ଜୟକୃଷ୍ଣ ୭୦
୨୧୪। ଜୟକୃଷ୍ଣ ଦାସ ୭୦
୨୧୫। ଜୟକେଶରୀ (ଜୟସିଂହ) ୭୧
୨୧୬। ଜୟରାମ ଦାସ ୭୧
୨୧୭। ଜାନକୀବଲ୍ଲଭ(ବିପ୍ର) ୭୧
୨୧୮। ଜାନକୀ ଶରଣ ଭଞ୍ଜ ୭୧
୨୧୯। ଟିଗିରିଆ ମାନ୍ଧାତା ୭୧
୨୨୦। ତେଲେଙ୍ଗା ଗୋପାଳ ୭୧
୨୨୧। ତ୍ରିପୁରାରୀ ଦାସ ୭୧
୨୨୨। ତ୍ରିବିକ୍ରମ ନରେଶ ୭୨
୨୨୩। ତ୍ରିବିକ୍ରମ ଭଞ୍ଜ ୭୨
୨୨୪। ତ୍ରିଲୋଚନ ଦାସ (୧) ୭୨
୨୨୫। ତ୍ରିଲୋଚନ ଦାସ (୨) ୭୨

ପୃଷ୍ଠା


୨୨୬। ତ୍ରିଲୋଚନ ଦାସ (୩) ୭୨
୨୨୭। ତ୍ରିଲୋଚନ ବଳିଆରସିଂହ ୭୨
୨୨୮। ତ୍ରିଲୋଚନ ରାୟସିଂହ ୭୨
୨୨୯। ତ୍ରିଲୋଚନ ସୁର ୭୨
୨୩୦। ଦନାଇ ଦାସ ୭୩
୨୩୧। ଦମଦୁର୍ଗ ରାଜା ୭୩
୨୩୨। ଦୟା ଦାସ ୭୩
୨୩୩। ଦୟାନିଧି ଦାସ ୭୩
୨୩୪। ଦୟାନିଧି ପାତ୍ର ୭୩
୨୩୫। ଦୟାଳୁ ଦାସ ୭୩
୨୩୬। ଦାସବର୍ଣ୍ଣ ଦାସ ୭୩
୨୩୭। ଦାମୋଦର ଦାସ (୧) ୭୩
୨୩୮। ଦାମୋଦର ଦାସ (୨) ୭୩
୨୩୯। ଦାମୋଦର ଦ୍ୱିଜ ୭୪
୨୪୦। ଦାମୋଦର ପଟ୍ଟନାୟକ ୭୪
୨୪୧। ଦାମୋଦର ଷଣ୍ଢ ୭୪
୨୪୨। ଦାଶରଥି ଦାସ (୧) ୭୪
୨୪୩। ଦାଶରଥି ଦାସ (୨) (ବ୍ରହ୍ମ)(ବିପ୍ର) ୭୪
୨୪୪। ଦାଶରଥି ଦାସ (୩) ୭୪
୨୪୫। ଦାଶରଥି ମିଶ୍ର (ଦ୍ୱିଜ) ୭୫
୨୪୬। ଦିବାକର ୭୫
୨୪୭। ଦିବାକର ଦାସ ୭୫
୨୪୮। ଦିବ୍ୟସିଂହ ଛୋଟରାୟ ୭୫
୨୪୯। ଦିବ୍ୟସିଂହ ନୃପ ୭୫
୨୫୦। ଦିବ୍ୟସିଂହ ପଟିଆ ରାଜା ୭୫
୨୫୧। ଦୀନକୃଷ୍ଣ ଦାସ (୧୨ଜଣ) ୭୫
୨୫୨। ଦୀନଗୁରୁ ଦାସ ୭୬
୨୫୩। ଦୀନ ଗୋପାଳ ୭୬
୨୫୪। ଦୀନ ଗୋପୀ ପାତ୍ର ୭୭
୨୫୫। ଦୀନ ଗୌରାଙ୍ଗ ୭୭
୨୫୬। ଦୀନ ଜନାର୍ଦ୍ଦନ ସିଂହ ୭୭
୨୫୭। ଦୀନ ଦାସ ୭୭
୨୫୮। ଦୀନ ସୁବୁଦ୍ଧି ୭୭
୨୫୯। ଦୀନବନ୍ଧୁ ଖଡ଼ଗରାୟ ୭୭

ପୃଷ୍ଠା


| | |
|---|---|
| ୨୬୦। ଦୀନବନ୍ଧୁ ଖାଡଙ୍ଗା | ୭୭ |
| ୨୬୧। ଦୀନବନ୍ଧୁ ଦାସ | ୭୭ |
| ୨୬୨। ଦୀନବନ୍ଧୁ (କବି) | ୭୮ |
| ୨୬୩। ଦୀନବନ୍ଧୁ ରାଜହରିଚନ୍ଦନ | ୭୮ |
| ୨୬୪। ଦୀନବନ୍ଧୁ ଭଞ୍ଜ | ୭୮ |
| ୨୬୫। ଦୀନମଣି | ୭୮ |
| ୨୬୬। ଦୁଃଖୀଶ୍ୟାମ ଦାସ | ୭୮ |
| ୨୬୭। ଦୁର୍ଗାମାଧବ ସିଂହ | ୭୮ |
| ୨୬୮। ଦୁର୍ଯ୍ୟୋଧନ | ୭୯ |
| ୨୬୯। ଦେବ ଦାସ | ୭୯ |
| ୨୭୦। ଦେବଦୁର୍ଲ୍ଲଭ ଦାସ | ୭୯ |
| ୨୭୧। ଦେବାନନ୍ଦ ଦାସ | ୭୯ |
| ୨୭୨। ଦ୍ୱାରକା ଦାସ | ୭୯ |
| ୨୭୩। ଦ୍ୱିଜ ଅନିରୁଦ୍ଧ | ୭୯ |
| ୨୭୪। ଦ୍ୱିଜ କୁଳମଣି | ୮୦ |
| ୨୭୫। ଦ୍ୱିଜ ଗୌରହରି | ୮୦ |
| ୨୭୬। ଦ୍ୱିଜ ଚଇତନ | ୮୦ |
| ୨୭୭। ଦ୍ୱିଜ ନଟବର | ୮୦ |
| ୨୭୮। ଦ୍ୱିଜ ନାରାୟଣ | ୮୦ |
| ୨୭୯। ଦ୍ୱିଜ ବାମଦେବ | ୮୦ |
| ୨୮୦। ଦ୍ୱିଜ ବାମନ | ୮୦ |
| ୨୮୧। ଦ୍ୱିଜ ବିଶ୍ୱନାଥ ପଟ୍ଟଯୋଷୀ | ୮୧ |
| ୨୮୨। ଦ୍ୱିଜ ବ୍ରଜାନାନ୍ଦ | ୮୧ |
| ୨୮୩। ଦ୍ୱିଜ ମଧୁ | ୮୧ |
| ୨୮୪। ଦ୍ୱିଜ ହୃଷୀକେଶ | ୮୧ |
| ୨୮୫। ଦୈବିକ ବଳରାମ | ୮୧ |
| ୨୮୬। ଦୈବିକ ବିପ୍ର | ୮୧ |
| ୨୮୭। ଧନଞ୍ଜୟ ଭଞ୍ଜ | ୮୧ |
| ୨୮୮। ଧର୍ମଜୟ | ୮୨ |
| ୨୮୯। ଧରଣୀଧର ଦାସ | ୮୨ |
| ୨୯୦। ଧରଣୀଧର ଭୂୟାଁ | ୮୨ |
| ୨୯୧। ଧରମୁ ଦାସ | ୮୨ |
| ୨୯୨। ଧୀବର ନାୟକ | ୮୨ |
| ୨୯୩। ଧୀବର ନାଥିଆ | ୮୨ |

ପୃଷ୍ଠା

୨୯୪ । ଧ୍ରୁବ (ପତିତ) ୮୨
୨୯୫ । ନଟବର ୮୨
୨୯୬ । ନଟବର ଭୃଙ୍ଗବର ୮୨
୨୯୭ । ନଟବର ଭ୍ରମରବର ରାୟ ୮୨
୨୯୮ । ନନ୍ଦ ଦାସ ୮୩
୨୯୯ । ନନ୍ଦା ବାଈ ୮୩
୩୦୦ । ନୟନମାଳୀ ଜେମାଦେଈ ୮୩
୩୦୧ । ନରସିଂହ ଦାସ ୮୩
୩୦୨ । ନରସିଂହ ପଟ୍ଟନାୟକ ୮୩
୩୦୩ । ନରସିଂହ ଭଟ୍ଟ ୮୩
୩୦୪ । ନରସିଂହ ସେଣ ୮୩
୩୦୫ । ନରହରି ୮୪
୩୦୬ । ନରହରି କବିଚନ୍ଦ୍ର ୮୪
୩୦୭ । ନରହରି ଦାସ ୮୪
୩୦୮ । ନରହରି ବିପ୍ର ୮୪
୩୦୯ । ନରେନ୍ଦ୍ର ଦେବ ୮୪
୩୧୦ । ନରେନ୍ଦ୍ର ମଙ୍ଗରାଜ ୮୪
୩୧୧ । ନରୋତ୍ତମ ଦାସ ୮୪
୩୧୨ । ନଳିନାକ୍ଷ ମର୍ଦ୍ଦରାଜ ୮୫
୩୧୩ । ନାଥିଆ (ଲୋକନାଥ) ୮୫
୩୧୪ । ନାରଣ ମିଶ୍ର ୮୫
୩୧୫ । ନାରାୟଣ ୮୫
୩୧୬ । ନାରାୟଣ ଖରସୁଆ ପଟ୍ଟନାୟକ ୮୫
୩୧୭ । ନାରାୟଣ ଦାସ (୧) ୮୫
୩୧୮ । ନାରାୟଣ ଦାସ (୨) (କବି ଶେଖର) ୮୫
୩୧୯ । ନାରାୟଣ ଦେବ ୮୬
୩୨୦ । ନାରାୟଣ ଦେବ ଗଜପତି ୮୬
୩୨୧ । ନାରାୟଣ ଦ୍ୱିଜ ୮୬
୩୨୨ । ନାରାୟଣ ନନ୍ଦ ଅବଧୂତ ସ୍ୱାମୀ ୮୬
୩୨୩ । ନାରାୟଣ ପଟ୍ଟନାୟକ ୮୬
୩୨୪ । ନାରାୟଣ ବକ୍ସି ୮୬
୩୨୫ । ନାରାୟଣବନ୍ଧୁ ପଟ୍ଟନାୟକ ୮୬
୩୨୬ । ନାରାୟଣ ଭଞ୍ଜ ୮୬
୩୨୭ । ନାରାୟଣ ମଙ୍ଗରାଜ ୮୭

ପୃଷ୍ଠା


୩୨୮ । ନାରାୟଣ ମର୍ଦ୍ଦରାଜ ୮୭
୩୨୯ । ନାରାୟଣ ମହାନ୍ତି ୮୭
୩୩୦ । ନାରାୟଣ ସୁର ୮୭
୩୩୧ । ନାଳି ଗୋପାଳୀ ୮୭
୩୩୨ । ନିତ୍ୟାନନ୍ଦ ଦାସ ୮୭
୩୩୩ । ନିତ୍ୟାନନ୍ଦ ଭଞ୍ଜ ୮୭
୩୩୪ । ନିତ୍ୟାନନ୍ଦ ସାହୁ ୮୭
୩୩୫ । ନିଧି ଦାସ (୧) ୮୭
୩୩୬ । ନିଧି ଦାସ (ଦୀନ) (୨) ୮୮
୩୩୭ । ନିଧି ରଥ ୮୮
୩୩୮ । ନିମାଇଁ ବ୍ରାହ୍ମଣ ୮୮
୩୩୯ । ନିରାକର ଦାସ ୮୮
୩୪୦ । ନିଶଙ୍କରାୟ ରାଣୀ ୮୮
୩୪୧ । ନୀଳକଣ୍ଠ କବିରାଜ ୮୮
୩୪୨ । ନୀଳକଣ୍ଠ କର ୮୮
୩୪୩ । ନୀଳକଣ୍ଠ ଭଞ୍ଜ ୮୮
୩୪୪ । ନୀଳମଣି ଜେମାଦେଈ ୮୯
୩୪୫ । ନୀଳମଣି ରଥ ୮୯
୩୪୬ । ନୀଳାଦ୍ରିବିହାରି ଶ୍ରୀହରିଚନ୍ଦନ ୮୯
୩୪୭ । ନୀଳାମ୍ବର ଦାସ (ବିପ୍ର) ୮୯
୩୪୮ । ନୀଳାମ୍ବର ଭଞ୍ଜ ୮୯
୩୪୯ । ନୃସିଂହ ଗଜପତି ୮୯
୩୫୦ । ନୃସିଂହ ଦାସ ୯୦
୩୫୧ । ନୃସିଂହ ନୃପ ବା ନରେନ୍ଦ୍ର ୯୦
୩୫୨ । ନୃସିଂହ ପଟ୍ଟନାୟକ ୯୦
୩୫୩ । ନୃସିଂହ ଭ୍ରମରବର ୯୦
୩୫୪ । ନୃସିଂହ ମର୍ଦ୍ଦରାଜ ୯୦
୩୫୫ । ପଣ୍ଡିକ ଦାସ ୯୦
୩୫୬ । ପତିତପାବନ ୯୦
୩୫୭ । ପତିତପାବନ ପଟ୍ଟନାୟକ ୯୦
୩୫୮ । ପଦନ ଦାସ ୯୦
୩୫୯ । ପଦ୍ମରାମ ଦ୍ୱିଜ ୯୧
୩୬୦ । ପଦ୍ମନ ସିଂହ ୯୧
୩୬୧ । ପଦ୍ମନାଭ ଦେବ ୯୧

ପୃଷ୍ଠା


୩୬୨ । ପଦ୍ମନାଭ ଦ୍ୱିଜ ୯୧
୩୬୩। ପଦ୍ମନାଭ ନରେନ୍ଦ୍ର ୯୧
୩୬୪ । ପଦ୍ମନାଭ ନାରାୟଣ ଦେବ ୯୧
୩୬୫। ପଦ୍ମନାଭ ପଟ୍ଟନାୟକ ୯୧
୩୬୬। ପଦ୍ମନାଭ ଶ୍ରୀଚନ୍ଦନ ୯୧
୩୬୭। ପଙ୍କଜ ଚରଣ ୯୨
୩୬୮ । ପ୍ରରମାନନ୍ଦ ଦାସ ୯୨
୩୬୯ । ପରମେଶ୍ୱର ସାମନ୍ତରାୟ ୯୨
୩୭୦ । ପର୍ଶୁରାମ ଦାସ ୯୨
୩୭୧ । ପାର୍ଥ ଶ୍ରୀଚନ୍ଦନ ୯୨
୩୭୨ । ପିଣ୍ଡିକ ଦାସ ୯୨
୩୭୩। ପିଣ୍ଡିକ ଶ୍ରୀଚନ୍ଦନ ୯୨
୩୭୪ । ପୀତ ବାସ ୯୩
୩୭୫। ପୀତାମ୍ବର ୯୩
୩୭୬। ପୀତାମ୍ବର ଦାସ ୯୩
୩୭୭। ପୀତାମ୍ବର ଦେବ ୯୩
୩୭୮ । ପୀତାମ୍ବର ଭଞ୍ଜ ୯୩
୩୭୯ । ପୀତାମ୍ବର ରାଜେନ୍ଦ୍ର ୯୩
୩୮୦ । ପୁରୁଷୋତ୍ତମ ଅନଙ୍ଗଭୀମ ଦେବ ୯୩
୩୮୧ । ପୁରୁଷୋତ୍ତମ ଦାସ (୧) ୯୪
୩୮୨ । ପୁରୁଷୋତ୍ତମ ଦାସ (୨) ୯୪
୩୮୩। ପୁରୁଷୋତ୍ତମ ଦେବ (ଗଜପତି) ୯୪
୩୮୪। ପୁରୁଷୋତ୍ତମ ମାନ୍ଧାତା ୯୪
୩୮୫। ପ୍ରତାପ ରାୟ ୯୪
୩୮୬। ପ୍ରତାପରୁଦ୍ର ଦେବଭୂତା ୯୪
୩୮୭। ପ୍ରଭାକର ୯୫
୩୮୮। ପ୍ରଭାକର ମହାପାତ୍ର ୯୫
୩୮୯। ପ୍ରେମାନନ୍ଦ ୯୫
୩୯୦। ଫକୀର ଭଞ୍ଜ ୯୫
୩୯୧। ଫକୀର ଚୟନି ୯୫
୩୯୨। ଫଗୁ ଦାସ ୯୫
୩୯୩। ବଂଶୀ ଦାସ ୯୫
୩୯୪। ବଂଶୀଧର ୯୬
୩୯୫। ବଂଶୀଧର ପଟ୍ଟନାୟକ ୯୬

ପୃଷ୍ଠା


୩୯୬। ବଜୁରୀ ଦାସ ବା ବଜରି ଦାସ ୯୬
୩୯୭। ବସ୍ଥା ଦାସ ୯୬
୩୯୮। ବନମାଳୀ ୯୬
୩୯୯। ବନମାଳୀ ଦାସ ୯୬
୪୦୦। ବନମାଳୀ ଦାସ (ଶିଶୁ) ୯୬
୪୦୧। ବନମାଳୀ ଦାସ (କବି) ୯୬
୪୦୨। ବନମାଳୀ (ଦ୍ୱିଜ) ୯୭
୪୦୩। ବନମାଳୀ ବାବନ ୯୭
୪୦୪। ବରଜୁ ଦାସ ୯୭
୪୦୫। ବଳଦେବ ରଥ (କବିସୂର୍ଯ୍ୟ) ୯୭
୪୦୬। ବଳଭଦ୍ର ଦ୍ୱିଜ ୯୭
୪୦୭। ବଳଭଦ୍ର (ଦୀନ) ୯୭
୪୦୮। ବଳଭଦ୍ର ଦାସ ୯୮
୪୦୯। ବଳଭଦ୍ର ବୈଶ୍ୟ ୯୮
୪୧୦। ବଳଭଦ୍ର ଭଞ୍ଜ ୯୮
୪୧୧। ବଳରାମ (ରାଜା) ୯୮
୪୧୨। ବଳରାମ ଦାସ (୬ଜଣ) ୯୮
୪୧୩। ବଲ୍ଲଭ (କବି) ୯୯
୪୧୪। ବଲ୍ଲଭ ଦାସ ୯୯
୪୧୫। ବଲ୍ଲଭ ନାରାୟଣ ବେହେରା ମହାପାତ୍ର ୯୯
୪୧୬। ବାଇକଣ୍ଠ ଦାସ ୯୯
୪୧୭। ବାଇ ଦାସ ୯୯
୪୧୮। ବାଙ୍କ ୯୯
୪୧୯। ବାମଦେବ ୯୯
୪୨୦। ବାମଦେବ ପଟ୍ଟନାୟକ ୯୯
୪୨୧। ବାରଙ୍ଗ ଦାସ ୧୦୦
୪୨୨। ବାରାନିଧି ଦାସ ୧୦୦
୪୨୩। ବାଳକବି ୧୦୦
୪୨୪। ବାଳକୃଷ୍ଣ ଦ୍ୱିଜ କବି ୧୦୦
୪୨୫। ବାସୁଦେବ ଦାସ ୧୦୦
୪୨୬। ବାସୁଦେବ ଦ୍ୱିଜ ୧୦୦
୪୨୭। ବାସୁଦେବ ଭଞ୍ଜ ୧୦୦
୪୨୮। ବାସୁଦେବ ରଥ ୧୦୦
୪୨୯। ବାହୁଡ଼ା ୧୦୦

ପୃଷ୍ଠା


| | |
|---|---|
| ୪୩୦ । ବାଲାଜୀ ପଟ୍ଟନାୟକ | ୧୦୦ |
| ୪୩୧ । ବାଲିଗାଁ ଦାସ | ୧୦୧ |
| ୪୩୨ । ବାଲୁଙ୍କ ଦାସ | ୧୦୧ |
| ୪୩୩ । ବାଲୁଙ୍କ ଚରଣ ମହାରଥୀ | ୧୦୧ |
| ୪୩୪ । ବାଲୁଙ୍କେଶ୍ୱର ଜଗଦେବ | ୧୦୧ |
| ୪୩୫ । ବାଲୁଙ୍କେଶ୍ୱର ଦାସ | ୧୦୧ |
| ୪୩୬ । ବାଲୁଙ୍କେଶ୍ୱର ମର୍ଦ୍ଦରାଜ ବା (ବାଲୁଙ୍କି ଶରଣ) | ୧୦୧ |
| ୪୩୭ । ବାଲୁଙ୍କେଶ ଶ୍ରୀଚନ୍ଦନ | ୧୦୨ |
| ୪୩୮ । ବାଲୁଙ୍କେଶ୍ୱର ନୃପ ହରିଚନ୍ଦନ | ୧୦୨ |
| ୪୩୯ । ବିକ୍ରମ ଦେବ | ୧୦୨ |
| ୪୪୦ । ବିକ୍ରମ ନରେନ୍ଦ୍ର | ୧୦୨ |
| ୪୪୧ । ବିଦ୍ୟାଧର | ୧୦୨ |
| ୪୪୨ । ବିଦ୍ୟାଧର (ବିପ୍ର) | ୧୦୨ |
| ୪୪୩ । ବିଦ୍ୟାଭୂଷଣ | ୧୦୨ |
| ୪୪୪ । ବିନାୟକ ସିଂହ | ୧୦୩ |
| ୪୪୫ । ବିପ୍ର ଅନନ୍ତ | ୧୦୩ |
| ୪୪୬ । ବିପ୍ର କାଶୀ ଦାସ | ୧୦୩ |
| ୪୪୭ । ବିପ୍ର କୃପାସିନ୍ଧୁ | ୧୦୩ |
| ୪୪୮ । ବିପ୍ର କୃଷ୍ଣଦାସ | ୧୦୩ |
| ୪୪୯ । ବିପ୍ର ଗଯାଧର | ୧୦୩ |
| ୪୫୦ । ବିପ୍ର ଗୋପାଳ | ୧୦୩ |
| ୪୫୧ । ବିପ୍ର ଗୋବିନ୍ଦ | ୧୦୩ |
| ୪୫୨ । ବିପ୍ର ଦାସ | ୧୦୩ |
| ୪୫୩ । ବିପ୍ର ନରହରି | ୧୦୪ |
| ୪୫୪ । ବିପ୍ର ପ୍ରଭୁ ଦାସ | ୧୦୪ |
| ୪୫୫ । ବିପ୍ର ମଧୁ | ୧୦୪ |
| ୪୫୬ । ବିପ୍ର ଶ୍ରୀଧର ଦାସ | ୧୦୪ |
| ୪୫୭ । ବିପ୍ର ରାମ ଦାସ | ୧୦୪ |
| ୪୫୮ । ବିପ୍ର ସିଂହ | ୧୦୪ |
| ୪୫୯ । ବିମ୍ବା ଦାସ | ୧୦୪ |
| ୪୬୦ । ବିମ୍ବାଧର | ୧୦୪ |
| ୪୬୧ । ବିମ୍ବାଧର ସାମନ୍ତ | ୧୦୪ |
| ୪୬୨ । ବିରଞ୍ଚି | ୧୦୫ |
| ୪୬୩ । ବିଶି ଦାସ | ୧୦୫ |

| | ପୃଷ୍ଠା |
|---|---|
| ୪୬୪। ବିଶ୍ୱନାଥ ଖୁଣ୍ଟିଆ | ୧୦୫ |
| ୪୬୫। ବିଶ୍ୱନାଥ ଦେବ (ରାଜା) | ୧୦୫ |
| ୪୬୬। ବିଶ୍ୱନାଥ ଦ୍ୱିଜ | ୧୦୫ |
| ୪୬୭। ବିଶ୍ୱନାଥ ସିଂହ | ୧୦୫ |
| ୪୬୮। ବିଶ୍ୱମ୍ଭର ଦାସ | ୧୦୫ |
| ୪୬୯। ବିଶ୍ୱମ୍ଭର ଦ୍ୱିଜ | ୧୦୬ |
| ୪୭୦। ବିଶ୍ୱମ୍ଭର ନୃପତି | ୧୦୬ |
| ୪୭୧। ବିଶ୍ୱମ୍ଭର ରାଜେନ୍ଦ୍ର | ୧୦୬ |
| ୪୭୨। ବିଷ୍ଣୁ ଦାସ | ୧୦୬ |
| ୪୭୩। ବିଷ୍ଣୁ ନାଥ | ୧୦୭ |
| ୪୭୪। ବିଷ୍ଣୁ ପଟ୍ଟନାୟକ | ୧୦୭ |
| ୪୭୫। ବୀଣାପାଦ | ୧୦୭ |
| ୪୭୬। ବୀରକିଶୋର | ୧୦୭ |
| ୪୭୭। ବୀରବର ପାତ୍ର | ୧୦୭ |
| ୪୭୮। ବୀରବର ମଙ୍ଗରାଜ | ୧୦୭ |
| ୪୭୯। ବୀରସିଂହ | ୧୦୭ |
| ୪୮୦। ବୀରେନ୍ଦ୍ର ଭାସ୍କର | ୧୦୭ |
| ୪୮୧। ବେଣୁଧର | ୧୦୮ |
| ୪୮୨। ବେଣୁଧର କବିଚନ୍ଦ୍ର | ୧୦୮ |
| ୪୮୩। ବୈରାଗୀ | ୧୦୮ |
| ୪୮୪। ବୈରାଗୀ ଦାସ | ୧୦୮ |
| ୪୮୫। ବୈଶ୍ୟ ଦୀନବନ୍ଧୁ | ୧୦୮ |
| ୪୮୬। ବୈଶ୍ୟ ବୁଦ୍ଧନାଥ | ୧୦୮ |
| ୪୮୭। ବୈଶ୍ୟ ସଦାଶିବ | ୧୦୮ |
| ୪୮୮। ବୈଶ୍ୟହରି (ଦ୍ୱିଜ) | ୧୦୮ |
| ୪୮୯। ବୈଷ୍ଣବ ଦାସ | ୧୦୯ |
| ୪୯୦। ବୈଷ୍ଣବ ଚରଣ ଦାସ | ୧୦୯ |
| ୪୯୧। ବୃନ୍ଦାବତୀ ଦାସୀ | ୧୦୯ |
| ୪୯୨। ବୃନ୍ଦାବନ ଦାସ (୧) | ୧୦୯ |
| ୪୯୩। ବୃନ୍ଦାବନ ଦାସ (୨) | ୧୦୯ |
| ୪୯୪। ବୃନ୍ଦାବନ ପଟ୍ଟନାୟକ | ୧୦୯ |
| ୪୯୫। ବୃନ୍ଦାବନ ସାମନ୍ତ | ୧୦୯ |
| ୪୯୬। ବ୍ରଜକିଶୋର ଦେଓ | ୧୦୯ |
| ୪୯୭। ବ୍ରଜ ଦାସ | ୧୧୦ |

| | ପୃଷ୍ଠା |
|---|---|
| ୪୯୮ । ବ୍ରଜନାଥ | ୧୧୦ |
| ୪୯୯ । ବ୍ରଜନାଥ ବଡ଼ଜେନା | ୧୧୦ |
| ୫୦୦ । ବ୍ରଜବିହାରୀ ଶ୍ରୀଚନ୍ଦନ | ୧୧୦ |
| ୫୦୧ । ବ୍ରଜବନ୍ଧୁ ସାମନ୍ତସିଂହାର | ୧୧୦ |
| ୫୦୨ । ବ୍ରଜ ଭାବିୟା ଦାସ | ୧୧୧ |
| ୫୦୩ । ବ୍ରଜରାଜ ସୁର ପାଟଦେବ | ୧୧୧ |
| ୫୦୪ । ବ୍ରଜ୍ ସୁନ୍ଦର | ୧୧୧ |
| ୫୦୫ । ବ୍ରଜ ସୁନ୍ଦର (ନୃପ) | ୧୧୧ |
| ୫୦୬ । ବ୍ରଜ ସୁନ୍ଦର ଦେବ | ୧୧୧ |
| ୫୦୭ । ବ୍ରଜ ସୁନ୍ଦର ପଟ୍ଟନାୟକ | ୧୧୧ |
| ୫୦୮ । ବ୍ରଜ ସୁନ୍ଦର ସିଂହ | ୧୧୧ |
| ୫୦୯ । ବ୍ରହ୍ମଚାରୀ ବର | ୧୧୧ |
| ୫୧୦ । ଭଉଁରୀ ଦାସ | ୧୧୨ |
| ୫୧୧ । ଭଟ୍ଟ ନୀଳକଣ୍ଠ | ୧୧୨ |
| ୫୧୨ । ଭରତ | ୧୧୨ |
| ୫୧୩ । ଭରତ ଦାସ | ୧୧୨ |
| ୫୧୪ । ଭକ୍ତଚରଣ ଦାସ | ୧୧୨ |
| ୫୧୫ । ଭକ୍ତହରି ଦାସ | ୧୧୨ |
| ୫୧୬ । ଶ୍ରୀହରି ଦାସ | ୧୧୨ |
| ୫୧୭ । ଭଗବାନ | ୧୧୩ |
| ୫୧୮ । ଭଗବାନ ଦାସ (୧) | ୧୧୩ |
| ୫୧୯ । ଭଗବାନ ଦାସ (୨) | ୧୧୩ |
| ୫୨୦ । ଭଗବାନ ବ୍ରହ୍ମା (କବିରାଜ) | ୧୧୩ |
| ୫୨୧ । ଭଦ୍ରପାଦ | ୧୧୩ |
| ୫୨୨ । ଭାଗବତ | ୧୧୩ |
| ୫୨୩ । ଭାଗୀରଥି | ୧୧୩ |
| ୫୨୪ । ଭାଗୀରଥି ଦାସ | ୧୧୩ |
| ୫୨୫ । ଭାଗୀରଥି ମହୀନ୍ଦ୍ର | ୧୧୩ |
| ୫୨୬ । ଭାଗୀରଥୀ ସୁମହାପାତ୍ର (କବିଭୂଷଣ) | ୧୧୪ |
| ୫୨୭ । ଭାଗଗ୍ରାହୀ ଦାସ | ୧୧୪ |
| ୫୨୮ । ଭାବିୟା ଦାସ | ୧୧୪ |
| ୫୨୯ । ଭାରତ କବି | ୧୧୪ |
| ୫୩୦ । ଭିକାରୀ | ୧୧୪ |
| ୫୩୧ । ଭୀମ ଦାସ | ୧୧୪ |

| | ପୃଷ୍ଠା |
|---|---|
| ୫୩୨ । ଭୀମଦେବ ଗଜପତି | ୧୧୪ |
| ୫୩୩ । ଭୀମ ଭୋଇ | ୧୧୪ |
| ୫୩୪ । ଭୀମ ରଥ | ୧୧୫ |
| ୫୩୫ । ଭୀମା ଦାସ | ୧୧୫ |
| ୫୩୬ । ଭୀମା ଧୀବର | ୧୧୫ |
| ୫୩୭ । ଭୁବନେଶ୍ୱର କବିଚନ୍ଦ୍ର | ୧୧୫ |
| ୫୩୮ । ଭୁସୁକୁ ପାଦ | ୧୧୫ |
| ୫୩୯ । ଭୂପତି ପଣ୍ଡିତ | ୧୧୬ |
| ୫୪୦ । ଭୃଗୁରାମ | ୧୧୬ |
| ୫୪୧ । ଭୈରବ | ୧୧୬ |
| ୫୪୨ । ଭୋଳାନାଥ | ୧୧୬ |
| ୫୪୩ । ଭ୍ରଥ ବିପ୍ରବର | ୧୧୬ |
| ୫୪୪ । ଭ୍ରମରବର | ୧୧୬ |
| ୫୪୫ । ଭ୍ରମରବର ଦେବ | ୧୧୭ |
| ୫୪୬ । ମଣିବିବୁଧେନ୍ଦ୍ର ବୀର | ୧୧୭ |
| ୫୪୭ । ମଥୁରା ଦାସ | ୧୧୭ |
| ୫୪୮ । ମଦନ ଗୋପାଳ ମହୀପତି | ୧୧୭ |
| ୫୪୯ । ମଦନ ମୋହନ ସିଂହ | ୧୧୭ |
| ୫୫୦ । ମଧୁକର (ହୀନ) | ୧୧୭ |
| ୫୫୧ । ମଧୁ ଦାସ (୧) | ୧୧୭ |
| ୫୫୨ । ମଧୁ ଦାସ (୨) | ୧୧୭ |
| ୫୫୩ । ମଧୁସୂଦନ ଦାସ | ୧୧୭ |
| ୫୫୪ । ମଧୁ ଦ୍ୱିଜ | ୧୧୭ |
| ୫୫୫ । ମଧୁସୂଦନ ଦେବ | ୧୧୮ |
| ୫୫୬ । ମଧୁସୂଦନ ବିପ୍ର (କବିଚନ୍ଦ୍ର) | ୧୧୮ |
| ୫୫୭ । ମଧୁସୂଦନ ହରିଚନ୍ଦନ (ଜଗଦ୍ଦେବ) | ୧୧୮ |
| ୫୫୮ । ମନୋରମା ଜେମାଦେଈ | ୧୧୮ |
| ୫୫୯ । ମରକତମଣୀ ଜେମାଦେଈ | ୧୧୮ |
| ୫୬୦ । ମର୍ଦ୍ଧରାଜ ଜେମାଦେଈ | ୧୧୮ |
| ୫୬୧ । ମର୍ଦ୍ଧରାଜ ରାଜନ | ୧୧୮ |
| ୫୬୨ । ମର୍ଦ୍ଧରାଜ ରାୟସିଂହ | ୧୧୯ |
| ୫୬୩ । ମହାଦେବ ଦାସ | ୧୧୯ |
| ୫୬୪ । ମହୀଧର ପାଦ | ୧୧୯ |
| ୫୬୫ । ମହେନ୍ଦ୍ର ସିଂହସାମନ୍ତ | ୧୧୯ |

ପୃଷ୍ଠା


୫୬୬ । ମହେଶ୍ୱର ଦାସ ୧୧୯
୫୬୭ । ମହେଶ୍ୱର ବିପ୍ର ୧୨୦
୫୬୮ । ମାଗୁଣି ଦାସ ୧୨୦
୫୬୯ । ମାଗୁଣି ପଟ୍ଟନାୟକ ୧୨୦
୫୭୦ । ମାଧବ ଦାସ ୧୨୦
୫୭୧ । ମାଧବ ବିପ୍ର ୧୨୦
୫୭୨ । ମାଧବୀ ଦାସୀ ୧୨୦
୫୭୩ । ମାନକେଶରୀ ସାମନ୍ତ ୧୨୧
୫୭୪ । ମାନଗୋବିନ୍ଦ ଓତା ୧୨୧
୫୭୫ । ମାନ୍ଧାତା ୧୨୧
୫୭୬ । ମାନସିଂହ ସାମନ୍ତ ୧୨୧
୫୭୭ । ମାଳୀ ଦାସ ୧୨୧
୫୭୮ । ମାର୍କଣ୍ଡ ଦାସ ୧୨୧
୫୭୯ । ମୁକୁନ୍ଦ ୧୨୧
୫୮୦ । ମୁକୁନ୍ଦ ଦେବ ୧୨୧
୫୮୧ । ମୁକୁନ୍ଦ ପଟ୍ଟନାୟକ ୧୨୨
୫୮୨ । ମୁରାରି ଦାସ ୧୨୨
୫୮୩ । ମୃତ୍ୟୁଞ୍ଜୟ ୧୨୨
୫୮୪ । ମୋହନ ଗୋସାମୀ ୧୨୨
୫୮୫ । ମୋହନ ଦାସ ୧୨୨
୫୮୬ । ଯଦୁ ଦାସ (ଶିଶୁ) ୧୨୨
୫୮୭ । ଯଦୁନନ୍ଦନ ଦାସ ୧୨୩
୫୮୮ । ଯଦୁପତି ଦାସ ୧୨୩
୫୮୯ । ଯଦୁମଣି ୧୨୩
୫୯୦ । ଯଦୁମଣି ତୁଙ୍ଗ ୧୨୩
୫୯୧ । ଯଦୁମଣି ପ୍ରହରାଜ ୧୨୩
୫୯୨ । ଯଦୁମଣି ମହାପାତ୍ର ୧୨୩
୫୯୩ । ଯଦୁମଣି ରାଉତରାୟ (ରାଜକବି) ୧୨୩
୫୯୪ । ଯଶୋବନ୍ତ ଦାସ ୧୨୩
୫୯୫ । ଯୁଧିଷ୍ଠିର ଦାସ ୧୨୪
୫୯୬ । ଯୁଧିଷ୍ଠି (ଦ୍ୱିଜ) ୧୨୪
୫୯୭ । ରଙ୍କା ୧୨୪
୫୯୮ । ରଙ୍ଗନାଥ ୧୨୪
୫୯୯ । ରଘୁ ଅରକ୍ଷିତ ୧୨୪

| | ପୃଷ୍ଠା |
|---|---|
| ୬୦୦ । ରଘୁନାଥ ଜଗଦ୍ଦେବ | ୧୨୫ |
| ୬୦୧ । ରଘୁନାଥ ନରପତି | ୧୨୫ |
| ୬୦୨ । ରଘୁନାଥ ଦ୍ୱିଜ | ୧୨୫ |
| ୬୦୩ । ରଘୁନାଥ ପରିଛା | ୧୨୫ |
| ୬୦୪ । ରଘୁନାଥପୁର ନୃପ ଜେମା | ୧୨୫ |
| ୬୦୫ । ରଘୁନାଥ ରାଜଗୁରୁ ମହାପାତ୍ର | ୧୨୬ |
| ୬୦୬ । ରଘୁନାଥ ରାଜ୍ ହରିଚନ୍ଦନ | ୧୨୬ |
| ୬୦୭ । ରଘୁନାଥ ରାୟଗୁରୁ | ୧୨୬ |
| ୬୦୮ । ରଘୁନାଥ ସିଂହ | ୧୨୬ |
| ୬୦୯ । ରଥୀ ଦାସ | ୧୨୬ |
| ୬୧୦ । ରତ୍ନ ପଟ୍ଟନାୟକ | ୧୨୬ |
| ୬୧୧ । ରତ୍ନସୁତ | ୧୨୬ |
| ୬୧୨ । ରତ୍ନମାଳୀ ଜେମା ଦେଈ | ୧୨୭ |
| ୬୧୩ । ରତ୍ନାକର ବା ରତ୍ନ ଦାସ | ୧୨୭ |
| ୬୧୪ । ରସବଲ୍ଲୀ | ୧୨୭ |
| ୬୧୫ । ରସମୟୀ ଦାସ | ୧୨୭ |
| ୬୧୬ । ରସାନନ୍ଦ | ୧୨୭ |
| ୬୧୭ । ରସାନନ୍ଦ ଚାନ୍ଦ | ୧୨୭ |
| ୬୧୮ । ରସାନନ୍ଦ ଦାସ | ୧୨୭ |
| ୬୧୯ । ରସାନନ୍ଦ ନବଘନ ଚାନ୍ଦ | ୧୨୭ |
| ୬୨୦ । ରାଜକିଶୋର | ୧୨୮ |
| ୬୨୧ । ରାଜଗୁରୁ ଦ୍ୱିଜ | ୧୨୮ |
| ୬୨୨ । ରାଜମଣି ଜେମାଦେଈ | ୧୨୮ |
| ୬୨୩ । ରାଜସିଂହ ମର୍ଦ୍ଦରାଜ | ୧୨୮ |
| ୬୨୪ । ରାଜେନ୍ଦ୍ର ବର | ୧୨୮ |
| ୬୨୫ । ରାଧାକୃଷ୍ଣ (କବି) | ୧୨୮ |
| ୬୨୬ । ରାଧାଚରଣ ନାୟକ | ୧୨୮ |
| ୬୨୭ । ରାଧିକାମଣି | ୧୨୮ |
| ୬୨୮ । ରାମ | ୧୨୯ |
| ୬୨୯ । ରାମକୃଷ୍ଣ | ୧୨୯ |
| ୬୩୦ । ରାମକୃଷ୍ଣ (କବିଚନ୍ଦ୍ର) | ୧୨୯ |
| ୬୩୧ । ରାମକୃଷ୍ଣ ଛୋଟରାୟ | ୧୨୯ |
| ୬୩୨ । ରାମକୃଷ୍ଣ ଦେବ (ପାଲୁରୁ ଯୁବରାଜ) | ୧୨୯ |
| ୬୩୩ । ରାମଚନ୍ଦ୍ର ଗଜପତି | ୧୨୯ |

ପୃଷ୍ଠା


୬୩୪ । ରାମଚନ୍ଦ୍ର ଜଗଦ୍ଦେବ ୧୨୯
୬୩୫ । ରାମଚନ୍ଦ୍ର ଦାସ ୧୨୯
୬୩୬ । ରାମଚନ୍ଦ୍ର ଦେବ (ଜଳନ୍ତର) ୧୨୯
୬୩୭ । ରାମଚନ୍ଦ୍ର ପଟ୍ଟନାୟକ ୧୩୦
୬୩୮ । ରାମଚନ୍ଦ୍ର ବୀରବର ହରିଚନ୍ଦନ ବାହାଦୁର ୧୩୦
୬୩୯ । ରାମଚନ୍ଦ୍ର ଭ୍ରମରବର ୧୩୦
୬୪୦ । ରାମଚନ୍ଦ୍ର ଭୂୟାଁ ୧୩୦
୬୪୧ । ରାମଚନ୍ଦ୍ର ସୁର ୧୩୦
୬୪୨ । ରାମ ଦାସ ୧୩୦
୬୪୩ । ରାମ ଦାସ (ବିପ୍ର) ୧୩୦
୬୪୪ । ରାମ ଦାସ (ବାଳକ) ୧୩୦
୬୪୫ । ରାମାନନ୍ଦ ଦାସ ୧୩୧
୬୪୬ । ରାମାନୁଜ ଦାସ ୧୩୧
୬୪୭ । ରାୟସିଂହ ଛୋଟରାୟ ୧୩୧
୬୪୮ । ରାସବିହାରୀ ଦାସ ୧୩୧
୬୪୯ । ରାହାସ ନୃପ ନନ୍ଦିନୀ ୧୩୧
୬୫୦ । ଲଡୁକେଶ ୧୩୧
୬୫୧ । ଲକ୍ଷ୍ମଣ ଦାସ ୧୩୧
୬୫୨ । ଲକ୍ଷ୍ମଣ ମହାନ୍ତି ୧୩୨
୬୫୨ । (କ) ଲକ୍ଷ୍ମଣ ରଥ ୧୩୨
୬୫୩ । ଲକ୍ଷ୍ମୀଧର ତ୍ରିପାଠୀ ୧୩୨
୬୫୪ । ଲକ୍ଷ୍ମୀଧର ଦାସ ୧୩୨
୬୫୫ । ଲକ୍ଷ୍ମୀଶରଣ ଭଞ୍ଜ ୧୩୨
୬୫୬ । ଲିମ୍ବ ମାଝି ୧୩୨
୬୫୭ । ଲୁଇ ପାଦ ୧୩୨
୬୫୮ । ଲୋକନାଥ ଦାସ ୧୩୩
୬୫୯ । ଲୋକନାଥ ଦ୍ୱିଜ ୧୩୩
୬୬୦ । ଲୋକନାଥ ଧୀବର ୧୩୩
୬୬୧ । ଲୋକନାଥ ପଟ୍ଟନାୟକ ୧୩୩
୬୬୨ । ଲୋକନାଥ ନୀଳମଣି ୧୩୩
୬୬୩ । ଲୋକନାଥ ବିଦ୍ୟାଧର ୧୩୩
୬୬୪ । ଲୋକନାଥ ବୀରବର ୧୩୪
୬୬୫ । ଲୋକନାଥ ଭାଗୀରଥି ୧୩୪
୬୬୬ । ଲେହି ଦାସ ୧୩୪

ପୃଷ୍ଠା


| | |
|---|---|
| ୬୬୭ । ଲେହି ନାଥ | ୧୩୪ |
| ୬୬୮ । ଶଙ୍କର ଆଚାର୍ଯ୍ୟ | ୧୩୪ |
| ୬୬୯ । ଶଙ୍କର ଦାସ | ୧୩୪ |
| ୬୭୦ । ଶବର ପାଦ | ୧୩୪ |
| ୬୭୧ । ଶରହ ପାଦ | ୧୩୫ |
| ୬୭୨ । ଶାନ୍ତି ପାଦ | ୧୩୫ |
| ୬୭୩ । ଶିଖର ଦାସ | ୧୩୫ |
| ୬୭୪ । ଶିବ ଦାସ | ୧୩୫ |
| ୬୭୫ । ଶିବପ୍ରିୟା ଜେମାଦେଈ | ୧୩୫ |
| ୬୭୬ । ଶିଶୁ ଗୋବିନ୍ଦ | ୧୩୫ |
| ୬୭୭ । ଶିଶୁ ଦାସ | ୧୩୫ |
| ୬୭୮ । ଶିଶୁ ଦାମ ଦାସ | ୧୩୬ |
| ୬୭୯ । ଶିଶୁ ବିଦୁର | ୧୩୬ |
| ୬୮୦ । ଶିଶୁ ଯଦୁଦାସ | ୧୩୬ |
| ୬୮୧ । ଶିଶୁ ଶଂକର ଦାସ | ୧୩୬ |
| ୬୮୨ । ଶେଖର ଦାସ | ୧୩୬ |
| ୬୮୩ । ଶ୍ୟାମ କିଶୋର | ୧୩୬ |
| ୬୮୪ । ଶ୍ୟାମଘନ ଚମ୍ପତି | ୧୩୬ |
| ୬୮୫ । ଶ୍ୟାମଘନ ଦାସ | ୧୩୭ |
| ୬୮୬ । ଶ୍ୟାମଘନ ହରିଚନ୍ଦନ | ୧୩୭ |
| ୬୮୭ । ଶ୍ୟାମବନ୍ଧୁ | ୧୩୭ |
| ୬୮୮ । ଶ୍ୟାମ ସାହୁ | ୧୩୭ |
| ୬୮୯ । ଶ୍ୟାମସୁନ୍ଦର ଦେବ | ୧୩୭ |
| ୬୯୦ । ଶ୍ୟାମସୁନ୍ଦର ଭଞ୍ଜ (ରାଜା) | ୧୩୭ |
| ୬୯୧ । ଶ୍ୟାମାନନ୍ଦ | ୧୩୭ |
| ୬୯୨ । ଶ୍ରୀକର | ୧୩୮ |
| ୬୯୩ । ଶ୍ରୀଚନ୍ଦନ | ୧୩୮ |
| ୬୯୪ । ଶିରୀକରଣ | ୧୩୮ |
| ୬୯୫ । ଶ୍ରୀଧର | ୧୩୮ |
| ୬୯୬ । ଶ୍ରୀଧର (ଦ୍ୱିଜ) | ୧୩୮ |
| ୬୯୭ । ଶ୍ରୀଧର ଦାସ | ୧୩୮ |
| ୬୯୮ । ଶ୍ରୀଧର ରାୟପିତାମ | ୧୩୮ |
| ୬୯୯ । ଶ୍ରୀନିବାସ ରାଜମଣି | ୧୩୮ |
| ୭୦୦ । ସତ୍ୟବାଦୀ ଦାସ | ୧୩୯ |

| | | 
|---|---|
| | ପୃଷ୍ଠା |
| ୭୦୧। ସତ୍ୟବାଦୀ ହରିଚନ୍ଦନ | ୧୩୯ |
| ୭୦୨। ସଦାଇ (ଦୀନ) | ୧୩୯ |
| ୭୦୩। ସଦାନନ୍ଦ | ୧୩୯ |
| ୭୦୪। ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା | ୧୩୯ |
| ୭୦୫। ସଦାଶିବ (ବୈଶ୍ୟ) | ୧୩୯ |
| ୭୦୬। ସନାତନ ଦାସ | ୧୪୦ |
| ୭୦୭। ସନ୍ନ୍ୟାସୀ ମଧୁସୂଦନ ପୁରୀ | ୧୪୦ |
| ୭୦୮। ସପନି ଦାସ | ୧୪୦ |
| ୭୦୯। ସର୍ବେଶ୍ୱର | ୧୪୦ |
| ୭୧୦। ସାଧୁଚରଣ ଦାସ | ୧୪୦ |
| ୭୧୧। ସାମନ୍ତରା ନୃପ | ୧୪୦ |
| ୭୧୨। ସାମନ୍ତସିଂହାର ମହାପାତ୍ର  ଚକ୍ରଧର ଭଞ୍ଜ | ୧୪୦ |
| ୭୧୩। ସାରଙ୍ଗ ଦାସ | ୧୪୦ |
| ୭୧୪। ସାରଳା ଦାସ | ୧୪୧ |
| ୭୧୫। ସାରଳା ଚଣ୍ଡୀଦାସ | ୧୪୨ |
| ୭୧୬। ସାଲବେଗ | ୧୪୨ |
| ୭୧୭। ସିଦ୍ଧବର ଚାଟ | ୧୪୨ |
| ୭୧୮। ସିଦ୍ଧେଶ୍ୱର ଦାସ | ୧୪୩ |
| ୭୧୯। ସୀତାଚରଣ ଦାସ | ୧୪୩ |
| ୭୨୦। ସୀତାରାମ | ୧୪୩ |
| ୭୨୧। ସୁଦର୍ଶନ ଦାସ (୧) | ୧୪୩ |
| ୭୨୨। ସୁଦର୍ଶନ ଦାସ (୨) | ୧୪୩ |
| ୭୨୩। ସୁଲକ୍ଷଣା ପଟ୍ଟନାୟକ | ୧୪୩ |
| ୭୨୪। ସୂର୍ଯ୍ୟମଣି ଚ୍ୟାଉପଟ୍ଟନାୟକ | ୧୪୩ |
| ୭୨୫। ସୂର୍ଯ୍ୟମଣି ଜେମା | ୧୪୪ |
| ୭୨୬। ସୂର୍ଯ୍ୟମଣି ପାଟମହାଦେଈ | ୧୪୪ |
| ୭୨୭। ସେବା ଦାସ | ୧୪୪ |
| ୭୨୮। ସୋମନାଥ | ୧୪୪ |
| ୭୨୯। ସୋମନାଥ ଜଗଦ୍ଦେବ | ୧୪୪ |
| ୭୩୦। ସୋମନାଥ ସିଂହ | ୧୪୫ |
| ୭୩୧। ସୋମନାଥ ହରିଚନ୍ଦନ | ୧୪୫ |
| ୭୩୨। ସପ୍ତାନନ୍ଦ | ୧୪୫ |
| ୭୩୩। ସ୍ୱର୍ଣ୍ଣପୁର(ନୃପ) | ୧୪୫ |
| ୭୩୪। ହଂସ ଦାସ | ୧୪୫ |

| | | |
|---|---|---|
| | | ପୃଷ୍ଠା |
| ୭୩୫ । | ହୃଦାନନ୍ଦ ଦାସ | ୧୪୫ |
| ୭୩୬ । | ହନୁମାନ କବିଚନ୍ଦ୍ର | ୧୪୫ |
| ୭୩୭ । | ହରପ୍ରିୟା ଦାସ | ୧୪୫ |
| ୭୩୮ । | ହରିକୃଷ୍ଣ ମହାରଣା | ୧୪୫ |
| ୭୩୯ । | ହରିଚରଣ ଦାସ | ୧୪୬ |
| ୭୪୦ । | ହରିଚନ୍ଦନ ଜଗଦ୍ଦେବ | ୧୪୬ |
| ୭୪୧ । | ହରିଦାସ (୧) | ୧୪୬ |
| ୭୪୨ । | ହରିଦାସ (୨) | ୧୪୬ |
| ୭୪୩ । | ହରିପ୍ରିୟା ଦାସୀ | ୧୪୬ |
| ୭୪୪ । | ହରିବଂଶ ରାୟ | ୧୪୬ |
| ୭୪୫ । | ହରିବଂଧୁ ରାୟଗୁରୁ | ୧୪୬ |
| ୭୪୬ । | ହରିବଂଧୁ ବେବର୍ତ୍ତା ପଟ୍ଟନାୟକ | ୧୪୭ |
| ୭୪୭ । | ହରି ବୈଶ୍ୟ | ୧୪୭ |
| ୭୪୮ । | ହରିଶରଣ ଭଞ୍ଜ | ୧୪୭ |
| ୭୪୯ । | ହରିସାନନ୍ଦ ଗୋସାମୀ | ୧୪୭ |
| ୭୫୦ । | ହରିସେବକ ସାମନ୍ତରାୟ | ୧୪୭ |
| ୭୫୧ । | ହରିହର ନରେନ୍ଦ୍ର | ୧୪୭ |
| ୭୫୨ । | ହରିହର ବକ୍ସି | ୧୪୭ |
| ୭୫୩ । | ହରିହର ମର୍ଦ୍ଦରାଜ | ୧୪୭ |
| ୭୫୪ । | ହରେକୃଷ୍ଣ | ୧୪୮ |
| ୭୫୫ । | ହରେକୃଷ୍ଣ ଦାସ | ୧୪୮ |
| ୭୫୬ । | ହରେକୃଷ୍ଣ ରାଜ | ୧୪୮ |
| ୭୫୭ । | ହଳଧର ଦାସ | ୧୪୮ |
| ୭୫୮ । | ହାଡ଼ିବନ୍ଧୁ ଦାସ | ୧୪୮ |
| ୭୫୯ । | ହାଡ଼ିବନ୍ଧୁ ବିପ୍ର | ୧୪୮ |
| ୭୬୦ । | ହୀନବନା | ୧୪୮ |

# ଓଡ଼ିଆ ଲେଖକ ପରିଚୟ

(୧୪୫୦-୧୮୫୦)

୧- **ଅଗଣି ନାୟକ :** ଉନବିଂଶ ଶତାବ୍ଦୀ । 'ବାଳବୋଧ କୋଇଲି' ଭିକ୍‌ଟୋରିଆ ପ୍ରେସ୍‌ରୁ ୧୮୯୮ ରେ ପ୍ରକାଶିତ । ଏଥିରେ କୃଷ୍ଣ ବିରହରେ ଯଶୋଦାଙ୍କର ବାତ୍ସଲ୍ୟ, କୋଇଲିକୁ ସମ୍ବୋଧନ ମାଧ୍ୟମରେ ପ୍ରକାଶ କରାଯାଇଅଛି । ଅନ୍ୟାନ୍ୟ ' କୋଇଲି' ପରି ଏହା କାରୁଣ୍ୟ ରସରେ ପରିପୂର୍ଣ୍ଣ। 'ଆଷାଢ଼ଶୁକ୍ଳ' ବାଣୀରେ ରଚିତ । ଏହାର ପ୍ରଥମ ପଦ

"କୃଷ୍ଣ କମନୀୟ ମଧୁରବାଣୀ  
କହି କାରୁଣ୍ୟ କରେ ନନ୍ଦରାଣୀ ।  
କୋକିଳକୁ ଚାହିଁ କହେ ବଚନ  
କାହାକୁ ଡାକି ଦେବି କ୍ଷୀର ପାନ  
କୋଇଲି ଲୋ ଶୁଣ  
କୃଷ୍ଣ ବଳରାମ ହୋଇଲେ ଭିନ୍ନ ।୧।

(ଓ ଗୀତିକାବ୍ୟ ସଂକଳନ - ପୃ.୪୭୬)

୨- **ଅଚ୍ୟୁତ ଗୋକୁଳ ନାୟକ :** ଆନୁମାନିକ ସମୟ ଅଷ୍ଟାଦଶ ଶତାବ୍ଦୀ । 'ଛ ପୋଇ' ପଣ୍ଡିତ ନୀଳମଣି ମିଶ୍ରଙ୍କ ମତରେ (ଓଡ଼ିଆ ପୋଇ ସାହିତ୍ୟ ପୃ.୭୪) ଅଚ୍ୟୁତଙ୍କ 'ଛ'ପୋଇ' ଏକ ଖଣ୍ଡକାବ୍ୟ ଏବଂ ପ୍ରତ୍ୟେକ ପୋଇର ଆରମ୍ଭ ଓ ଶେଷରେ 'ଗୀତ' ଥିବାର ଦେଖାଯାଏ। ୧ମ ଏବଂ ୨ୟ 'ପୋଇରେ 'ସୁମତି ଅଚ୍ୟୁତ ଦାସ' ଓ ଅନ୍ୟ ୪ଟି ପୋଇରେ 'ସୁମତି ଗୋକୁଳ କାର୍ତ୍ତିକ ନାୟକ' ଥିବାରୁ ପଣ୍ଡିତ ମିଶ୍ର ଏହାଙ୍କୁ 'ଅଚ୍ୟୁତ ଗୋକୁଳ ନାୟକ' ରୂପେ ଗ୍ରହଣ କରିଛନ୍ତି । ଏହା ରାଧାକୃଷ୍ଣ ପ୍ରେମ ମୂଳକ ରଚନା ଓ ବିପ୍ରକଣ୍ଠ ଦାସଙ୍କ 'ନ' ପୋଇ' ଦ୍ୱାରା ପ୍ରଭାବିତ ।

୩- **ଅଚୁତ ନାୟକ** ଆନୁମାନିକ ଉନବିଂଶ ଶତାବ୍ଦୀ 'ରାମରତ୍ନାବଳୀ' କାବ୍ୟ ।

(ଉ.ବି)

୪- **ଅଚ୍ୟୁତାନନ୍ଦ :** ଷୋଡ଼ଶ ଶତାବ୍ଦୀ, 'ପଞ୍ଚସଖା' ଯୁଗର ଅନ୍ୟତମ ବିଶିଷ୍ଟ କବି । ବହୁ ଗୀତା, ସଂହିତା, ପଟଳ, ପୁରାଣ ଓ ପଦ ପଦାବଳୀର ରଚୟିତା । ତାଙ୍କର

ଜନ୍ମସ୍ଥାନ କଟକ ଜିଲ୍ଲା ନେମାଳ ନିକଟବର୍ତ୍ତୀ ତିଳକଣା ଗ୍ରାମ । ପରବର୍ତ୍ତୀ ଯୁଗରେ ତାଙ୍କର ପ୍ରସିଦ୍ଧି ବହୁ ଦୃଷ୍ଟିରୁ ପ୍ରଚାର କରାଯାଇଅଛି । ସେ ଥିଲେ ଜଗନ୍ନାଥଙ୍କର ଅତ୍ୟନ୍ତ ଅନ୍ତରଙ୍ଗ, ଚୈତନ୍ୟଙ୍କର ସହଯାତ୍ରୀ, ଗୋପାଳ ଜାତିର ବରେଣ୍ୟଗୁରୁ । ଓଡ଼ିଶାରେ ରାହାସର ପ୍ରତିଷ୍ଠାତା ତଥା ପ୍ରଚାରକ, ବହୁ ଅଲୌକିକ କାହାଣୀର ନାୟକ ଓ ଭବିଷ୍ୟତ ଦ୍ରଷ୍ଟା ।

ସେ ରଣପୁର ରାଜା ସାମନ୍ତ ପଦ୍ମନାଭ ନରେନ୍ଦ୍ରଙ୍କ ଆଶ୍ରୟରେ ଗଣ୍ଡଗ୍ରାମରେ ସସ୍ତ୍ରୀକ ବାସ କଲାବେଳେ 'ହରିବଂଶ' (ସାତଖଣ୍ଡ) ରଚନା କରିଥିଲେ । ପରେ ନେମାଳରେ ସାଧନାପୀଠ ଗଢ଼ି ଶେଷଜୀବନ ଅତିବାହିତ କରିଥିଲେ । 'ହରିବଂଶ' ମୂଳ ସଂସ୍କୃତର ଆକ୍ଷରିକ ଅନୁବାଦ ନୁହେଁ । ତତ୍‌କାଳୀନ ପୁରାଣ ରଚନାଧାରାରେ ଏଥିରେ ବହୁ ସ୍ୱାତନ୍ତ୍ର୍ୟ ଏବଂ ମୌଳିକତା ପରିଲକ୍ଷିତ ହୁଏ । ତାଙ୍କ ରଚିତ ' ଶୂନ୍ୟ ସଂହିତା' ତାଙ୍କ ଶିଷ୍ୟ ପରଂପରାରେ ଗୀତା ଓ ଭାଗବତ ପରି ସମ୍ମାନିତ । 'ଚାରିଖାନି ବା ଶବ୍ଦବ୍ରହ୍ମ ସଂହିତା' ତାଙ୍କର ଅନ୍ୟତମ ବିଶିଷ୍ଟ ରଚନା, ଏହାର ରଚନାକାଳ ୧୫୧୬ ଖ୍ରୀଷ୍ଟାବ୍ଦ, ଏତଦ୍‌ବ୍ୟତୀତ ତାଙ୍କ ନାମ ଭଣିତା ଥିବା 'ଉଦୟ କାହାଣୀ', 'ଗୋପାଳଙ୍କ ଓଗାଳ', 'ଅନନ୍ତ ପୋଇ', 'ସପ୍ତ ଭାଗବତ', 'ବର୍ଣ୍ଣଟୀକା ପୁରାଣ', 'ନିତ୍ୟ ରାହାସ', 'ପଦ୍ମବନ ରାସ', 'ରସଗୋପ ପଞ୍ଚାମୃତ', 'ଗୁରୁଭକ୍ତିଗୀତା', 'ଗହନ ଗୀତା', 'ନିଷ୍କଳ ଜ୍ଞାନ ଗୀତା', 'ଛାୟା ସଂହିତା', 'ଜ୍ୟୋତି ସଂହିତା', 'ଅନାହତ ସଂହିତା', 'ବ୍ରହ୍ମବଟ ସଂହିତା', 'ଯନ୍ତ୍ରସଂହିତା', 'ତନ୍ତ୍ର ସଂହିତା', 'ମନ୍ତ୍ର ସଂହିତା, 'ଅବାଡ଼ ସଂହିତା', 'ଅମର ଯୁଗର ସଂହିତା', 'ଅକଳିତ ସଂହିତା', 'ଛୟାଳିଶ ପଟଳ', 'ଚିତ୍ତବୋଧ', 'ଭାବନାବର', 'ତତ୍ତ୍ୱବୋଧିନୀ', 'ବ୍ରହ୍ମଶାଙ୍କୋଳି', '୮୪ଚକ୍ର', ଓ 'ଦଶପଟଳ', ଆଦି ଦେଖିବାକୁ ମିଳେ । ସେ ମଧ 'ଚମ୍ପାବତୀ ରଚନା' ହରଣ କରିଥିଲେ ।

୫- **ଅଧମଚନ୍ଦ୍ର** ଆନୁମାନିକ ୧୯ଶ ଶତାବ୍ଦୀ । କେତେକ ସାଧାରଣ ପ୍ରେମଧର୍ମୀ କବିତାର ରଚୟିତା । ପ୍ରାପ୍ତ ଏକ କବିତାର ଆଦ୍ୟପଂକ୍ତି- 'ଚାହାଁ ଚାହାଁ ବିଦେଶୀ ମୋତେ ଭାବରେ / ଆଜନିଶି ବଞ୍ଚିବି ଏହା ସଙ୍ଗରେ ।' (ଓ.ରା.ସଂ.)

୬- **ଅଧର ପଟ୍ଟନାୟକ :** ଆନୁମାନିକ ୧୮ଶ ଶତାବ୍ଦୀ । ନୟାଗଡ ଅଞ୍ଚଳର କନ୍ଧ ଗମ୍ଭାରଡିହି ଗ୍ରାମରେ କବି ଜନ୍ମଲାଭ କରିଥିବା ଶୁଣାଯାଏ । ତାଙ୍କର ଭଣିତ ଗୀତ ସଂପର୍କୀୟ ଦୁଇଟି ରଚନା (୧-ଚିଟାଉ ଭାଷା, ୨- ବୃନ୍ଦାବନ ବିହାର) ଡ଼. ଜାନକୀବଲ୍ଲଭ ମହାନ୍ତି, ତାଙ୍କର 'ଓଡ଼ିଆ ଗୀତିକାବ୍ୟ ସଂକଳନ'ରେ ଉଦ୍ଧାର କରିଅଛନ୍ତି । ଚିଟାଉ ଭାଷାରେ ବିରହୀ ତା'ର ପ୍ରିୟା ପାଖକୁ 'କେଉଁ ମାସେ କେତେ ଦିନେ ଲେଖିଲା ଚିଟାଉ' ବୋଲି ପ୍ରଶ୍ନ କରିଛନ୍ତି । ସେହିପରି ବୃନ୍ଦାବନ ବିହାରରେ ମଧ ଶ୍ୟାମସୁନ୍ଦରଙ୍କ 'ପଞ୍ଚଶତ ଆଠସଖା' ଓ ରାଧିକାଙ୍କ ନିକଟରେ ଥିବା 'ସପ୍ତପଞ୍ଚାବନ ନାୟିକା' ତୋଳିଥିବା ଫୁଲ ପରସ୍ପରଙ୍କ ମଧରେ ବଣ୍ଟାଯିବା ପରେ 'ଗୋପୀଗୋପାଳ ଜଣକେ କେତେ ଫୁଲ ତୋଳି' ବୋଲି ପ୍ରଶ୍ନ କରାଯାଇଛି ।

( ଓ ଗୀତିକାବ୍ୟ ସଂକଳନ - ପୃ -୫୬୮ -୫୬୯)

୭- **ଅନଙ୍ଗଭୀମ ଦେବ :** ସମୟ ୧୮ଶ ଶତାବ୍ଦୀ । 'ବାଉନ ପଦିଆ' ଖୁବ୍ ସମ୍ଭବତଃ ଅନଙ୍ଗଭୀମ ଦେବ ଓ ଖେମୁଣ୍ଡି ଅଧିପତି ପୁରୁଷୋତ୍ତମ ଅନଙ୍ଗଭୀମ ଦେବ (୧୭୨୮ - ୧୭୭୬) ଏକ ଓ ଅଭିନ୍ନ ବ୍ୟକ୍ତି ।

(ପ୍ରା.ଓ.ଲି.ଭା. ସା-ପୃ-୭୧)

୮- **ଅନଙ୍ଗ ନରେନ୍ଦ୍ର :** ୧୮ଶ ଶତାବ୍ଦୀର କବି । 'ରାମଲୀଳା' ବାଙ୍କୋଇର ଅଧିବାସୀ ।

(ପ୍ରା.ଓ.ଲି.ଭା. ସା. ପୃ. ୧୨୫)

୯- **ଅନନ୍ତ :** ଆନୁମାନିକ ଉନବିଂଶ ଶତାବ୍ଦୀର ଶେଷପାଦର କବି । ସେ 'ଅଲେଖ କୋଇଲି' (ଅପ୍ରକାଶିତ) ରଚନା କରିଥିଲେ ।

(ପ୍ରା.ଓ.ଲି.ଭା. ସା.ପୃ.୭୬)

୧୦- **ଅନନ୍ତ ଦାସ (ଶିଶୁ) :** ଷୋଡ଼ଶ ଶତାବ୍ଦୀର 'ପଞ୍ଚସଖା'ଙ୍କ ମଧ୍ୟରୁ ଅନ୍ୟତମ । ପୁରୀ ଜିଲ୍ଲା ବାଲିପାଟଣାରେ ତାଙ୍କର ଗାଦି ଓ ଏହା ତାଙ୍କର ଜନ୍ମସ୍ଥାନ ବୋଲି ଅନୁମିତ । ସେ 'ଶିଶୁ' ସଂପ୍ରଦାୟର ପ୍ରତିଷ୍ଠାତା । ତାଙ୍କ ପିତାଙ୍କ ନାମ କପିଳ ଏବଂ ମାତାଙ୍କ ନାମ ଗୌରୀ । 'ହେତୁ ଉଦୟ ଭାଗବତ' ତାଙ୍କର ଏକ ବିଶିଷ୍ଟ ରଚନା । ଏଥିରେ ପିଣ୍ଡବ୍ରହ୍ମାଣ୍ଡ ତତ୍ତ୍ୱ, କାୟା ସାଧନା, ଜଗନ୍ନାଥଙ୍କ ବୁଦ୍ଧତ୍ୱ, ଶରୀରରେ ଜଗନ୍ନାଥଙ୍କ ଅବସ୍ଥିତି ଉଲ୍ଲେଖ ସହିତ ରାଧାକୃଷ୍ଣଙ୍କୁ ଜୀବାତ୍ମା ଓ ପରମାତ୍ମା ରୂପେ କଳ୍ପନା କରାଯାଇଛି । ଏହି ଗ୍ରନ୍ଥର ଅବଧୂତ ଚରିତ୍ରରୁ ବୌଦ୍ଧ ସିଦ୍ଧାଚାର୍ଯ୍ୟଙ୍କ ସଂପର୍କରେ କେତେକ ଧାରଣା ମିଳିଥାଏ । ଏତଦ୍‌ବ୍ୟତୀତ ଉଦେବାଖର', 'ଛାଟବାଖର', 'ଠିକ୍‌ବାଖର', 'ଆଗତ ଚୁମ୍ବକ ମାଳିକା', 'ଗରୁଡ଼ ଗୋବିନ୍ଦ ସମ୍ବାଦ', 'ଗରୁଡ ଅନନ୍ତ ସମ୍ବାଦ', 'ଅର୍ଥ ତାରେଣୀ', 'ଅଣାକାର ଶବଦ', 'ଭକ୍ତିମୁକ୍ତି ଦାୟକ ଗୀତା', 'ପ୍ରଶ୍ନୋତ୍ତର', 'ପଦ୍ମବନ ରାସ', କେତେକ ଭଜନ, ଚଉତିଶା ଓ ସ୍ତୋତ୍ର ପ୍ରଭୃତିରେ ତାଙ୍କ ନାମ ଭଣିତା ଥିବା ଦେଖାଯାଏ ।

୧୧- **ଅନାଥ :** ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । 'ଗଣେଶ ଟୀକା' ଶୀର୍ଷକ ରଚନାରେ ବିଭିନ୍ନ ଜାତିର ଉତ୍ପତ୍ତି ସମ୍ବନ୍ଧରେ ସୂଚନା ପ୍ରଦାନ କରିଛନ୍ତି ।

(D.C.I.M.Vol-VIII-P-21)

୧୨- **ଅନାଥ ଦାସ :** ଆନୁମାନିକ ୧୯ଶ ଶତାବ୍ଦୀ । ରାସଲୀଳାର ଲେଖକ ।

(ଉ.ବି.)

୧୩- **ଅନାଦି ଦାସ :** ଉନବିଂଶ ଶତାବ୍ଦୀ । ଭାରତ ଚରିତାବଳୀ ଶୀର୍ଷକ ଗ୍ରନ୍ଥର ରଚୟିତା । ପୁରାଣର ଚରିତ ସବୁକୁ ପାଲା ମାଧ୍ୟମରେ ଏହି ଗ୍ରନ୍ଥରେ ପ୍ରକାଶ କରାଯାଇଛି ।

୧୪- **ଅନିରୁଦ୍ଧ ଛୋଟରାୟ** ୧୮ଶ ଶତାବ୍ଦୀ । କବି ଖଲିକୋଟ ରାଜା ରାଜସିଂହ ମର୍ଦ୍ଦରାଜାଙ୍କ ନାତି ଓ ମଦନ ଗୋପାଳ ଛୋଟରାୟଙ୍କ ପୁତ୍ର । ସେ 'କୃଷ୍ଣ ଜନ୍ମାଷ୍ଟମୀ ବ୍ରତ' ନାମରେ ଖଣ୍ଡିଏ କ୍ଷୁଦ୍ର ଗ୍ରନ୍ଥ ରଚନା କରିଥିଲେ । ଗ୍ରନ୍ଥଟି ୭୦ ପଦରେ ଶେଷ

ହୋଇଛି। ଗ୍ରନ୍ଥର ସମାପ୍ତ ସମୟ ୧୬୭୦ ଶକାବ୍ଦ ବା ୧୭୪୮ ମସିହା । ସେ ରାଜକୁଳ ସମ୍ଭବ ଥିଲେ ମଧ୍ୟ କନିଷ୍ଠ ବଂଶୀୟ ହୋଇଥିବାରୁ ସିଂହାସନ ଅଧିକାର କରିନଥିଲେ।

(ଖୁରୁଧା ଇତିହାସ ପୃ.୨୧୮)

୧୫- **ଅଭିମନ୍ୟୁ ଭଞ୍ଜ** ଆନୁମାନିକ ଅଷ୍ଟାଦଶ ଶତାବ୍ଦୀର କବି। ଶ୍ରୀପଞ୍ଚମୀ ଗୀତର ରଚୟିତା ।

(Des. Cat. O.Mass Vol. VIII ପୃ.୧୭୦)

୧୬- **ଅଭିମନ୍ୟୁ ସାମନ୍ତସିଂହାର** : (୧୭୫୭-୧୮୦୬)। କଟକ ଜିଲ୍ଲା ବାଲିଆ ଗ୍ରାମରେ ଜନ୍ମ। ପିତାଙ୍କ ନାମ ଇନ୍ଦ୍ରଜିତ ଓ ମାତାଙ୍କ ନାମ ତୁଳସୀ ଦେବୀ । ସେ ଯୁଗର ପ୍ରସିଦ୍ଧ କବି ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା ବା ମହନ୍ତ ସାଧୁଚରଣ ଦାସ ଅଭିମନ୍ୟୁଙ୍କର ଶିକ୍ଷା ଓ ଦୀକ୍ଷା ଗୁରୁ ଥିଲେ। 'ବିଦଗ୍ଧ ଚିନ୍ତାମଣି' କବିଙ୍କର ଶ୍ରେଷ୍ଠକୃତି। ଏହା ରାଧାକୃଷ୍ଣ ପ୍ରେମ ସମ୍ପର୍କୀୟ ଓ ରୀତିଯୁଗୀୟ ଶୈଳୀରେ ରଚିତ। ତାଙ୍କର ରସବତୀ କାବ୍ୟର ରଚନାକାଳ ୧୭୯୧-୯୨ ମସିହା । ଏହା ବ୍ୟତୀତ ସେ 'ପ୍ରୀତି 'ଚିନ୍ତାମଣି', 'ସୁଲକ୍ଷଣା', 'ପ୍ରେମକଳା' ଓ 'ପ୍ରେମତରଙ୍ଗିଣୀ' ନାମକ ଅନ୍ୟ କେତେକ ଗ୍ରନ୍ଥ ରଚନା କରିଥିବା ଜଣାଯାଏ। 'ବାଘଗୀତ', 'ଚଢ଼େଇ ଗୀତ', 'ବୋଲେ ହୁଁ ଗୀତ' ଓ 'କାନ୍ଦଣା' ପ୍ରଭୃତି କିଶୋର ବୟସରେ ଲେଖି କବି ସ୍ୱୀୟ ପ୍ରତିଭାର ପରିଚୟ ଦେଇଥିଲେ। ସେ ରୀତି ଯୁଗର ଅନ୍ୟତମ ବିଶିଷ୍ଟ କବି।

୧୭- **ଅରକ୍ଷିତ ଦାସ** : ଅଷ୍ଟାଦଶ ଶତାବ୍ଦୀର ଜଣେ ପ୍ରଧାନ ସାଧକ। ସେ ବଡ଼ଖେମୁଣ୍ଡି ରାଜାଙ୍କର ଜ୍ୟେଷ୍ଠ ପୁତ୍ର ଓ ତାଙ୍କର ନାମ ଥିଲା ବୀରବର ଦେଓ। ସେ ବୁଦ୍ଧଦେବଙ୍କ ପରି ୧୯ ବର୍ଷ ବୟସରେ ଜଗନ୍ନାଥଙ୍କ ଦର୍ଶନ ପାଇଁ ଶ୍ରୀକ୍ଷେତ୍ର ଯାଇଥିଲେ। ତାଙ୍କର ମଳିନ ବେଶଭୂଷା ଦେଖି ଜଗୁଆଳିମାନେ ତାଙ୍କୁ ଜଗନ୍ନାଥ ଦର୍ଶନକୁ ଛାଡିଲେ ନାହିଁ। ସେଠାରୁ ଫେରି ସେ ଖଣ୍ଡଗିରି ଗୁମ୍ଫାରେ କେତେକା ଅତିବାହିତ କରିଥିଲେ। ସେଠାରେ ଥିବା ସମୟରେ ଏକଶହ ଅଧ୍ୟାୟ ବିଶିଷ୍ଟ ତାଙ୍କର ଅମରକୃତି 'ମହୀମଣ୍ଡଳ ଗୀତା'ର ପ୍ରଥମ ୩୫ ଅଧ୍ୟାୟ ରଚନା କରିଥିଲେ। ତାପରେ ସେ ରତ୍ନଗିରି ନିକଟବର୍ତ୍ତୀ ଓଲାସୁଣି ପାହାଡ଼ରେ ଶେଷଜୀବନ କଟାଇ ଥିଲେ। ସେଠାରେ ତାଙ୍କର ମହାପ୍ରୟାଣ ଘଟିଥିଲା ଏବଂ ଏ ପର୍ଯ୍ୟନ୍ତ ତାଙ୍କର ସମାଧିପୀଠ ଏକ ପୁଣ୍ୟ ସ୍ଥାନ ରୂପେ ବିବେଚିତ। ଏଠାରେ ଅବସ୍ଥାନ ସମୟରେ ଉପରୋକ୍ତ 'ମହୀମଣ୍ଡଳ ଗୀତା'ର ଶେଷ ୬୫ ଅଧ୍ୟାୟ ଲେଖିଥିଲେ। ଏତଦ୍ ବ୍ୟତୀତ କବିଙ୍କର 'ଭକ୍ତିଟୀକା', ଶରୀରଭେଦ' ଓ ଶତାଧିକ ସୁନ୍ଦର ଭଜନର ସନ୍ଧାନ ମିଳେ।

(ଖୁରୁଧା ଇତିହାସ ପୃ-୨୨୨)

୧୮- **ଅଳନ୍ଧୁଆ** ଅନୁମାନତଃ ଅଷ୍ଟାଦଶ ଶତାବ୍ଦୀର କବି। 'କଂସ- ମାରୁଣୀ'ର ରଚୟିତା ।

(ଓ.ବି.)

୧୯- **ଅଷ୍ଟଦୁର୍ଗ ରାଜା** : ଆନୁମାନିକ ୧୮ଶ ଶତାବ୍ଦୀ । ଅଷ୍ଟଦୁର୍ଗ ସର୍ଗ ମଘବା ଭଣିତା ଥିବା କେତେକ କବିତା ଦେଖିବାକୁ ମିଳେ ।

(ପ୍ରା: ଓ.ଲି.ଭା.ସା -ପୃ-୭୧)

୨୦- **ଅର୍ଜୁନ ଦାସ** ଆନୁମାନିକ ଷୋଡଶ ଶତାବ୍ଦୀ ଆଦ୍ୟଭାଗର କବି । ତାଙ୍କର 'ରାମ-ବିଭା' ଓଡ଼ିଆରେ ସର୍ବପ୍ରଥମ ଛନ୍ଦୋବଦ୍ଧ କାବ୍ୟ । ଏଥିରେ ଶ୍ରୋତା ଯୁଧିଷ୍ଠିର, ବକ୍ତା ମାର୍କଣ୍ଡେୟ । କଥାବସ୍ତୁ ନିମନ୍ତେ କବି ସାରଳା ମହାଭାରତ ଓ ରାମାୟଣ ଉପରେ ନିର୍ଭର କରିଅଛନ୍ତି । ଜଗନ୍ନାଥ ବନ୍ଦନାରୁ କାବ୍ୟ ଆରମ୍ଭ ହୋଇ ଦଶରଥଙ୍କ ପୁତ୍ରଲାଭ, ଯଜ୍ଞରକ୍ଷା ଓ ଅସୁର ନିଧନ ପାଇଁ ରାମ-ଲକ୍ଷ୍ମଣଙ୍କ ବନଗମନ, ଫେରିବା ବାଟରେ ଅହଲ୍ୟା ନିସ୍ତାରଣ ଏବଂ ଜନକଙ୍କ ଆୟୋଜିତ ସ୍ୱୟଂବରରେ ରାମଚନ୍ଦ୍ରଙ୍କ ଦ୍ୱାରା ଶିବଧନୁ ଭଗ୍ନ ଓ ସୀତା-ବିବାହରେ କାବ୍ୟର ପରିସମାପ୍ତି । 'କଳ୍ପଲତା', 'ରାମବିଭା'ର ପରବର୍ତ୍ତୀ କାଳ୍ପନିକ କାବ୍ୟ। କାବ୍ୟ ଆରମ୍ଭରେ ଜଗନ୍ନାଥଙ୍କ ସ୍ନାନ ମହୋତ୍ସବର ବର୍ଣ୍ଣନା କରାଯାଇଅଛି । ଏହାର ନାୟକ ମଲ୍ଲାଳ ଦେଶର ରାଜକୁମର ଅମରଶିଖର ଓ ନାୟିକା କର୍ଣ୍ଣାଟ ଦେଶର ରାଜଦୁହିତା କଳ୍ପଲତା । ଏ ଦୁହେଁ ପୂର୍ବଜନ୍ମରେ ଯଥାକ୍ରମେ ଗନ୍ଧର୍ବ ବସନ୍ତକ ଏବଂ ଅପସରା ସୁରେଖା ଥିଲେ । ନାୟକ-ନାୟିକାଙ୍କର ଜାତିସ୍ମରତ୍ୱ, ବିଚ୍ଛେଦ ବର୍ଣ୍ଣନା ଓ ମିଳନରେ କାବ୍ୟର ସମାପ୍ତି ଘଟିଛି । 'ମିଳନ ଚଉତିଶା' କବିଙ୍କର ଅନ୍ୟ ଏକ ରଚନା । ଏଥିରେ ରାଧାକୃଷ୍ଣ ପରିବର୍ତ୍ତେ ଚନ୍ଦ୍ରାବଳୀ ଓ କୃଷ୍ଣଙ୍କ ମିଳନ ବର୍ଣ୍ଣିତ । ସଖୀର କୃଷ୍ଣଚନ୍ଦ୍ରଙ୍କ ନିକଟରେ ଚନ୍ଦ୍ରାବଳୀର ବିରହ ଦଶା ବର୍ଣ୍ଣନା ଓ ପରିଶେଷରେ କୃଷ୍ଣ- ଚନ୍ଦ୍ରା- ବଳୀଙ୍କ ମିଳନରେ ସଂପୂର୍ଣ୍ଣ ହୋଇଥିବାରୁ ଏହି ଚଉତିଶାର ଏପରି ନାମକରଣ ହୋଇଅଛି ।

୨୧- **ଆଦିକନ୍ଦ** : ଆନୁମାନିକ ଊନବିଂଶ ଶତାବ୍ଦୀ । ସେ କେତେକ ଚଉପଦୀ ଲେଖିଥିବାର ଜଣାଯାଏ ।

(ପ୍ରା.ଓ.ଲି.ଭା.ସା ପୃ-୬୩)

୨୨- **ଆଦିକନ୍ଦ ଦାସ** : ଆନୁମାନିକ ଊନବିଂଶ ଶତାବ୍ଦୀ । 'ଗଣେଶ ସପ୍ତାଙ୍ଗ' (ଅ) ରଚନା କରିଥିଲେ ।

(ଓ.ଗୀ.କା. -ପୃ - ୧୭୯)

୨୩- **ଆଦିକନ୍ଦ ଭୀମଦେବ** : ଆନୁମାନିକ ଅଷ୍ଟାଦଶ ଶତାବ୍ଦୀର କବି । କେତେକ ପ୍ରେମ କବିତାର ଲେଖକ । ତାଙ୍କର ଗୋଟିଏ ଚଉପଦୀର ଶେଷ ପଂକ୍ତି

ଚିତ୍ତ କର ତୋଷ ମନ୍ଦେ ହସି ଭାଷ
ଛଣା ପୀୟୂଷ ବଚନରେ
ଶ୍ରୀ ଆଦିକନ୍ଦ ଭୀମଦେବ ଭାଷନ୍ତି
ଆସ କୋଳକୁ ବହନରେ ।

(Des. Cat. of Or. Mass P. 217)

୨୪- **ଆରତ :** ଆନୁମାନିକ ବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧର କବି। ରାଧା-କୃଷ୍ଣ ଲୀଳା (ଅ) ରଚନା କରିଥିଲେ।

(ଅପ୍ରକାଶିତ)

୨୫- **ଆରତ ଦାସ :** ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । କେତେକ ଜଣାଣ ଓ ଭଜନ ରଚନା କରିଥିବା ଜଣାଯାଏ। ଜନ୍ମସ୍ଥାନ ଗଡ଼ଗୁଆଡିରା, ପୁରୀ। 'ଦାଣ୍ଡଧୁଆ' ସଂପ୍ରଦାୟର ପ୍ରବର୍ତ୍ତକ। 'ଭଜମନ କଳା କହ୍ନାଇ', ପତିତପାବନ ବାନା ଆଉ କେତେବେଳକୁ', ଇତ୍ୟାଦି ପ୍ରସିଦ୍ଧ ଭଜନ।

(ଓ.ଗୀ.କା. ପୃ.୨୭୯) ଓ (ପ୍ରା.ଓ.ଲି.ଭା.ସା. ପୃ.୭୯)

୨୬- **ଇନ୍ଦୁମୁଖୀ କନ୍ୟା :** ଆନୁମାନିକ ଊନବିଂଶ ଶତାବ୍ଦୀ । 'ବାରମାସୀ କୋଇଲି' (ଅ) ରଚନା କରିଥିଲେ। ଉକ୍ତ କୋଇଲିର ଏକ ପାଦ ହେଉଛି -ଭଣେ ଇନ୍ଦୁମୁଖୀ କନ୍ୟା ଷଣ୍ଢରକୁମାରୀ ଲୋ କୋଇଲି।

(ଉ.ବି)

୨୭- **ଈଶ୍ୱର ଦାସ** ଆନୁମାନିକ ୧୬ଶ ଶତାବ୍ଦୀ । ସେ ଜଣେ ବୈଷ୍ଣବ ସାଧକ ଥିଲେ । ସେ 'କ୍ଷିତିକୁଳ' ଅର୍ଥାତ୍ ମାଟିବଂଶ ଅବଧାନ ବଂଶରେ ଜାତ। ତାଙ୍କ ଜୀବନୀ ସଂପର୍କରେ ଅନ୍ୟକିଛି ଜଣାଯାଏ ନାହିଁ। 'ଶ୍ରୀଚୈତନ୍ୟ ଭାଗବତ' ତାଙ୍କର ଉଲ୍ଲେଖଯୋଗ୍ୟ ରଚନା । ଏହି ଗ୍ରନ୍ଥ ୧୬ଶ ଶତାବ୍ଦୀର ଶେଷ ଭାଗରେ ରଚିତ ହୋଇଥିବା ଅନୁମାନ କରାଯାଏ । ଏହି ଗ୍ରନ୍ଥରୁ ଗୋରଖନାଥ, ରାମାନନ୍ଦ, ନାନକ, ବୀରସିଂହ, ଶ୍ରୀଚୈତନ୍ୟ, ଜାଗାଇ ଓ ମାଧାଇ, ବାସୁଦେବ, ସାର୍ବଭୌମ, ଗଦାଧର, ଶ୍ରୀନିତ୍ୟାନନ୍ଦଂକ ପୁତ୍ର ବୀରଭଦ୍ର ପ୍ରଭୃତିଂକ ବିବରଣୀ ମିଳେ। ଶ୍ରୀଚୈତନ୍ୟଂକ ପୁରୀ ଅବସ୍ଥାନ କାଳୀନ ବହୁ ଘଟଣାର ଉଲ୍ଲେଖ ଏହି ଗ୍ରନ୍ଥରୁ କେତେକ ପରିମାଣରେ ପ୍ରାମାଣିକ ରୂପେ ଦେଖିବାକୁ ମିଳେ। ଏହାର ଅଧ୍ୟାୟ ସଂଖ୍ୟା ୬୫ ଏବଂ ଏହା 'ଭାଗବତ' ପରି ନବାକ୍ଷରୀ ବୃତ୍ତରେ ଲିଖିତ।

୨୮- **ଈଶ୍ୱର ଦାସ (ଦ୍ୱିଜ)** ୧୮ଶ ଶତାବ୍ଦୀ । ଜନ୍ମସ୍ଥାନ ଖେମୁଣ୍ଡି। ତାଙ୍କ ରଚିତ 'ରାମଲୀଳାମୃତ' ଗ୍ରନ୍ଥର ପୋଥି ଓଡ଼ିଶା ମିଉଜିୟମ ପୋଥି ଭଣ୍ଡାରରେ ଥିବା, ଶ୍ରୀ କେଦାରନାଥ ମହାପାତ୍ର ତାଙ୍କ 'ଖୁରଧା ଇତିହାସ'ରେ ସୂଚିତ କରିଅଛନ୍ତି। ଶ୍ରୀ ମହାପାତ୍ର 'ନାମାମୃତ ମହାଭାରତ' ରଚୟିତା ଈଶ୍ୱର ବ୍ରହ୍ମା ଓ ଦ୍ୱିଜ ଈଶ୍ୱର ଦାସଙ୍କୁ ଏକ ଓ ଅଭିନ୍ନ ବୋଲି ଅନୁମାନ କରିଅଛନ୍ତି। ଉଭୟ ଗ୍ରନ୍ଥର ପ୍ରଣେତା 'ଦାଶ' ସଂଜ୍ଞାଧାରୀ ବ୍ରାହ୍ମଣ ଏବଂ ଗୌଡ଼ୀୟ ଗୋସାମୀ ସାହିତ୍ୟ ଦ୍ୱାରା ପ୍ରଭାବିତ।

(ଖୁରୁଧା ଇତିହାସ -ପୃ-୧୫୦)

୨୯- **ଈଶ୍ୱର ଦାସ (ଶିଶୁ)** ଆନୁମାନିକ ୧୮ଶ ଶତାବ୍ଦୀ । 'ନଳଚରିତ' ବା 'ନଳରାମ ଚରିତ'। ସଂସ୍କୃତ ଦ୍ୱିସାଧନ କାବ୍ୟପରି ଏଥିରେ ନଳ ତଥା ରାମଚନ୍ଦ୍ରଙ୍କ ବନବାସ

ଜୀବନର ଦୁଃଖ ସରଳ ଭାଷାରେ ବର୍ଣ୍ଣିତ। କବିଙ୍କର ଜନ୍ମସ୍ଥାନ ଓ ଅନ୍ୟାନ୍ୟ କୃତି ସଂପର୍କରେ କିଛି ଜଣାଯାଏ ନାହିଁ।

(ଖୁରୁଧା ଇତିହାସ - ପୃ-୧୫୧)

୩୦- **ଈଶ୍ୱର ବ୍ରହ୍ମା** ୧୮ଶ ଶତାବ୍ଦୀ । ଜନ୍ମସ୍ଥାନ ଖେମୁଣ୍ଡି। କବିଙ୍କର 'ଭାଗବତ' ବୃତ୍ତରେ ରଚିତ 'ନାମାମୃତ ମହାଭାରତ' ଏକ ବିଶାଳ ଗ୍ରନ୍ଥ। ତାହାର 'ସ୍ୱର୍ଗାରୋହଣ ପର୍ବ'ର ପୋଥି ଏ ପର୍ଯ୍ୟନ୍ତ ଉପଲବ୍ଧ ହୋଇଅଛି। ଏହା ଶେଷରେ କବି ନିଜର ବଂଶପରିଚୟ ଓ ବାସସ୍ଥାନ ସ୍ୱମ୍ବନ୍ଧରେ ଉଲ୍ଲେଖ କରିଛନ୍ତି। କପିଞ୍ଜଳ ସଗୋତ୍ର ଦ୍ୱିଜ ଭୁବନାନନ୍ଦ 'ନନ୍ଦ' ସଂଜ୍ଞାଧାରୀ ଶ୍ରୀକ୍ଷେତ୍ରନିବାସୀ ପ୍ରଖ୍ୟାତ ପଣ୍ଡିତ ଥିଲେ। ପରେ ତାଙ୍କର କୌଣସି ବଂଶଧର ବୀର ରାମଚନ୍ଦ୍ରପୁର ଶାସନରେ ବାସ କରିଥିଲେ। କାଳକ୍ରମେ ଏହି ବଂଶୀୟ କୌଣସି ବ୍ୟକ୍ତି ସେଠାରୁ ଉଠିଯାଇ ଖେମୁଣ୍ଡି ରାଜ୍ୟର ରାଜଧାନୀ ବିଜୟନଗରରେ ଅବସ୍ଥାନ କରିଥିଲେ ଏବଂ ଦାଶ' ସଂଜ୍ଞା ଗ୍ରହଣ କରିଥିଲେ। ତାଂକ ବଂଶଧର 'ମୁରାରି' ନିଜର ପାଣ୍ଡିତ୍ୟ ଓ ଚରିତ୍ରବତ୍ତା ଯୋଗୁଁ ଗଙ୍ଗରାଜାଙ୍କଠାରୁ ପରମଗୁରୁ ପଦବୀ ପ୍ରାପ୍ତ ହୋଇଥିଲେ। ଏହି ମୁରାରିଙ୍କ ପୁତ୍ର ହେଉଛନ୍ତି କାମପାଳ ଓ କାମପାଳଙ୍କ ପୁତ୍ର ଈଶ୍ୱର ବ୍ରହ୍ମା । ଗ୍ରନ୍ଥର ନାମକରଣରେ ଗୌଡ଼ୀୟ ଗୋସାମୀ କୃତ 'ହରି ନାମାକୃତ ବ୍ୟାକରଣ'ର ପ୍ରଭାବ ସୁସ୍ପଷ୍ଟ। ଈଶ୍ୱର ବ୍ରହ୍ମା ଓ ଦ୍ୱିଜ ଈଶ୍ୱର ଦାସ ଏକ ଓ ଅଭିନ୍ନ ବୋଲି ଶ୍ରୀ କେଦାରନାଥ ମହାପାତ୍ର ତାଙ୍କର 'ଖୁରୁଧା ଇତିହାସ' ପୁସ୍ତକରେ ଅନୁମାନ କରିଛନ୍ତି।

୩୧- **ଉଛବ ଦାସ :** ଆନୁମାନିକ ୧୮ଶ ଶତାବ୍ଦୀର କବି। କେତେକ ଜଣାଣ ଓ କ୍ଷୁଦ୍ର କବିତାର ରଚୟିତା । ତାଙ୍କର ଗୋଟିଏ କବିତାର ଶେଷ ପଂକ୍ତି:

"ଗୀତେ ଉଛବ କହଇ ଶୃଙ୍ଖଳା ପଦ ବିସ୍ତାରି ।"

(Des. Cat of Or. Mass, P.227)

୩୨- **ଉଦ୍ଧବ ଦାସ** ୧୬ଶ ଶତାବ୍ଦୀ । 'ପଞ୍ଚସଖା'ର ଅନ୍ୟତମ ବିଶିଷ୍ଟ ସଖା 'ଭାଗବତ' କାର ଜଗନ୍ନାଥ ଦାସଙ୍କର ଶିଷ୍ୟ। କଟକ ଜିଲ୍ଲା ତିର୍ତ୍ତୋଲ ଓ କଟରପା ଦୁଇଟି ସ୍ଥାନରେ ଉଦ୍ଧବ ଦାସଙ୍କ ମଠର ସନ୍ଧାନ ମିଳିଛି। ତିର୍ତ୍ତୋଲରେ କୌଣସି ସନ୍ଧାନ ନଥିବା ସ୍ଥଳେ କଟରପାରେ ଏବେ ସୁଦ୍ଧା କମାରଶାଳ ନିକଟରେ କୃଷ୍ଣଙ୍କ ପାଦ ଚିହ୍ନିତ ଏକ ପ୍ରସ୍ତର ଦେଖିବାକୁ ମିଳେ। ଉଦ୍ଧବ ଦାସ ଜାତିରେ କମାର ଥିଲେ ଓ ଶିକ୍ଷାଦୀକ୍ଷା ବିଶେଷ ନଥିବା କଥା ତାଙ୍କ 'ଗୀତଗୋବିନ୍ଦ' ଅନୁବାଦ ବେଳେ ବାରମ୍ବାର ଉଲ୍ଲେଖ କରିଅଛନ୍ତି। ଜୟଦେବଙ୍କ 'ଗୀତଗୋବିନ୍ଦ'କୁ ଉଦ୍ଧବ ଦାସ ନବାକ୍ଷରୀ ବୃତ୍ତରେ ଚମତ୍କାର ଭାବେ ଅନୁଦିତ କରିଛନ୍ତି। ଏତଦ୍‌ବ୍ୟତୀତ ତାଙ୍କର 'କଳିଗମନ ଚଉତିଶା' ଓ ଗୋଟିଏ ମନ୍ତ୍ର ( କୌପୁନୀ ମନ୍ତ୍ର) ସଂଗୃହୀତ ହୋଇଥିବା ବିଷୟ ଶ୍ରୀ ବସନ୍ତ କୁମାର ସାହୁ (କୋଣାର୍କ - ୩୫ ଶ ସଂଖ୍ୟା ୧୯୭୮ ପୃ : ୨୪) ଉଲ୍ଲେଖ କରିଅଛନ୍ତି।

## ୩୩- ଉପେନ୍ଦ୍ର ଭଞ୍ଜ (ଆନୁମାନିକ ୧୬୭୦-୧୭୪୦)

ଉପେନ୍ଦ୍ର ଭଞ୍ଜ ଘୁମୁସରର ପ୍ରସିଦ୍ଧ ରାଜକବି ଧନଞ୍ଜୟ ଭଞ୍ଜଙ୍କର ପୌତ୍ର ଓ ନୀଳକଣ୍ଠଙ୍କ ପୁତ୍ର । ନିଜ ପିତା ୯୦ବର୍ଷ ବୟସ୍କ ବୃଦ୍ଧ ଧନଞ୍ଜୟଙ୍କୁ ମରାଇ ୧୭୦୧ରେ ରାଜପଦରେ ଅଭିଷିକ୍ତ ହୋଇଥିଲେ । ୩ ବର୍ଷକାଳ ରାଜା ହେବା ପରେ ୧୭୦୪ରେ ଉକ୍ତ ବଂଶୀୟ ଘନ ଭଞ୍ଜଙ୍କ ଦ୍ୱାରା ବିତାଡ଼ିତ ହୋଇ ପୁତ୍ର ଉପେନ୍ଦ୍ରଙ୍କ ସହିତ ନୟାଗଡ଼ ମାଳିସାହି ଗ୍ରାମରେ ବାସ କରିଥିଲେ । ସେଠାରେ ଅବସ୍ଥାନ ସମୟରେ 'ରାମତାରକ' ମନ୍ତ୍ର ଜପ ଦ୍ୱାରା ସିଦ୍ଧିଲାଭ କରି ଅଦ୍ଭୁତ କବିତ୍ୱ ଶକ୍ତି ଲାଭ କରିଥିବାର ଜନଶ୍ରୁତି ରହିଛି । ନୟାଗଡ଼ର ତତ୍‌କାଳୀନ ରାଜା ପୁରୁଷୋତ୍ତମସିଂହ ମାନ୍ଧାତା ଉପେନ୍ଦ୍ରଙ୍କ କବିତ୍ୱ ଓ ପାଣ୍ଡିତ୍ୱରେ ମୁଗ୍ଧ ହୋଇ ତାଙ୍କୁ ଆଶ୍ରୟ ଦେଇଥିଲେ ।

ଭଞ୍ଜଙ୍କ ରଚନାବଳୀକୁ ନିମ୍ନୋକ୍ତ ୫ଟି ଶ୍ରେଣୀରେ ବିଭକ୍ତ କରାଯାଇପାରେ ।

(୧) ଗୀତିକା : ଛ' ପୋଇ, ଶୋଳ ପୋଇ, ଗାହା, ଦୋହା, ଚଉତିଶା ସମୂହ, ଚଉପଦୀ ଭୂଷଣ, ଚଉପଦୀ ଚନ୍ଦ୍ର ।

(୨) ପୌରାଣିକ କାବ୍ୟ : ସୁଭଦ୍ରା ପରିଣୟ, ଅବନା ରସ ତରଙ୍ଗ, ବ୍ରଜଲୀଳା, ରାମ ଲୀଳାମୃତ, କୁଞ୍ଜବିହାରୀ, ରାହାସଲୀଳା, କଳାକଉତୁକ, ବୈଦେହୀଶ ବିଳାସ ।

(୩) କାଳ୍ପନିକ କାବ୍ୟ : ହେମମଞ୍ଜରୀ, ରସମଞ୍ଜରୀ, ଚିତ୍ରଲେଖା, ରସଲେଖା, ସୁବର୍ଣ୍ଣରେଖା, ଚନ୍ଦ୍ରରେଖା, ଲାବଣ୍ୟବତୀ, ଭାବବତୀ, ମୁକ୍ତାବତୀ, କଳାବତୀ, ଶୋଭାବତୀ, ଚନ୍ଦ୍ରକଳା, କାମକଳା, ମନୋରମା, ପ୍ରେମଲତା, ପ୍ରେମ ସୁଧାନିଧି, ରସିକ ହାରାବଳୀ, କୋଟିବ୍ରହ୍ମାଣ୍ଡ ସୁନ୍ଦରୀ, ତ୍ରୈଲୋକ୍ୟମୋହିନୀ ।

(୪) ଅଳଙ୍କାର କାବ୍ୟ : ଛାନ୍ଦଭୂଷଣ, ଚିତ୍ରକାବ୍ୟ ବନ୍ଧୋଦୟ, ରସପଞ୍ଚକ, ରସମଞ୍ଜରୀ ।

(୫) ବିବିଧ ରଚନା : ଷଡ଼୍‌ଋତୁ, ଗୀତାଭିଧାନ, ପୁରୁଷୋତ୍ତମ ମହାତ୍ମ୍ୟ ଓ ନାରଦ ପୁରାଣ ।

ଉପେନ୍ଦ୍ର ଭଞ୍ଜ 'ବ' ଅକ୍ଷର ଆଦ୍ୟରେ ବିରାଟ 'ବୈଦେହୀଶ ବିଳାସ' କାବ୍ୟ, 'ସ' ଅକ୍ଷରରେ ଆରମ୍ଭ ହୋଇଥିବା 'ସୁଭଦ୍ରା ପରିଣୟ' ଏବଂ ଆଦ୍ୟ ଓ ପ୍ରାନ୍ତରେ 'କ' ଥିବା କଳାକଉତୁକ ରଚନା କରିଥିଲେ । ଭଞ୍ଜଙ୍କ 'ରସପଞ୍ଚକ' ଓଡ଼ିଆ ଭାଷାରେ ରଚିତ ଅନ୍ୟତମ ଅଳଂକାର ଗ୍ରନ୍ଥ । 'ଗୀତଭିଧାନ' ପ୍ରଥମ ଓଡ଼ିଆ ଶବ୍ଦକୋଷ ଏବଂ 'ଚିତ୍ରକାବ୍ୟ ବନ୍ଧୋଦୟ' ଓଡ଼ିଆ ଭାଷାରେ ଏକ ନୂତନ ରଚନା ଶୈଳୀର ପ୍ରବର୍ତ୍ତକ । ଅନନ୍ୟ ସାଧାରଣ ଶବ୍ଦବୈଭବ, ବିଶାଳ ସଂସ୍କୃତ ସାହିତ୍ୟରେ ବ୍ୟବହୃତ ବହୁବିଧ ଅଳଙ୍କାରର ସମାବେଶ, ବିଚିତ୍ର ରଚନା ଚାତୁରୀ, ବିରାଟ କଳ୍ପନାବିଳାସ, ଭାଷାର ଚମତ୍‌କାରିତା, ନାନାବିଧ ରାଗ ଓ ବୃତ୍ତର ପ୍ରୟୋଗ ଦ୍ୱାରା ଭଞ୍ଜ ରୀତିଯୁଗରେ ଶୀର୍ଷତମ ସ୍ଥାନର ଅଧିକାରୀ ।

୩୪- କଣ୍ଣୁ ଦାସ : ଆନୁମାନିକ ୧୭ଶ ଶତାବ୍ଦୀର ଶେଷଭାଗ ଓ ୧୮ଶ ଶତାବ୍ଦୀର ପ୍ରଥମ ଦଶକର କବି । ପଣ୍ଡିତ ନୀଳମଣି ମିଶ୍ର ତାଙ୍କର 'ପ୍ରାଚୀନ ଓଡ଼ିଆ ଲିପି, ଭାଷା ଓ ସାହିତ୍ୟ' ପୁସ୍ତକରେ (ପୃ:୧୫୫) 'ନ' ପୋଇ', 'ଶବ୍ଦେ ପଦିଆ' ପୁସ୍ତକର ରଚୟିତା କଣ୍ଣୁ ଦାସଙ୍କୁ ନୀଳକଣ୍ଠ ଦାସ ରୂପେ ଗ୍ରହଣ କରିଛନ୍ତି ଏବଂ ନୀଳକଣ୍ଠ ଦାସଙ୍କ ପ୍ରକୃତ ନାମ 'ନୀଳକଣ୍ଠ ଖାଡ଼ଙ୍ଗା' ବୋଲି ଉଲ୍ଲେଖ କରିଛନ୍ତି । କବି ନୀଳକଣ୍ଠ ଦାସ ସୃଷ୍ଟିଜନ୍ମ, ଗୋଲକ ବର୍ଣ୍ଣନା, ସୀତା ଅନନ୍ତରୂପ ବର୍ଣ୍ଣନା ସହିତ ସଂପୂର୍ଣ୍ଣ ରାମାୟଣର କଥାବସ୍ତୁକୁ ସଂକ୍ଷେପରେ ବର୍ଣ୍ଣନା କରି 'ରାମଚନ୍ଦ୍ରିକା' ଶୀର୍ଷକ ଏକ ରାମକାବ୍ୟ ରଚନା କରିଛନ୍ତି । କଣ୍ଣୁ ଦାସଙ୍କ 'ନ ପୋଇ' କୃଷ୍ଣଲୀଳା ବିଷୟକ ଏବଂ ଏପର୍ଯ୍ୟନ୍ତ ମିଳିଥିବା 'ପୋଇ'ଗୁଡ଼ିକ ମଧ୍ୟରେ ପ୍ରାଚୀନତମ । ସ୍ମରଣ ମଙ୍ଗଳ ନାମକ ଗ୍ରନ୍ଥର ଭଣିତାରେ ବିପ୍ର କଣ୍ଣୁଦାସ ନାମ ଦେଖିବାକୁ ମିଳେ । ଶ୍ରୀ କେଦାର ନାଥ ମହାପାତ୍ର ତାଙ୍କ 'ଖୁରୁଧା ଇତିହାସ'ରେ (ପୃ.୧୪୨) 'ବିପ୍ର କଣ୍ଣୁଦାସ' ଏବଂ କଣ୍ଣୁ ଦାସଙ୍କୁ ଏକ ଓ ଅଭିନ୍ନ ବୋଲି ଗ୍ରହଣ କରିଛନ୍ତି । 'ଲାଖବିନ୍ଧା' ନାମକ ଅନ୍ୟଏକ କ୍ଷୁଦ୍ର ରଚନାରେ 'ନୀଳକଣ୍ଠ ଦାସଙ୍କ' ନାମ ଭଣିତା ମିଳୁଥିବା ବିଷୟ ପଣ୍ଡିତ ମିଶ୍ର ତାଙ୍କର ଉପରୋକ୍ତ ପୁସ୍ତକରେ ଉଲ୍ଲେଖ କରିଅଛନ୍ତି ।

୩୫- **କନ୍ଧ ମୁକୁନ୍ଦ** : ଆନୁମାନିକ ଊନବିଂଶ ଶତାବ୍ଦୀର କବି । ସେ କେତେକ ଚଉତିଶା ରଚନା କରିଥିଲେ । ତାଙ୍କ ରଚିତ ଏକ ଚଉତିଶାର ଶେଷ ପଂକ୍ତି ହେଲା :

"କ୍ଷେମେ ଚଉତିଶା ଗୀତ ଭଣିଲେ କନ୍ଧ ମୁକୁନ୍ଦ ନିଶାକର।"

(Des. Cat of Or. Mass. Vol-VIII.P.205)

୩୬- **କପିଳ ନରେଶ** ଆନୁମାନିକ ୧୮ଶ ଶତାବ୍ଦୀ । ଡ. ଜାନକୀବଲ୍ଲଭ ମହାନ୍ତିଙ୍କ 'ଓଡିଆ ଗୀତିକାବ୍ୟ ସଂକଳନ' ସ୍ଥ (ପୃ.୧୫) 'ସଖୀ ପ୍ରତି ରାଧା' ଚଉପଦୀର କବି କପିଳ ନରେଶ ଓ ଦିଗ୍‌ବିଜୟୀ ସମ୍ରାଟ କପିଳେନ୍ଦ୍ର ଏକ ବ୍ୟକ୍ତି ହେବା ବିଶ୍ୱାସଯୋଗ୍ୟ ନୁହେଁ ବୋଲି ଡ. ମହାନ୍ତି ଉଲ୍ଲେଖ କରିଛନ୍ତି ।

'ଏକା ଯମୁନାକୁ ଗଲି ନୀର ପାଇଁ ଗୋ, ପ୍ରିୟ ସହି ।। ଘୋଷା ।।' ଏହି ଚଉପଦୀର ପ୍ରଥମ ପଂକ୍ତି :

୩୭- **କପିଳା ମୁନି** : ଆନୁମାନିକ ୧୭ଶ ଶତାବ୍ଦୀ । 'ବା' ଚଉତିଶାର ରଚୟିତା ଭାବେ ପ୍ରସିଦ୍ଧ । ଶିଶୁ ଅନନ୍ତଙ୍କ ଗୁରୁ ପରଂପରାରେ ଜଣେ କପିଳମୁନିଙ୍କ ନାମ ଦେଖିବାକୁ ମିଳେ । 'ବା' ଚଉତିଶାର ଅନ୍ତିମ ପଦ "କ୍ଷମା ସାଗର ଠାକୁରଙ୍କୁ ଭଜିଣ ବିପ୍ର କପିଳା ମୁନି ବା ତୁମ୍ଭେ ଛ ଛନ୍ଦେ ଫେଡ଼ ସଙ୍କଟ" ।

(ଉ.ବି.)

୩୮- **କପିଳେନ୍ଦ୍ର ଦେବ** : (୧୪୩୫-୧୪୬୬) । ସମ୍ରାଟ କପିଳେନ୍ଦ୍ର-ଦେବ ସାହିତ୍ୟ ଓ କଳା ପୃଷ୍ଠପୋଷକ ଥିବା ସଙ୍ଗେସଙ୍ଗେ ନିଜେ ମଧ୍ୟ ଜଣେ ସ୍ରଷ୍ଟା ଥିଲେ । ତାଙ୍କର

'ପର୍ଶୁରାମ ବିଜୟ' ନାଟକ ବିଷ୍ଣୁ, ଶିବ ଓ ଜଗନ୍ନାଥଙ୍କର ବନ୍ଦନାମୂଳକ ମଙ୍ଗଳାଚରଣରୁ ଆରମ୍ଭ । ଏଥିରେ ପର୍ଶୁରାମଙ୍କର କାର୍ତ୍ତବୀର୍ଯ୍ୟାର୍ଜୁନଙ୍କୁ ବଧ କରିବା ଘଟଣା ବର୍ଣ୍ଣିତ । ଏହି ନାଟକଟି ସଂସ୍କୃତରେ ରଚିତ ହୋଇଥିଲେ ହେଁ ରାଣୀ ଚନ୍ଦ୍ରବଦନାଙ୍କ ମୁଖରେ ଓଡିଆ ସଙ୍ଗୀତ ଏହାର ବୈଶିଷ୍ଟ୍ୟ (କେବଣ ମୁନି କୁମର/ପରଶୁ ଦକ୍ଷିଣ କର/ ବାମେଣ ଶୋହେ ଧନୁଶର-ନା'' ଇତ୍ୟାଦି) ସମ୍ରାଟ କପିଳେନ୍ଦ୍ର ଦେବଙ୍କ ପୃଷ୍ଟପୋଷକତା ଫଳରେ ଓଡ଼ିଆ ସାହିତ୍ୟରେ ସାରଳା ଦାସଙ୍କ ପରି ପ୍ରତିଭା ସମ୍ଭବ ହୋଇଥିଲା ।

୩୯- **କବି ଦାସ :** ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । 'ଖଣ୍ଡିତା ରସ ଚଉପଦୀ'ର ରଚୟିତା। ତାଙ୍କର ଗୋଟିଏ ଚଉପଦୀର ଶେଷ ପଂକ୍ତି-କହେ କବିଦାସ/ଗୁଣି ରାଧିକା ପରମ ସନ୍ତୋଷ।

(Des. Cat of Or. Mass P.225)

୪୦- **କବି ବଲ୍ଲଭ :** ଆନୁମାନିକ ବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧ। କେତେକ ପ୍ରେମଧର୍ମୀ ଚଉପଦୀ ରଚନା କରିଛନ୍ତି।

(Des. Cat of Or. Mass Vol-IX P.98)

୪୧- **କବି ରବିତନୟ :** ଆନୁମାନିକ ୧୮ଶ ଶତାବ୍ଦୀ । କେତେକ କ୍ଷୁଦ୍ର କବିତାର ରଚୟିତା । ଗୋଟିଏ କବିତାର ଶେଷ ପଂକ୍ତି :-ଏ ରସେ/କବିର ବିତନୟ ଭାଷେ।

(Des. Cat of Or. Mass Vol-VIII P.237)

୪୨- **କପିଳେଶ୍ୱର ଦାସ :** ଆନୁମାନିକ ୧୬ଶ ଶତାବ୍ଦୀ। କବି 'କପଟ କେଳି' ନାମକ ଏକ କାବ୍ୟ ରଚନା କରି ରାଧାକୃଷ୍ଣ ପ୍ରେମଲୀଳାର ସଂକ୍ଷିପ୍ତ ଓ କବିତ୍ୱପୂର୍ଣ୍ଣ ବର୍ଣ୍ଣନା ଦେଇଛନ୍ତି। କୃଷ୍ଣ ନାରୀ ବେଶରେ ରାଧାଙ୍କ ନିକଟରେ ଗୋଟିଏ ରାତି ରହିବା ପରେ କପଟବେଶ ପରିହାର କରି ରାଧାଙ୍କୁ ଚମତ୍କୃତ କରି ଅଛନ୍ତି । ଏହି କ୍ଷୁଦ୍ର କାବ୍ୟରେ ବୈଷ୍ଣବ ତତ୍ତ୍ୱର ଅବତାରଣା କରାଯାଇନାହିଁ।

୪୩- **କପିଳେଶ୍ୱର ନନ୍ଦ :** ଆନୁମାନିକ ଊନବିଂଶ ଶତାବ୍ଦୀ । କବି 'ବାଲ୍ମିକୀ ରାମାୟଣ' ଅନୁବାଦ କରିଥିବା ପ୍ରସଙ୍ଗ ପଣ୍ଡିତ ନୀଳକଣ୍ଠ ମିଶ୍ର ତାଙ୍କର 'ପ୍ରାଚୀନ ଓଡିଆ ଲିପି, ଭାଷା ଓ ସାହିତ୍ୟ' ପୁସ୍ତକରେ (ପୃ-୧୦୯) ଦର୍ଶାଇଛନ୍ତି। ଏତଦ୍ ବ୍ୟତୀତ 'କପିଳ ସଂହିତା' ଓ 'ମହାଭାରତ'ର ମଧ୍ୟ ଅନୁବାଦ କରିଥିବା ବିଷୟ ପଣ୍ଡିତ ମିଶ୍ର ଉପରୋକ୍ତ ପୁସ୍ତକରେ (ପୃ-୨୦୦-୨୦୧) ଉଲ୍ଲେଖ କରିଅଛନ୍ତି। 'ତ୍ରିପୁରମୋହିନୀ ହରଣ' ବା 'ଶଙ୍କର ମେଳା' ନାମକ ରଚନାର ରଚୟିତା ଭାବେ ମଧ ପ୍ରସିଦ୍ଧ।

୪୪- **କବି କର୍ଣ୍ଣ :** ଆନୁମାନିକ ସପ୍ତଦଶ ଶତାବ୍ଦୀ । କବି କର୍ଣ୍ଣ ସର୍ବପ୍ରଥମେ ଓଡିଆ ପାଲା ପୁସ୍ତକ ପ୍ରଣୟନ କରିଥିଲେ। ସେ ବଙ୍ଗଳା ଓ ଓଡ଼ିଆ ମିଶା ଭାଷାରେ ପାଲା ପୁସ୍ତକ ପ୍ରଣୟନ କରି ସମାଜରେ 'ସତ୍ୟନାରାୟଣ ପାଲା'ର ପ୍ରଚଳନ କରାଇଥିଲେ। କବି

କର୍ଣ୍ଣଙ୍କ ରଚନାରେ ଅନୁପ୍ରାଣୀତ ହୋଇ କବି ବଲ୍ଲଭ ଭାଗୁରାମ, ଦ୍ୱିଜ ବିଶ୍ୱମ୍ଭର, ଦ୍ୱିଜ ବାସୁଦେବ, ଦ୍ୱିଜ ବିଶ୍ୱନାଥ ଆଦି କବିମାନେ ବଙ୍ଗଳା ଓଡ଼ିଆ ମିଶା ତଥା ବିଶୁଦ୍ଧ ଓଡ଼ିଆ ଭାଷାରେ ପାଲା ପୁସ୍ତକମାନ ରଚନା କରିଥିଲେ। ପ୍ରଥମେ ଓଡ଼ିଶାରେ 'ଷୋଳପାଲା'ର ପ୍ରଚଳନ କରାଯାଇଥିଲା। ପରବର୍ତ୍ତୀ କାଳରେ ଭ୍ରମରବର ପାଲା, ରଙ୍ଗଲତା ପାଲା ଆଦି ବହୁ ପାଲା ପୁସ୍ତକ ପ୍ରଣୀତ ହୋଇ ସମାଜରେ ପ୍ରଚାରିତ ହେଲା ।

ଭାରତରେ ମୁସଲମାନମାନଙ୍କ ରାଜତ୍ୱ କାଳରେ ହିନ୍ଦୁଧର୍ମ ରକ୍ଷା ଉଦ୍ଦେଶ୍ୟରେ 'ଇସଲାମ ଧର୍ମ'ର ସତ୍ୟପୀରଙ୍କୁ ସତ୍ୟନାରାୟଣ ଆଖ୍ୟା ଦେଇ 'ସତ୍ୟନାରାୟଣ ପାଲା'ର ପ୍ରଚଳନ କରାଯାଇଥିଲା।

(ପ୍ରା.ଓ.ଲି.ଭା.ସା.ପୃ-୮୩)

୪୫- **କବିଚନ୍ଦ୍ର** : ଆନୁମାନିକ ଅଷ୍ଟାଦଶ ଶତାବ୍ଦୀର କବି । ସେ ଅଙ୍ଗଦରାୟର ରଚୟିତା । ଏହାର ଶେଷ ପଂକ୍ତି:- "ରାୟେବାର ରଂଚିତ କୈଲ ସାହା କବିଚନ୍ଦ୍ର"। ତାଙ୍କ ରଚିତ ଅନ୍ୟ ଏକ ଗୀତର ଶେଷ ପଂକ୍ତି:- କହେ କବିଚନ୍ଦ୍ର ସେ ନରେନ୍ଦ୍ର ବଳା / ବିନୋଦ ବିହାରୀ ଶ୍ରୀଚରଣେ।

(Des. Cat of Or. Mass .Vol-VIII.P.209 & P.85)

୪୬- **କମଳଲୋଚନ ଖଡ୍‌ଗରାୟ** : ଅଷ୍ଟାଦଶ ଶତାବ୍ଦୀ ଶେଷଭାଗର କବି। 'ଗୀତ ମୁକୁନ୍ଦ', ସଙ୍ଗୀତ ଚିନ୍ତାମଣି', 'ବ୍ରଜଯୁବ ବିଳାସ', ଓ 'ଭଗବଲ୍ଲୀଳା ଚିନ୍ତାମଣି'ର ପ୍ରଣେତା । ଏ ପର୍ଯ୍ୟନ୍ତ ଏହି ୪ଟି ଗ୍ରନ୍ଥର ସନ୍ଧାନ ମିଳିଛି। ଶେଷୋକ୍ତ ଗ୍ରନ୍ଥ ରଚନା ସମୟରେ କବି ପୁରୀରେ ଅବସ୍ଥାନ କରୁଥିଲେ ଏବଂ ସେ କବିଭୂଷଣ ଗୋବିନ୍ଦ ସାମନ୍ତରାୟଙ୍କ ନାତି ବୋଲି ଉପରୋକ୍ତ ଗ୍ରନ୍ଥମାନଙ୍କରେ ଉଲ୍ଲେଖ କରିଛନ୍ତି। 'ଗୀତ ମୁକୁନ୍ଦ' ଓ ସଙ୍ଗୀତ ଚିନ୍ତାମଣି ଜୟଦେବଙ୍କ 'ଗୀତ ଗୋବିନ୍ଦ' ଅନୁକରଣରେ ଲିଖିତ। ଏ ଦୁଇଟି ଗ୍ରନ୍ଥ ନାଗପୁର ଭୋନ୍‌ସଲା ରାଜାଙ୍କ ଦ୍ୱାରା ବିଶେଷ ଆଦୃତ ହୋଇଥିଲା। 'ବ୍ରଜଯୁବ ବିଳାସ', ଶ୍ରୀରାଧାକୃଷ୍ଣ ଲୀଳା ବର୍ଣ୍ଣନାତ୍ମକ କାବ୍ୟ ଏବଂ ଏହା ୧୭ଟି ସର୍ଗରେ ବିଭକ୍ତ। 'ଭଗବଲ୍ଲୀଳା ଚିନ୍ତାମଣି' ଶ୍ରୀମତ୍ ଭାଗବତ ଦଶମ ସ୍କନ୍ଧର ଟୀକା। କବି ନିଜର କୃତି ଯୋଗୁଁ ସମଗ୍ର ଭାରତରେ ଖ୍ୟାତିଲାଭ କରିଥିଲେ ଏବଂ ନାଗପୁର ଭୋନ୍‌ସଲାଙ୍କ ଦରବାରରେ ଅତ୍ୟନ୍ତ ସମ୍ମାନିତ ହୋଇଥିଲେ। କମଳଲୋଚନ ଜୟଦେବଙ୍କ ସମକକ୍ଷ କବି ।

(ଖ୍ରୁ. ଇତିହାସ.ପୃ-୨୫୨)

୪୭- **କରୁଣାକର ପଟ୍ଟନାୟକ** : ଅଷ୍ଟାଦଶ ଶତାବ୍ଦୀର କବି । କବି ବଡ଼ମ୍ବାଗଡ଼ର ବେବର୍ତ୍ତା ଭାଗୀରଥି ପଟ୍ଟନାୟକଙ୍କର ନାତି ଓ ଗଦାଧର ପଟ୍ଟନାୟକଙ୍କ ପୁତ୍ର ଥିଲେ। କରୁଣାକରଙ୍କ ଜ୍ୟେଷ୍ଠ ପିତୃବ୍ୟ ଗଣିତଜ୍ଞ ଓ କବି ଚନ୍ଦ୍ରଶେଖର ପଟ୍ଟନାୟକଙ୍କ 'କୃଷ୍ଣ ରସାମୃତ' ରାଧାକୃଷ୍ଣ ଲୀଳା ଅବଲମ୍ବନରେ ଲିଖିତ କରୁଣାକର ପଟ୍ଟନାୟକଙ୍କର ଏକମାତ୍ର ପ୍ରକାଶିତ କାବ୍ୟ। ଏହାର ମୋଟ୍ ଛାନ୍ଦ ସଂଖ୍ୟା ୪୪ ଏବଂ ଏହା ମୁକୁନ୍ଦଦେବଙ୍କ

ଦଶଅଙ୍କ ବା ୧୮୦୬ ଖ୍ରୀଷ୍ଟାବ୍ଦରେ ସମାପ୍ତ ହୋଇଥିବା ଶେଷଛାନ୍ଦରେ ସୂଚିତ । କେବଳ କରୁଣାକର ଭଣିତା ଥିବା କେତେକ ପ୍ରେମ କବିତା ଦେଖିବାକୁ ମିଳିଥାଏ ।

(ଖ୍ରୁ. ଇତିହାସ. ପୃ. ୨୪୩)

୪୮- **କଳ୍ପତରୁ ଦାସ** : ଅଷ୍ଟାଦଶ ଶତାବ୍ଦୀର କବି । 'ରାମଲୀଳା' (ଅପ୍ରକାଶିତ) ।

(କୃ.ଚ.ସା)

୪୯- **କହ୍ନାଇ** : ଆନୁମାନିକ ୧୮ଶ ଶତାବ୍ଦୀ । ସେ କେତେକ ପ୍ରେମମୂଳକ ଚଉପଦୀର ରଚୟିତା । କବିଙ୍କର ଗୋଟିଏ ଭଣିତା ହେଲା "ବୋଲେ କହ୍ନାଇ ବିହି କଲେ ଯାଇଁ ନାଶିବି ମଦନ ଭୀତିକି ।"

(ଓ.ଗୀ.ସଂ.ପୃ-୧୬)

୫୦- **କହ୍ନାଇ ଖୁଣ୍ଟିଆ** ୧୬ଶ ଶତାବ୍ଦୀ କବି । ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଶିଷ୍ୟ । ତାଙ୍କର ରଚନା 'ଶ୍ରୀ ମହାଭାବ ପ୍ରକାଶ' ଏହା ଅସଂପୂର୍ଣ୍ଣ ଭାବରେ ଶ୍ରୀ ଫକୀର ମୋହନ ଦାସଙ୍କ ଦ୍ୱାରା ୧୯୭୦ ମସିହାରେ ପ୍ରକାଶିତ । 'ଶ୍ରୀଚୈତନ୍ୟ ଚରିତାମୃତ' ବର୍ଣ୍ଣନା ଅନୁଯାୟୀ ଏକଦା ପୁରୀରେ ନନ୍ଦୋତ୍ସବ ଦିନ ଶ୍ରୀଚୈତନ୍ୟ ଅପୂର୍ବ ଗୋପାଳ ବେଶ ଧାରଣ କରିଥିବା ବେଳେ କହ୍ନାଇ ଖୁଣ୍ଟିଆ ନନ୍ଦ ବେଶ ଧାରଣ କରିଥିଲେ ।

'ମହାଭାବ ପ୍ରକାଶ'ରେ କବି ନିଜର ବଂଶ ପରିଚୟ ଦେବାକୁ ଯାଇ ପିତାଙ୍କ ନାମ ନିରଞ୍ଜନ ଖୁଣ୍ଟିଆ ଓ ଜନ୍ମସ୍ଥାନ ହରଚଣ୍ଡୀ ସାହି ବୋଲି ଉଲ୍ଲେଖ କରିଛନ୍ତି ।

୫୧- **କହ୍ନାଇ ଦାସ** : ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । ସେ 'ଗୋପୀଚିନ୍ତା ଗୀତା' ନାମକ କୃଷ୍ଣ କାବ୍ୟ ରଚନା କରିଥିବାର ଜଣାଯାଏ ।

(ପ୍ରା.ଓ.ଲି.ଭା.ସା.ପୃ.୧୫୨)

୫୨- **କାର୍ତ୍ତିକ ଦାସ** : ଆନୁମାନିକ ୧୬ଶ ଶତାବ୍ଦୀର ଶେଷଭାଗ । କବି ବାଲେଶ୍ୱର ଅଞ୍ଚଳର ହୋଇଥିବା ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶ ଅନୁମାନ କରନ୍ତି । ତାଙ୍କର 'ରୁକ୍ମିଣୀ ବିଭା' ପୌରାଣିକ ଆଖ୍ୟାନ ଅବଲମ୍ବନରେ ରଚିତ । ଏଥିରେ ସ୍ୱକୀୟା ପ୍ରୀତି ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି । ଶିଶୁପାଳ ଓ ଜରାସନ୍ଧ ସହିତ ଯୁଦ୍ଧ କରିବା ପରେ ଶ୍ରୀକୃଷ୍ଣ ରୁକ୍ମିଣୀଙ୍କୁ ବିବାହ କରିଛନ୍ତି । ନାୟିକାର ନାୟକ ପାଖକୁ ଚିଟାଉ ଲେଖିବା କାବ୍ୟର ସ୍ଥାନେ ସ୍ଥାନେ ଅଳଂକାର ପ୍ରୟୋଗ ଏବଂ କଥାବସ୍ତୁରେ ଆଗାମୀ ରୀତିଯୁଗର ସଂକେତ ସୂଚିତ ।

୫୩- **କାଳିନ୍ଦୀ ଦାସ** : ଆନୁମାନିକ ୧୯ଶ ଶତାବ୍ଦୀର କବି ଓ 'ବ୍ରହ୍ମସଂହିତା'ର ରଚୟିତା ।

(କୃ. ଚ. ସା)

୫୪- **କାଶୀ (ଦିନ)** : ଆନୁମାନିକ ୧୮ଶ ଶତାବ୍ଦୀ । କେତେକ ଖଣ୍ଡ କବିତାର ରଚୟିତା ଭାବରେ ପ୍ରସିଦ୍ଧ ।

(କୃ.ଚ.ସା.)

**୫୫- କାଶୀ ଦାସ (ବିପ୍ର)** : ଆନୁମାନିକ ୧୮ଶ ଶତାବ୍ଦୀ । ସେ 'ଗୁଣ୍ଡିଚା ବିଜେ' କାବ୍ୟ ଏବଂ 'କୋଟାଇତା ଗୁଣ୍ଡିଚା' ରଚନା କରିଥିଲେ। ତାଙ୍କ ରଚିତ 'କରୁଣା ସାଗର ଚଉତିଶା'ର ଶେଷ ପଂକ୍ତି- "କ୍ଷୁଦ୍ର ବୁଦ୍ଧି ମୋହର ବିପ୍ର କାଶୀ ପାମର।"

(D.C.O.M.-Vol.-P-120)

**୫୬- କାଶୀନାଥ ଦ୍ୱିଜ** : ଆନୁମାନିକ ୧୯ଶ ଶତାବ୍ଦୀ । କବିଙ୍କ ନାମ ଭଣୀତା ଥାଇ ('ବୋଲେ କାଶୀ ଦ୍ୱିଜ ବାରେ ଭଜିବୁ'-'ଓଡ଼ିଆ ଭଜନ'-୨ୟ ଭାଗ-ପୃ-୧୭) କେତେକ ଭଜନ ଦେଖିବାକୁ ମିଳେ। ଅନ୍ୟ ଏକ କବିତାର ଭଣୀତାରୁ କବି ପୁରୀ ନିବାସୀ ଥିବାର ('ଭଣଇଁ କାଶୀ ସେ କ୍ଷେତ୍ରେ ବସି') ଜଣାଯାଏ।

(ଓ.ଗୀ.କା.-ପୃ-୨୮୧)

**୫୭- କାଶୀ ବସନ୍ତିଆ** : ଆନୁମାନିକ ୧୮ଶ ଶତାବ୍ଦୀ । ସେ 'ବନବାସ କୋଇଲି' ଓ ଆଉ କେତେକ କୋଇଲି ରଚନା କରିଥିବାର ଜଣାଯାଏ।

(ପ୍ରା.ଓ.ଲି.ଭା.ସା.-ପୃ-୭୫)

**୫୮- କାହ୍ନୁଚରଣ** ୧୯ଶ ଶତାବ୍ଦୀ । କବି 'ତ୍ରିନାଥ ମେଳା'ର ରଚୟିତା।

(D.C.O.M.-Vol.-IX-P-297)

**୫୮- କାହ୍ନୁ ଦାସ** : ଜନ୍ମ ୧୬୭୮ । କବି ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ମଙ୍ଗଳପୁର ଗ୍ରାମରେ ବ୍ରାହ୍ମଣ ପରିବାରରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ ରଘୁନାଥ ମହାପାତ୍ର। ସେ ନବାକ୍ଷରୀ ଭାଗବତ ବୃତ୍ତରେ "ରାମରସାମୃତ ସିନ୍ଧୁ" ନାମକ ଗ୍ରନ୍ଥ ରଚନା କରି ପ୍ରସିଦ୍ଧି ଲାଭ କରିଥିଲେ। ଉକ୍ତ ଗ୍ରନ୍ଥର ବିଶେଷତ୍ୱ ହେଲା ଏହାର ଅଧ୍ୟାୟସଂଖ୍ୟା ଏକଶହ ଆଠ ଓ ପ୍ରତ୍ୟେକ ଅଧ୍ୟାୟ ଏକଶହ ଆଠପଦ ବିଶିଷ୍ଟ। ଉକ୍ତ ଗ୍ରନ୍ଥ ବଳରାମ ଦାସଙ୍କ ଜଗମୋହନ ରାମାୟଣ ଅବଲମ୍ବନରେ ଲିଖିତ। କାବ୍ୟ ଆରମ୍ଭରେ ଜଗନ୍ନାଥ, ବଳରାମ, ସୁଭଦ୍ରା, ସୁଦର୍ଶନ ଓ ମହାଲକ୍ଷ୍ମୀଙ୍କୁ ସ୍ତୁତି କରାଯାଇଛି। କବି କେତେକ ଜଣାଣ ଓ ଭଜନ ମଧ ଲେଖିଥିବା ଜଣାଯାଏ।

(ପ୍ରା.ଓ.ଲି.ଭା.ସା-୭୯)

**୬୦- କାହ୍ନୁ ପାଦ** : ୧୦ମ ଶତାବ୍ଦୀ । କାହ୍ନୁପାଦ ନାମଟି ଉଭୟ ସିଦ୍ଧ ଓ ନାଥ ପରଂପରାରେ ସୁପ୍ରତିଷ୍ଠିତ। ଏହି ନାମରେ ଏକାଧିକ ବ୍ୟକ୍ତି ପ୍ରଖ୍ୟାତ ହୋଇଥିବା ଅସମ୍ଭବ ନୁହେଁ । କିନ୍ତୁ ସେମାନଙ୍କ ମଧରେ ଓଡିଶାର ଅଧିବାସୀ, ବ୍ରାହ୍ମଣ କୁଳ ସମ୍ଭୂତ, ଜଳନ୍ଧରୀ ଶିଷ୍ୟ ସିଦ୍ଧାଚାର୍ଯ୍ୟ କାହ୍ନୁ କବିତ୍ୱ ଏବଂ ପାଣ୍ଡିତ୍ୟ ଗୁଣରେ ଏକ ବିଶିଷ୍ଟ ଆସନର ଅଧିକାରୀ ହୋଇଥିଲେ। "ନଗର ବାହିରେ ରେ ଡୋମ୍ବି ତୋହରି କୁଡ଼ିଆ" ତାଙ୍କର ପ୍ରସିଦ୍ଧ ଚର୍ଯ୍ୟାପଦ।

**୬୧- କିଶୋର ଦାସ** : ଆନୁମାନିକ ୧୮ଶ ଶତାବ୍ଦୀ । ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମାଙ୍କ ଗୁରୁ । କବିଙ୍କର ଦୁଇଟି ଭକ୍ତି କବିତା ସଂଗୃହୀତ।

(ଓ.ଗୀ.କା. ପୃ-୨୮୨)

୬୨- **କିଶୋର ଚନ୍ଦ୍ର ରାଜେନ୍ଦ୍ର** : ୧୯ଶ ଶତାବ୍ଦୀର ଶେଷଭାଗ । କବି କିଶୋରଚନ୍ଦ୍ର ପାଟଦେଓ ନାମରେ ମଧ୍ୟ ଖ୍ୟାତ । ଚିକିଟିର ରାଜା ବିଶ୍ୱମ୍ଭର ରାଜେନ୍ଦ୍ରଙ୍କ ପୁତ୍ର । ତାଙ୍କ କୃତ ' ବିଦଗ୍ଧ ମାଧବ' ନାଟକ 'ରାଧାପ୍ରେମଲୀଳା', 'ବସନ୍ତରାସ', 'ଝୁଲଣ ଚମ୍ପୂ', 'ଚନ୍ଦନଯାତ୍ରା ପାଲା' ଓ 'କିଶୋରଚନ୍ଦ୍ର ପାଲା' ପ୍ରଭୃତି ଗ୍ରନ୍ଥ ଦେଖିବାକୁ ମିଳେ ।

'ରାଧାପ୍ରେମଲୀଳା' ନାଟକଟି ତାଙ୍କ ପିତା ବିଶ୍ୱମ୍ଭର ରାଜେନ୍ଦ୍ରଙ୍କ ଦ୍ୱାରା ପ୍ରଣୀତ ହୋଇ କିଶୋରଚନ୍ଦ୍ରଙ୍କ ନାମରେ ଭଣିତା ହୋଇଥିବା ଜଣାଯାଏ । ଏ ସମ୍ବନ୍ଧରେ କିମ୍ବଦନ୍ତୀ ଶୁଣାଯାଏ ଯେ, ରଘୁନାଥ ରାଜଗୁରୁ ନାମରେ ଜଣେ ପଣ୍ଡିତ ଉକ୍ତ ଗ୍ରନ୍ଥଟି ରଚନା କରି ରାଜକବି ବିଶ୍ୱମ୍ଭରଙ୍କ ଆଦେଶରେ ରାଜକୁମାର କିଶୋର ଚନ୍ଦ୍ରଙ୍କ ନାମରେ ଭଣିତା କରିଥିଲେ । ଠିକ୍ ସେହିପରି ଅନ୍ୟାନ୍ୟ ପୁସ୍ତକଗୁଡ଼ିକ ସମ୍ବନ୍ଧରେ ମଧ୍ୟ ଏହିଭଳି କିମ୍ବଦନ୍ତୀ ରହିଅଛି । ସେ କେତେକ ପ୍ରେମ କବିତା ରଚନା କରିଥିଲେ ।

(D.C.OM.-Vol-Or. VIII.Pages-279)

୬୩- **କିଶୋରାନନ୍ଦ** : ୧୭ଶ ଶତାବ୍ଦୀ । ପ୍ରଭୁ ରସିକାନନ୍ଦଙ୍କ ଶିଷ୍ୟ । ଶ୍ରୀ କିଶୋରନନ୍ଦ ଓଡ଼ିଆ ଛାନ୍ଦ ଆକାରରେ ରେମୁଣାସ୍ଥିତ କ୍ଷୀରଚୋରା ଗୋପୀନାଥଙ୍କ ମାହାତ୍ମ୍ୟ ଓ ରସିକାନନ୍ଦଙ୍କ ଜୀବନୀ 'ଶ୍ରୁତିସାର' ନାମକ ଗ୍ରନ୍ଥରେ ବର୍ଣ୍ଣନା କରିଥିଲେ ।

(ଖୁ. ଇତିହାସ. ପୃ-୮୫)

୬୪- **କୁଅଁର** : ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । ତାଙ୍କ ରଚିତ 'କମଳାକାନ୍ତ ଚଉତିଶା'ର ଶେଷ ପଂକ୍ତି: କ୍ଷିଦ୍ରବୁଦ୍ଧି କହେ କୁଅଁର ।.....

(Des.Cat.of Or.Mass. -Vol-VIII P-208)

୬୫- **କୁଞ୍ଜବନ ପଟ୍ଟନାୟକ** : ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । ସେ କୁଞ୍ଜବିହାରୀ କାବ୍ୟ ରଚନା କରିଥିଲେ । ତାଙ୍କ ରଚନାର ଏକ ପଂକ୍ତି ହେଉଛି :-

"ଦରପକ ଦରପ କଲେ ନାଶ ବିଶେଷେ,
କୁଞ୍ଜବନ କୁଞ୍ଜବନ ଚନ୍ଦ୍ର ସେ ଭାଷେ ସେ ।"

(ଉ.ବି-ପାଣ୍ଡୁଲିପି)

୬୬- **କୁଞ୍ଜବିହାରୀ** : ଆନୁମାନିକ ୧୮ଶ ଶତାବ୍ଦୀ । କବି 'ମଙ୍ଗଳ ଗୀତ' ରଚନା କରିଥିଲେ ।

(ପ୍ରା.ଓ.ଲି.ଭା.ସା. ପୃ-୮୧)

୬୭- **କୁଞ୍ଜବିହାରୀ ନୃପ** : ଅଷ୍ଟାଦଶ ଶତାବ୍ଦୀ । ସେ କେତେକ ଜଣାଣ ଓ ଭଜନ ଲେଖିଥିବାର ଜଣାଯାଏ ।

(ପ୍ରା.ଓ.ଲି.ଭା.ସା. ପୃ.-୭୯)

୬୮- **କୁଞ୍ଜବିହାରୀ ଭ୍ରମରବର** : ୧୮ଶ ଶତାବ୍ଦୀ । କବି ଢେଙ୍କାନାଳ ରାଜ କବି ନୃସିଂହ ଭ୍ରମରବରଙ୍କ ପୁତ୍ର । ସେ କବିବର ବିଷ୍ଣୁଦାସ କୃତ 'ପ୍ରେମଲୋଚନା' କାବ୍ୟର ଗୌରବ

କ୍ଷୁଣ୍ଣ କରିବା ପାଇଁ ୨୮ ଛାନ୍ଦ ବିଶିଷ୍ଟ 'ପ୍ରେମଶୀଳା' ନାମକ ଏକ ବୃହତ୍ କାଳ୍ପନିକ କାବ୍ୟ ରଚନା କରିଥିଲେ । କୁଞ୍ଜବିହାରୀ ଖୁରୁଧା ଗଜପତିଙ୍କ ଦୂର ସଂପର୍କୀୟ ଅନୁଜ ଥିଲେ।

(ଖୁରୁଧା ଇତିହାସ ପୃ.-୧୬୭)

୬୯- **କୁଞ୍ଜ ମଙ୍ଗରାଜ** : ଆନୁମାନିକ ଅଷ୍ଟାଦଶ ଶତାବ୍ଦୀର କବି ଓ 'କୋକିଳ ଚଉତିଶା' ରଚୟିତା ।

(Des.Cat.of Or. Mass. -Vol-VI-P-194)

୭୦- **କୁଞ୍ଜ ସିଂହ** ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ ଓ କେତେକ ରୀତିସିଦ୍ଧ ପ୍ରେମ କବିତାର ରଚୟିତା ।

(Des.Cat.of Or. Mass. -Vol-VIII-P-213)

କୁଞ୍ଜବିହାରୀ ରାଜେନ୍ଦ୍ର ଦେବ ଭଣିତା ଥିବା କେତେକ କବିତା ଦେଖିବାକୁ ମିଳେ। ସେ ପାଲୁରର (ଆନ୍ଧ୍ରପ୍ରଦେଶସ୍ଥିତ) ରାଜା ଥିବା କଥା ତାଙ୍କ ଭଣିତାରୁ ଜଣାଯାଏ। ତାଙ୍କ ଚରିତ ଏକ ଚଉପଦୀର ଶେଷ ପଂକ୍ତି: "କୁଞ୍ଜବିହାରୀ କହନ୍ତି ଗୀର ।"

(Des.Cat.of Or. Mass. -Vol-VIII-P-213)

୭୧- **କୁଳମଣି ରାଜେନ୍ଦ୍ର** : ଆନୁମାନିକ ୧୭୩୧-୧୭୬୪ । ଚିକିଟିର ରାଜା। ସେ ଜଣେ 'ସାହିତ୍ୟ-ରସ-ପଣ୍ଡିତ' ରୂପେ ଖ୍ୟାତିଲାଭ କରିଥିଲେ। ସେ ଅନେକ ଚଉପଦୀ ରଚନା କରିଅଛନ୍ତି। ତାଙ୍କ ଦ୍ୱାରା ଲିଖିତ କୌଣସି ପୂର୍ଣ୍ଣାଙ୍ଗ ଗ୍ରନ୍ଥ ସମ୍ଭବତଃ ଏପର୍ଯ୍ୟନ୍ତ ମିଳି ନାହିଁ । ତାଙ୍କର ଗୋଟିଏ ଚଉପଦୀ ଡ. ଜାନକୀବଲ୍ଲଭ ମହାନ୍ତି, ସ୍ୱ 'ଗୀତକାବ୍ୟ ସଙ୍କଳନ' (ପୃ୨୧) ରେ (୧ମ ଧାଡ଼ି କହଗୋ ଦୂତୀ ତାଙ୍କର ମୋତେ କାହିଁଗଲେ ହରି ଗୋ) ଗୋଟିଏ ଓ ପଣ୍ଡିତ ନୀଳମଣି ମିଶ୍ର ତାଙ୍କର 'ଓଡ଼ିଆ କବି ଓ କାବ୍ୟ' (ପୃ-୧୩୫) ରେ (୧ମ ଧାଡି-ଚନ୍ଦ୍ରମା ବଦନୀ ତେଜ ମାନରେ) ଅନ୍ୟ ଗୋଟିଏ ଚଉପଦୀର ଉଲ୍ଲେଖ କରିଛନ୍ତି।

(ପ୍ରା.ଓ.ଲି.ଭା. ସା.ପୃ-୬୩)

୭୨- **କୁଳମଣି ଦ୍ୱିଜ** : ଆନୁମାନିକ ଉନବିଂଶ ଶତାବ୍ଦୀ । କେତେକ ସାଧାରଣ ପ୍ରେମଧର୍ମୀ କବିତାର ଲେଖକ। ତାଙ୍କର ଗୋଟିଏ କବିତାର ଶେଷ ପଂକ୍ତି "କୁଳମଣି ବୋଲେ ଗୁଣ ଗ୍ରାହିକା ତୁ ନାଗରୀଙ୍କ ଶିରୋମଣି।"

(Des.Cat.of Or.Mass. -Vol-VIII-P-212)

୭୩- **କୃପାସିନ୍ଧୁ** : ଉନବିଂଶ ଶତାବ୍ଦୀର ଶେଷାର୍ଦ୍ଧ। ତାଙ୍କର ଚଉପଦୀର ଆଦ୍ୟ ପଂକ୍ତି "ଜୟ ଶ୍ରୀରାଧେ ବୋଲି ବାଜେ ମୁରଲି ।" ସେ ଛବିଶ ପଦିଆ ରଚନା କରିଥିବାର ଜଣାଯାଏ। ଏହାର ଶେଷ ପଂକ୍ତି: "କହି ଏ ବଚନ/ ବୋଲେ କୃପାସିନ୍ଧୁ ତେଜିଲା ଜ୍ଞାନ ।'

(Des.Cat.of Or.Mass. -Vol-IX-P-28)

୭୪- **କୃପାସିନ୍ଧୁ ଛୋଟରାୟ** : ଆନୁମାନିକ ୧୮ଶ ଶତାବ୍ଦୀ । ସେ କେତେକ 'ମଙ୍ଗଳ ଗୀତ' ରଚନା କରିଥିଲେ।

(ପ୍ରା.ଓ.ଲି.ଭା.ସା. ପୃ.-୮୧)

୭୫- **କୃପାସିନ୍ଧୁ ଦାସ** : (୧) ଅଷ୍ଟାଦଶ ଶତାବ୍ଦୀ । ପିତାଙ୍କ ନାମ ବାସୁଦେବ। ସେ 'ଉପାସନା ଦୀପିକା' ବା 'ଉପାସନା ଚନ୍ଦ୍ରୋଦୟ' ନାମକ ଗ୍ରନ୍ଥର ପ୍ରଣେତା । କବିଙ୍କ ପିତା ବାସୁଦେବ କିଛିକାଳ ଖେମୁଣ୍ଡି ରାଜ୍ୟ ଶାସନ କରିଥିଲେ।

(ଖୁ.ଇ.-୧୪୯)

୭୬- **କୃପାସିନ୍ଧୁ ଦାସ** (୨) ଅଷ୍ଟାଦଶ ଶତାବ୍ଦୀ । କଟକ ଜିଲ୍ଲା ଡାଳିଯୋଡ଼ା ନିବାସୀ ଭାଗୀରଥି ଖରସୁଧା ପଟ୍ଟନାୟକଙ୍କ ପୁତ୍ର। ସେ 'ବ୍ରଜବିହାର' ଗ୍ରନ୍ଥର ପ୍ରଣେତା। ଉକ୍ତ ଗ୍ରନ୍ଥର ପଦ ସଂଖ୍ୟା ୯୯୮। ରାଧାକୃଷ୍ଣଙ୍କ ପ୍ରଣୟ, କଳହ, ମାନ ଓ ମିଳନ ଆଦି ଏଥିରେ ସୁନ୍ଦର ଭାବରେ ବର୍ଣ୍ଣିତ। ୧୭୪୫ରେ କବି ଉକ୍ତ ଗ୍ରନ୍ଥ ସମାପ୍ତ କରିଥିଲେ। ସେ ପରମବୈଷ୍ଣବ ଥିବାରୁ ରାଜା ତାଙ୍କୁ ପୁରୀରେ ଉଆସ କୋଠକରଣ ରୂପେ ନିଯୁକ୍ତ କରିଥିଲେ । ସେଠାରେ ସେ ଜଗନ୍ନାଥ ମହାପ୍ରଭୁଙ୍କ ବାରମାସର ଯାତ୍ରାକାର୍ଯ୍ୟ ବୁଝୁଥିଲେ। (ଖୁ.ଇ.ପୃ-୨୦୮) ସେ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନ ଭଜନ ଲେଖିଥିବା ଖୁବ୍ ସମ୍ଭବ।

(ଓ.ଗୀ.କା. ପୃ.-୨୮୨)

ବାଣପୁର ନିବାସୀ ଜନୈକ କୃପାସିନ୍ଧୁ ମଧ୍ୟ 'ବ୍ରଜବିହାର' ଶୀର୍ଷକ ଏକ ଗ୍ରନ୍ଥ ଏବଂ କୃପାସିନ୍ଧୁ ପଟ୍ଟନାୟକ 'ସଜନୀ ଚଉତିଶା' ନାମକ ଏକ ଚଉତିଶା ରଚନା କରିଥିବା ଜଣାଯାଏ।

(ଓ.ଗୀ.କା.ପୃ.-୨୮୨)

୭୭- **କୃପାସିନ୍ଧୁ ଦାସ** (୩) ଅଷ୍ଟାଦଶ ଶତାବ୍ଦୀ । ଧରାକୋଟ ଅନ୍ତର୍ଗତ ଋଷିକୁଲ୍ୟା ତୀରବର୍ତ୍ତୀ ମଙ୍ଗଳପୁର ଗ୍ରାମରେ ବ୍ରାହ୍ମଣ ପରିବାରରେ ଜନ୍ମ ଗ୍ରହଣ କରିଥିଲେ। ସେ ଖଣ୍ଡିଏ 'ରାମାୟଣ' ରଚନା କରିଥିଲେ। ଏହା ଗଞ୍ଜାମ ଅଞ୍ଚଳରେ 'କୃପାସିନ୍ଧୁ ରାମାୟଣ' ବା 'ସିନ୍ଧୁ ରାମାୟଣ' ନାମରେ ଖ୍ୟାତ। କୃଷ୍ଣଚନ୍ଦ୍ର ରାଜେନ୍ଦ୍ରଙ୍କ ଉଦ୍ୟମରେ ଲିଖିତ 'ରାମଲୀଳା'ରେ ଜନୈକ କୃପାସିନ୍ଧୁ ଦାସଙ୍କ ନାମ ଭଣିତା ଥିବା ଦୁଇଟି ଗୀତ ମିଳେ। ଉଭୟ କୃପାସିନ୍ଧୁ ଦାସ ଏକ ଓ ଅଭିନ୍ନ ଥିବାର ମନେହୁଏ। **ବିପ୍ର କୃପାସିନ୍ଧୁ** 'ତେଣ୍ଟାପୋଶି ଯୁଦ୍ଧ' ରଚନା କରିଥିବା ଜଣାଯାଏ।

(ଖୁରୁଧା ଇତିହାସ ପୃ.-୨୨୩)

୭୮- **କୃପାସିନ୍ଧୁ ସିଂହଦେଓ** : ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । ସେ ମଙ୍ଗଳ ଗୀତ ରଚନା କରିଥିଲେ।

(ପ୍ରା.ଓ.ଲି.ଭା.ସା. ପୃ.-୮୧)

୭୯- **କୃପାସିନ୍ଧୁ ସାମନ୍ତ** : ଅଷ୍ଟାଦଶ ଶତାବ୍ଦୀ । ସେ 'ଛପନ ପଦିଆ' ରଚନା କରିଥିଲେ। ତାଙ୍କର ଏକ ଚଉପଦୀର ଶେଷ ପଂକ୍ତି: "(ଗୋପୀନାହା/ଭଣେ କୃପାସିନ୍ଧୁ ସୁମନ୍ତ ଏହା ।)"

(Des.Cat.of Or. Mass. -Vol-VIII.P-214)

୭୯- **କୃଷ୍ଣ କର** ୧୮୦୧-୧୮୯୪ ମସିହା। ଜନ୍ମ ବାରଙ୍ଗପାଲି। ସମ୍ବଲପୁର ଜିଲ୍ଲା। କବି ପଦ୍ମଦରପୋଇ ରଚନା କରିଥିଲେ। ଏତଦ୍‌ବ୍ୟତୀତ ସେ କୁଞ୍ଜବିହାର, ରଘୁନାଥ ବିଳାସ ଓ କେତେକ ଚଉତିଶା, ଭକ୍ତି ଗୀତିକା ରଚନା କରିଥିଲେ।

(ଓଡିଆ ପୋଇ ସାହିତ୍ୟ ପୃ-୧୧୮-୧୩୨)

୮୧- **କୃଷ୍ଣଚରଣ ପଟ୍ଟନାୟକ** : ଆନୁମାନିକ ଉନବିଂଶ ଶତାବ୍ଦୀ । ସେ 'ରାମାୟଣ'ର ଅନୁବାଦ କରିଥିଲେ ।

(ପ୍ରା.ଓ.ଲି.ଭା.ସା.ପୃ-୨୦୧)

୮୨- **କୃଷ୍ଣଚନ୍ଦ୍ର** ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । ସେ ରାମକୃଷ୍ଣ କୋଇଲି ରଚନା କରିଥିଲେ ।

(ପ୍ରା.ଓ.ଲି.ଭା.ସା. ପୃ-୭୬)

୮୩- **କୃଷ୍ଣଚନ୍ଦ୍ର ନରେନ୍ଦ୍ର** : ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । କବି ଅନେକ ଚଉପଦୀ ରଚନା କରିଥିବାର ଜଣାଯାଏ ।

(ପ୍ରା.ଓ.ଲି.ଭା.ସା. ପୃ-୭୬)

୮୪- **କୃଷ୍ଣଚନ୍ଦ୍ର ରାଜେନ୍ଦ୍ର** : ଆନୁମାନିକ ସମୟ ୧୭୬୫-୧୭୮୬। ଟିକିଟିର ରାଜା। ପିତାଙ୍କ ନାମ କୁଳମଣି ରାଜେନ୍ଦ୍ର। ସେ କାଞ୍ଚିପୁରମ୍‌ରୁ ଆଗତ ବରଦ ରାଜସ୍ୱାମୀ ନାମକ ପଣ୍ଡିତଙ୍କ ସାହାଯ୍ୟରେ ଆର୍ଷ ରାମାୟଣର ଅଯୋଧ୍ୟା କାଣ୍ଡର ପଦ୍ୟାନୁବାଦ ଶେଷ କରିଥିଲେ। କବି ସଂସ୍କୃତରେ 'ରାଧାବିଳାସ ମହାକାବ୍ୟମ୍'ର ପ୍ରଣେତା । କବିରାଜ ହରେକୃଷ୍ଣ ପୁରୋହିତ ତାଙ୍କୁ ଆରଣ୍ୟକ କାଣ୍ଡ ଅନୁବାଦରେ ସାହାଯ୍ୟ କରିଥିଲେ। କିଷ୍କିନ୍ଧ୍ୟା କାଣ୍ଡର ଅନୁବାଦ ପାଇଁ ସେ ପଣ୍ଡିତ ଜଗନ୍ନାଥ ଆଚାର୍ଯ୍ୟଙ୍କଠାରେ ଋଣୀ ଥିଲେ। ତାଙ୍କ ଆର୍ଷ ରାମାୟଣର ଅନୁବାଦ ଅତ୍ୟନ୍ତ ଉଚ୍ଚକୋଟୀର। ସେ ଚଉତିଶା ମାଧ୍ୟମରେ ଚିଟାଉ ପ୍ରଣୟନ କରିଥିବା ବିଷୟ ପଣ୍ଡିତ ନୀଳମଣି ମିଶ୍ର ଉଲ୍ଲେଖ କରିଛନ୍ତି।

ଡକ୍ଟର ଜାନକୀବଲ୍ଲଭ ମହାନ୍ତି ତାଙ୍କର 'ଓଡିଆ ଗୀତିକାବ୍ୟ ସଂକଳନ 'ସ୍କ' କବି ପରିଚୟ' (ପୃ-୧୧)ରେ କୃଷ୍ଣଚନ୍ଦ୍ର ରାଜେନ୍ଦ୍ରଙ୍କର ପାଞ୍ଚଶରୁ ଅଧିକ ଚଉପଦୀ ସନ୍ନିବିଷ୍ଟ କରିଛନ୍ତି। ସେ ବହୁ ଜନପ୍ରିୟ ଗୀତିନାଟ୍ୟ 'ରାମଲୀଳା'ର ପ୍ରଣେତା ଓ ତାଙ୍କର ରାଜତ୍ୱ କାଳ ୧୭୭୦-୧୭୯୦ ହୋଇଥିବା ବିଷୟ ଉଲ୍ଲେଖ କରିଛନ୍ତି।

୮୫- **କୃଷ୍ଣ ଦାସ :** ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । 'କମଳାକାନ୍ତ ଚଉତିଶା', 'ବଉଳ ଚଉତିଶା' ଇତ୍ୟାଦିର ରଚୟିତା କୃଷ୍ଣ ଦାସ ଖୁବ୍ ସମ୍ଭବତଃ 'ରସ କଲ୍ଲୋଳ'ର ରଚୟିତା ଦୀନକୃଷ୍ଣ ଦାସ। 'ମିତଣୀ ଦାଣ୍ଡଧୁଆ' ଏହାଙ୍କ ଦ୍ୱାରା ରଚିତ।

'ଅର୍ଜୁନ ଗୀତା' ବା 'ନାମରତ୍ନାବଳୀ'ର ରଚୟିତା। ତାଙ୍କ ରଚିତ 'ଆଦ୍ୟ ଚିନ୍ତାମଣି' ବଙ୍ଗଳାମିଶା ଓଡିଆ ଭାଷାରେ ରଚିତ।

(ପ୍ରା.ଓ.ଲି.ଭା.ସା. ପୃ-୫୬)

୮୬- **କୃଷ୍ଣଦାସ ଅବଧୂତ** ଅଷ୍ଟାଦଶ ଶତାବ୍ଦୀ । ପିତାଙ୍କ ନାମ ମଧୁସୂଦନ। ଲକ୍ଷ୍ମଣ ଅବଧୂତ ହେଉଛନ୍ତି ତାଙ୍କର ଗୁରୁ। ସେ 'ଚୈତନ୍ୟ ତତ୍ତ୍ୱ ସଂହିତା' ଗ୍ରନ୍ଥର ପ୍ରଣେତା।

(କୃ.ଚ.ସା)

୮୭- **କୃଷ୍ଣ ପଟ୍ଟନାୟକ :** ଆନୁମାନିକ ସମୟ ଅଷ୍ଟାଦଶ ଶତାବ୍ଦୀ । ସେ କେତେକ ଚଉପଦୀ ରଚନା କରିଥିବାର ଜଣାଯାଏ।

(ପ୍ରା.ଓ.ଲି.ଭା.ସା. ପୃ-୭୬)

୮୮- **କୃଷ୍ଣପ୍ରିୟା ଜେମାଦେଈ :** ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । ସେ 'ମଙ୍ଗଳ ଗୀତ' ଓ କେତେକ ଜଣାଣ, ଭଜନ ଲେଖିଥିବାର ଜଣାଯାଏ।

(ପ୍ରା.ଓ.ଲି.ଭା.ସା. ପୃ-୭୯ ଓ ୮୧)

୮୯- **କୃଷ୍ଣ ଚରଣ :** ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । ତାଙ୍କର କୃଷ୍ଣଙ୍କ ପ୍ରତି ରାଧାଙ୍କ ଚୌପଦୀଟି ଡ. ଜାନକୀବଲ୍ଲଭ ମହାନ୍ତି ତାଙ୍କର 'ଓଡ଼ିଆ ଗୀତିକାବ୍ୟ ସଂକଳନ' (ପୃ-୩୩)ରେ ଉଦ୍ଧାର କରିଛନ୍ତି। ଏହାର ପ୍ରଥମଧାଡ଼ି ' ନବନାଗର ସୁନ୍ଦର/ପ୍ରୀତି ଜାଣିଲି ତୁମ୍ଭର' । ଅନ୍ୟ କେତେକ ଚଉତିଶାରେ ସେ କୃଷ୍ଣଶରଣ ଦାସ ନାମରେ ପରିଚିତ।

୯୦- **କୃଷ୍ଣସୁର ହରିଚନ୍ଦନ :** ୧୮ଶ ଶତାବ୍ଦୀ । ସେ ତରଳା ରାଜ୍ୟର ଅଧିପତି ଥିଲେ। 'ସ୍ୱରସରଣୀ' ନାମକ ସଂସ୍କୃତ ଗ୍ରନ୍ଥକୁ (ଜ୍ୟୋତିଷଶାସ୍ତ୍ର) ଓଡ଼ିଆରେ ସରଳ ନବାକ୍ଷରୀ ବୃତ୍ତରେ ଅନୁବାଦ କରିଥିଲେ। କବି 'ଶ୍ରୀରାଧା ଭାଳେଣୀ' କବିତାର ମଧ୍ୟ ରଚୟିତା।

(ପ୍ରା.ଓ.ଲି.ଭା.ସା. ପୃ-୧୪୪)

୯୧- **କୃଷ୍ଣ ସିଂହ :** (୧୭୩୯-୧୭୮୮)। ଧରାକୋଟର ରାଜା । ସଂସ୍କୃତ ମହାଭାରତର ଅନୁବାଦକ ରୂପେ ସୁପରିଚିତ। ସେ ହରିବଂଶର ପଦ୍ୟାନୁବାଦ ଏବଂ କେତେକ ଚଉତିଶା ଓ ଛପନ ପଦିଆ ଲେଖିଥିବା ଜଣାଯାଏ। ସେ ୧୭୮୧ରୁ ୧୭୮୮, ମାତ୍ର ୭ ବର୍ଷ ରାଜତ୍ୱ କାଳ ମଧ୍ୟରେ ବିରାଟ ମହାଭାରତ ଗ୍ରନ୍ଥ ଅନୁବାଦ କରିବାକୁ ସମର୍ଥ ହୋଇଥିଲେ।

ଡକ୍ଟର ଜାନକୀବଲ୍ଲଭ ମହାନ୍ତି ତାଙ୍କ ଓଡିଆ 'ଗୀତିକାବ୍ୟ ସଂକଳନ'ରେ କୃଷ୍ଣ ସିଂହଙ୍କର ପନ୍ଦରଟି ଚଉପଦୀ ସଂକଳିତ କରିଅଛନ୍ତି । 'ତରଳାସୁର ଗୀତ' ତାଙ୍କର

ଅନ୍ୟ ଏକ ରଚନା। ସେଥିରେ ସେ ନିଜକୁ 'କୃଷ୍ଣଚନ୍ଦ୍ର ସିଂହ' କହିଛନ୍ତି।

(ପୃ-୨୫)

୯୨- **କେଶବ କବି :** ଆନୁମାନିକ ୧୮ଶ ଶତାବ୍ଦୀ । 'ଗୋପବିନୋଦ' କାବ୍ୟର ରଚୟିତା ।

(ଉ.ବି.)

୯୩- **କେଶବ ତ୍ରିପାଠୀ :** ଊନବିଂଶ ଶତାବ୍ଦୀ । ସେ 'ପୂର୍ଣ୍ଣ ରାମାୟଣ' ରଚନା କରିଥିଲେ।

(ପ୍ରା.ଓ.ଲି.ଭା.ସା. ପୃ-୧୨୫)

୯୪- **କେଶବ ଦାସ :** ଅଷ୍ଟାଦଶ ଶତାବ୍ଦୀ । 'ରାଧାବିରହ ଚଉତିଶା'ର ରଚୟିତା। ସେ ମଧ୍ୟ 'ବିଶିକେଶନ ବୋଲି' ଲେଖିଥିବାର ଜଣାଯାଏ।

(ପ୍ରା.ଓ.ଲି.ଭା.ସା. ପୃ-୬୯)

୯୫- **କେଶବ ପଟ୍ଟନାୟକ :** ଊନବିଂଶ ଶତାବ୍ଦୀର କବି ଓ 'ରାମଲୀଳା'ର ରଚୟିତା ।

(ପ୍ରା.ଓ.ଲି.ଭା.ସା. ପୃ-୧୨୫)

୯୬- **କେଶବ ଭଞ୍ଜ :** ଅଷ୍ଟାଦଶ ଶତାବ୍ଦୀର କବି । 'ଜଗନ୍ନାଥ ଅବକାଶ ଛାନ୍ଦ'ର ରଚୟିତା ।

(Des.Cat.of Or.Mass. -Vol-IX -P-87)

୯୭- **କେଶବ ରଥ (କବିରାଜ) :** ୧୮ଶ ଶତାବ୍ଦୀ । ସେ ଖେମୁଣ୍ଡି ଅଧିପତି ପୁରୁଷୋତ୍ତମ ଅନଙ୍ଗଭୀମ ଦେବଙ୍କ(୧୭୨୮-୧୭୭୬)ଙ୍କ ସଭାକବି ଥିଲେ। କବି ଏହି ରାଜାଙ୍କ ରାଜତ୍ୱ କାଳରେ 'ଅନଙ୍ଗ ରଙ୍ଗିଣୀ' ନାମକ ଏକ କାଳ୍ପନିକକାବ୍ୟ ରଚନା କରିଥିଲେ। ତାଙ୍କର କବିରାଜ ପଦବୀ ବହୁ ଗ୍ରନ୍ଥ ପ୍ରଣୟନର ସୂଚନା ଦିଏ। କିନ୍ତୁ ଏପର୍ଯ୍ୟନ୍ତ ତାଙ୍କର ଅନ୍ୟ କୌଣସି କୃତିର ସନ୍ଧାନ ମିଳିନାହିଁ ।

(ଖୁରୁଧା ଇତିହାସ .ପୃ-୧୨୫)

୯୮- **କେଶବ ଶ୍ରୀଚନ୍ଦନ :** ଆନୁମାନିକ ସପ୍ତଦଶ ଶତାବ୍ଦୀର କବି। 'ଛାନ୍ଦଭାରତ'ର ଆଦ୍ୟ ପର୍ବ, ସଭା ପର୍ବ, ଆରଣ୍ୟକ ପର୍ବ, ବିରାଟ ପର୍ବ ଓ ଉଦ୍‌ଯୋଗ ପର୍ବ ଏ ପର୍ଯ୍ୟନ୍ତ ଆବିଷ୍କୃତ ହୋଇପାରିଛି।

(Des.Cat.of Or. Mass. -Vol-IX-P-34)

୯୯- **କେଶବରାଜ ହରିଚନ୍ଦନ :** ୧୮ଶ ଶତାବ୍ଦୀ । ଗଞ୍ଜାମ ଅନ୍ତର୍ଗତ ସୁରଙ୍ଗୀ ରାଜ୍ୟର ଅଧିପତି। 'ରସସିନ୍ଧୁ ସୁଲକ୍ଷଣା' ନାମକ ଏକ କାଳ୍ପନିକ କାବ୍ୟ ୧୭୨୦ ମସିହାରେ ଲେଖିଥିଲେ। କେଶବରାଜ ଉପେନ୍ଦ୍ର ଭଞ୍ଜଙ୍କ ସମକାଳୀନ।

(ପ୍ରା.ଓ.ଲି.ଭା.ସା. ପୃ-୧୩୮)

**୧୦୦-କେଶବ ହରିଚନ୍ଦନ** : ଆନୁମାନିକ ୧୮ଶ ଶତାବ୍ଦୀ । କେଶବ ହରିଚନ୍ଦନ ନାମକ ଜନୈକ କବି ସରଳ ଭାଷାରେ 'ରାମଲୀଳା' ଗ୍ରନ୍ଥ ରଚନା କରିଥିବାର ଜଣାଯାଏ। ଏହା ଏବେ ମଧ୍ୟ ନାନା ସ୍ଥାନରେ ଅଭିନୀତ ହେଉଛି । ଚିକିଟି ରାଜା କୃଷ୍ଣଚନ୍ଦ୍ର ରାଜେନ୍ଦ୍ରଙ୍କ ଉଦ୍ୟମରେ ଲିଖିତ 'ରାମଲୀଳା'ରେ 'କେଶବ' ନାମକ ଜନୈକ କବିଙ୍କ ତିନୋଟି ଗୀତ ଦେଖାଯାଏ। ଉଭୟ କେଶବ ଏକ ଓ ଅଭିନ୍ନ ଥିବା ଶ୍ରୀ କେଦାର ନାଥ ମହାପାତ୍ର ତାଙ୍କର 'ଖୁରୁଧା ଇତିହାସ (ପୃ-୨୨୩)'ରେ ଉଲ୍ଲେଖ କରିଛନ୍ତି।

**୧୦୧-କୃପାସମୁଦ୍ର ଦାସ** : ଆନୁମାନିକ ୧୮ଶ ଶତାବ୍ଦୀ । 'ଚତୁର୍ଦ୍ଧା ମୂର୍ତ୍ତି ବର୍ଣ୍ଣନା' ଶୀର୍ଷକ ଗ୍ରନ୍ଥର ପ୍ରଣେତା ।

(Des.Cat.of Or.Mass. -Vol-VIII-P-267)

**୧୦୨-କ୍ଷତ୍ରୀ ପୁରୁଷୋତ୍ତମ** ଆନୁମାନିକ ସପ୍ତଦଶ ଶତାବ୍ଦୀ । ସେ 'କଳାକର ଚଉତିଶା'ର ରଚୟିତା।

(Des.Cat.of Or.Mass. -Vol-VI- P-126)

**୧୦୩-କ୍ଷତ୍ରିୟବର ଭଞ୍ଜ** : ଅଷ୍ଟାଦଶ ଶତାବ୍ଦୀ । (୧୭୦୭-୧୭୫୪)। ସେ ମଙ୍ଗଳ ଗୀତ' ରଚନା କରିଥିଲେ। କ୍ଷତ୍ରୀୟବର ଭଞ୍ଜ ଓ ଘନ ଭଞ୍ଜ ଏକ ଓ ଅଭିନ୍ନ ବୋଲି କେଦାର ନାଥ ମହାପାତ୍ର ମତବ୍ୟକ୍ତ କରିଛନ୍ତି।

(ଖୁରୁଧା ଇତିହାସ ପୃ-୧୨୫)

କ୍ଷତ୍ରିବର ଦେଓ ଭଞ୍ଜ ଭଣିତା ଥିବା 'ରସନିଧି' ଓ 'ତ୍ରୈଲୋକ୍ୟମୋହିନୀ' ଗ୍ରନ୍ଥ ମଧ୍ୟ ଦେଖିବାକୁ ମିଳେ।

**୧୦୪-କ୍ଷୀରୋଦ୍ରମାଳୀ ଜେମା** : ଆନୁମାନିକ ଉନବିଂଶ ଶତାବ୍ଦୀ । ସେ ପଟିଆର ରାଣୀ ଥିଲେ ଓ 'ପଦ୍ମନ ଜନ୍ମ' ନାମକ କୃଷ୍ଣକାବ୍ୟ ରଚନା କରିଥିଲେ।

(ପ୍ରା.ଓ.ଲି.ଭା.ସା. ପୃ-୧୫୨)

**୧୦୫-ଖଣ୍ଡୁଆଳ** : ସମ୍ଭବତଃ ଅଷ୍ଟାଦଶ ଶତାବ୍ଦୀ । 'ବିଷହରଣ'ର ରଚୟିତା ଭାବେ ପରିଚିତ।

(ବ୍ର.ଦା.)

**୧୦୬-ଗଙ୍ଗା ଦେବୀ** ସମ୍ଭବତଃ ଉନବିଂଶ ଶତାବ୍ଦୀ । ଏହି ନାରୀ କବିଙ୍କ ରଚିତ 'ଧୂପବୋଲି', ଗୋବିନ୍ଦ ରଥଙ୍କ ଦ୍ୱାରା ସଂଗୃହୀତ ହୋଇ ଅମୃତ ରସାବଳୀରେ (୨ୟ ସଂଖ୍ୟା ୧୯୦୭) ମୁଦ୍ରିତ ହୋଇଥିଲା । ଏହାର ପ୍ରଥମ ଧାଡ଼ି 'ଜୟଜୟ ଜଗନ୍ନାଥ ଶ୍ରୀହରି/ଜୟ ନୀଳାଦ୍ରି ସିଂହ ଦଇତାରି ।'

(ଓଡ଼ିଆ ଗୀତିକାବ୍ୟ ସଂକଳନ-ଡ. ଜାନକୀବଲ୍ଲଭ ମହାନ୍ତି କବି ପରିଚୟ ପୃ-୧୨)

୧୦୭- **ଗଙ୍ଗାଧର (କବିଚନ୍ଦ୍ର)** : ଆନୁମାନିକ ୧୯ଶ ଶତାବ୍ଦୀ। କବିଙ୍କର ସମାନ ହୋଇବ କାହିଁ ନାମରେ ଏକ 'ଢମାଳୀ ଗୀତ' ଡ. ମହାନ୍ତି ତାଙ୍କର 'ଗୀତିକାବ୍ୟ ସଂକଳନ'ରେ ସ୍ଥାନ ଦେଇଛନ୍ତି ।

(ଓ.ଗୀ.ସଂ. ପୃ-୫୬୮)

୧୦୮- **ଗଙ୍ଗାଧର ଦାସ** : ୧୭ଶ ଶତାବ୍ଦୀ । କବି ହଳଧର ମିଶ୍ର କୃତ 'ସଙ୍ଗୀତ କଳ୍ପଲତା' ଗ୍ରନ୍ଥରେ ଗଙ୍ଗାଧର ଦାସଙ୍କ ଭଣିତା ଥିବା ଦୁଇଟି ଓଡ଼ିଆ କବିତାର ଅଂଶ ବିଶେଷ ଦେଖାଯାଏ। କବି ଆହୁରି କେତେକ ଜଣାଣ ଓ ଭଜନ ଲେଖିଥିବାର ଜଣାଯାଏ। 'ଜ୍ଞାନମାଳା' କବିଙ୍କର ଅନ୍ୟ ଏକ କୃତି। 'ଜ୍ଞାନମାଳା'ର ଅନ୍ତିମ ପଦ- "ସୁଜନ ନିମନ୍ତେ କହେ ଗଙ୍ଗାଧର ଦାସ ।"

(Des.Cat.of Or.Mass. -Vol-IX-P-194)

୧୦୯- **ଗଙ୍ଗାଧର ପ୍ରଧାନ** : ଆନୁମାନିକ ୧୮ଶ ଶତାବ୍ଦୀ । କବି ସମ୍ବଲପୁରରେ ଜନ୍ମଗ୍ରହଣ କରିଥିଲେ। ସେ 'ରାମଲୀଳା' ରଚନା କରିଥିଲେ।

(ପ୍ରା.ଓ.ଲି.ଭା.ସା. ପୃ-୧୨୫)

୧୧୦- **ଗଙ୍ଗାଧର ବୈଶ୍ୟ** : ଆନୁମାନିକ ୧୮ଶ ଶତାବ୍ଦୀ । 'ବ୍ରଜଲୀଳା' ଗ୍ରନ୍ଥର ରଚୟିତା ।

(କୃ.ଚ.ସା.)

୧୧୧- **ଗଙ୍ଗାପାଣି ମହାପାତ୍ର** : ଆନୁମାନିକ ଉନବିଂଶ ଶତାବ୍ଦୀ । କବି 'ରାମାଶ୍ୱମେଧ ଯଜ୍ଞ' ରଚନା କରିଥିଲେ।

(ପ୍ରା.ଓ.ଲି.ଭା.ସା.ପୃ-୧୨୫)

୧୧୨- **ଗଣ୍ଡା ଦାସ** ଆନୁମାନିକ ୧୮ଶ ଶତାବ୍ଦୀ । ସେ କେତେକ ଜଣାଣ ଭଜନ ଲେଖିଥିବାର ଜଣାଯାଏ। ତାଙ୍କର ଗୋଟିଏ ଭଜନର ଆଦ୍ୟ ପଂକ୍ତି ହେଉଛି - "ନିଦ୍ରା ଆହାର ମୈଥୁନ ନିରୋଧୀ ନିର୍ଗୁଣେ ମନ"। (ପ୍ରା.ଓ.ଲି.ଭା.ସା. ପୃ-୭୯) । ଗଣ୍ଡା ଦାସ ଓ ଗଙ୍ଗା (ଗଣ୍ଡା)ଧର ବିଶ୍ୱକର୍ମା ଏକ ବ୍ୟକ୍ତି ହୋଇଥିବା ଖୁବ୍ ସମ୍ଭବ।

(ଓ.ଗୀ.କା.ପୃ-୨୮୩)

୧୧୩- **ଗଦାଧର** : ଆନୁମାନିକ ସମୟ ୧୮ଶ ଶତାବ୍ଦୀ । ସେ କେତେକ ଜଣାଣ ଓ ଭଜନ ଲେଖିଥିବା ଜଣାଯାଏ। 'ଗଦାଧର କବିରାଜ' ଭଣିତା ଥିବା କେତେକ କବିତା ଦେଖିବାକୁ ମିଳେ।

(ପ୍ରା.ଓ.ଲି.ଭା.ସା.ପୃ-୭୯)

ତାଙ୍କର ଗୋଟିଏ ପ୍ରେମ କବିତାର ଆଦ୍ୟପଦ ହେଉଛି-

"ରେ ଧରଣୀମଣ୍ଡନା ହୃଦଣ୍ଡ ପ୍ରଚଣ୍ଡ କୁସୁମ କୋଦଣ୍ଡ

କାମ ସନ୍ତାପ ଖଣ୍ଡନା "

(କୃ.ଚ.ସା)

**୧୧୪-ଗଦାଧର ଦ୍ୱିଜ :** ଆନୁମାନିକ ୧୮ଶ ଶତାବ୍ଦୀ । ସେ ଲକ୍ଷ୍ମୀପୁରାଣ ରଚନା କରିଥିଲେ ।

(ଉ.ବି.)

**୧୧୫-ଗିରିଧର ଦାସ :** ଆନୁମାନିକ ୧୮ଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧ । ସେ 'ବାରପୋଇ' ରଚନା କରିଥିଲେ । କାବ୍ୟର ଆରମ୍ଭରେ 'କଲ୍ୟାଣ ଆହାରୀ' ରାଗରେ ୧୨ଟି ଗୀତ ରଚିତ । ଶ୍ରୀକୃଷ୍ଣଙ୍କ ବସନ୍ତକାଳୀନ ଲୀଳା ଏଥିରେ ବର୍ଣ୍ଣିତ ହୋଇଅଛି ।

**୧୧୬-ଗିରିଧାରୀ ଦାସ :** ଆନୁମାନିକ ୧୮ଶ ଶତାବ୍ଦୀ । 'ଚନ୍ଦ୍ରାବତୀ ହରଣ' ଓ 'ସ୍ମରଣ ମଙ୍ଗଳ'ର ରଚୟିତା । ଚନ୍ଦ୍ରାବତୀ ହରଣରେ ଅଛି-

"ବୋଲେ ଗିରି ଶୁଣି ବାମା ହରଷ ଯେ ମନ ।"

(Des.Cat.of Or.Mass. -Vol-VIII- P-81)

**୧୧୭-ଗିରିଗଦାଧର ଦାସ :** ଆନୁମାନିକ ଉନବିଂଶ ଶତାବ୍ଦୀ । 'ଗୀତ ପ୍ରକାଶ ବୋଲି'ର ଏକ ସ୍ଥାନରେ ଦେଖିବାକୁ ମିଳେ-

"ଗଦାଧର ଦାସ ଭାଷା ମିଶାଇ ।"

(Des.Cat.of Or.Mass. -Vol-VIII- P-56)

**୧୧୮-ଗୁଣମଣି ସୁତ :** ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । କବିଙ୍କର ଦୁଇଟି ଗୀତ ଯଥା : 'କୃଷ୍ଣଙ୍କର ବେଶ କରିବାକୁ ଅଭିଳାଷ' ଓ 'ବାସକ ସଜ୍ଜା ରାଧାଙ୍କ ଭାବନା,' ଡ. ଜାନକୀବଲ୍ଲଭ ମହାନ୍ତି ତାଙ୍କର ଗୀତିକାବ୍ୟ ସଂକଳନ (ପୃ-୩୫-୩୭)ରେ ଉଲ୍ଲେଖ କରିଛନ୍ତି । ଗୀତ ଦୁଇଟିର ପ୍ରଥମଧାଡ଼ି ଯଥାକ୍ରମେ- 'କରିବି କି ବେଶ ଗୋ ନିଶି ହେଲା ପ୍ରବେଶ' ଓ 'ଶ୍ୟାମବନ୍ଧୁ ଆସିବେ ମୋହରରେ ମଣ୍ଡିଥିବି କେଳିପୁର ।'

**୧୧୯-ଗୋକୁଳ :** ଆନୁମାନିକ ୧୭ଶ ଶତାବ୍ଦୀ । ସେ 'ଆଦ୍ୟପ୍ରାନ୍ତ ଚଉତିଶା' ରଚନା କରିଥିଲେ । ଉକ୍ତ ଚଉତିଶାର ପ୍ରାନ୍ତ ପଂକ୍ତି ହେଉଛି- 'ଦିବ୍ୟ ରସରେ ଗୋକୁଳ ଆସାଦ ।'

(ଚଉତିଶା ସଞ୍ଚୟନ ପୃ-୪୯୪)

**୧୨୦-ଗୋକୁଳ ଦାସ :** ଆନୁମାନିକ ୧୮ଶ ଶତାବ୍ଦୀ । ସେ 'ବିଯୋଗିନୀ ଚଉତିଶା' ରଚନା କରିଥିଲେ ।

(ପ୍ରା.ଓ.ଲି.ଭା.ସା ପୃ-୫୯)

**୧୨୧-ଗୋକୁଳ ନରେନ୍ଦ୍ର (ମାନ୍ଧତା) :** ଡିଗିରିଆର ଅଧିବାସୀ। ୧୮ଶ ଶତାବ୍ଦୀ । ସେ 'କ୍ରୁୟରାଗ ତ୍ରିପୁର ସୁନ୍ଦରୀ ଚଉତିଶା'ର ରଚୟିତା। ତାଙ୍କର 'କୃଷ୍ଣବିରହ ଚଉତିଶା' ଓ 'ମଧୁର ଚଉତିଶା' ମଧ ଆବିଷ୍କୃତ ହୋଇଛି।

(ଚଉତିଶା ବିଚିତ୍ରା ପୃ-୧୧୩)

**୧୨୨-ଗୋପାଳ (ତେଲେଙ୍ଗା) :** ୧୮ଶ ଶତାବ୍ଦୀ । କବି ଗୋପାଳ ତେଲେଙ୍ଗା ଜାତିରେ, ତେଲେଙ୍ଗା ଥିବାରୁ ତାଙ୍କ କୃତ ଅଧ୍ୟାତ୍ମ ରାମାୟଣରୁ ଜଣାଯାଏ- "ତେଲେଙ୍ଗା କୁଳେ ମୁହିଁ ଜାତ, ନାମ ମୋ ଗୋପାଳ ପତିତ।" ସେ ସମ୍ବଲପୁର ମହାରାଜା ଅଜିତ ସିଂହଙ୍କ ଅଧୀନରେ ସୈନିକ ରୂପେ କାର୍ଯ୍ୟ କରୁଥିଲେ। କିନ୍ତୁ ସେ ନିଜର ଅବସର ସମୟରେ ନଅର ପୂର୍ବକୁ ଥିବା ଜଗନ୍ନାଥମନ୍ଦିର ମଣ୍ଡପରେ ରାଜଗୁରୁ କହ୍ନାଇ ମିଶ୍ରଙ୍କଠାରୁ ନିତ୍ୟପୁରାଣ ରାମାୟଣ ଇତ୍ୟାଦି ଶ୍ରବଣ କରୁଥିଲେ। ତାଙ୍କଠାରୁ ଶୁଣି ଶୁଣି କବି 'ଅଧ୍ୟାତ୍ମ ରାମାୟଣ' ଅନୁବାଦରେ ପ୍ରବୃତ୍ତ ହୋଇଥିଲେ। ସେ ଏହାକୁ ଲୋକପ୍ରିୟ ଭାଗବତ ବା ନବାକ୍ଷରୀ ବୃତ୍ତରେ ଅନୁବାଦ କରିଥିଲେ। ଏହି ଗ୍ରନ୍ଥ ୧୭୪୧-୧୭୪୫ ଖ୍ରୀଷ୍ଟାବ୍ଦ ମଧ୍ୟରେ ରଚିତ ହୋଇଥିଲା ।

ଗୋପାଳ ତେଲେଙ୍ଗାଙ୍କ 'ଅଧ୍ୟାତ୍ମ ରାମାୟଣ' ସମ୍ବଲପୁର ଅଞ୍ଚଳରୁ ଆବିଷ୍କୃତ ଓଡ଼ିଆ ଗ୍ରନ୍ଥଗୁଡିକ ମଧ୍ୟରେ ପ୍ରାଚୀନତମ। ସମ୍ବଲପୁର ଅଞ୍ଚଳ ତଥା ସମଗ୍ର ଓଡ଼ିଆ ଭାଷୀ ବିରାଟ ଖଣ୍ଡରେ କିପରି ଭକ୍ତକବି ଜଗନ୍ନାଥ ଦାସଙ୍କ ଓଡ଼ିଆ ଭାଗବତର ପ୍ରଭାବ ବଦ୍ଧମୂଳ ଥିଲା ତାହା ନିଃସନ୍ଦେହରେ ପ୍ରତିପାଦିତ ହୁଏ । ସମ୍ବଲପୁର ଇତିହାସ ଆଲୋଚନା ପାଇଁ ଏଥିରେ ବହୁ ଉପାଦାନ ମିଳେ। 'ଗୋପାଳ' ଭଣିତାରେ 'ଛଡ଼ ସମ୍ବାଦଗୀତା' ନାମକ ରଚନା ମିଳେ।

(ଖୁରୁଧା ଇତିହାସ ପୃ-୨୩୧)

**୧୨୩-ଗୋପାଳକୃଷ୍ଣ** ୧୭୮୫-୧୮୬୨। ଗଞ୍ଜାମ ଜିଲ୍ଲା ପାରଳାଖେମୁଣ୍ଡିର ଏକ ପ୍ରସିଦ୍ଧ କରଣ ପରିବାରରେ ଜନ୍ମ। କବି ପୁରୁଷାନୁକ୍ରମେ ସ୍ଥାନୀୟ ରାଜାଙ୍କ ପାଞ୍ଜିଆ କାର୍ଯ୍ୟରେ ନିଯୁକ୍ତ ଥିଲେ। କବି ନାନା ଧରଣ ସଙ୍ଗୀତ ରଚନା କରିଛନ୍ତି। କୀର୍ତ୍ତନ, ପ୍ରାର୍ଥନା ମନଶିକ୍ଷା, ପ୍ରାତଃ ସ୍ମରଣାମୃତ ପ୍ରଭୃତି ଭକ୍ତିମୂଳକ ଗୀତ, କୋଇଲି, ଦୋଳିଗୀତ ପ୍ରଭୃତି ବାତ୍ସଲ୍ୟରସାଶ୍ରିତ ସଙ୍ଗୀତ ନବାନୁରାଗ, ପ୍ରେମାନୁରାଗ, ଶ୍ରୀକୃଷ୍ଣଙ୍କ କୈଶୋରାବସ୍ଥା ବର୍ଣ୍ଣନା ଏବଂ ରାଧାକୃଷ୍ଣ ଭକ୍ତି ଛଳରେ ରାଧାକୃଷ୍ଣ ପ୍ରେମମୂଳକ କବିତା ରଚନା କରି କବି ସ୍ୱପ୍ରତିଭାର ପରିଚୟ ଦେଇଛନ୍ତି। ତାଙ୍କର ଅନୁସରିତ, "ଉଠିଲୁ ଏଡ଼େ ବେଗୀ କାହିଁକିରେ" ଇତ୍ୟାଦି ବହୁ ସଙ୍ଗୀତ ପ୍ରସିଦ୍ଧି ଲାଭ କରିଛି।

**୧୨୪-ଗୋପାଳ ଦାସ :** ଆନୁମାନିକ ୧୮ଶ ଶତାବ୍ଦୀ । ସେ 'ମହାଗିରି ବର୍ଣ୍ଣନା ଚଉତିଶା' ଓ 'ଶଶିମୁଖୀ' କାବ୍ୟର ଲେଖକ ଭାବରେ ସୁପରିଚିତ।

(ଉ.ବି)

୧୨୫- **ଗୋପାଳ ଦ୍ୱିଜ** : ଆନୁମାନିକ ୧୮ଶ ଶତାବ୍ଦୀ । ପ୍ରଦ୍ୟୁମ୍ନ ଜନ୍ମ ଶୀର୍ଷକ କାବ୍ୟର ପ୍ରଣେତା ।

(ଉ.ବି.)

୧୨୬- **ଗୋପାଳ ଭଞ୍ଜ** : ଆନୁମାନିକ ୧୯ଶ ଶତାବ୍ଦୀ । 'ଚଉପଦୀମାଳା' ଓ 'ଚଉଷଠୀ ରତିବନ୍ଧ'ର ରଚୟିତା। ଚଉପଦୀମାଳାର ଏକ ପାଦରେ ଅଛି- "ଭାଷଇ ଗୋପାଳ ଭଞ୍ଜ ନୃପତି।"

(Des.Cat.of Or.Mass. -Vol-VIII-P-251/258)

୧୨୭- **ଗୋପୀ ଜୀବନ** : ଆନୁମାନିକ ୧୮ଶ ଶତାବ୍ଦୀ । 'କୃଷ୍ଣ ବିଚ୍ଛେଦ ଚଉତିଶା'ର ରଚୟିତା ।

(ଉ.ବି.)

୧୨୮- **ଗୋପୀ ଦାସ (ବିପ୍ର)** : ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । 'ଦୁର୍ଗାସ୍ତୁତି'ର ରଚୟିତା ।

(ପ୍ରା.ଓ.ଲି.ଭା.ସା..ପୃ-୧୨୧)

୧୨୯- **ଗୋପୀନାଥ** : ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । ସେ 'ଚଂପୂରି ଚଉତିଶା' ରଚନା କରିଥିଲେ। ସେ ମଧ୍ୟ କେତେକ ଜଣାଣ ଲେଖିଥିଲେ। ବଙ୍ଗଳା ମିଶା ଓଡ଼ିଆ ଭାଷାରେ ରଚିତ 'ଗୁରୁତତ୍ତ୍ୱ ସାର'ର ରଚୟିତା ମଧ୍ୟ ଜଣେ ଗୋପୀନାଥ ।

(ପ୍ରା.ଓ.ଲି.ଭା.ସା. ପୃ-୫୯)

୧୩୦- **ଗୋପୀନାଥ କର** : ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । ସେ 'ବିଚିତ୍ର ବିଲଙ୍କା'ରଚନା କରିଥିଲେ।

(ପ୍ରା.ଓ.ଲି.ଭା.ସା. ପୃ-୧୨୬)

୧୩୧- **ଗୋପୀନାଥ ତୁଙ୍ଗ** : ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । ସେ 'ମଙ୍ଗଳ ଗୀତ' ରଚନା କରିଥିଲେ।

(ପ୍ରା.ଓ.ଲି.ଭା.ସା. ପୃ-୮୧)

୧୩୨- **ଗୋପୀନାଥ ଦାସ (୧)** : ୧୬ଶ ଶତାବ୍ଦୀ । ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଶିଷ୍ୟ। ସେ ନବାକ୍ଷରୀ ବୃତ୍ତରେ ଖୁଦୁରୁକୁଣୀ ଓଷା ବା ତଅପୋଇ ଓ ଗୀତାମହାତ୍ମ୍ୟ, ଗୋବିନ୍ଦ ବିଳାସ, ଗୁରୁତତ୍ତ୍ୱସାର ରଚନା କରିଥିବାର ଜଣାଯାଏ। 'ଖୁଦୁରୁକୁଣୀ ଓଷା'ର ଶେଷରେ ଅଛି- "କୃଷ୍ଣ ରଚଣେ ଦେଇ ଆଶ/କହିଲେ ଗୋପୀନାଥ ଦାସ।"

(Des.Cat.of Or.Mass. -Vol-VIII- P-5, 6, 7, 75, 188, 143)

**୧୩୩- ଗୋପୀନାଥ ଦାସ (୨)** : ଆନୁମାନିକ ସମୟ ସପ୍ତଦଶ ଶତାବ୍ଦୀର ଶେଷଭାଗ କିମ୍ବା ଅଷ୍ଟାଦଶ ଶତାବ୍ଦୀର ପ୍ରଥମ ଭାଗ। କବି ସ୍ୱକୃତିରେ ନିଜର ପରିଚୟ ଦେଇ ନାହାନ୍ତି। 'ମୋହନଲତା' ନାମକ ଷୋଡ଼ଶ ଛାନ୍ଦ ବିଶିଷ୍ଟ ଏକ କାଳ୍ପନିକ କାବ୍ୟ ଓ ଗୋବିନ୍ଦ ବିଳାସ ନାମକ ୭ ଛାନ୍ଦ ବିଶିଷ୍ଟ ରାଧାକୃଷ୍ଣ ଲୀଳା ବର୍ଣ୍ଣନାତ୍ମକ ଅନ୍ୟ ଏକ କ୍ଷୁଦ୍ରକାବ୍ୟ କବି ଗୋପୀନାଥ ଦାସଙ୍କ ଦ୍ୱାରା ରଚିତ ହୋଇଥିବା ଜଣାଯାଏ। 'ମୋହନଲତା'ରେ ରସକଲ୍ଲୋଳର ପ୍ରଭାବ ପରିଲକ୍ଷିତ ହୋଇଥିବାରୁ କବିଙ୍କୁ ଦିବ୍ୟସିଂହ ଦେବଙ୍କ ରାଜତ୍ୱ (୧୬୮୮-୧୭୧୬) କାଳୀନ ରୂପେ ଗ୍ରହଣ କରାଯାଇପାରେ। ଏହି 'ମୋହନଲତା' କାବ୍ୟ ରଚନା ସମୟରେ କବି ଶ୍ରୀକ୍ଷେତ୍ରରେ ବାସ କରୁଥିବା ମନେହୁଏ ।

(ପ୍ରା.ଓ.ଲି.ଭା.ସା. ପୃ-୧୯୩)

**୧୩୪ - ଗୋପୀନାଥ ଦାସ (୩)** : ଆନୁମାନିକ ୧୮ଶ ଶତାବ୍ଦୀ । ସେ 'ଟୀକା ମହାଭାରତ' ଏବଂ 'ମାଘ ମାହାତ୍ମ୍ୟ' ରଚନା କରିଥିବାର ଜଣାଯାଏ।

**୧୩୫ - ଗୋପୀନାଥ ଦେବ** : ଆନୁମାନିକ ୧୮ଶ ଶତାବ୍ଦୀ । ଡ. ଜାନକୀବଲ୍ଲଭ ମହାନ୍ତି, 'ଓଡ଼ିଆ ଗୀତିକାବ୍ୟ ସଂକଳନ'ରେ କବିଙ୍କର ଗୋଟିଏ ଗୀତିକା 'ନାୟକର ପ୍ରଥମ ମିଳନ ସ୍ମୃତି' ଉଦ୍ଧାର କରିଛନ୍ତି।

(ଓ.ଗୀ.ସଂ. ପୃ-୩୭)

**୧୩୬ - ଗୋପୀନାଥ ନାଥ** : ଶିଶୁବୋଧ ଗ୍ରନ୍ଥର ପ୍ରଣେତା ଭାବେ ପ୍ରସିଦ୍ଧ ସମୟ ସମ୍ଭବତଃ ଅଷ୍ଟାଦଶ ଶତାବ୍ଦୀ ।

(ବ୍ର:ଦା)

**୧୩୭ - ଗୋପୀନାଥ ପାତ୍ର (କବିଭୂଷଣ)** : ୧୮ଶ ଶତାବ୍ଦୀ । କବି ପାରଳାଖେମୁଣ୍ଡି ଅଧୀଶ୍ୱର ଗଜପତି ଜଗନ୍ନାଥ ନାରାୟଣ ଦେବଙ୍କ ସଭାମଣ୍ଡନ କରିଥିଲେ। ତାଙ୍କର ପିତା କରଣ କୁଳ ସମ୍ଭବ କବି ଭିଷକ୍‌ବର ଓ ଉପରୋକ୍ତ ଗଜପତିଙ୍କ ସଭା ପଣ୍ଡିତ ବାସୁଦେବ ପାତ୍ରଙ୍କ ପୁତ୍ର। ସେ ୧୭୩୪ ଖ୍ରୀଷ୍ଟାବ୍ଦ ନଭେମ୍ବର ମାସରେ ୮୦ ଛାନ୍ଦ ବିଶିଷ୍ଟ ବହୁ ରାଗରାଗିଣୀ ସମନ୍ୱିତ ନାନାବିଧ ଅଳଂକାର ମଣ୍ଡିତ 'ରାମଚନ୍ଦ୍ର ବିହାର' ନାମକ ଏକ ବିରାଟ ରାମକାବ୍ୟ ରଚନା କରିଥିଲେ। ସେ କବି ସମ୍ରାଟ ଉପେନ୍ଦ୍ରଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ ଏହି ବୃହତ୍ ରାମକାବ୍ୟ ପ୍ରଣୟନ କରିଥିଲେ। ଏହା ଏପର୍ଯ୍ୟନ୍ତ ଅପ୍ରକାଶିତ। କବି ସଂସ୍କୃତ ଭାଷାରେ 'କବି ଚିନ୍ତାମଣି' ନାମକ ଅତି ଉପାଦେୟ ଅଳଂକାର ଗ୍ରନ୍ଥ ରଚନା କରିଥିଲେ। ଏହା ୨୫ଟି କିରଣ ବା ଅଧ୍ୟାୟରେ ବିଭକ୍ତ। ଏହା ୧୭୬୮ ମସିହା ପୂର୍ବରୁ ରଚିତ।

(ଖୁରୁଧା ଇତିହାସ. ପୃ-୨୨୦)

୧୩୮-**ଗୋପୀନାଥ ମିଶ୍ର** : ଆନୁମାନିକ ୧୮ଶ ଶତାବ୍ଦୀ। ଗୋପୀନାଥ ମିଶ୍ରଙ୍କ 'କାଦମ୍ବ ଗାଥା', 'ପଟିଆ ରାଜବଂଶାବଳୀ', 'ମଞ୍ଜୁଷା ରାଜବଂଶାବଳୀ' କେତେଖଣ୍ଡ ଅପ୍ରକାଶିତ ଐତିହାସିକ ତଥ୍ୟ ସମ୍ବଳିତ ପୁସ୍ତକ।

(ପ୍ରା.ଓ.ଲି.ଭା.ସା. ପୃ-୧୬୭)

୧୩୯-**ଗୋପୀନାଥ ସିଂହ** : ୧୯ଶ ଶତାବ୍ଦୀର ଆଦ୍ୟଭାଗ। ସେ ନୀଳାଦ୍ରିବିହାର ନାମକ ଏକ କାବ୍ୟ ରଚନା କରିଥିଲେ। ଏହି କାବ୍ୟ ୧୮୨୦ରେ ସମାପ୍ତ ହୋଇଥିଲା । ଏହା ୨୩ଟି ଛାନ୍ଦରେ ବିଭକ୍ତ। ଉକ୍ତ କାବ୍ୟରେ ନଗରଶୋଭା ବର୍ଣ୍ଣନା, ଶ୍ରୀକ୍ଷେତ୍ରର କୁଣ୍ଡବଟ ମହିମା, ଶିବ ଓ ଶକ୍ତି ମହିମା, ବଡ଼ଠାକୁରଙ୍କ ବଡ଼ ସିଂହାର, ଚନ୍ଦନଯାତ୍ରା, ସ୍ନାନଯାତ୍ରା, ନେତ୍ରୋତ୍ସବ, ପହଣ୍ଡି ବିଜେ, ବାହୁଡ଼ା ଓ ଲକ୍ଷ୍ମୀନାରାୟଣ ଭେଟ ଇତ୍ୟାଦି ବର୍ଣ୍ଣିତ।

(ପ୍ରା.ଓ.ଲି.ଭା.ସା. ପୃ-୧୫୮)

୧୪୦-**ଗୋପୀନାଥ ହରିଚନ୍ଦନ** : ଆନୁମାନିକ ୧୮ଶତାବ୍ଦୀ।'ଚଉତିଶା' ମାଧ୍ୟମରେ 'ଚିଟାଉ' ଲେଖିଛନ୍ତି। ଏହି 'ଚିଟାଉ' ପଦ୍ୟାତ୍ମକ ପତ୍ର।

(ପ୍ରା.ଓ.ଲି.ଭା.ସା. ପୃ-୫୫)

୧୪୧-**ଗୋବର୍ଦ୍ଧନ** : ଅଷ୍ଟାଦଶ ଶତାବ୍ଦୀ । ସେ ପଚିଶପୋଈ ଓ ପିକବର ଚଉତିଶା ରଚନା କରିଥିବାର ଜଣାଯାଏ। କେତେକ ପ୍ରେମ କବିତାର ରଚୟିତା ମଧ ଜଣେ ଗୋବର୍ଦ୍ଧନ।

(ପ୍ରା.ଓ.ଲି.ଭା.ସା.ପୃ-୫୫)

୧୪୨-**ଗୋବର୍ଦ୍ଧନ ରଥ** : ଊନବିଂଶ ଶତାବ୍ଦୀର ବ୍ୟକ୍ତି। ତାଙ୍କର ଏକ କବିତାର ଆଦ୍ୟ ପଂକ୍ତି : 'କି ବିଚାରି କଲୁ ଏକାରେ ରାଧିକା'।

(ରାଜ୍ୟ ସଂଗ୍ରହାଳୟ)

୧୪୩-**ଗୋବିନ୍ଦ** : ଅନୁମାନତଃ ସପ୍ତଦଶ ଶତାବ୍ଦୀର କବି। 'ଜଣାଣ ଚଉତିଶା' ରଚନା କରିଥିବାର ଜଣାଯାଏ।

(ଓ.ଗୀ.ସଂ.ପୃ-୩୮)

୧୪୪-**ଗୋବିନ୍ଦ ଚରଣ ସିଂହ ନୃପ** : ଆନୁମାନିକ ୧୯ଶ ଶତାବ୍ଦୀ। କେତେକ ରାଧାକୃଷ୍ଣ ପ୍ରେମଧର୍ମୀ କବିତାର ରଚୟିତା। ତାଙ୍କର ଗୋଟିଏ କବିତାର ପ୍ରଥମ ଧାଡ଼ି-'କି ଭରମେ ଶ୍ୟାମ ପ୍ରେମେ ଜାଣୁ ଜାଣୁ ପଡିଲି ମା'।

(ଓ.ରା.ସଂ.)

୧୪୫-**ଗୋବିନ୍ଦ ଦାସ (୧)** : ୧୯ଶ ଶତକର କବି। ରଚନା 'ମହିଷାସୁର ମାଳଶ୍ରୀ', 'ମଙ୍ଗଳା ମାଳଶ୍ରୀ', ' ଚୁଡ୍ରଙ୍ଗ ମାଳଶ୍ରୀ'। ପରବର୍ତ୍ତୀ କାଳରେ ଏହାଙ୍କ ରଚିତ 'ମହିଷାସୁର ମାଳଶ୍ରୀ'ଟି ବିକୃତ ଓ ପରିବର୍ତ୍ତିତ ରୂପେ ମୁଦ୍ରିତ ହୋଇଥିବା ଦେଖାଯାଏ। 'ମାଳଶ୍ରୀ

ଖୁଦୁରକୁଣୀ ପୂଜା ପୁସ୍ତକର ତୃତୀୟ ଛାନ୍ଦରେ ଏହା ବଳରାମ ଦାସଙ୍କ ଭଣିତାଯୁକ୍ତ ହୋଇ ଓ ସାତଟି ଗୀତରେ ପରିଣତ ହୋଇ ମୁଦ୍ରିତ ହୋଇଅଛି।

ସେ 'ଗୁଣ୍ଡିଚା ବିଜେ' ନାମକ ଏକ କାବ୍ୟ ଲେଖିଥିବାର ଜଣାଯାଏ।

(ପ୍ରା.ଓ.ଲି.ଭା.ସା. ପୃ-୭୯)

୧୪୬- **ଗୋବିନ୍ଦ ଦାସ (୨) :** ଜନୈକ ବାବାଜି । ଆନୁମାନିକ ୧୯ଶ ଶତାବ୍ଦୀ । 'କାର୍ତ୍ତିକ ମାହାତ୍ମ୍ୟର' ଅନୁବାଦ କରିଥିବାର ଜଣାଯାଏ। ଏହି କବି 'ଜମାଦାର ସୁଆଙ୍ଗ' 'ଅଷ୍ଟାଙ୍ଗ ଯୋଗଭକ୍ତି'ର ରଚୟିତା ଭାବରେ ପରିଚିତ।

୧୪୭- **ଗୋବିନ୍ଦ ବିଦ୍ୟାଧର :** ୧୬ଶ ଶତାବ୍ଦୀର କବି। ସେ କେତେକ ପ୍ରେମ କବିତା ରଚନା କରିଥିବାର ଜଣାଯାଏ। କବି ବୋଧହୁଏ ହେଉଛନ୍ତି ପ୍ରତାପରୁଦ୍ରଙ୍କ ମନ୍ତ୍ରୀ ଗୋବିନ୍ଦ ବିଦ୍ୟାଧର।

(Des.Cat.of Or.Mass. -Vol-VIII -P-229, 323)

୧୪୮ - **ଗୋବିନ୍ଦ ପତିତ :** ସପ୍ତଦଶ ଶତାବ୍ଦୀର କବି। 'କବିତା ଆଷାଢ଼ ଶୁକ୍ଳ ପ୍ରତାପ ରଜନୀ' ପରିଚିତ।

(ଶ୍ରୀଜଗନ୍ନାଥ ଲୀଳାମୃତ ପୃ-୬୨)

୧୪୯- **ଗୋବିନ୍ଦ ବାଇ :** ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । କବିତାଟିର ପ୍ରଥମପଦ- 'ସଖୀରେ ଭଜ ରାମ ନାମକୁ।'

(ଶ୍ରୀଜଗନ୍ନାଥ ଲୀଳାମୃତ ପୃ-୮୮)

୧୫୦- **ଗୋବିନ୍ଦ ଭଞ୍ଜ :** ସପ୍ତଦଶ ଶତାବ୍ଦୀର ପ୍ରଥମ ଭାଗରେ ରାଜତ୍ୱ କରୁଥିଲେ। ସେ କେନ୍ଦୁଝରର ପ୍ରସିଦ୍ଧ ରାଜା ଶିବନାରାୟଣଙ୍କ ପିତାମହ ଥିଲେ। ସେ 'କୃଷ୍ଣଭକ୍ତି ରସାମୃକ୍ତ', 'ବଉଳା ଚରିତ', 'ରାମଗାଥା', 'ଚରଣ ସୁଧାନିଧି' ଓ 'ଭକ୍ତ ବିନୋଦ' ପ୍ରଭୃତି ଗ୍ରନ୍ଥ ରଚନା କରିଥିଲେ। କେତେକ ଜଣାଣ ଓ ଭଜନ ମଧ୍ୟ ରଚନା କରିଥିଲେ।

(ପ୍ରା.ଓ.ଲି.ଭା.ସା. ପୃ-୭୮)

୧୫୧- **ଗୋବିନ୍ଦ ରାୟଗୁରୁ :** ଆନୁମାନିକ ଊନବିଂଶ ଶତାବ୍ଦୀ । ସେ 'ବୃନ୍ଦାବନ ଚନ୍ଦ୍ରାଜନ ଚମ୍ପୂ' ରଚନା କରିଥିଲେ।

(ପ୍ରା.ଓ.ଲି.ଭା.ସା.ପୃ-୬୭)

୧୫୨- **ଗୋରେଖ ନାଥ** ଗୋରେଖନାଥଙ୍କ ସମୟ ଆନୁମାନିକ ୧୧ଶ ଶତାବ୍ଦୀ । ମତ୍ସ୍ୟେନ୍ଦ୍ରନାଥଙ୍କର ପ୍ରଧାନ ଶିଷ୍ୟଭାବେ ଗୋରେଖନାଥ ପ୍ରସିଦ୍ଧ। ସମଗ୍ର ଭାରତ ବର୍ଷରେ ସେ ଜଣେ ଖ୍ୟାତନାମା ସିଦ୍ଧ। ପ୍ରାୟ ପ୍ରତ୍ୟେକ ଭାରତୀୟ ଭାଷାରୁ ତାଙ୍କ ସମ୍ବନ୍ଧରେ କିଛି ନା କିଛି ଉପାଦାନ ଉପଲବ୍ଧ ହୁଏ। ସେ ଓଡିଆ ଭାଷାରେ କବିତା ଲେଖିଥିଲେ ହେଁ ତାଙ୍କର ବାଣୀ ଯେ ଓଡିଆ ସାହିତ୍ୟକୁ ବହୁଭାବେ ପ୍ରଭାବିତ କରିଥିଲା,

ଏହାର ବହୁ ଉଦାହରଣ ଓଡିଆ ସାହିତ୍ୟରୁ ମିଳିଥାଏ। ଏ ଦେଶରେ ବୈଷ୍ଣବ ଧର୍ମ ପ୍ରଚାରିତ ହେବା ପୂର୍ବରୁ ନାଥ ଧର୍ମ ପ୍ରଭାବିତ ସାହିତ୍ୟ ହିଁ ଲୋକପ୍ରିୟ ଥିଲା। 'ଗୋରେଖନାଥ' ଭଣିତା ଥିବା ବହୁ କବିତା ଓଡିଆରେ ଦେଖିବାକୁ ମିଳେ।

୧୫୩-**ଗୋଲକ ଦାସ** : ଆନୁମାନିକ ବିଂଶ ଶତାବ୍ଦୀର ପ୍ରଥମଭାଗ। ସେ 'ବୃନ୍ଦାବତୀ ସ୍ତୁତି' ରଚନା କରିଥିଲେ। 'ଜ୍ଞାନଗୀତା ବା 'ରଜ୍ଞଗୀତା' ମଧ୍ୟ ଏହାଙ୍କର ରଚନା ବୋଲି ଜଣାଯାଏ।

(Des.Cat.of Or.Mass. -Vol-IX -P.84)

୧୫୪-**ଗୋଲଖ ଦାସ** : ଆନୁମାନିକ ଉନବିଂଶ ଶତାବ୍ଦୀର ଗୀତିକବି। ତାଙ୍କର ଗୋଟିଏ କବିତାର ଶେଷ ପଂକ୍ତି: ହେଉଛି- "ବଡ଼ ବିଚିତ୍ର କଲେ ନନ୍ଦ ରାଜନ ଟିକି ପିଲାଟି।"

(କୃ.ଚ.ସା.)

୧୫୫-**ଗୌରକୃଷ୍ଣ** : ଉନବିଂଶ ଶତାବ୍ଦୀ । କବିଙ୍କର ଏକ କବିତାର ଶେଷ ପଂକ୍ତି ହେଉଛି- "ଏହି ବରହୀ ବଟି କିରେ ସଙ୍ଗାତ ।"

(କୃ.ଚ.ସା.)

୧୫୬-**ଗୌର ଗଜପତି** : ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । କବି କେତେକ ଜଣାଣ ଭଜନ ଲେଖି ଥିବାର ଜଣାଯାଏ।

(ପ୍ରା.ଓ.ଲି.ଭା.ସା. ପୃ-୭୯)

୧୫୭-**ଗୌରଚନ୍ଦ୍ର** : ଆନୁମାନିକ ୧୮ଶ ଶତାବ୍ଦୀ । ଗୋବିନ୍ଦ ମଙ୍ଗଳ ନାମକ ଖଣ୍ଡିଏ କୃଷ୍ଣକାବ୍ୟ ଲେଖିଥିବାର ଜଣାଯାଏ।

(ପ୍ରା.ଓ.ଲି.ଭା.ସା. ପୃ-୧୫୨)

୧୫୮-**ଗୌରଚନ୍ଦ୍ର ଦ୍ୱିଜ** : ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । ସେ କେତେକ ଚଉପଦୀ, ଜଣାଣ, ଭଜନ ଲେଖିଥିବାର ଜଣାଯାଏ।

(ପ୍ରା.ଓ.ଲି.ଭା.ସା.ପଢ-୬୩)

୧୫୯- **ଗୌରଚନ୍ଦ୍ର ନୃପ ବା ଗୌରଚନ୍ଦ୍ର ଭଞ୍ଜ** : ୧୯ଶ ଶତାବ୍ଦୀର କବି ହେବା ଅନୁମେୟ। କବିଙ୍କର ୧୦ଟି ଚଉପଦୀ ଡ. ଜାନକୀବଲ୍ଲଭ ମହାନ୍ତି 'ଓଡ଼ିଆ ଗୀତିକାବ୍ୟ ସଂକଳନ'ରେ ସଂକଳନସ୍ଥ କରିଛନ୍ତି।

୧୬୦- **ଗୌରଚନ୍ଦ୍ର ଭ୍ରମରବର ମାନସିଂହ ମର୍ଦ୍ଦରାଜ** : ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । ପାରିକୁଦର ରାଜା। 'ଗୋବିନ୍ଦ ମଙ୍ଗଳ'ର ରଚୟିତା ।

(ପ୍ରା.ଓ.ଲି.ଭା.ସା.ପୃ-୮୧)

୧୬୧-**ଗୌର ଚରଣ** : (୧୮୧୪-୧୮୯୦) ତାଙ୍କର ପ୍ରକୃତ ନାମ ଗୌର ଚରଣ ଅଧିକାରୀ, ଘର-ଲେହଙ୍ଗ, ଖୋର୍ଦ୍ଧା । ସେ ରାଧାକୃଷ୍ଣ ଲୀଳାତ୍ମକ ବହୁ ଚଉପଦୀ, ଚୈତନ୍ୟ

ବନ୍ଦନା, ଗୌରଚରଣ ଗୀତାବଳୀ, ଗୌରକୃଷ୍ଣ ଭଜନ ଶତକ ଓ ଅନ୍ୟାନ୍ୟ କେତେକ ଚଉତିଶା ରଚନା କରିଥିବାର ଜଣାଯାଏ।

(ଓ.ଗୀ.କା.ପୃ-୨୮୫)

୧୬୨-**ଗୌରହରି ଦାସ :** ଆନୁମାନିକ ୧୮ଶ ଶତାବ୍ଦୀ । ପ୍ରେମଧର୍ମୀ କବିତାର ରଚୟିତା ଗୋଟିଏ କବିତାର ୧ମ ଧାଡି-'ଅନାଥରେ କେତକୀ ବରନା ନାନା ଜାତିରେ'।

(ଓ.ରା.ସଂ.)

୧୬୩-**ଗୌରହରି (ପରିଛା) :** ଆନୁମାନିକ ସମୟ (୧୮୨୯-୧୯୨୭) । ଗୌରହରି, ଗୋପାଳ କୃଷ୍ଣ (୧୭୮୫-୧୮୬୨)ଙ୍କ ସମସାମୟିକ। କବି ଗୌରହରି ରାଧାକୃଷ୍ଣ ଲୀଳା ବର୍ଣ୍ଣନା କରି ଶହ ଶହ ଚଉପଦୀ ରଚନା କରିଛନ୍ତି। କବି ଅଷ୍ଟକାଳ ସେବା, ବସ୍ତ୍ରାପହରଣ ତଥା ଗୀତଗୋବିନ୍ଦର ଅନୁବାଦ କରିଥିବାର ଜଣାଯାଏ।

ଜଳନ୍ତର ରାଜା ରାମକୃଷ୍ଣ ଛୋଟରାୟଙ୍କ ନାମ ଭଣିତା ଥିବା ପ୍ରହ୍ଲାଦ ନାଟକର ପ୍ରଣେତା କବି ଗୌରହରି ପରିଛା ବୋଲି ଅନୁମାନ କରାଯାଏ। କବିଙ୍କର ଅନ୍ୟ ଏକ କୃତି 'ଲକ୍ଷ୍ମଣ ଚନ୍ଦ୍ରୋଦୟ ଗ୍ରନ୍ଥ'।

(ପ୍ରା.ଓ.ଲି.ଭା.ସା. ପୃ-୧୫୦)

୧୬୪-**ଘନ ଦାସ :** ଆନୁମାନିକ ସପ୍ତଦଶ ଶତାବ୍ଦୀ । 'ଘନଦୂତ ଚଉତିଶା'ର ଲେଖକ।

୧୬୪-**(କ) ଘନଶ୍ୟାମ :** ଊନବିଂଶ ଶତାବ୍ଦୀ। କେତେକ ମହିମା ଧର୍ମୀ ଭଜନର ରଚୟିତା ଭାବେ ପ୍ରସିଦ୍ଧ।

୧୬୫-**ଘନ ଭଞ୍ଜ :** (୧୭୦୭-୧୭୫୪)। ଘନ ଭଞ୍ଜ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ପିତୃବ୍ୟ ଥିଲେ ଓ ଉପେନ୍ଦ୍ରଙ୍କ ପିତାଙ୍କୁ ତଡି ଘୁମୁସରରେ ରାଜତ୍ୱ କରିଥିଲେ। ରାଜ୍ୟାଧିକାର ବିଷୟରେ ସେ ଉପେନ୍ଦ୍ରଙ୍କ ପରମ ଶତ୍ରୁ ଥିଲେ ମଧ ସାହିତ୍ୟ ସାଧନା କ୍ଷେତ୍ରରେ ସେ ତାଙ୍କ ପଦାଙ୍କ ଅନୁସରଣ କରି 'ତ୍ରୈଲୋକ୍ୟ ମୋହିନୀ' ଓ 'ରସନିଧି' ନାମକ ଦୁଇଟି କାଳ୍ପନିକ କାବ୍ୟ ରଚନା କରିଥିଲେ। ସେ ୧୭୩୯ ଖ୍ରୀଷ୍ଟାବ୍ଦରେ ବୀରକେଶରୀଙ୍କ ଠାରୁ 'କ୍ଷତ୍ରିୟବର' ଉପାଧି ପ୍ରାପ୍ତ ହୋଇ ଗୌରବ ଅନୁଭବ କରିଥିଲେ। ଉପରୋକ୍ତ ଉଭୟ ଗ୍ରନ୍ଥରେ 'କ୍ଷତ୍ରିୟବର' ପଦବୀର ବହୁଳ ବ୍ୟବହାର ଥିବାରୁ ସେ ୧୭୪୦ ରୁ ୧୭୫୪ ମଧରେ ଗ୍ରନ୍ଥଦ୍ୱୟ ରଚନା କରିଥିବାର ସ୍ଥିର କରାଯାଇପାରେ। ଗ୍ରନ୍ଥ ଦ୍ୱୟ ଏ ପର୍ଯ୍ୟନ୍ତ ଅପ୍ରକାଶିତ।

କେହି କେହି ସମାଲୋଚକ ଘନ ଭଞ୍ଜ ଓ କ୍ଷତ୍ରିୟବର ଭଞ୍ଜ ଏକ ଓ ଅଭିନ୍ନ ବୋଲି ମତବ୍ୟକ୍ତ କରନ୍ତି ।

ଘନଭଞ୍ଜ 'ଗୋବିନ୍ଦ ବିଳାସ' ନାମକ କୃଷ୍ଣକାବ୍ୟ ରଚନା କରିଥିବା ଜଣାଯାଏ।

(ପ୍ରା.ଓ.ଲି.ଭା.ସା. ପୃ-୧୫୨)

୧୬୬- **ଚଇତନ ଦାସ** : ଆନୁମାନିକ ୧୮ଶ ଶତାବ୍ଦୀ । କବି 'କୋଇଲି' ରଚନା କରିଥିଲେ। 'ଖଲ୍ଲିକୋଟ ରାଜାଙ୍କ ଯଶ'ର ରଚୟିତା ମଧ ଜଣେ ଚଇତନ ଦାସ।

(ପ୍ରା.ଓ.ଲି.ଭା.ସା.ପୃ-୭୫)

୧୬୭- **ଚକ୍ରଧର ଭଞ୍ଜ** : ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । ସେ 'ନବଘନ ଚଉତିଶା,' 'ପ୍ରାଣମଣି ଚଉତିଶା', 'ଜଳଦ ଚଉତିଶା', 'ବନପ୍ରିୟ ଚଉତିଶା', 'ରସିକପ୍ରିୟ ଚଉତିଶା', 'ରସ ବାରିଧି ଚଉତିଶା' ଓ 'ମଙ୍ଗଳ ଗୀତ' ରଚନା କରିଥିଲେ।

(ପ୍ରା.ଓ.ଲି.ଭା.ସା.ପୃ-୬୦)

୧୬୮- **ଚକ୍ରପାଣି ପଟ୍ଟନାୟକ** :୧୮ଶ ଶତାବ୍ଦୀ । ଗଞ୍ଜାମ ଜିଲ୍ଲାବାସୀ କବି ଚକ୍ରପାଣି ନିଜର ଆଶୁ କବିତ୍ୱ ଓ ପାଣ୍ଡିତ୍ୱ ଯୋଗୁଁ 'ବକ୍ରବାକ୍ ଚକ୍ରପାଣି' ରୂପେ ଖ୍ୟାତିଲାଭ କରିଥିଲେ। ସେ ସଂସ୍କୃତ ଭାଷାରେ ପ୍ରସିଦ୍ଧ 'ଗୁଣ୍ଡିଚା ଚମ୍ପୂ'(୧୭୭୮) ରଚନା କରିଥିଲେ ଓ ଓଡ଼ିଆ ଭାଷାରେ ମଧ "କୃଷ୍ଣବିଳାସ' ନାମକ ଏକ କାବ୍ୟ ରଚନା କରିଥିଲେ। ସେ ସଂସ୍କୃତରେ ଅନେକ ଶ୍ଳୋକ ରଚନା କରିଥିଲେ।

(ଖୁରୁଧା ଇତିହାସ ପୃ-୨୨୫)

୧୬୯- **ଚକ୍ରପାଣି ଭଞ୍ଜ** : ଆନୁମାନିକ ୧୮ଶ ଶତାବ୍ଦୀର କବି। ସେ କେତେକ ପ୍ରେମକବିତା ରଚନା କରିଥିବାର ଜଣାଯାଏ।

(କୃ.ଚ.ସା)

୧୭୦- **ଚକ୍ରପାଣି ସିଂହ** ୧୯ଶ ଶତାବ୍ଦୀ । ଏହାଙ୍କ ରଚିତ 'ଛାମୁରୁ ମେଲାଣି ହୋଇ, ' କି ଆଗୋ ଦୂତୀ' ଶୀର୍ଷକ ଦୁଇଗୋଟି ଚଉପଦୀ 'ସଙ୍ଗୀତ ସାଗର' ୪ର୍ଥ ଭାଗରେ ସନ୍ନିବିଷ୍ଟ। ତାଙ୍କ ରଚିତ ତିନିଗୋଟି ଚଉପଦୀ ଡ. ଜାନକୀବଲ୍ଲଭ ମହାନ୍ତି ତାଙ୍କର 'ଗୀତିକାବ୍ୟ ସଂକଳନ'ରେ ଉଦ୍ଧାର କରିଛନ୍ତି।

୧୭୧- **ଚଣ୍ଡୀ ଦାସ** (ବଙ୍ଗଳା ଚଣ୍ଡୀ ଦାସ ନୁହଁନ୍ତି) । ସମୟ ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । କବି ଚଉପଦୀ ଓ ଭଜନ ରଚନା କରିଥିବାର ଜଣାଯାଏ। ତାଙ୍କର ଏକ ପଂକ୍ତି:

"କହେ ଚଣ୍ଡୀ ଦାସ କରିଛନ୍ତି ଆଶ ସାଧୁସନ୍ଥଙ୍କର ପାଦରଜକୁ।"

(ପ୍ରା.ଓ.ଲି.ଭା.ସା. ପୃ-୬୩)

୧୭୨- **ଚନ୍ଦ୍ର ଚୂଡ଼ାମଣି ହରିଚନ୍ଦନ** : ଊନବିଂଶ ଶତାବ୍ଦୀର ଶେଷଦଶକ ଓ ବିଂଶ ଶତାବ୍ଦୀର ପ୍ରଥମ ପାଦର କବି। ସୁରଙ୍ଗି ଅଞ୍ଚଳର ରାଜା। କବି 'ଖଳ', 'ଦାରିଦ୍ର୍ୟ' ପ୍ରଭୃତି କବିତା ରଚନା କରିଥିଲେ। ଅନ୍ୟାନ୍ୟ ଗୀତିକାବ୍ୟ :- 'କୁରାଶିନୀ ଜଣାଣ', ରାଧାକାନ୍ତ ଜଣାଣ', 'ବିଶ୍ୱନାଥ ଜଣାଣ', 'ପ୍ରାର୍ଥନାବଳୀ', 'ଭ୍ରମର ଚଉତିଶା', 'ସର ଷୋଡ଼ଶୀ' ଓ 'ପଦ୍ୟମାଳା'। କେତେକ କବିତାର ଶେଷ ପଂକ୍ତିରେ 'ଚନ୍ଦ୍ରଚୂଡ଼ାମଣି ରଜା ବୋଲେ' ବୋଲି ଭଣିତା ରହିଥିବାର ଜଣାଯାଏ। (ଉ.ବି.)

**୧୭୩- ଚନ୍ଦ୍ରମଣି ଦାସ :** ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । ତାଙ୍କ ରଚିତ ୭ଟି ଚଉପଦୀ ଡ. ଜାନକୀବଲ୍ଲଭ ମହାନ୍ତି ତାଙ୍କର 'ଗୀତିକାବ୍ୟ ସଂକଳନ'ରେ ଉଦ୍ଧାର କରିଛନ୍ତି । ସେ 'ସୁଧାସାଗର ଗୀତା'ର ମଧ ରଚୟିତା ଏବଂ ଏହି ଗ୍ରନ୍ଥରେ ଜୀବ ପରମ, ପରଂବ୍ରହ୍ମ ଓ ଯୋଗସାଧନାର ବିଭିନ୍ନ ତତ୍ତ୍ୱ ବର୍ଣ୍ଣନା କରାଯାଇଛି ।

**୧୭୪- ଚନ୍ଦ୍ରଶିଖର ପୂଜାରୀ ଭାଗ୍ୟରଥି ରଣା :** ଆନୁମାନିକ ଊନବିଂଶ ଶତାବ୍ଦୀ । କବି କେତେକ ପ୍ରେମ କବିତାର ରଚୟିତା ।

(କୃ.ଚ.ସା)

**୧୭୫- ଚନ୍ଦ୍ରଶେଖର :** ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । କବି 'ମଙ୍ଗଳଗୀତ' ଓ 'ଚଉପଦୀ ମାଳା' ରଚନା କରିଥିଲେ ।

(Des.Cat.of Or.Mass. -Vol-VIII. Pages-232,251)

**୧୭୬- ଚନ୍ଦ୍ରଶେଖର କରଣ :** ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । ଚନ୍ଦ୍ରଶେଖର କରଣ ଭଣିତା ଥିବା କେତେକ ପ୍ରେମ କବିତା ଦେଖିବାକୁ ମିଳେ ।

(କୃ.ଚ.ସା.)

**୧୭୭- ଚନ୍ଦ୍ରଶେଖର ଗଜେନ୍ଦ୍ର :** ଅଷ୍ଟାଦଶ ଶତାବ୍ଦୀର କବି । ସେ 'ଜଗନ୍ନାଥ ଜଣାଣ' ଓ ଅନ୍ୟାନ୍ୟ କେତେକ ଜଣାଣ ରଚୟିତା ।

(ପ୍ରା.ଓ.ଲି.ଭା.ସା. ପୃ-୬୩)

**୧୭୮- ଚନ୍ଦ୍ରଶେଖର ଦାସ :** ଆନୁମାନିକ ୧୮ଶ ଶତାବ୍ଦୀ । "ଭକ୍ତି ରତ୍ନାବଳୀ"ର ଅନୁବାଦକ ।

**୧୭୯- ଚନ୍ଦ୍ରଶେଖର ନାଥ :** ଆନୁମାନିକ ୧୮ଶ ଶତାବ୍ଦୀ । 'ଗୋରେଖ ଗୀତା'ର ଲେଖକ ଭାବରେ ପ୍ରସିଦ୍ଧ ।

(ବୃ.ଦା.)

**୧୮୦- ଚମ୍ପତି ସିଂହ :** ଆନୁମାନିକ ୧୮ଶ ଶତାବ୍ଦୀ । ସେ ନିଜକୁ ତିଗିରିଆର ତୁଙ୍ଗ ନରପତି ଭାବେ ବର୍ଣ୍ଣନା କରିଛନ୍ତି । ସେ 'ସୁଲକ୍ଷଣା' କାବ୍ୟର ପ୍ରଣେତା ।

(ପ୍ରା.ଓ.ଲି.ଭା.ସା. ପୃ-୧୯୦)

**୧୮୧- ଚରଣ ଦ୍ୱିଜ :** ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । ସେ 'ଶ୍ରୀକୃଷ୍ଣ ରସାମୃତ' ନାମକ ଏକ କୃଷ୍ଣକାବ୍ୟ ରଚନା କରିଥିଲେ ।

କେବଳ 'ଚରଣ' ଭଣିତା ଥିବା କେତେକ କବିତା ଦେଖିବାକୁ ମିଳେ ।

(ପ୍ରା.ଓ.ଲି.ଭା.ସା. ପୃ-୧୫୨)

୧୮୨- **ଚାନ୍ଦ ଦାସ** ଆନୁମାନିକ ୧୬ଶ ଶତାବ୍ଦୀର ଶେଷଭାଗ। ସେ 'ଗୋପଜୀବନ ଚଉତିଶା' ରଚନା କରିଥିଲେ। ଏହା କୃଷ୍ଣଲୀଳା ବିଷୟକ ଏକ କାବ୍ୟ। ତାଙ୍କର ପ୍ରସିଦ୍ଧ ରଚନା ଭାବେ 'ଗୋପୀଚନ୍ଦନ' ଓ 'ଗୁଣ୍ଡିଚା ସୂତ' ପରିଚିତ।

(ପ୍ରା.ଓ.ଲି.ଭା.ସା. ପୃ-୫୬)

୧୮୩- **ଚିତ୍ରମାଳୀ ଜେମାଦେଈ :** ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । କବି 'ମଙ୍ଗଳଗୀତ' ରଚନା କରିଥିଲେ।

(ପ୍ରା.ଓ.ଲି.ଭା.ସା. ପୃ-୮୧)

୧୮୪- **ଚିନ୍ତାମଣି ଦାସ :** ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ। ସେ 'ସୀତା ବିବାହ' ଓ କେତେକ ଚଉପଦୀ ରଚନା କରିଥିଲେ।

(Des.Cat.of Or.Mass. -Vol-VIII -P-227)

୧୮୫- **ଚୈତନ୍ୟ ଗୁରୁ :** ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । ସେ ବିଲଙ୍କା ରସାମୃତ ରଚନା କରିଥିଲେ।

(ପ୍ରା.ଓ.ଲି.ଭା.ସା. ପୃ-୧୨୫)

୧୮୬- **ଚୈତନ୍ୟ ଦାସ :** ଆନୁମାନିକ ୧୬ଶ ଶତାବ୍ଦୀର ମଧଭାଗ। କବି ବଲାଙ୍ଗୀର ଜିଲ୍ଲା ଖଡ଼ିଆଳରେ ଜନ୍ମ। ପିତାଙ୍କ ନାମ ବୁଦ୍ଧେଶ୍ୱର ଓ ମାତାଙ୍କ ନାମ ମେଘାବତୀ । ତାଙ୍କ ନାମ ଧାନ ଦାସ। ସେ ଜାତିରେ ମାଳୀ ଥିଲେ। 'ନିର୍ଗୁଣ-ମାହାତ୍ମ୍ୟ'ଓ 'ବିଷ୍ଣୁଗର୍ଭ ପୁରାଣ' କବିଙ୍କର ଦୁଇଟି ଉଲ୍ଲେଖ୍ୟଯୋଗ୍ୟ କୃତି। 'ବିଷ୍ଣୁଗର୍ଭ ପୁରାଣ' ଦାଣ୍ଡିବୃତ୍ତରେ ରଚିତ ଓ ନିର୍ଗୁଣ-ମାହାତ୍ମ୍ୟ ନବାକ୍ଷରୀ ଭାଗବତ ବୃତ୍ତରେ ରଚିତ। ଭୂପତି ପଣ୍ଡିତ କବି ଚୈତନ୍ୟ ଦାସଙ୍କ ଶିଷ୍ୟ ଥିଲେ।

୧୮୭- **ଛୟଳ କହ୍ନାଇ :** ଆନୁମାନିକ ୧୮ଶ ଶତାବ୍ଦୀ । 'ଚାଟବୋଲି'ର ରଚୟିତା ଭାବେ ପ୍ରସିଦ୍ଧ।

(କୃ.ଚ.ସା.)

୧୮୮- **ଜଗଦେଶ୍ୱର ଭଞ୍ଜ :** ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । ସେ 'ମନ୍ଦୋଦରୀ କୋଇଲି' ରଚନା କରିଥିଲେ।

(ପ୍ରା.ଓ.ଲି.ଭା.ସା. ପୃ-୭୫)

୧୮୯- **ଜଗନ୍ନାଥ :** ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । ସେ 'ଯଶୋଦା କୋଇଲି' ରଚନା କରିଥିଲେ।

(ପ୍ରା.ଓ.ଲି.ଭା.ସା.ପୃ-୭୫)

**୧୯୦- ଜଗନ୍ନାଥ ଆଚାର୍ଯ୍ୟ :** ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । ଡ. ଜାନକୀବଲ୍ଲଭ ମହାନ୍ତି କବିଙ୍କର ୬ଟି ଗୀତିକା 'ଓଡ଼ିଆ ଗୀତିକାବ୍ୟ ସଂକଳନ'ରେ ଉଦ୍ଧାର କରିଛନ୍ତି।

**୧୯୧- ଜଗନ୍ନାଥ ଦାସ (୧) :** ଆନୁମାନିକ ୧୪୯୦-୧୫୫୦। ୧୬ଶ ଶତାବ୍ଦୀ । 'ପଞ୍ଚସଖା' ଯୁଗର ବିଶିଷ୍ଟ କବି। ପୁରୀ ଜିଲ୍ଲା କପିଳେଶ୍ୱରପୁର ଶାସନର ଏକ ବ୍ରାହ୍ମଣ ପରିବାରରେ ଜନ୍ମ। ପିତାଙ୍କ ନାମ ଭଗବାନ ଦାସ ଓ ମାତାଙ୍କ ନାମ ପଦ୍ମାଦେବୀ। ଚୈତନ୍ୟଙ୍କଠାରୁ ଅତିବଡ଼ୀ ଉପାଧି ଲାଭ କରିଥିଲେ। ପଞ୍ଚସଖାର ଅନ୍ୟତମ ବିଶିଷ୍ଟ କବି ବଳରାମ ଦାସଙ୍କଠାରୁ ଦୀକ୍ଷା ଗ୍ରହଣ କରିଥିଲେ। 'ଭାଗବତ' ପାଇଁ ଓଡ଼ିଶାର ଘରେ ଘରେ ପରିଚିତ। ସଂସ୍କୃତରୁ ସେ ନବାକ୍ଷରୀ ବୃତ୍ତରେ 'ଭାଗବତ' (୧ମ ସ୍କନ୍ଧରୁ ୧୧ଶ ସ୍କନ୍ଧ) ଅନୁବାଦ କରିଥିଲେ। ଏହି ନବାକ୍ଷରୀ ବୃତ୍ତ ଭାଗବତ ବୃତ୍ତ ନାମରେ ପ୍ରସିଦ୍ଧି ଲାଭ କରିଛି। 'ଭାଗବତ' ବ୍ୟତୀତ 'ଶୈବାଗମ ଭାଗବତ', 'ଶୂନ୍ୟ ଭାଗବତ', 'ଶ୍ରୀନାମ ଚନ୍ଦ୍ରିକା', 'ଅନାମୟ କୁଣ୍ଡଳୀ', 'ଦୂତୀବୋଧ', 'ତୁଳାଭିଣା' (ଗଦ୍ୟ) 'ନିତ୍ୟ ନୀଳାଦ୍ରି ବିଳାସ', 'ନୀଳଗିରିଧାନ', 'ଉଷା ହରଣ', 'ପ୍ରମୋଦ ଚିନ୍ତାମଣି', 'ଗଜ ନିସ୍ତାରଣ', 'ପାହାନ୍ତି ଅବକାଶ', 'ହରିଣୀ ସ୍ତୁତି', 'ଅକ୍ରୁର ବୋଲି', 'ଦୀକ୍ଷା ସମ୍ବାଦ', 'ଉଦ୍ଧବ ଜଣାଣ', 'ମାଳା ନିର୍ଣ୍ଣୟ', 'ଗୋପୀଭାଷା ଅର୍ଥ', 'କଳି ମାଳିକା', 'ଇନ୍ଦ୍ରମାଳିକା', 'ଭବିଷ୍ୟ ମାଳିକା', 'ରୁକ୍ମିଣୀ ମାଳିକା', 'ଛାଟ', 'ଯଶାପର୍ବ', 'ପଦ୍ମକଳ୍ପ ଟୀକା', 'ଗୁପ୍ତ ଗୀତା', 'କାଳୀୟ ଦଳନ', 'ଗୁଣ୍ଡିଚା ବିଜେ', 'ମନଶିକ୍ଷା', 'ଅଳଙ୍କାର ବୋଲି', 'ପଞ୍ଚଭୂତ ଗୀତା', 'ପାଷାଣ୍ଡ ଦଳନ', 'ଷୋଳ ଚଉପଦୀ', 'ଅର୍ଥ କୋଇଲି', 'ଗଙ୍ଗାମଙ୍ଗଳ' (ବଙ୍ଗଳା), 'ରାସ ପଞ୍ଚାଧ୍ୟାୟୀ', 'ଶ୍ରୀ ଦାରୁବ୍ରହ୍ମ ଗୀତା', 'ଫୁଲତୋଳା', 'ବ୍ରହ୍ମାଣ୍ଡ ଭୂଗୋଳ', 'ଭାଗବତ ଜନ୍ମ', 'ଅନନ୍ତଲୀଳା', 'ପାଦପଦ୍ମ ସୁଧାନିଧି', 'ବ୍ରଜବୋଲି', ଭାଷାରେ 'ରାହାସ' ଓ କେତୋଟି ଖଣ୍ଡ କବିତା 'ସରଦ ରାସ', 'ରସକଳ୍ପ ଚନ୍ଦ୍ରିକା' 'ପୂର୍ଣ୍ଣରସ ଚନ୍ଦ୍ରିକା' 'ଶ୍ରୀନିତ୍ୟସ୍ଥଳ ମାଳଶ୍ରୀ, 'ଶ୍ରୀଚୈତନ୍ୟ ଚନ୍ଦ୍ରିକା' ଇତ୍ୟାଦି ତାଙ୍କର ସଂସ୍କୃତି ଗ୍ରନ୍ଥଗୁଡ଼ିକ ମଧ୍ୟରେ 'ବୈଷ୍ଣବ ଆଚରଣ', 'କୃଷ୍ଣଭକ୍ତି କଳ୍ପଲତା', 'କୃଷ୍ଣଭକ୍ତି କଳ୍ପଲତା ଫଳମ୍ ' 'ନିତ୍ୟଗୁପ୍ତ ଚିନ୍ତାମଣି', ଉପାସନା ଶତକମ୍', 'ପ୍ରେମ ସୁଧାନିଧି', 'ନିତ୍ୟାଚାର', 'ଦୀକ୍ଷା ସହିତୋପାସନା', 'ନିଳାଦ୍ରୀ ଶତକମ୍', 'ଶ୍ରୀଜଗନ୍ନାଥ ଚରିତାମ୍ଭୋଧି ସରଣୀ' ଇତ୍ୟାଦି।

ଜଗନ୍ନାଥ ଦାସଙ୍କର ସମଗ୍ର କୃତିରେ ଭଗବାନ୍‌ଙ୍କ ନାମ ସଂକୀର୍ତ୍ତନ ହେଉଛି ମୁଖ୍ୟ।

**୧୯୨ - ଜଗନ୍ନାଥ ଦାସ (ଶିଷ୍ୟ) (୨) :** ଆନୁମାନିକ ୧୬ଶ ଶତାବ୍ଦୀ। ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଶିଷ୍ୟ। 'ପାଦପଦ୍ମ ସୁଧାନିଧି', 'ପଦ୍ମ କଳ୍ପଟୀକା' ଓ 'ଗୁପ୍ତ ଭାଗବତ' ଲେଖିଥିବା ଜଣାଯାଏ।

**୧୯୩- ଜଗନ୍ନାଥ ଦାସ (ଦ୍ୱାରକା) (୩) :** ଭାଗବତ ୧୩ଶ ସ୍କନ୍ଧ ଭଣିତାରେ ଦ୍ୱାରକା ଜଗନ୍ନାଥଙ୍କ ନାମ ଦେଖିବାକୁ ମିଳେ । 'ପରଚେ ଗୀତା'ର ଲେଖକ ଦ୍ୱାରକା ଦାସ। ଆନୁମାନିକ (୧୬୫୬-୧୭୩୬) ଓ ଦ୍ୱାରକା ଜଗନ୍ନାଥ ଦାସ ଏକ ବ୍ୟକ୍ତି ହେବା ଖୁବ୍ ସମ୍ଭବ।

**୧ ୯ ୪- ଜଗନ୍ନାଥ ଦାସ (୪)** : ଆନୁମାନିକ ୧୭ଶ ଶତାବ୍ଦୀ । ବୃନ୍ଦାବତୀ ଦାସୀଙ୍କ ଶଶୁର ଓ ଭୀମ ଦାସଙ୍କ ପିତାମହ। 'ଲାବଣ୍ୟବତୀ' ନାମକ ଏକ ଚଉତିଶା (ଅପ୍ରକାଶିତ) ଲେଖିଥିବାର ଜଣାଯାଏ । ଏହାର ପ୍ରଥମ ଧାଡି- 'ଏ କହେ ରାଧା ଚନ୍ଦ୍ରମୁଖୀ ଦୂତିକା ଆଗରେ ହୋଇ କାମାଖ୍ୟ ଗୋ'। (କୃ.ଚ.ସା.) ଏଥିରେ ରାଧାକୃଷ୍ଣଙ୍କର ପ୍ରେମ ବର୍ଣ୍ଣନା କରାଯାଇଛି।

**୧ ୯ ୫- ଜଗନ୍ନାଥ ଦାସ (୫)** ୧୯ଶ ଶତାବ୍ଦୀର ଶେଷଭାଗ। ବିରଜାମଣ୍ଡଳସ୍ଥ ସମଳ ଗ୍ରାମର ଅଧିବାସୀ। ଦରିଦ୍ର କରଣ ଗୃହରେ ଜନ୍ମ ହୋଇଥିଲେ। ତାଙ୍କ ନାମ ଭଣିତାରେ 'ଗୋପାଳ ଚରିତାମୃତ' ନାମକ ନବାକ୍ଷରୀ ବୃତ୍ତରେ ଲିଖିତ ଏକ ଗ୍ରନ୍ଥ ଦେଖିବାକୁ ମିଳେ। ଏହାର ପ୍ରକୃତ ରଚୟିତା ଏହି ଜଗନ୍ନାଥ ଦାସଙ୍କ ଜଣେ ଶିଷ୍ୟ ଏବଂ ତାଙ୍କ ନାମ ଶ୍ରୀ ମଦନମୋହନ ପଟ୍ଟନାୟକ।

**୧ ୯ ୬- ଜଗନ୍ନାଥ ଦାସ (ରାଜକୁମାର) (୬)** : ଅଷ୍ଟାଦଶ ଶତାବ୍ଦୀ । ଧଳଭୂମର ରାମକୁମାର ପଞ୍ଚଦଶ ଛାନ୍ଦ ବିଶିଷ୍ଟ 'ପ୍ରେମଲତା' ଛାନ୍ଦର ରଚୟିତା । ସେ କେତେକ ସାଧାରଣ ପ୍ରେମଧର୍ମୀ କବିତା ଲେଖିଛନ୍ତି, ଯଥା-ଅନାରେ ମୀନବର ନୟନା ଇତ୍ୟାଦି।

(କୃ.ଚ.ସା.)

**୧ ୯ ୭- ଜଗନ୍ନାଥ ଦେବ** : ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । କେତେକ କୃଷ୍ଣ ଭକ୍ତିମୂଳକ କବିତାର ରଚୟିତା ଭାବେ ପ୍ରସିଦ୍ଧ। ତାଙ୍କ ରଚିତ ଗୋଟିଏ କବିତାର ପ୍ରାନ୍ତ ପଂକ୍ତି ହେଉଛି

ଏ ମୋର ଦଶାକୁ ଦେଖ ଗୋ

କହନ୍ତି ସେଦୂତୀ ଆଣିମି କୃଷ୍ଣକୁ

ଭାଷେ ଜଗନ୍ନାଥ ଦେବ ଗୋ।"

(D.C.O.M.Vol-VIII P-8)

**୧ ୯ ୮- ଜଗନ୍ନାଥ ଦ୍ୱିଜ** : ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । ସେ 'ବାଇମନ କୋଇଲି', 'ଯୁଗଧର୍ମ କୋଇଲି' ଓ 'ଦଶାବତାର କୋଇଲି' ଲେଖିଥିବା ଜଣାଯାଏ।

(ପ୍ରା.ଓ.ଲି.ଭା.ସା. ପୃ-୭୫)

**୧ ୯ ୯- ଜଗନ୍ନାଥ ନାରାୟଣ ଦେବ** : ଆନୁମାନିକ ଉନବିଂଶ ଶତାବ୍ଦୀ । 'ବୃନ୍ଦାବନ ଚନ୍ଦ୍ରବିହାର' ରଚନା କରିଥିଲେ। କେବଳ ଜଗନ୍ନାଥ ଦେବ ଭଣିତା ଥିବା କେତେକ କବିତାରେ ସେ ନିଜକୁ ଗଙ୍ଗବଂଶ ଅବତଂଶ ରୂପେ ପରିଚିତ କରାଇଛନ୍ତି।

(D.C.O.M.Vol-VIII P-243)

**୨୦୦-ଜଗନ୍ନାଥ ନରପତି** : ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । ଡ. ଜାନକୀବଲ୍ଲଭ ମହାନ୍ତି 'ଓଡ଼ିଆ ଗୀତିକାବ୍ୟ ସଂକଳନ'ରେ କବିଙ୍କର ୨ଟି ଗୀତିକା ଉଦ୍ଧାର କରିଛନ୍ତି। 'ଜଗନ୍ନାଥ ନୃପତି' ବୋଲି କେତେକ ସାଧାରଣ ପ୍ରେମଧର୍ମୀ କବିତାରେ ଭଣିତା ଅଛି।

**୨୦୧-ଜଗନ୍ନାଥ ପାଣି** :୧୯ଶ ଶତାବ୍ଦୀର ଶେଷଭାଗ। ଭଦ୍ରକ ନଲାଙ୍ଗ ଗ୍ରାମରେ ଜନ୍ମ। ବହୁ ଗୀତିନାଟ୍ୟର ରଚୟିତା। ସେ 'ମହାଭାରତ'ର କାହାଣୀମୂଳକ 'ପ୍ରମୋଦ ଚିନ୍ତାମଣି' କାବ୍ୟ ରଚନା କରିଥିଲେ। ଚଉତିଶା ନିୟମରେ କ, ଖ, ଗ ଆଦ୍ୟାନୁପ୍ରାସରେ ଗୋଟିଏ ଗୋଟିଏ ଛାନ୍ଦ ବା ଅଧ୍ୟାୟ ରଚନା କରି ସମୁଦାୟ ୩୪ଟି ଛାନ୍ଦରେ ଏହି କାବ୍ୟଟି ସମାପ୍ତ କରିଥିଲେ। କବି ଜଗନ୍ନାଥ ପାଣି 'ଗୁଣ୍ଡିଚାଯାତ୍ରା' କାବ୍ୟ ଲେଖିଥିବା ଜଣାଯାଏ।

(ପ୍ରା.ଓ.ଲି.ଭା.ସା. ପୃ-୬୧)

**୨୦୨-ଜଗନ୍ନାଥ ମର୍ଦ୍ଧରାଜ** : ଆନୁମାନିକ ୧୮ଶ ଶତାବ୍ଦୀ । ସେ 'ବୈଶାଖ ମାହାତ୍ମ୍ୟ'ର ଅନୁବାଦ କରିଥିବାର ଜଣାଯାଏ।

(ପ୍ରା.ଓ.ଲି.ଭା.ସା. ପୃ-୨୦୧)

**୨୦୨-ଜଗନ୍ନାଥ ମିଶ୍ର** ୧୭ଶ ଶତାବ୍ଦୀର ପ୍ରଥମ ଭାଗ। ପଣ୍ଡିତ ଜଗନ୍ନାଥ ମିଶ୍ରଙ୍କ 'ରସ କଳ୍ପଦ୍ରୁମ' ଏକ ଅଦ୍ୱିତୀୟ ଅଳଂକାର ଗ୍ରନ୍ଥ। ଏହା ୧୦ ଶାଖା ବା ଭାଗରେ ବିଭକ୍ତ। ପ୍ରତି ଭାଗରେ ୫ଟି ଉପଭାଗ ବା ପଲ୍ଲବ ଅଛି। ପ୍ରଥମ ୯ଟି ବିଭାଗରେ ଶୃଙ୍ଗାର ଆଦି 'ନବରସ' ଓ ଶେଷଭାଗରେ 'ସାଧାରଣ ରସ' ସମ୍ବନ୍ଧରେ ଅତି ପାଣ୍ଡିତ୍ୟପୂର୍ଣ୍ଣ ଆଲୋଚନା କରାଯାଇଅଛି। ସେ 'ଗୀତଗୋବିନ୍ଦ'ର ଅନୁବାଦ କରିଥିବା ଜଣାଯାଏ।

(ଖୁରୁଧା ଇତିହାସ .ପୃ-୧୭୪)

(ପ୍ରା.ଓ.ଲି.ଭା.ସା.ପୃ-୨୦୩)

**୨୦୪-ଜଗନ୍ନାଥ ରାଜମଣିଙ୍କ ସୁତ** : ଉନବିଂଶ ଶତାବ୍ଦୀର ବ୍ୟକ୍ତି। ତାଙ୍କର କବିତାର ଆଦ୍ୟ ପଂକ୍ତି ହେଉଛି 'ଅନାରେ ମୀନବର ନୟନା' । (ରାଜ୍ୟ ସଂଗ୍ରହାଳୟ)

**୨୦୫-ଜଗନ୍ନାଥ ରାଜେନ୍ଦ୍ର** : ଆନୁମାନିକ ୧୮ଶ ଶତାବ୍ଦୀ । କେତେକ ଚଉପଦୀ, ଚଉପଦୀ ଭୂଷଣର ରଚୟିତା। ତାଙ୍କ ରଚିତ ଏକ ଚଉପଦୀରେ ଦେଖାଯାଏ 'ଟିକିଟି କ୍ଷେତ୍ରି ଇନ୍ଦ୍ର ଜଗନ୍ନାଥ ରାଜେନ୍ଦ୍ର ମେଲାଣି ମାଗୁଛି ଯିବାକୁ ପ୍ରାଣବନ୍ଧୁ।'

(D.C.O.M Vol-VIII. Page-228)

**୨୦୬-ଜଗବନ୍ଧୁ** : ଆନୁମାନିକ ବିଂଶ ଶତାବ୍ଦୀର କବି। ସେ 'ନଅଙ୍କ ଗୀତ' ରଚନା କରିଥିଲେ। ଜଗବନ୍ଧୁ ଭଣିତା ଥିବା 'ଜଗବନ୍ଧୁ ଓଲଟ ଚଉତିଶା' ଦେଖିବାକୁ ମିଳିଥାଏ।

**୨୦୭-ଜଗୁ ନନ୍ଦ** ୧୯ଶ ଶତାବ୍ଦୀ 'ତ୍ରିନାଥ ମେଳା'ର ରଚୟିତା।

(D.C.O.M Vol-IX. P-300)

**୨୦୮-ଜଡ଼ା ଦାସ** : ଆନୁମାନିକ ଷୋଡ଼ଶ ଶତାବ୍ଦୀ । କେତେକ ଚଉତିଶାର ରଚୟିତା।

(D.C.O.M Vol-VIII. P-198)

**୨୦୯-ଜଗଦେବ ନୃପ** ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ। ସେ 'ଚଉତିରିଶ ପଦିଆ' ରଚନା କରିଥିଲେ।

ଜଗଦେବ ହରିଚନ୍ଦନ ଭଣିତାଥିବା କେତେକ କବିତା ଦେଖିବାକୁ ମିଳେ।

(ପ୍ରା.ଓ.ଲି.ଭା.ସା. ପୃ-୭୨)

**୨୧୦-ଜନାର୍ଦ୍ଦନ ବିପ୍ର** : ଅଷ୍ଟାଦଶ ଶତାବ୍ଦୀ। ବିପ୍ର ଜନାର୍ଦ୍ଦନ ଓ ବିକ୍ରମ ନରେନ୍ଦ୍ର ନାମକ ଦୁଇଜଣ କବି 'ରାଘବ ଚରିତାମୃତ' ନାମକ ରାମଲୀଳା ରଚନା କରିଥିବା ଜଣାଯାଏ । ସେ ମଧ୍ୟ କେତେକ ଜଣାଣ ରଚନା କରିଥିଲେ।

(ପ୍ରା.ଓ.ଲି.ଭା.ସା. ପୃ-୫୭)

**୨୧୧-ଜନାର୍ଦ୍ଦନ (ରାଜକବି)** : ଆନୁମାନିକ ୧୮ଶ ଶତାବ୍ଦୀ । ରାଜକବି ଜନାର୍ଦ୍ଦନ 'ମାଧବ ରସାର୍ଣ୍ଣବ ଛାନ୍ଦ'ର ରଚୟିତା । ସେ କେତେକ ପ୍ରେମ ଗୀତିକା ରଚନା କରିଥିଲେ। 'ପର କଲୁପର ପରି' ଶୀର୍ଷକ କବିତାରେ ସେ ନିଜକୁ 'ଭାଷେ ଜନାର୍ଦ୍ଦନ ହିନ୍ଦୋଳ ରାଜନ ସ୍ମରଣରେ ତୁ ଭରି' ଭାବେ ପରିଚିତ କରାଇଛନ୍ତି। ତାଙ୍କର ଅନ୍ୟ ଗୋଟିଏ କବିତାର ଆଦ୍ୟ ପଂକ୍ତି ହେଉଛି, 'ନ ଚାହୁଁ କାହିଁକି ଭଙ୍ଗୀରେ ଶୁଭ୍ରାଙ୍ଗୀ ।'

(ପ୍ରା.ଓ.ଲି.ଭା.ସା. ପୃ-୧୯୩)

**୨୧୨-ଯଜ୍ଞେଶ୍ୱର ଦାସ** : ଆନୁମାନିକ ଊନବିଂଶ ଶତାବ୍ଦୀ। ସେ 'ପ୍ରଣବ ଗୀତା' ରଚନା କରିଥିଲେ।

**୨୧୩-ଜୟକୃଷ୍ଣ** : ଅଷ୍ଟାଦଶ ଶତାବ୍ଦୀର କବି। ସେ 'ତତ୍ତ୍ୱଜ୍ଞାନ ଭଜନ' ବା 'ବ୍ରହ୍ମତତ୍ତ୍ୱ ଭଜନ'ର ରଚୟିତା । ତାଙ୍କ ରଚିତ ଗୋଟିଏ କବିତାର ଭଣିତା ହେଉଛି-

"ଫୁଲର ନାମ ଅମରା
ଚୁମ୍ବି ନ ପାରେ ଭ୍ରମରା
ବୋଲେ ଜୟକୃଷ୍ଣ ହୀରା ପ୍ରାୟେ ଦିଶୁଛି।"

(Des. Cat. of Or. Mss-Vol-IX P-235)

**୨୧୩-(କ)ଜୟକୃଷ୍ଣ** : ଊନବିଂଶ ଶତାବ୍ଦୀ। ତାଙ୍କ ରଚିତ କେତେକ ମହିମାଧର୍ମୀ ଭଜନ 'ପ୍ରାଚୀ ସମିତି' ଦ୍ୱାରା 'ଜୟକୃଷ୍ଣ ଭଜ ନ'ନାମରେ ପ୍ରକାଶିତ।

**୨୧୪-ଜୟକୃଷ୍ଣ ଦାସ** : ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । ସେ କେତେକ ଜଣାଣ ଭଜନ ଲେଖିଥିବାର ଜଣାଯାଏ । 'ଗୁଡ଼ିଆ ଶଙ୍କର ପାଲା'ର ରଚୟିତା ମଧ୍ୟ ଜଣେ ଜୟକୃଷ୍ଣ । କେବଳ ଜୟକୃଷ୍ଣ ଭଣିତା ଥାଇ ଜଣେ କବି ଅଯୋଧ୍ୟା ଓ ଦ୍ୱାରକା ଲୀଳାକୁ ଶ୍ଳେଷରେ ବର୍ଣ୍ଣନା କରିଛନ୍ତି।

(ପ୍ରା.ଓ.ଲି.ଭା.ସା. ପୃ-୭୯)

୨୧୫-**ଜୟକେଶରୀ (ଜୟସିଂହ)** : ୧୭ଶ ଶତାବ୍ଦୀର ଧରାକୋଟର ରାଜା । କବି କୃଷ୍ଣ ସିଂହଙ୍କ ଜ୍ୟେଷ୍ଠ ପିତା । 'କ୍ଷେତ୍ର ମହାତ୍ମ୍ୟ', 'ଭଗବତ ଗୀତା' ଓ 'ମହାଭାରତରେ ଦ୍ରୋଣପର୍ବ' ଅନୁବାଦ କରିଥିଲେ । ଜୟସିଂହ ଭଣିତା ଥିବା ତାଙ୍କର ଗୋଟିଏ କବିତାର ପଂକ୍ତି ହେଉଛି ।

"କ୍ଷିତି ପତି ଚୟ ଶୀରୋମଣି ଜୟସିଂହ ଭଣିଲେ ଏ ରସେ ।"

(D.C.O.M.Vol-VIII. P-256)

୨୧୫-**ଜୟରାମ ଦାସ** : ଆନୁମାନିକ ଉନବିଂଶ ଶତାବ୍ଦୀ । ସେ 'ରାସକ୍ରୀଡ଼ା' ରଚନା କରିଥିଲେ ।

(ଉ.ବି.)

୨୧୭-**ଜାନକୀବଲ୍ଲଭ (ବିପ୍ର)** ୧୭ଶ ଶତାବ୍ଦୀ । ଉତ୍ତର ବାଲେଶ୍ୱର ସୁବର୍ଣ୍ଣରେଖା ନଦୀକୂଳସ୍ଥ ଭୋଗରାଇ ଗ୍ରାମରେ ଜନ୍ମ । ଭୋଗରାଇର ରାଜତୁଲ୍ୟ ଜମିଦାର ବଂଶର ଜନୈକା ରାଣୀ ଗୁଣ୍ଡିଚା ଦେବୀଙ୍କ ଅନୁରୋଧରେ ଜାନକୀବଲ୍ଲଭ ଓଡ଼ିଆ ଭାଗବତ (ଜଗନ୍ନାଥ ଦାସଙ୍କର) ସଂଶୋଧନ କାର୍ଯ୍ୟ ୧୭୫୦ରୁ ୧୭୫୩ ମଧ୍ୟରେ କରିଥିଲେ । ତତ୍‌ପରେ ୧୭୫୫ରେ ନବାକ୍ଷରୀ ବୃତ୍ତରେ ଶ୍ରୀମଦ୍ ଭାଗବତ ଗୀତାର ଅନୁବାଦ 'ଗୀତାର୍ଥ ସାରଟୀକା' କରିଥିଲେ ।

ଜାନକୀବଲ୍ଲଭଙ୍କ ପ୍ରକୃତ ନାମ ଜାନକୀବଲ୍ଲଭ କର ଶର୍ମା । ଜାନକୀବଲ୍ଲଭ 'ଭାଗବତ' ବାଲେଶ୍ୱର ଓ ମୟୂରଭଞ୍ଜରେ ବହୁ ସଂଖ୍ୟାରେ ମିଳେ ।

(ପ୍ରା.ଓ.ଲି.ଭା.ସା. ପୃ-୧୯୭)

୨୧୮-**ଜାନକୀଶରଣ ଭଞ୍ଜ** : ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । ସେ କେତେକ ଚଉପଦୀ ରଚନା କରିଥିଲେ । ତାଙ୍କ ରଚିତ ଏକ ଚଉପଦୀରେ ଦେଖିବାକୁ ମିଳେ- "ଆନରସ ଆଉ ନାହିଁ ବୋଲେ ।"

(Des.Cat.of Or.Mass. -Vol-VIII-P-253)

୨୧୯-**ଟିଗିରିଆ ମାନ୍ଧାତା** : ଆନୁମାନିକ ୧୮ଶ ଶତାବ୍ଦୀ । ଚଉତିଶା ମାଧମରେ ଚିଟାଉ ଲେଖିଛନ୍ତି । ଏହି ଚିଟାଉ ପଦ୍ୟାତ୍ମକ ମାତ୍ର ।

(ପ୍ରା.ଓ.ଲି.ଭା.ସା. ପୃ-୫୫)

୨୨୦-**ତେଲେଙ୍ଗା ଗୋପାଳ** : ଆନୁମାନିକ ୧୮ଶ ଶତାବ୍ଦୀ । ସେ ଜଗନ୍ନାଥ ମାହାତ୍ମ୍ୟ ଓ 'ରାମଚରିତ' କାବ୍ୟ ଆକାରରେ ରଚନା କରିଥିବା ଅଧ୍ୟାପକ ବୃନ୍ଦାବନ ଆଚାର୍ଯ୍ୟ ତାଙ୍କର 'ଓଡ଼ିଆ ସାହିତ୍ୟର ସଂକ୍ଷିପ୍ତ ପରିଚୟ' (ପୃ-୧୮୦) ରେ ଉଲ୍ଲେଖ କରିଛନ୍ତି । ସମ୍ଭବତଃ ପୂର୍ବ ଆଲୋଚିତ ଗୋପାଳ ତେଲେଙ୍ଗା ଓ ତେଲେଙ୍ଗା ଗୋପାଳ ଏକ ଓ ଅଭିନ୍ନ ।

୨୨୧-**ତ୍ରିପୁରାରୀ ଦାସ** : ଆନୁମାନିକ ୧୮ଶ ଶତାବ୍ଦୀ । କଟକ ଜିଲ୍ଲା ଅନ୍ତର୍ଗତ ଡମପଡ଼ାର କୁସୁଦା ଗ୍ରାମର ଅଧିବାସୀ । 'ରାମକୃଷ୍ଣ କେଳିକଲ୍ଲୋଳ' ଶୀର୍ଷକ ଶ୍ଳେଷ କାବ୍ୟର ରଚୟିତା ।

**୨୨୨-ତ୍ରିବିକ୍ରମ ନରେଶ :** ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ। ଡ. ଜାନକୀବଲ୍ଲଭ ମହାନ୍ତି କବିଙ୍କର ୨ଟି ଗୀତିକା, 'ଓଡ଼ିଆ ଗୀତିକାବ୍ୟ ସଂକଳନ'ର ଉଦ୍ଧାର କରିଛନ୍ତି।

**୨୨୩-ତ୍ରିବିକ୍ରମ ଭଞ୍ଜ** ୧୭୭୩ରୁ ୧୭୮୦ ରାଜତ୍ୱ କରିଥିଲେ। ତାଙ୍କ ପିତାଙ୍କ ନାମ କୃଷ୍ଣଭଞ୍ଜ ଓ ପିତାମହଙ୍କ ନାମ ଘନ ଭଞ୍ଜ। ସେ 'କନକଲତା' ରଚନା କରିଥିଲେ। ଉକ୍ତ କାବ୍ୟ ରଚନାରେ ସେ ଉପେନ୍ଦ୍ର ଭଞ୍ଜଙ୍କ ପଦାଙ୍କ ଅନୁସରଣ କରିଥିବା ଜଣାଯାଏ। ସେ କେତେକ ସଙ୍ଗୀତରେ ନିଜକୁ 'ତ୍ରିବିକ୍ରମ ଭଞ୍ଜ ମହାରାଜା' ରୂପେ ପରିଚିତ କରାଇଛନ୍ତି। ତ୍ରିବିକ୍ରମ ନରେଶ ଓ ତ୍ରିବିକ୍ରମ ଭଞ୍ଜ ଏକ ଓ ଅଭିନ୍ନ ହୋଇଥିବା ଅନୁମାନ କରାଯାଇପାରେ।

**୨୨୪-ତ୍ରିଲୋଚନ ଦାସ (୧) :** ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । ସେ 'ଦୟାସାଗର କୋଇଲି' ରଚନା କରିଥିଲେ। ଏହି 'କୋଇଲିଟି ଅନ୍ୟ 'କୋଇଲି' ପରି 'ଚଉତିଶା' ରୀତିରେ କିମ୍ବା 'ବାରମାସୀ' ରୀତିରେ ଲେଖାଯାଇ ନାହିଁ। ଏହା ଶତାଧିକ ପଦରେ ଶେଷ ହୋଇଅଛି । ଏହାଙ୍କର ଅନ୍ୟ ପ୍ରସିଦ୍ଧ ରଚନା ହେଉଛି, 'ସ୍ନାନଯାତ୍ରା ଚଉତିଶା।'

**୨୨୫-ତ୍ରିଲୋଚନ ଦାସ (୨) :** ଷୋଡ଼ଶ ଶତାବ୍ଦୀର ଶେଷାର୍ଦ୍ଧ। ଗୀତଗୋବିନ୍ଦର ପଦ୍ୟାନୁବାଦକ। ତାଙ୍କ ରଚିତ ଗ୍ରନ୍ଥ 'ଗୋବିନ୍ଦ ଗୀତା' ନାମରେ ପ୍ରସିଦ୍ଧ। ଏଥିରେ ସେ ଗୀତ ଗୋବିନ୍ଦର ବିଷୟବସ୍ତୁକୁ ଜୀବପରମ ଲୀଳାରୂପେ ବ୍ୟାଖ୍ୟା କରିଛନ୍ତି।

**୨୨୬-ତ୍ରିଲୋଚନ ଦାସ (୩) :** ଆନୁମାନିକ ୧୮ଶ ଶତାବ୍ଦୀ । ଶ୍ରୀମଦ୍ ଭଗବତ ଗୀତାର ପ୍ରସିଦ୍ଧ ଅନୁବାଦକ ବଳରାମ ଦାସ (ଷୋଡ଼ଶ ଶତାବ୍ଦୀ)ଙ୍କୁ ସ୍ମରଣ କରି 'ଗୀତା'ର ଓଡ଼ିଆ ପଦ୍ୟାନୁବାଦ କରିଛନ୍ତି।

(ଉ.ବି:)

**୨୨୭-ତ୍ରିଲୋଚନ ବଳିଆରସିଂହ :** ଆନୁମାନିକ ୧୮ଶ ଶତାବ୍ଦୀ । ସେ 'ଚନ୍ଦ୍ରକଳା' ରଚନା କରିଥିବାର ଜଣାଯାଏ। ଚନ୍ଦ୍ରକଳାର ଏକ ସ୍ଥାନରେ ଦେଖିବାକୁ ମିଳେ।

"ନୀଳାଚଳପତି ବେନି ପଦ୍ମଚରଣ
ତ୍ରିଲୋଚନ ବଳିଆରସିଂହ ଶରଣ ।"

(D.C.O.M.Vol-VIII P-272)

**୨୨୮-ତ୍ରିଲୋଚନ ରାୟସିଂହ :** ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । ସେ ଚଉପଦୀ ରଚନା କରିଥିବାର ଜଣାଯାଏ। ଡ. ଜାନକୀବଲ୍ଲଭ ମହାନ୍ତି ତାଙ୍କ 'ଓଡ଼ିଆ ଗୀତିକାବ୍ୟ ସଂକଳନ'ରେ କବିଙ୍କର ଗୋଟିଏ ଗୀତିକା ଉଦ୍ଧାର କରିଛନ୍ତି।

**୨୨୯-ତ୍ରିଲୋଚନ ସୁର :** ଆନୁମାନିକ ୧୮ଶ ଶତାବ୍ଦୀ । ସେ କେତେକ ଜଣାଣ ଭଜନ ଲେଖିଥିବାର ଜଣାଯାଏ।

(ପ୍ରା.ଓ.ଲି.ଭା.ସା. ପୃ-୭୯)

୨୩୦- **ଦନାଇ ଦାସ :** ଅଷ୍ଟାଦଶ ଶତାବ୍ଦୀ । ବେଗୁନିଆ ଥାନା ଅନ୍ତର୍ଗତ ସାନପଦର ଗ୍ରାମ ତାଙ୍କର ଜନ୍ମଭୂମି ଥିବା ଜନଶ୍ରୁତିରୁ ଜଣାଯାଏ । 'ଗୋପୀଭାଷା' ରଚନା କରିଥିଲେ । ସେ 'ସାନ କନଡ଼ା ଚଉତିଶା', 'ପହଲି ଚଉତିଶା', 'ବଡ଼ ଉଦ୍ଧବ ଚଉତିଶା' ଓ 'ଯଶୋଦା କୋଇଲି' ମଧ୍ୟ ରଚନା କରିଥିଲେ ।

(ପ୍ରା.ଓ.ଲି.ଭା.ସା. ପୃ-୫୬)

୨୩୧- **ଦମଦୁର୍ଗ ରାଜା :** ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । ଡ. ଜାନକୀବଲ୍ଲଭ ମହାନ୍ତି କବିଙ୍କର ଗୋଟିଏ ଗୀତିକା 'ଓଡିଆ ଗୀତିକାବ୍ୟ ସଂକଳନ'ରେ ଉଦ୍ଧାର କରିଛନ୍ତି ।

୨୩୨- **ଦୟା ଦାସ (କବି) :** ଅଷ୍ଟାଦଶ ଶତାବ୍ଦୀ । କବିଙ୍କ ଜନ୍ମସ୍ଥାନ ହେଉଛି କଟକ ଜିଲ୍ଲାର କୋଦିଣ୍ଡା ପ୍ରଗଣା । ପରମହଂସ ଠାରୁ ପଞ୍ଚକ୍ରୋଶ ଦୂରବର୍ତ୍ତୀ 'ବାଲରାବନ୍ଧ' ଗ୍ରାମ । ସେ ବୀରକେଶରୀ ଦେବଙ୍କ ୧୦ ଓ ୬୪ ଅଙ୍କରେ ଯଥାକ୍ରମେ 'ଶବ୍ଦବ୍ରହ୍ମ ଗୀତା' ଓ 'ଅନନ୍ତସାଗର ଗୀତା' ସମାପ୍ତ କରିଥିଲେ ।

୨୩୩- **ଦୟାନିଧି ଦାସ :** ଆନୁମାନିକ ୧୮ଶ ଶତାବ୍ଦୀ । 'ରସଲତା' କାବ୍ୟର ପ୍ରଣେତା ।

(ପ୍ରା.ଓ.ଲି.ଭା.ସା.ପୃ-୧୯୦)

୨୩୪- **ଦୟାନିଧି ପାତ୍ର :** ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । ସେ 'ବତିଶ ପଦିଆ' ରଚନା କରିଥିଲେ ।

(ପ୍ରା.ଓ.ଲି.ଭା.ସା. ପୃ-୭୧)

୨୩୫- **ଦୟାଳୁ ଦାସ (କବି) :** ୧୮ଶ ଶତାବ୍ଦୀ । ସେ ବୀରକେଶରୀ ଦେବଙ୍କ ୧୧ଶ ଅଙ୍କ ଅର୍ଥାତ୍ ୧୭୪୪ରେ 'ବୈଷ୍ଣବାବୃତ ସାରୋଦ୍ଧାର' ନାମକ ଗ୍ରନ୍ଥ ସମାପ୍ତ କରିଥିବାର ଜଣାଯାଏ ।

ଜନୈକ ଦୟାଳୁ ଦାସ 'କାର୍ତ୍ତିକ ମାହାତ୍ମ୍ୟ'ର ଅନୁବାଦ କରିଥିବାର ଜଣାଯାଏ ।

୨୩୬- **ଦାସ ବର୍ଣ୍ଣଦାସ :** ଆନୁମାନିକ ସପ୍ତଦଶ ଶତାବ୍ଦୀ । ସେ 'ଗୋବିନ୍ଦ ଚନ୍ଦ୍ର'ର ରଚୟିତା ।

୨୩୭- **ଦାମୋଦର ଦାସ (୧)** ୧୬ଶ ଶତାବ୍ଦୀର ପ୍ରଥମାର୍ଦ୍ଧ । ଦାମୋଦର ଦାସଙ୍କର 'ରସକୁଲ୍ୟା ଚଉତିଶା' ଭକ୍ତି କାବ୍ୟ ପରମ୍ପରାର ପ୍ରଥମ ଅର୍ଘ୍ୟ । ରସ କୋଇଲା ବାଣୀର ମୂଳ ଗୀତରୂପେ ଏହାର ପ୍ରସିଦ୍ଧି ରହିଥିଲା । ରାଧାକୃଷ୍ଣଙ୍କ ପ୍ରେମଲୀଳାର ନାୟିକା ରାଧାଙ୍କର ମନୋବେଦନା ଏହି ଚଉତିଶାର ଉପଜୀବ୍ୟ । ଛାନ୍ଦ ସାହିତ୍ୟର ଆଦ୍ୟ ଉନ୍ମେଷ ସହିତ ରାଧାକୃଷ୍ଣ ଚରିତର ବର୍ଣ୍ଣନା ହେତୁ ଏହାର ଲୋକପ୍ରିୟତା ସେ କାଳରେ ଥିଲା ସର୍ବାଧିକ । ସେ 'କର୍ଣ୍ଣ ବୋଲି' ରଚନା କରିଥିବାର ଜଣାଯାଏ ।

(ପ୍ରା.ଓ.ଲି.ଭା.ସା. ପୃ-୬୯)

୨୩୮- **ଦାମୋଦର ଦାସ (୨) :** ଆନୁମାନିକ ଅଷ୍ଟାଦଶ ଶତାବ୍ଦ । 'ତ୍ରିପୁରା ସ୍ତୁତି'ର ଲେଖକ ।

(ରାଜ୍ୟ ସଂଗ୍ରହାଳୟ)

୨୩୯- **ଦାମୋଦର ଦ୍ୱିଜ :** ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ। ତାଙ୍କ ରଚିତ ୩୭ଟି ଚଉପଦୀ ଡ. ଜାନକୀବଲ୍ଲଭ ମହାନ୍ତି ତାଙ୍କର 'ଗୀତିକାବ୍ୟ ସଂକଳନ'ରେ ଉଲ୍ଲେଖ କରିଛନ୍ତି।

୨୪୦- **ଦାମୋଦର ପଟ୍ଟନାୟକ :** ୧୮୩୬-୧୯୧୫। ଓଡ଼ିଆ ସଙ୍ଗୀତ ଓ ଚଉପଦୀଗୁଡ଼ିକୁ ସଂଗ୍ରହ ଓ ପ୍ରକାଶ କରିବାରେ ଉଦ୍ୟମ ଅବିସ୍ମରଣୀୟ ତାହାଙ୍କ ସଂକଳିତ ଚଉପଦୀ ସମୂହ। 'ସଙ୍ଗୀତ ସାଗର' (୫ଟି ତରଙ୍ଗ ବା ଭାଗରେ ଓ 'ସଙ୍ଗୀତ ସର୍ବସାର' ନାମରେ ପ୍ରକାଶିତ) ଏଗୁଡିକରେ ପ୍ରାୟ ୬୫୦ଟି ସଙ୍ଗୀତ ସନ୍ନିବିଷ୍ଟ।

ସେ ବହୁ ଭକ୍ତିମୂଳକ ଓ ଜାତୀୟ ଭାବୋଦ୍ଦୀପକ ସଙ୍ଗୀତ ରଚୟିତା ଭାବରେ ସ୍ମରଣୀୟ। ତାଙ୍କ ଜୀବନ ଚମ୍ପୂ(୧୮୮୮) ୩୪ ଗୋଟି ଭକ୍ତି କବିତାର ସମାହାର। ଅନ୍ୟାନ୍ୟ ଗୀତ ରଚନା 'ଜାତୀୟ ସଙ୍ଗୀତ' ଓ 'ଉତ୍କଳ ଗୌରବ ଚଉତିଶା'। କେବଳ ଦାମୋଦର ଭଣିତା ଥିବା ଗୋଟିଏ ଜଗନ୍ନାଥ ଜଣାଣ ଏହି କବିଙ୍କର ବୋଲି ଅନୁମିତ। ସେ 'ଚିଟାଉ ଭାଷା' ଲେଖିଥିବା ଜଣାଯାଏ।

(D.C.O.M.Vol-VIII P-325)

୨୪୧- **ଦାମୋଦର ଷଣ୍ଢ :** ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । କୁଜଙ୍ଗ ରାଜବଂଶର ବ୍ୟକ୍ତି। ସେ କେତେକ ଚଉପଦୀର ପ୍ରଣେତା।

(ଉ.ବି.)

୨୪୨- **ଦାଶରଥି ଦାସ (୧) :** ଆନୁମାନିକ ୧୮ଶ ଶତାବ୍ଦୀର ପ୍ରଥମ ଭାଗ। ରଣପୁର ରାଜ୍ୟର ଏକ ସିଷ୍ଟ କରଣ ବା ଶ୍ରେଷ୍ଠ କରଣ ପରିବାରରେ ଜନ୍ମଗ୍ରହଣ କରିଥିଲେ। ତାଙ୍କର ଗୋତ୍ର ହେଉଛି କାଶ୍ୟପ। ସେ ତାଙ୍କ ଗୁରୁ ବିପ୍ରକଣ୍ଠ ଦାସ ଗୋସାଇଁଙ୍କ ଦ୍ୱାରା ଅନୁପ୍ରାଣିତ ଓ ଉତ୍ସାହିତ ଶ୍ରୀମତ୍ ଭାଗବତ, ଦଶମସ୍କନ୍ଧ ଲୀଳାମୃତ, ବ୍ରହ୍ମବୈବର୍ତ୍ତ ପୁରାଣ ପ୍ରଭୃତିରୁ ସାର ସଂଗ୍ରହ କରି 'ବ୍ରଜବିହାର' ନାମକ ଏକ ବୃହତ୍ ଗ୍ରନ୍ଥ ରଚନା କରିଥିଲେ। ଏଥିରେ ଲୀଳା ବିସ୍ତୃତ ଭାବରେ ବର୍ଣ୍ଣିତ ହୋଇଅଛି। ସମଗ୍ର ଗ୍ରନ୍ଥଟିରେ ପଦ ସଂଖ୍ୟା ୧୩୧୪୧ (ତେର ହଜାର ଏକଶହ ଏକ ଚାଳିଶ) ସେ ଏହି ଗ୍ରନ୍ଥର ତୃତୀୟ ଓ ଚତୁର୍ଥ ବୋଲି ଗଜପତି ଗୋପୀନାଥ ଦେବଙ୍କ ତିନିଅଙ୍କରେ (୧୭୨୦- ୨୧) ଶେଷ କରିଥିଲେ। ସଂପୂର୍ଣ୍ଣ ଗ୍ରନ୍ଥଟି ୧୭୩୧ ଖ୍ରୀଷ୍ଟାବ୍ଦରେ ଶେଷ କରିଥିଲେ।

(ପ୍ରା.ଓ.ଲି.ଭା.ସା. ପୃ-୬୩)

୨୪୩- **ଦାଶରଥି ଦାଶ (୨) (ବ୍ରହ୍ମା, ବିପ୍ର) :** ଆନୁମାନିକ ୧୮ଶ ଶତାବ୍ଦୀ । ସେ 'ଅଭିନ୍ନା ଚଉତିଶା' ଓ ଚଉତିଶା ମାଧ୍ୟମରେ ଚିଟାଉ ଲେଖିଥିଲେ।

(ପ୍ରା.ଓ.ଲି.ଭା.ସା. ପୃ-୫୯)

୨୪୪- **ଦାଶରଥି ଦାସ (୩) :** ଅଷ୍ଟାଦଶ ଶତାବ୍ଦୀ । 'ଅଳଙ୍କାର ବୋଲି'ର ଲେଖକ।

(କୃ.ଚ.ସା)

୨୪୫- **ଦାଶରଥି ମିଶ୍ର (ଦ୍ୱିଜ)** : ୧୯ଶ ଶତାବ୍ଦୀ । ପୁରୀ ଜିଲ୍ଲା ଖୋର୍ଦ୍ଧା ସିକୋ ଗ୍ରାମର ଅଧିବାସୀ। 'ବିଚିତ୍ର ନୃସିଂହ ପୁରାଣ', 'ଜୟଗୀତିକା', 'ରଣପୁର', 'ସଂଗୀତ ଲତିକା' (୧ମ ଓ ୨ୟ ଭାଗ)ର ରଚୟିତା।

ଓ.ଗୀ.କା.ପୃ-୨୯୦

୨୪୬- **ଦିବାକର** : ଆନୁମାନିକ ଅଷ୍ଟାଦଶ ଶତାବ୍ଦୀର କବି। 'ଖଡିପାଠ ଚଉତିଶା'ର ଲେଖକ।

(ରାଜ୍ୟ -ସଂଗ୍ରହାଳୟ)

୨୪୭- **ଦିବାକାର ଦାସ** : ଆନୁମାନିକ ୧୬ଶ ଶତାବ୍ଦୀର ୩ୟ ଦଶକ। ଓଡ଼ିଆ ସାହିତ୍ୟରେ ପ୍ରଥମ ଜୀବନୀ ଲେଖକ ରୂପେ ବିପ୍ର ଦିବାକାର ଦାସଙ୍କ ବୈଶିଷ୍ଟ୍ୟ ଅନସ୍ୱୀକାର୍ଯ୍ୟ। ତାଙ୍କର 'ଜଗନ୍ନାଥ ଚରିତାମୃତ' ଭାଗବତକାର ଭକ୍ତକବି ଜଗନ୍ନାଥ ଦାଶଙ୍କର ଜୀବନୀ ଓ ଅତିବଡ଼ୀ ସଂପ୍ରଦାୟର ସିଦ୍ଧାନ୍ତକୁ ଅନୁସରଣ କରି ରଚିତ ହୋଇଥିଲେ ହେଁ ଏଥିରେ ସମସାମୟିକ ବୈଷ୍ଣବ ଧର୍ମ ଆନ୍ଦୋଳନର କେତେକ ଐତିହାସିକ ସଂକେତ ପ୍ରଦର୍ଶିତ ହୋଇଅଛି। ଉତ୍କଳୀୟ ବୈଷ୍ଣବ ଧର୍ମର ଇତିହାସ ସଂକଳନ ଲାଗି ଏ ଗ୍ରନ୍ଥର ଉପାଦେୟତା ରହିଅଛି। 'ଏକାଦଶୀ ମହାତ୍ମ୍ୟ', ଆତ୍ମାମଣି ଗୀତା' (ବ୍ର.ଦା.) ନାମରେ ତାଙ୍କର ଅନ୍ୟ ଦୁଇଟି ରଚନା ଥିବାର ଜଣାଯାଏ।

୨୪୮- **ଦିବ୍ୟସିଂହ ଛୋଟରାୟ** : ଆନୁମାନିକ ୧୮ଶ ଶତାବ୍ଦୀ । 'କମଳ ଗୁରୁମୁଖୀ ଚଉତିଶା'ର ରଚୟିତା।

(ରାଜ୍ୟ-ସଂଗ୍ରହାଳୟ)

୨୪୯- **ଦିବ୍ୟସିଂହ ନୃପ** : ଆନୁମାନିକ ୧୮ଶ ଶତାବ୍ଦୀ । ଡ. ଜାନକୀବଲ୍ଲଭ ମହାନ୍ତି 'ଓଡ଼ିଆ ଗୀତିକାବ୍ୟ ସଂକଳନ'ରେ କବିଙ୍କର ୪ଟି ଗୀତିକା ଉଦ୍ଧାର କରିଛନ୍ତି। ଗୋଟିଏ ଗୀତରେ ଭଣିତା ହେଲା, "ଭଣିଲେ ଗୀତେ ଦିବ୍ୟସିଂହ ନୃପତି।"

(ଓ. ଗୀ. ସଂ. ପୃ -୧୨୦)

୨୫୦- **ଦିବ୍ୟସିଂହ ପଟିଆରାଜା** : ଆନୁମାନିକ ଉନବିଂଶ ଶତାବ୍ଦୀ। ସେ 'ରହସ୍ୟ ଦ୍ୱାରିକା' ରଚନା କରିଥିଲେ।

(ପ୍ରା.ଓ.ଲି.ଭା.ସା. ପୃ-୧୫୨)

୨୫୧- **ଦୀନକୃଷ୍ଣ ଦାସ (୧୨ଜଣ)** : ଆନୁମାନିକ ୧୬୫୦-୧୭୧୦। ପୁରୀବାସୀ ଅତିବଡ଼ୀ ସଂପ୍ରଦାୟଭୁକ୍ତ ଜଣେ ଗୃହୀ ବୈଷ୍ଣବ। ପିତାଙ୍କ ନାମ ଅନନ୍ତ ଦାସ। ଜାତିରେ କରଣ। 'ରସ କଲ୍ଲୋଳ', 'ଜଗବନ୍ଧୁ ଛାନ୍ଦ', 'ଚଉତିଶା ମଧୁଚକ୍ର'ରେ ଥିବା 'ଚଉତିଶା ସମୂହ', 'ଭାଗବତ ବର୍ଣ୍ଣାନୁମାଳିକା', 'ରତ୍ନମାଳିକା' ବା 'ନାମ ମାଳିକା' ଓ 'କୁମାର ବୋଧନ'ର ରଚୟିତା ।

ଓଡ଼ିଶାରେ ବହୁ କୃଷ୍ଣ ବା ଦୀନକୃଷ୍ଣ ଦାସ ଦେଖିବାକୁ ମିଳନ୍ତି।

(୨) 'ରସ ବିନୋଦ'ର ଲେଖକ ଜଣେ ଦୀନକୃଷ୍ଣ ଦାସ। ତାଙ୍କ ପିତାଙ୍କ ନାମ ମଧୁସୂଦନ। ଜଳେଶ୍ୱର ବାସୀ, ରାଜପୁତ।

(୩) **କୃଷ୍ଣ ଦାସ** : ପିତାଙ୍କ ନାମ ଦୀନବନ୍ଧୁ ଦାସ। ସେ ଜାତିରେ ବିପ୍ର। ' ନାମ ରତ୍ନଗୀତା'ର ଶେଷରେ ତାଙ୍କର ନାମ ଦେଖିବାକୁ ମିଳେ।

(୪) ବୃହତ୍ ନାମରତ୍ନ ଗୀତାରୁ ଜଣେ 'ବିପ୍ର ନୃସିଂହ ଦାସ ଶିଷ୍ୟ' ଦୀନକୃଷ୍ଣଙ୍କର ସୂଚନା ମିଳେ।

(୫) 'ମାଘ ମାହାତ୍ମ୍ୟ' ଓ 'ଯମଗୀତା'ର ଲେଖକ ମଧ୍ୟ ଦୀନକୃଷ୍ଣ ଦାସ। ସେ ନିଜକୁ ନୃସିଂହ ଦାସଙ୍କ ଶିଷ୍ୟ ରୂପେ ପରିଚୟ ଦେଇଛନ୍ତି।

(୬) ଅପ୍ରକାଶିତ ଚୈତନ୍ୟ ତତ୍ତ୍ୱ ସଂହିତା'ର ରଚୟିତା ମଧ୍ୟ ଜଣେ କୃଷ୍ଣ ଦାସ ।

(ହୀନ କୃଷ୍ଣ ଦାସ )।

(୭) ଦାର୍ଢ୍ୟତା ଭକ୍ତିର ଲେଖକ ରାମ ଦାସଙ୍କ ପିତାମହ ମଧ୍ୟ ଜଣେ କୃଷ୍ଣ ଦାସ ।

(୮) 'ସାରସ୍ୱତ ଗୀତା'ର ପ୍ରଣେତା ଶ୍ୟାମସୁନ୍ଦରଙ୍କ ପୁତ୍ର ହୀନରତ୍ନ ଦାସଙ୍କ ଶିଷ୍ୟ ଜଣେ କୃଷ୍ଣ ଦାସ ।

(୯) ଶିଶୁ ଅନନ୍ତ ଦାସଙ୍କ 'ଗରୁଡ ସମ୍ବାଦ'ରୁ ଜଣେ କୃଷ୍ଣ ଦାସଙ୍କ ପରିଚୟ ମିଳେ। ସେ ଜାତିରେ ରଥିତ ।

୧୦) 'ଜ୍ଞାନ ହୋ ଗାଇର ଘର ପର୍ବତ ଶିଖ'ର ଶୀର୍ଷକ କବିତାର କବି ଜଣେ ବିପ୍ର କୃଷ୍ଣ ।

(୧୧) ଅପ୍ରକାଶିତ ସୃଷ୍ଟି ସମ୍ଭବ କାବ୍ୟ ବିନୋଦ'ର କବି ଶିଶୁ କୃଷ୍ଣ ଦାସ ଏପର୍ଯ୍ୟନ୍ତ ଅଜ୍ଞାତ।

(କୃ.ଚ.ସା)

(୧୨) 'ସୁଭଦ୍ରାହରଣ'ର କବି ଦୀନକୃଷ୍ଣ ଦାସ ବୋଧହୁଏ ଆଉ ଜଣେ।

୨୫୨ - **ଦୀନଗୁରୁ ଦାସ** : ଅଷ୍ଟାଦଶ ଶତାବ୍ଦୀ । କେତେକ ପ୍ରେମ କବିତାର ରଚୟିତା । ତାଙ୍କର ଗୋଟିଏ କବିତାର ଶେଷ ପଂକ୍ତି ହେଉଛି

"ଉଠ ଉଠ ମୋର ପାଶୁ ଝଟତି
ଦୀନ ଗୁରୁ ଦାସ କହେ ଭାରତୀକି।"

(D.C.O.M.Vol-VIII P-84)

୨୫୩ - **ଦୀନଗୋପାଳ** : ଅଷ୍ଟାଦଶ ଶତାବ୍ଦୀ। 'ଗଣ୍ଡାମାରୁଣି' ଗ୍ରନ୍ଥର ରଚୟିତା ଭାବେ ପ୍ରସିଦ୍ଧ।

(D.C.O.M.Vol-VIII P-18)

**୨୫୪- ଦୀନଗୋପୀ ପାତ୍ର** : ଆନୁମାନିକ ଉନବିଂଶ ଶତାବ୍ଦୀ। କେତେକ କୃଷ୍ଣ ଭକ୍ତିମୂଳକ କବିତାର ରଚୟିତା।

(D.C.O.M.Vol-VIII P-204)

**୨୫୫- ଦୀନ ଗୌରାଙ୍ଗ** : ଆନୁମାନିକ ୧୮ଶ ଶତାବ୍ଦୀ । କେତେକ କ୍ଷୁଦ୍ର କବିତାର ରଚୟିତା ।

(କୃ.ଚ.ସା)

**୨୫୬- ଦୀନ ଜନାର୍ଦ୍ଦନ ସିଂହ** : ଆନୁମାନିକ ଉନବିଂଶ ଶତାବ୍ଦୀ । କେତେକ କୃଷ୍ଣଭକ୍ତିମୂଳକ କବିତାର ରଚୟିତା ।

(କୃ.ଚ.ସା)

**୨୫୭- ଦୀନ ଦାସ** : ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । ଗୋଟିଏ କବିତାର ପ୍ରଥମ ଧାଡ଼ି ହେଲା : 'ଉଠ ଉଠ ହେ ମନ'।

(ଶ୍ରୀଜଗନ୍ନାଥ ଲୀଳାମୃତ-ପୃ୮୭) (କୃ.ଚ.ସା)

**୨୫୮- ଦୀନ ସୁବୁଦ୍ଧି** : ଅଷ୍ଟାଦଶ ଶତାବ୍ଦୀର କବି ହେବା ଅନୁମେୟ। କେତେକ ପ୍ରେମ କବିତାର ରଚୟିତା। ତାଙ୍କର ଗୋଟିଏ କବିତାର ଶେଷ ପଂକ୍ତି ହେଉଛି :

"ତେଜ ମନୁ ମାନ ବନ୍ଧୁ ପାଶେ ଆସ

ଦୀନ ସୁବୁଦ୍ଧିଆ କହେ ଝଟତି ।"

**୨୫୯- ଦୀନବନ୍ଧୁ ଖଡ୍‌ଗରାୟ** : ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ। । ସେ 'ଆରତ ଧ୍ୱଂସକ' ରଚନା କରିଥିଲେ।

(କୃ.ଚ.ସା)

**୨୬୦- ଦୀନବନ୍ଧୁ ଖାଡଙ୍ଗା** ୧୮ଶ ଶତାବ୍ଦୀ । ପିତାଙ୍କ ନାମ ମଧୁସୂଦନ ମିଶ୍ର। କବି, ସଂସ୍କୃତ ଭାଷାରେ ଲିଖିତ ସମଗ୍ର ମୂଳ ଭାଗବତକୁ ସରଳ ଓଡ଼ିଆ ନବାକ୍ଷରୀ ବୃତ୍ତରେ ଅନୁବାଦ କରିଥିଲେ। ଏଥି ମଧ୍ୟରୁ ଏକାଦଶ ସ୍କନ୍ଧ ପ୍ରାଚୀ ସମିତି ଦ୍ୱାରା ମୁଦ୍ରିତ ଓ ପ୍ରକାଶିତ। ତାଙ୍କ ପିତା ବୈତରଣୀ ତୀରବର୍ତ୍ତୀ 'ମୁକୁନ୍ଦପୁର'ନାମକ ଗ୍ରାମରେ ବସତି ସ୍ଥାପନ କରିଥିଲେ।

(ପ୍ରା.ଓ.ଲି.ଭା.ସା. ପୃ-୧୯୯)

**୨୬୧- ଦୀନବନ୍ଧୁ ଦାସ** ୧୭ଶ ଶତାବ୍ଦୀ । କବି 'ରାଧାକୃଷ୍ଣ ଲୀଳାମୃତ ସାଗର' ଶୀର୍ଷକ ଖଣ୍ଡିଏ କାବ୍ୟ ରଚନା କରିଛନ୍ତି। ଉକ୍ତ ପୁସ୍ତକଟି ପଞ୍ଚତ୍ରିଂଶ 'ତରଙ୍ଗ'ରେ ବିଭକ୍ତ ଏବଂ କବି ସମୁଦାୟ ପୁସ୍ତକଟିକୁ ଭାଗବତ ବାଣୀରେ ରଚନା କରିଛନ୍ତି। ଏହି କବିଙ୍କ ପ୍ରସିଦ୍ଧି ଓଡ଼ିଶାର ସର୍ବତ୍ର ବ୍ୟାପିଥିଲା ଏବଂ ସେ ଜଣେ ପ୍ରସିଦ୍ଧ ବୈଷ୍ଣବ ତଥା ଭକ୍ତ କବି ରୂପେ ଓଡ଼ିଶା ବୈଷ୍ଣବ ସମାଜରେ ଖ୍ୟାତିଲାଭ କରିଥିଲେ। 'ଦେଉଳ ତୋଳା' ନାମକ ଏକ

କାବ୍ୟ ଦୀନବନ୍ଧୁ ଦାସଙ୍କ ନାମ ଭଣିତାରେ ଦେଖିବାକୁ ମିଳେ। 'ଶ୍ରୀଜଗନ୍ନାଥ କୃପାନିଧି ହେ' ଭଜନଟି ଏହି କବିଙ୍କର ହେବା ଖୁବ୍ ସମ୍ଭବ। କେତେକ ପ୍ରେମ କବିତାର କବି ମଧ୍ୟ ଜଣେ ଦୀନବନ୍ଧୁ ସେ 'ଅଳଙ୍କାର ବୋଲି' ରଚନା କରିଥିବା ଜଣାଯାଏ।

(ପ୍ରା.ଓ.ଲି.ଭା.ସା.ପୃ-୧୩୭ ଓ ଓ.ଗୀ.କା. ପୃ-୨୯୧)

**୨୬୨-ଦୀନବନ୍ଧୁ (କବି) :** ୧୯ଶ ଶତାବ୍ଦୀ। କବି, ଦୀନବନ୍ଧୁ ଜୟପୁର ବା ନନ୍ଦପୁର ରାଜ୍ୟର ଅନ୍ୟ ଜଣେ ବିସ୍ମୃତ ସାହିତ୍ୟସାଧକ। ଗୁଣପୁର ଦେଶର ମଧୁରା କାମ୍ପିଗୁଡ଼ାସ୍ଥ ଡେରାପେଣ୍ଟର ଦକ୍ଷିଣସାହିରେ ତାଙ୍କର ଘର, ସେ କରଣ କୁଳ ସମ୍ଭୂତ ରାଧାଦାମୋଦରଙ୍କ ପରମଭକ୍ତ। କବିଙ୍କ ପିତାଙ୍କ ନାମ ପର୍ଶୁରାମ ଓ ତାଙ୍କ କୌଳିକ ବୃତ୍ତିଥିଲା ସୋମନିସ। ସେ ତେଲେଙ୍ଗା ଭାଷାରେ ଲିଖିତ ଓ ଅତ୍ୟନ୍ତ ଲୋକପ୍ରିୟ ଧର୍ମାଙ୍ଗନା ପୁରାଣ'କୁ 'ପତିଭକ୍ତା ପୁରାଣ' ନାମରେ ଓଡ଼ିଆ ନବାକ୍ଷରୀ ବୃତ୍ତରେ ଅନୁବାଦ କରିଥିଲେ।

**୨୬୩-ଦୀନବନ୍ଧୁ ରାଜ ହରିଚନ୍ଦନ :** ୧୭ଶ ଶତାବ୍ଦୀର ମଧ୍ୟ ଭାଗ, ବୈଷ୍ଣବ ଭକ୍ତ ଭାବେ ପ୍ରଖ୍ୟାତ। ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା ଏହାଙ୍କୁ ଉପେନ୍ଦ୍ର, ଦୀନକୃଷ୍ଣ, ଭୂପତି ଓ ଲୋକନାଥ ବିଦ୍ୟାଧର ପ୍ରଭୃତି କବିଙ୍କ ଅପେକ୍ଷା ଉତ୍କୃଷ୍ଟ କବି 'ସୁକବି' ବୋଲି ତାହାଙ୍କ 'ଯୁଗଳ ରସାମୃତ ଭଉଁରୀ' ଗ୍ରନ୍ଥରେ ଉଲ୍ଲେଖ କରିଛନ୍ତି। ଦୀନବନ୍ଧୁଙ୍କ ରଚିତ ଶତାଧିକ ଅପ୍ରକାଶିତ ସଂଗୀତ ପ୍ରାଚୀ ସମିତି ଓ ବାବାଜୀ ବୈଷ୍ଣବ ଚରଣଙ୍କ ଦ୍ୱାରା ସଂଗୃହୀତ ହୋଇଥିଲା। ତାଙ୍କ ରଚିତ ୫୨ଟି ଚଉପଦୀର ଡ଼. ଜାନକୀବଲ୍ଲଭ ମହାନ୍ତି 'ଗୀତିକାବ୍ୟ ସଂକଳନ'ରେ ରଚନା କରିଛନ୍ତି।

(ପ୍ରା.ଓ.ଲି.ଭା.ସା.ପୃ-୬୩)

**୨୬୪-ଦୀନବନ୍ଧୁ ଭଞ୍ଜ :** ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । କବିତା "ଆଷାଢ଼ ଶୁକ୍ଳତିଥି ଦ୍ୱିତୀୟାର ଦିନ" ବେଶ୍ ଉପଭୋଗ୍ୟ।

(ଜଗନ୍ନାଥ ଲୀଳାମୃତ-କୃ.ଚ.ସା. ପୃ-୮୯)

**୨୬୫-ଦୀନମଣି :** ୧୯ଶ ଶତାବ୍ଦୀର କବି ହେବା ଅନୁମେୟ। ତାଙ୍କ ରଚିତ ୧୨ଟି ଚଉପଦୀ ଡ. ଜାନକୀବଲ୍ଲଭ ମହାନ୍ତି ତାଙ୍କର 'ଗୀତି କାବ୍ୟ ସଂକଳନ'ରେ ଉଦ୍ଧାର କରିଛନ୍ତି।

**୨୬୬-ଦୁଃଖିଶ୍ୟାମ ଦାସ** ଆନୁମାନିକ ସପ୍ତଦଶ ଶତାବ୍ଦୀ। ସେ 'ଗୋପୀ ଚିନ୍ତା' ଓ 'ତୃଣାବଧଲୀଳା', 'ଅଘାବଧଲୀଳା', 'ଦଧିମନ୍ଥନଲୀଳା' ଓ 'କାଳୀୟ ଦଳନ'ନାମକ କୃଷ୍ଣ କାବ୍ୟ ରଚନା କରିଥିଲେ। 'ଓଡ଼ିଆ ଗୀତିକାବ୍ୟ ସଂକଳନ'ରେ ସନ୍ନିବିଷ୍ଟ ୭ଟି ଚଉପଦୀ (ପୃ-୧୬୫-୧୭୯) ର ରଚୟିତା ମଧ୍ୟ ଜଣେ ଦୁଃଖିଶ୍ୟାମ ଦାସ।

(ପ୍ରା.ଓ.ଲି.ଭା.ସା. ପୃ-୧୫୨)

**୨୬୭-ଦୁର୍ଗାମାଧବ ସିଂହ :** ସମୟ ଉନବିଂଶ ଶତାବ୍ଦୀ। ବଡ଼ ଗଡ଼ (ଗଞ୍ଜାମ)ର ରାଜା। ତାଙ୍କ ରଚିତ ଦୁଇଟି କବିତାର ଆଦ୍ୟପଂକ୍ତି ହେଉଛି (୧) କାମ ପୂରିଲା ହେ ପୂର୍ଣ୍ଣ କାମ ରୂପ ଧାମ (୨) ହରଷ ମନରେ ମୋତେ ହସି ଅନାରେ ।

(ରାଜ୍ୟ ସଂଗ୍ରହାଳୟ)

**୨୬୮-ଦୁର୍ଯ୍ୟୋଧନ ଦାସ :** ସମୟ ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । କେତେକ କ୍ଷୁଦ୍ର କବିତାର ରଚୟିତା ଭାବେ ପ୍ରସିଦ୍ଧ, ତାଙ୍କ ରଚିତ ଗୋଟିଏ କବିତାର ଆଦ୍ୟ ପଂକ୍ତି ହେଉଛି, "କଂସର ଡ଼ଗରା ଆସିଛି ଅକ୍ରୁର ତୁମ୍ଭେ ବେନି ଜନେ ଯିବଟି ରଥେ" ।

(D.C.O.M.Vol-VIII P-2)

**୨୬୯-ଦେବ ଦାସ :** ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । ସେ ଅନ୍ଧ ବୋଲି ରଚନା କରିଥିବାର ଜଣାଯାଏ ।

(ପ୍ରା.ଓ.ଲି.ଭା.ସା. ପୃ-୬୯)

**୨୭୦-ଦେବଦୁର୍ଲ୍ଲଭ ଦାସ :** ୧୬ଶ ଶତାବ୍ଦୀ । 'ରହସ୍ୟ ମଞ୍ଜରୀ' କବିଙ୍କର ଉଲ୍ଲେଖଯୋଗ୍ୟ କାବ୍ୟକୃତି । ଏହା ୨୪ ଛାନ୍ଦରେ ବିଭକ୍ତ । ରାଧାଙ୍କର ଶ୍ରେଷ୍ଠତ୍ୱ ପ୍ରତିପାଦନ ହିଁ ଏ ଗ୍ରନ୍ଥର ପ୍ରଧାନ ଉଦ୍ଦେଶ୍ୟ । ଐଶ୍ୱର୍ଯ୍ୟଲୀଳା ଠାରୁ ମାଧୁର୍ଯ୍ୟ ଲୀଳାର ଶ୍ରେଷ୍ଠତ୍ୱ ଏଥିରେ ଶୋଭନ ରୂପରେ ପରିଦର୍ଶିତ । କାବ୍ୟରେ ଋତୁ ବର୍ଣ୍ଣନା, କେଳି ଉଦ୍ୟାନର ବର୍ଣ୍ଣନା, ଏବଂ ରସଲୀଳାର ବର୍ଣ୍ଣନା ପ୍ରସଙ୍ଗରେ ଦେବଦୁର୍ଲ୍ଲଭ ଯଥାଯଥ କୋମଳ ଅର୍ଥ ପୂର୍ଣ୍ଣ ଓ ଭାବଦ୍ୟୋତକ ଶବ୍ଦାବଳୀର ପ୍ରୟୋଗରେ ଶ୍ରୁତିମଧୁର କରିଛନ୍ତି ।

(ରହସ୍ୟ ମଞ୍ଜରୀ ପ୍ର.ପ୍ରାଚୀ)

**୨୭୧-ଦେବାନନ୍ଦ ଦାସ :** ୧୭ଶ ଶତାବ୍ଦୀ । ଦେବାନନ୍ଦ ଦାଶ ହେଉଛନ୍ତି 'ବୈଚନ୍ଦ୍ର ଗୀତା'ର ପ୍ରଣେତା ଶାଳିର ଗ୍ରାମରେ ଗ୍ରନ୍ଥ ରଚନା କରିଥିବାର ଜଣାଯାଏ । ସେ ଗଦାଧର ଦାସଙ୍କ ଶିଷ୍ୟ ଥିଲେ ।

**୨୭୨-ଦ୍ୱାରକା ଦାସ :** ଆନୁମାନିକ ୧୬୫୬-୧୭୩୬ । କାଠଯୋଡି କୂଳବର୍ତ୍ତୀ ଧୂଳିସର ଗ୍ରାମରେ କରଣ ଜନ୍ମ । ୧୬୭୭-୭୮ ଖ୍ରୀଷ୍ଟାବ୍ଦରେ 'ଛତିଶ ଗୁପ୍ତଗୀତା'ର ଶେଷ ୩୫ ଅଧ୍ୟାୟ (ପ୍ରଥମ ଅଧ୍ୟାୟ-ବଳରାମ ଦାସ) ସମାପ୍ତ କରିଥିଲେ । ସେ 'ପରଚେ ଗୀତା', 'ବ୍ରହ୍ମ ମୁଦ୍‌ଗର', ତତ୍ତ୍ୱ ଚୂଡ଼ାମଣି', 'ରାମାୟଣ', 'ଭାଗବତ (୧୩ଶ ସ୍କନ୍ଧ, 'ଗୁପତ ଗୀତା', 'ଭକ୍ତିରସାମୃତ', 'ସଂସ୍କାର ବୋଧ ଚଉତିଶା', 'ଗୀତା ତତ୍ତ୍ୱ ଭାଗବତ', 'ପରଚେ ଚୂଡ଼ାମଣି', 'ଛପୋଇ', 'ନପୋଇ', 'ତେର ପୋଇ', 'ଗୁଣ୍ଡିଚା କେଳି' 'ପ୍ରେମରସ ଚନ୍ଦ୍ରିକା', 'ଗୋବିନ୍ଦଗୀତା', ଶୈବପୁରାଣ' ଏବଂ କେତେକ ଜଣାଣ, 'ଚଉପଦୀ' ଓ 'ଚଉତିଶା' ମାନ ପ୍ରଣୟନ କରିଥିଲେ । ସେ ୮୦ ବର୍ଷରୁ ଅଧିକ କାଳ ଜୀବିତ ଥିଲେ । ସେ ବାଙ୍କି ଡମପଡା ଅଞ୍ଚଳରେ ଭାଗୀପୁରଠାରେ ମଠ କରି ସେଠାରେ ଶେଷଜୀବନ କଟାଇ ଥିଲେ । ଚୈତ୍ର ମାସ ବାରୁଣୀ ଅମାବାସ୍ୟା ଦିନ ଭକ୍ତ କବିଙ୍କ ତିରୋଧାନ ଘଟିଥିଲା ।

(ଖୁ.ଇ.ପୃ-୧୧୫)

**୨୭୩-(୧) ଦ୍ୱିଜ ଅନିରୁଦ୍ଧ :** ଆନୁମାନିକ ୧୮ଶ ଶତାବ୍ଦୀ । 'ଏକାଦଶୀ ବ୍ରତ' ଓ 'ଗୁରୁବାର ବ୍ରତ'ର ରଚୟିତା ।

୨୭୪-(୨) **ଦ୍ୱିଜ କୁଳମଣି** : ଆନୁମାନିକ ୧୯ଶ ଶତାବ୍ଦୀ । କେତେକ ରୀତିବନ୍ଧ ପ୍ରେମ କବିତାର ରଚୟିତା।

(ଉ.ବି.)

୨୭୫-(୩) **ଦ୍ୱିଜ ଗୌରହରି** : ଆନୁମାନିକ ୧୮ଶ ଶତାବ୍ଦୀ । ସେ କେତେକ କୃଷ୍ଣଭକ୍ତିମୂଳକ କବିତାର ରଚୟିତା । କେତେକ ଚାଟୁଗୀତ ମଧ ରଚନା କରିଥିଲେ। ତାଙ୍କର ଗୋଟିଏ କବିତାର ଶେଷପଂକ୍ତି ହେଉଛି- "ଦ୍ୱିଜଗୌରହରି କହିଲେ ଶ୍ରୀ କିଶୋରୀ କି ହେବ ତୁ ନ କହୁ କାହିଁକି ଗୋ।"

(D.C.O.M.Vol-VIII P-305)

୨୭୬- (୪) **ଦ୍ୱିଜ ଚଇତନ** : ୧୯ଶ ଶତାବ୍ଦୀ । 'ଗଣେଶ ପୁରାଣ'ର ରଚୟିତା ଭାବେ ପ୍ରସିଦ୍ଧ। 'ଗୀତ ଗୋବିନ୍ଦ'ର ଗଦ୍ୟ ଅନୁବାଦକ। (D.C.O.M.Vol-VIII P-54) କେତେକ 'ରାଧାକୃଷ୍ଣ' ପ୍ରେମ ସମ୍ବଳିତ କବିତା ରଚନା କରିଥିବା ଜଣାଯାଏ। କବିଙ୍କ ଗୋଟିଏ କବିତାର ଆଦ୍ୟ ପଂକ୍ତି- "ବ୍ରଜରାଜ କଷ୍ଟ ଆଜ ବଳି ଗଲାଣି ।"

(ଓ.ରା:ସ:)

୨୭୭-(୫) **ଦ୍ୱିଜ ନଟବର** ୨୦ଶ ଶତାବ୍ଦୀ । ଖୋର୍ଦ୍ଧାସ୍ଥିତ ରାମେଶ୍ୱର ନିକଟବର୍ତ୍ତୀ ଅଠାରଙ୍ଗ ଗ୍ରାମର ଅଧିବାସୀ। 'ଚଣ୍ଡୀ ବିହାର'ର ରଚୟିତା।

(D.C.O.M.Vol-VIII P-264)

୨୭୮-(୬) **ଦ୍ୱିଜ ନାରାଏଣ** : ୧୮ଶ ଶତାବ୍ଦୀ । କେତେକ ପ୍ରେମ କବିତାର ରଚୟିତା ଭାବେ ପ୍ରସିଦ୍ଧ। ତାଙ୍କର ଗୋଟିଏ କବିତାର ଶେଷ ପଂକ୍ତି ହେଉଛି "କହ ସହଚରୀ ସେ କାହା ନାଗରୀ, ରସ ପ୍ରବୀଣା ନାଗରୀ ଦ୍ୱିଜ ନାରାଏଣ ବୋଲେ ମୋର ମନ ସଙ୍ଗେ ଘେନି ଗଲାଣି କି।"

(D.C.O.M.Vol-VIII P-81)

୨୭୯-(୭) **ଦ୍ୱିଜ ବାମଦେବ** : ଅଷ୍ଟାଦଶ ଶତାବ୍ଦୀ । କେତେକ ପ୍ରେମକବିତାର ରଚୟିତା । ତାଙ୍କର ଗୋଟିଏ କବିତାର ଶେଷ ପଂକ୍ତି ହେଉଛି "ଦ୍ୱିଜ ବାମଦେବ ଏରସରେ ଭାଳି, ଏନବନାଗର ଲେଖାକୁ ଅଳି।"

(D.C.O.M.Vol-VIII P-83)

୨୮୦-(୮) **ଦ୍ୱିଜ ବାମନ** : ଅଷ୍ଟାଦଶ ଶତାବ୍ଦୀ । କେତେକ କ୍ଷୁଦ୍ରକବିତାର ରଚୟିତା । ତାଙ୍କର ଗୋଟିଏ କବିତାର ଶେଷପଂକ୍ତି ହେଉଛି "ଅତିହୀନଦ୍ୱିଜ ବାମନ, ବାଣପତି ପାଦେ ରହୁ ମୋ ମନ।"

(D.C.O.M.Vol-VIII P-83)

୨୮୧-(୯) ଦ୍ୱିଜ ବିଶ୍ୱନାଥ ପଟ୍ଟଯୋଶୀ : ଉନବିଂଶ ଶତାବ୍ଦୀର କବି । 'ଉଗ୍ରତାରା ପାଲା'ର ରଚୟିତା ।

(D.C.O.M.Vol-VIII P-93)

୨୮୨- (୧୦) ଦ୍ୱିଜ ବ୍ରଜାନନ୍ଦ : ଅଷ୍ଟାଦଶ ଶତାବ୍ଦୀ । କେତେକ ପ୍ରେମ କବିତାର ରଚୟିତା । ତାଙ୍କର ଗୋଟିଏ କବିତାର ଶେଷ ପଂକ୍ତି ହେଉଛି "କହେ ଦ୍ୱିଜ ବ୍ରଜାନନ୍ଦ ଶୁଣ ମୋ ପ୍ରାଣ ସହୀରେ, ନ ରହିବ ଜାତି କୁଳ ଏ ଦୁଇରେ ।"

(D.C.O.M.Vol-VIII P-85)

୨୮୩-(୧୧) ଦ୍ୱିଜ ମଧୁ : ଅଷ୍ଟାଦଶ ଶତାବ୍ଦୀ । କେତେକ ପ୍ରେମ କବିତାର ରଚୟିତା । ତାଙ୍କର ଗୋଟିଏ କବିତାର ଶେଷପଂକ୍ତି ହେଉଛି "ଦ୍ୱିଜ ମଧୁ ଭଣି ଶୁଣ ଗୋ ମିତଣୀ, ହସି କୋଳ କଲା ସୁସ୍ନେହରେ"

(D.C.O.M.Vol-VIII P-83)

୨୮୪-(୧୨) ଦ୍ୱିଜ ହୃଷୀକେଶ : ଆନୁମାନିକ ୧୮ଶ ଶତାବ୍ଦୀ । ସେ ଚନ୍ଦ୍ରାବତୀ ହରଣ' କାବ୍ୟ ରଚନା କରିଥିବାର ଜଣାଯାଏ ।

(D.C.O.M.Vol-VIII P-286)

୨୮୫-ଦୈବଜ୍ଞ ବଳରାମ : ଅଷ୍ଟାଦଶ ଶତାବ୍ଦୀ । ସେ 'କୋଳାହଳ' ଚଉତିଶା ରଚନା କରିଥିଲେ । ତାଙ୍କର ଅନ୍ୟ ଏକ ରଚନା ହେଉଛି "ଅମରକୋଷ ଗୀତା ।"

(ପ୍ରା.ଓ.ଲି.ଭା.ସା.ପୃ-୫୭)

୨୮୬-ଦୈବଜ୍ଞା ବିପ୍ର : ଅଷ୍ଟାଦଶ ଶତାବ୍ଦୀ । ସେ 'ଟୀକା ଗୋବିନ୍ଦଚନ୍ଦ୍ର' ରଚନା କରିଥିଲେ । ଯଶୋବନ୍ତ ଦାସଙ୍କ 'ଗୋବିନ୍ଦ ଚନ୍ଦ୍ର' ବହୁପରେ 'ଟୀକା ଗୋବିନ୍ଦଚନ୍ଦ୍ର' ରଚିତ । ଭାଷା, ଭାବ ଓ କଥାବସ୍ତୁ ଦୃଷ୍ଟିରୁ ଯଶୋବନ୍ତଙ୍କର 'ଗୋବିନ୍ଦଚନ୍ଦ୍ର' 'ଟୀକା ଗୋବିନ୍ଦ ଚନ୍ଦ୍ର'ଠାରୁ ମହତ୍ୱପୂର୍ଣ୍ଣ ଏବଂ 'ଟୀକା ଗୋବିନ୍ଦ ଚନ୍ଦ୍ର' ଯଶୋବନ୍ତ ଦାସଙ୍କ 'ଗୋବିନ୍ଦ ଚନ୍ଦ୍ର'ର ଟୀକା ବା ସଂକ୍ଷିପ୍ତୀକରଣ । କିନ୍ତୁ ଲୋକପ୍ରିୟ ଗୀତିକାବ୍ୟ ଦୃଷ୍ଟିରୁ ଟୀକା 'ଗୋବିନ୍ଦଚନ୍ଦ୍ର' ଅଧିକ ଲୋକପ୍ରିୟ ।

୨୮୭-ଧନଞ୍ଜୟ ଭଞ୍ଜ  ୧୬୩୬ରୁ ୧୭୦୧ ପର୍ଯ୍ୟନ୍ତ ୬୫ ବର୍ଷ ରାଜତ୍ୱ କରିଥିଲେ । କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ପିତାମହ, ଘୁମୁସର ରାଜ୍ୟର ରାଜା, ସେ 'ମଦନ ମଞ୍ଜରୀ', 'ତ୍ରିପୁର ମଞ୍ଜରୀ', 'ଇଚ୍ଛାବତୀ', 'ଅନଙ୍ଗ ରେଖା' ଓ 'ରଘୁନାଥ ବିଳାସ' ନାମକ ୫ଖଣ୍ଡ କାବ୍ୟ ରଚନା କରିଥିଲେ । ସେଥିମଧ୍ୟରୁ ପ୍ରଥମ ୪ଖଣ୍ଡ କାଳ୍ପନିକ ଓ ଶେଷୋକ୍ତ କାବ୍ୟଟିର 'ରାମାୟଣ' ଅନୁସରଣରେ ଲିଖିତ । ସେ 'ଶାଳୀ ହୋତ୍ର' ନାମକ ଅଶ୍ୱଶାସ୍ତ୍ରର ମଧ ଓଡ଼ିଆ ପଦ୍ୟାନୁବାଦ କରିଥିଲେ । ଏତଦ୍‌ବ୍ୟତୀତ ତାଙ୍କ କୃତ ଅନେକ ଚଉତିଶା ଦୃଷ୍ଟି ଗୋଚର ହୁଏ । ସେଗୁଡ଼ିକ ଏପର୍ଯ୍ୟନ୍ତ ଅପ୍ରକାଶିତ ରହିଛି ।

୨୮୮- **ଧର୍ମଜୟ** : ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । କେତେକ ପ୍ରେମ କବିତାର ରଚୟିତା। ତାଙ୍କର ଶେଷ ପଂକ୍ତି ହେଉଛି- "ଭାଷେ ଅଙ୍ଗରୁ ଅନଙ୍ଗ ଧର୍ମଜୟ ପାଦାକୁ ତୁ କର କର୍ଦ୍ଦମ।"

(D.C.O.M.Vol-VIII P-86)

୨୮୯- **ଧରଣୀଧର ଦାସ** ୧୬ଶ ଶତାବ୍ଦୀର ଶେଷଭାଗ 'ଗୀତଗୋବିନ୍ଦ'କୁ ଓଡ଼ିଆରେ ଅନୁବାଦ କରିଥିଲେ । ଉକ୍ତ 'ଗୀତଗୋବିନ୍ଦ ଟୀକା' ୧୬ଟି ଛାନ୍ଦରେ ଲିଖିତ । ତାଙ୍କ ରଚିତ ଅନ୍ୟ ଗୋଟିଏ ଗ୍ରନ୍ଥ ହେଉଛି । 'କାଳିନ୍ଦୀ ଜନ୍ମ' ଏହା କାଳିନ୍ଦୀ ପୁରାଣ ଓ କାଳିନ୍ଦୀ ଅଚ୍ଛୁଆଁ ଚରିତ ନାମରେ ମଧ୍ଯ ପରିଚିତ ।

୨୯୦- **ଧରଣୀଧର ଭୂୟାଁ** : 'ରେଖା ବିକ୍ରମ' ଶୀର୍ଷକ ଗ୍ରନ୍ଥର ରଚୟିତା ।

(ଉ.ବି.)

୨୯୧- **ଧରମୁ ଦାସ** : ଆନୁମାନିକ ଉନବିଂଶ ଶତାବ୍ଦୀ । ସେ (ବାହୁଡ଼ାଯାତ୍ରା) କାବ୍ୟ ରଚନା କରିଥିଲେ ।

(ଉ.ବି.)

୨୯୨- **ଧୀବର ନାୟକ** : ଆନୁମାନିକ ୧୮ଶ ଶତାବ୍ଦୀ । 'ରସକୁମୁଦ ଚଉତିଶା' ରଚନା କରିଥିବାର ଜଣାଯାଏ ।

(ପ୍ରା.ଓ.ଲି.ଭା.ସା. ପୃ-୫୬)

୨୯୩- **ଧୀବର ନାଥିଆ** : ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ ।'ରସ କୁମୁଦ ଚଉତିଶା'ର ରଚୟିତା ।

(କୃ.ଚ.ସା.)

୨୯୪- **ଧ୍ରୁବ (ପତିତ)** : ଶପ୍ତଦଶ ଶତାବ୍ଦୀର କବି । କବିତାର ପ୍ରଥମ ପଂକ୍ତି 'ଆଷାଢ଼ ଶୁକଳ ଦ୍ୱିତୀୟା ଦିବସ' ଶ୍ରୀଜଗନ୍ନାଥଙ୍କ ପ୍ରସିଦ୍ଧ ରଥଯାତ୍ରା ବିଷୟକ ।

(ଜଗନ୍ନାଥ ଲୀଳାମୃତ ପୃ-୬୭ କୃ.ଚ.ସା)

୨୯୫- **ନଟବର** : ଆନୁମାନିକ ଉନବିଂଶ ଶତାବ୍ଦୀ । ସେ କେତେକ ଚଉପଦୀ ରଚନା କରିଥିଲେ ।

(ଉ.ବି.)

୨୯୬-(୧) **ନଟବର ଭଙ୍ଗବର** : ଆନୁମାନିକ ୧୮ଶ ଶତାବ୍ଦୀରେ କେତେକ ରୀତିସିଦ୍ଧ କବିତାର ରଚୟିତା ।

(D.C.O.M.Vol-VIII P-227)

୨୯୭-(୨) **ନଟବର ଭ୍ରମରବର ରାୟ** : ଉନବିଂଶ ଶତାବ୍ଦୀର କବି । (ଜନ୍ମ-୧୮୩୭) ଖଣ୍ଡପଡ଼ାର ରାଜା । ସେ କୃଷ୍ଣ କଳ୍ପଲତା କୃଷ୍ଣ ବିରହ ଚଉତିଶା କାବ୍ୟ ରଚନା କରିଥିଲେ । ଶୁଣାଯାଏ, ସାମନ୍ତ ଚନ୍ଦ୍ରଶେଖରଙ୍କ ପୁତ୍ର 'ପୀତବାସ ସିଂହ' ସାମନ୍ତ ଉକ୍ତ କାବ୍ୟ ରଚନା

କରି ରାଜକବି ନଟବରଙ୍କ ନାମରେ ଭଣିତା କରିଥିଲେ। ଏହା 'ଘ' ଆଦ୍ୟାନୁପ୍ରାସରେ ରଚିତ। ରାଜକବି ନଟବରଙ୍କ ନାମରେ 'ନୃସିଂହ ରାସ' ଓ ଅନ୍ୟାନ୍ୟ କେତୋଟି ଖଣ୍ଡ କବିତା ଭଣିତା ହୋଇଥିବାର ଜଣାଯାଏ।

(ପ୍ରା.ଓ.ଲି.ଭା.ସା.ପୃ-୧୫୦-୧୫୧)

**୨୯୮-ନନ୍ଦ ଦାସ :** ୧୮ଶ ଶତାବ୍ଦୀର ପ୍ରଥମାର୍ଦ୍ଧ। ସେ 'ଅଣାକାର ସଂହିତାର ରଚୟିତା ।

(ଓ.ଗୀ.କା. ପୃ-୨୯୩)

**୨୯୯- ନନ୍ଦା ବାଈ :** ଆନୁମାନିକ ୧୮ଶ ଶତାବ୍ଦୀ। କେତେକ ଚଉତିଶାର ରଚୟିତ୍ରୀ ।

(ଓ.ଗୀ.କା. ପୃ-୨୯୩)

**୩୦୦-ନୟନମାଳୀ ଜେମାଦେଈ :** ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । ସେ 'ମଙ୍ଗଳ ଗୀତ' ରଚନା କରିଥିବାର ଜଣାଯାଏ।

(ପ୍ରା.ଓ.ଲି.ଭା.ସା ପୃ-୮୧)

**୩୦୧-ନରସିଂହ ଦାସ :** ଆନୁମାନିକ ୧୮ଶ ଶତାବ୍ଦୀ । ସେ ଚଉପଦୀ ରଚନା କରିଥିବାର ଜଣାଯାଇଥାଏ ।

(ପ୍ରା.ଓ.ଲି.ଭା.ସା. ପୃ-୨୦୧)

**୩୦୨-ନରସିଂହ ପଟ୍ଟନାୟକ :** ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । ସେ 'ବାସୁଦେବ ବିଳାସି' ରଚନା କରିଥିଲେ। ବହୁ 'ଚଉପଦୀ ଓ ଚଉପଦୀ ଭୂଷଣ'ର ମଧ୍ୟ ରଚୟିତା ।

(D.C.O.M.Vol-VIII P-204)

**୩୦୩-ନରସିଂହ ଭଟ୍ଟ :** ଆନୁମାନିକ ୧୯ଶ ଶତାବ୍ଦୀ । କେତେକ ପ୍ରେମଧର୍ମୀ ଗୀତି କବିତାର ରଚୟିତା। ତାଙ୍କର ଗୋଟିଏ କବିତାର ୧ମ ଧାଡି-'ନାହିଁ ମୋ ଗତି ତୋ ବିନାରେ କୁଳ ରଜନା'।

(ଓ.ଗୀ.ସଂ)

**୩୦୩-(କ) ନରସିଂହ ମାଠ :** ଅଷ୍ଟାଦଶ ଶତାବ୍ଦୀ । "ରଘୁନାଥ କୀର୍ତ୍ତନ ନାମରେ ଗୋଟିଏ ରାମ ବିଷୟକ ଗ୍ରନ୍ଥ ରଚୟିତା ଭାବରେ ପରିଚିତ। କବି ଗଞ୍ଜାମର କରାଖଣ୍ଡି ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ। ଗ୍ରନ୍ଥଟି ସାତ ଖଣ୍ଡରେ ବିଭକ୍ତ। ବ୍ରହ୍ମପୁର ଓଡ଼ିଶା ପ୍ରିଣ୍ଟିଂ ୱାର୍କ୍ସ ଦ୍ୱାରା ୧୯୩୭ରେ ଏହା ପ୍ରକାଶିତ।"

(ଓଡ଼ିଆ ସାହିତ୍ୟରେ ଧର୍ମଧାର ପୃଷ୍ଠା ୧୭୦)

**୩୦୪-ନରସିଂହ ସେଣ :** ୧୬ଶ ଶତାବ୍ଦୀ । ପିତାଙ୍କ ନାମ ତପନ ସେଣ। 'ପରିମଳା' ତାଙ୍କର ଏକ ଉଲ୍ଲେଖଯୋଗ୍ୟ କୃତୀ। ଏହା ୨୪ ଛାନ୍ଦରେ ବିଭକ୍ତ ଏବଂ ବିଭିନ୍ନ ରାଗରାଗିଣୀରେ

ରଚିତ। ସେ ମଧ 'ଗୋପକାବ୍ୟ'ର ରଚୟିତା। ଏହା ଏପରି ଏକ କାବ୍ୟ ଯେଉଁଥିରେ ନାଟକର ବିଭିନ୍ନ ବିଭାବ ଓ ନାଟକୀୟତାର ବିଭିନ୍ନତତ୍ତ୍ୱ ପୂର୍ଣ୍ଣ ମାତ୍ରାରେ ସନ୍ନିବେଶିତ। ସେ 'ଢଗମୁକ୍ତା ବଳୀ' ନାମକ ଏକ ଅଳଙ୍କାର ଗ୍ରନ୍ଥ ରଚନା କରିଥିଲେ। ତାଙ୍କ ରଚିତ 'ପରିମଳା' ପ୍ରଥମ କାଳ୍ପନିକ କାବ୍ୟ, 'ଗୋପ' ଶ୍ରୀକୃଷ୍ଣ ଗୋପୀମାନଙ୍କର ରାସ ବର୍ଣ୍ଣନା କରିବା ପାଇଁ ପ୍ରଥମ ଓଡ଼ିଆ କାବ୍ୟ ଓ 'ଢଗମୁକ୍ତାବଳୀ' ଓଡ଼ିଆ ସାହିତ୍ୟର ପ୍ରଥମ ଅଳଙ୍କାର ଗ୍ରନ୍ଥ।

**୩୦୫-ନରହରି** : ଆନୁମାନିକ ୧୮ଶ ଶତାବ୍ଦୀ । 'ଶାଶୁବୋହୂ ଛଟା' ଶୀର୍ଷକ ରଚନାର ଲେଖକ।

(କୃ.ଚ.ସା)

**୩୦୬-ନରହରି କବିଚନ୍ଦ୍ର** : ଆନୁମାନିକ ଉନବିଂଶ ଶତାବ୍ଦୀ । ସେ 'ଆଧାତ୍ମ୍ୟ ରାମାୟଣ ଟୀକା' ରଚନା କରିଥିଲେ। ।

(ଉ.ବି.)

**୩୦୭-ନରହରି ଦାସ** : ଆନୁମାନିକ ୧୯ଶ ଶତାବ୍ଦୀ । ପ୍ରେମ କବିତାର ରଚୟିତା । ତାଙ୍କର ଗୋଟିଏ କବିତାର ଆଦ୍ୟ ପଂକ୍ତି ହେଉଛି "ମୋ ବାଳା ଚମ୍ପକ ଗୋରୀ କ୍ଷୀଣ ହେବଣି ।" ଅନ୍ୟ ଗୋଟିଏ କବିତାର ପ୍ରଥମ ପଦ "କାହିଁକି ଛଇଳା ଚିତ୍ତରେ କି ରଖି ମୋତେ ଦେଖି ଶ୍ରୀମୁଖ ମୋଡ଼ିଲା ।"

(କୃ.ଚ.ସା.)

**୩୦୮-ନରହରି ବିପ୍ର** : ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । ସେ କେତେକ ଜଣାଣ ଓ 'ଭାନୁମତୀ କୋଇଲି' ରଚନା କରିଛନ୍ତି ।

(ପ୍ରା.ଓ.ଲି.ଭା.ସା. ପୃ-୭୬)

**୩୦୯-ନରେନ୍ଦ୍ର ଦେବ** : ଆନୁମାନିକ ୧୮ଶ ଶତାବ୍ଦୀ । ଡ. ଜାନକୀବଲ୍ଲଭ ମହାନ୍ତି କବିଙ୍କର ଗୋଟିଏ ଗୀତିକା 'ଓଡ଼ିଆ ଗୀତିକାବ୍ୟ ସଂକଳନ' (ପୃ-୧୯୭)ରେ ଉଦ୍ଧାର କରିଛନ୍ତି ।

**୩୧୦-ନରେନ୍ଦ୍ର ମଙ୍ଗରାଜ** : ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । ସେ 'ରାମ ଗୀତାବଳୀ' ରଚନା କରିଥିଲେ।

(ଉ.ବି.)

**୩୧୧-ନରୋତ୍ତମ ଦାସ** : ଆନୁମାନିକ ୧୮ଶ ଶତାବ୍ଦୀ । ସେ କେତେକ ଜଣାଣ ଭଜନ ଲେଖିଥିବାର ଜଣାଯାଏ। ("ବୈଷ୍ଣବ ଗୋସାଇଁ ଗୁରୁ ପୁରାଣ ମାନେ ଆଶ। ପ୍ରାର୍ଥନା କରଇ ସଦା ନରୋତ୍ତମ ଦାସ।")

(ପ୍ରା.ଓ.ଲି.ଥ.ସା ପୃ-୭୯)

**୩୧୨- ନଳିନାକ୍ଷ ମର୍ଦ୍ଦରାଜ :** ୧୮ଶ ଶତାବ୍ଦୀ । ଖଲ୍ଲିକୋଟ ରାଜା ରାଜସିଂହ ମର୍ଦ୍ଦରାଜଙ୍କ ପୁତ୍ର ନଳିନାକ୍ଷ ମର୍ଦ୍ଦରାଜ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଲାବଣ୍ୟବତୀ ଅନୁକରଣରେ 'ଲାବଣ୍ୟନିଧି' ନାମକ ଏକ ଉତ୍କୃଷ୍ଟ କାଳ୍ପନିକ କାବ୍ୟ ୧୭୭୭ ଖ୍ରୀ.ରେ ରଚନା କରିଥିଲେ ।

(ପ୍ରା.ଓ.ଲି.ଭା.ସା. ପୃ-୧୯୩)

**୩୧୩- ନାଥିଆ (ଲୋକନାଥ) :** ଆନୁମାନିକ ୧୭ଶ ଶତାବ୍ଦୀ । ସେ 'ଜ୍ଞାନୋଦୟ କୋଇଲି' ଓ 'ଗୁରୁଶିଷ୍ୟ ଚଉତିଶା' ରଚନା କରିଥିଲେ । ନାଥିଆ ଓ ଲୋକନାଥ ଏକ ଓ ଅଭିନ୍ନ ବ୍ୟକ୍ତି ହୋଇଥିବା ଅନୁମାନ କରାଯାଇପାରେ । 'ଯୋଗୀ ଚଉତିଶା' ନାମରେ ଏକ ଚଉତିଶା 'ନାଥିଆ'ଙ୍କ ଭଣିତାରେ ଦେଖିବାକୁ ମିଳେ । ତାଙ୍କର ଆଉ ଗୋଟିଏ କବିତା ଛୁଆଳି ଓ ବାଛିଆଙ୍କ ପାଇଁ ରଚିତ । 'ଚୋଖି ଚଉତିଶା' ତାଙ୍କର ଅନ୍ୟ ଏକ ରଚନା ।

(ଚଉତିଶା ବିଚିତ୍ରା ପୃ-୪୭)

**୩୧୪- ନାରଣ ମିଶ୍ର :** ଅଷ୍ଟାଦଶ ଶତାବ୍ଦୀ । କେତେକ ପ୍ରେମ କବିତାର ରଚୟିତା । ତାଙ୍କର ଗୋଟିଏ କବିତାର ଶେଷ ପଂକ୍ତି ହେଉଛି 'ନାରଣ ମିଶ୍ର ଭାଷେ ଶରଣ ଗଲି ମୁହିଁ, ତାରଣ ନାହିଁ ମୋତେ ତୋ ରାଣରେ ।'

(D.C.O.M.Vol-VIII P-95)

**୩୧୫- ନାରାୟଣ :** ସପ୍ତଦଶ ଶତାବ୍ଦୀର କବି । "କାମଦୁହା ଚଉତିଶା'ର ସେ ରଚୟିତା ।

(ଉ.ବି)

**୩୧୬- ନାରାୟଣ ଖରସୁଆ ପଟ୍ଟନାୟକ :** ଆନୁମାନିକ ୧୮ଶ ଶତାବ୍ଦୀ । ଚଉତିଶା ମାଧ୍ୟମରେ ଚିଟାଉ ପ୍ରଣୟନ କରିଛନ୍ତି ।

(ପ୍ରା.ଓ.ଲି.ଭା. ସା-୫୫)

**୩୧୭- ନାରାୟଣ ଦାସ (୧)** ୧୮ଶ ଶତାବ୍ଦୀ । କବି ଶ୍ରୀରାଧାକୃଷ୍ଣଲୀଳା ସମ୍ବନ୍ଧରେ 'ପଞ୍ଚାମୃତ ସିନ୍ଧୁ' ବା 'ପ୍ରେମ ପଞ୍ଚାମୃତ ସିନ୍ଧୁ' ନାମକ ଖଣ୍ଡିଏ ଗ୍ରନ୍ଥ ରଚନା କରିଥିଲେ ।

(ଖୁରୁଧା ଇତିହାସ ପୃ-୧୫୯)

**୩୧୮- ନାରାୟଣ ଦାସ (୨) (କବିଶେଖର) :** ଆନୁମାନିକ ୧୮ଶ ଶତାବ୍ଦୀ । ଜନୈକ କବିଶେଖର ନାରାୟଣ ଦାସ ପାଞ୍ଚ ପଟଳରେ ସଂପୂର୍ଣ୍ଣ 'ପଞ୍ଚ ଶାୟକ' ଗ୍ରନ୍ଥ ଅନୁବାଦ କରିଥିବାର ଜଣାଯାଏ । କେତେକ ଚଉତିଶା ଓ ଚଉପଦୀ 'ନାରାୟଣ ଦାସ'ଙ୍କ ନାମ ଭଣିତାରେ ଦେଖିବାକୁ ମିଳେ ।

(ପ୍ରା.ଓ.ଲି.ଭା.ସା. ପୃ-୫୮)

୩୧୯- **ନାରାୟଣ ଦେବ :** ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । ତାଙ୍କ ରଚିତ 'ନାୟକର ଭାବନା' (ପୃ-୨୦୨) ଗୀତଟି ଡ. ଜାନକୀବଲ୍ଲଭ ମହାନ୍ତି ତାଙ୍କର 'ଗୀତି କାବ୍ୟ ସଂକଳନ'ରେ ଉଲ୍ଲେଖ କରିଛନ୍ତି ।

୩୨୦- **ନାରାୟଣଦେବ ଗଜପତି :** ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । ସେ ଚଉପଦୀ ଲେଖିଥିବାର ଜଣାଯାଏ ।

(ପ୍ରା.ଓ.ଲି.ଭା.ସା. ପୃ-୬୩)

୩୨୧- **ନାରାୟଣ ଦ୍ୱିଜ :** ୧୮ଶ ଶତାବ୍ଦୀ । କବିସୂର୍ଯ୍ୟ ବଳଦେବ ରଥଙ୍କ ସମକାଳୀନ । ଏହାଙ୍କ ରଚିତ 'ଜୀବର ଧନୀ' ସୁଖୀ 'ରାଜୀବର ଧନୀ' ଗୀତଟି କବିସୂର୍ଯ୍ୟ 'ମାନସୁମନା କରିଦେ ମାନସୁମନା' ଗୀତର ଅନୁକରଣରେ ଲିଖିତ । ଏହାଙ୍କ ରଚିତ ୩ଟି ଗୀତ ସଂଗୀତ ସାଗରରେ ମୁଦ୍ରିତ । 'ପରାଣ ବନ୍ଧୁ ପାବର ଉରଜା' ଗୀତଟି ମଧ୍ୟ ତାଙ୍କ ଦ୍ୱାରା ରଚିତ । ତାଙ୍କ ରଚିତ ୫ଟି ଗୀତ (ପୃ-୧୯୯ ରୁ ୨୦୧) ଡ. ଜାନକୀବଲ୍ଲଭ ମହାନ୍ତି ତାଙ୍କର ଗୀତିକାବ୍ୟ ସଂକଳନ'ରେ ଉଦ୍ଧାର କରିଛନ୍ତି ।

୩୨୨- **ନାରାୟଣ ନନ୍ଦ ଅବଧୂତସ୍ୱାମୀ :** ୧୬ଶ ଶତାବ୍ଦୀ । ଗ୍ରନ୍ଥ ମଧ୍ୟରେ ଲେଖକଙ୍କ ନାମର ଦୁଇଟି ରୂପ ମିଳେ- ନାରାୟଣାନନ୍ଦ ଅବଧୂତ ଓ ନାରାୟଣ ଦାସ । ଏହି ଗ୍ରନ୍ଥ ପଦ୍ୟାତ୍ମକ ଗଦ୍ୟରେ ରଚିତ । ଏଥିରେ ପଞ୍ଚସଖା ଯୁଗର ନାମ ସଂକୀର୍ତ୍ତନକୁ ପ୍ରାଧାନ୍ୟ ଦିଆଯାଇଛି । ମୁଦ୍ରିତ 'ରୁଦ୍ର ସୁଧାନିଧି' ଅସଂପୂର୍ଣ୍ଣ ଭାବରେ ପ୍ରକାଶିତ ହୋଇଛି । ଏହା ଏକ କାଳ୍ପନିକ ଗ୍ରନ୍ଥ ।

୩୨୩- **ନାରାୟଣ ପଟ୍ଟନାୟକ :** ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । ୩ଟି ରାଧାକୃଷ୍ଣ ସଖୀ ସମ୍ବାଦମୂଳକ ଓ ୨ଟି ମାନବିକ ପ୍ରୀତିମୂଳକ ଚଉପଦୀ ଓ ଦୁଇଟି ଭଜନ ଏହାଙ୍କ ନାମାଙ୍କିତ ହୋଇ ପ୍ରଚଳିତ । ଏହାଙ୍କ ରଚିତ 'ଯୋଷା ରତନ ବିଜେ ଓଷାକୁରେ' 'ଅନୁସରିଛିରେ', 'ରେ ସାରସ ନୟନା' ଗୀତଗୁଡ଼ିକ 'ସଙ୍ଗୀତ ସାଗର'ରେ ମୁଦ୍ରିତ । ତାଙ୍କ ରଚିତ ୨ଟି ଗୀତ (ପୃ-୨୦୩ ରୁ ୨୦୪) ଡ. ଜାନକୀବଲ୍ଲଭ ମହାନ୍ତି 'ଗୀତି କାବ୍ୟ ସଂକଳନ'ରେ ଉଲ୍ଲେଖ କରିଛନ୍ତି ।

୩୨୪- **ନାରାୟଣ ବକ୍ସି :** ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । ତାଙ୍କ ରଚିତ 'ନାୟକର ଚାଟୁକ୍ତି' (ପୃ-୨୦୨) ଡ. ଜାନକୀବଲ୍ଲଭ ମହାନ୍ତି 'ଗୀତିକାବ୍ୟ ସଂକଳନ'ରେ ଉଦ୍ଧାର କରିଛନ୍ତି ।

୩୨୫- **ନାରାୟଣ ବନ୍ଧୁ ପଟ୍ଟନାୟକ :** ଆନୁମାନିକ ୧୮ଶ ଶତାବ୍ଦୀ । କବି ଗୌଡ଼ୀୟ ବୈଷ୍ଣବ ଥିବା ଅନୁମେୟ । ଏହାଙ୍କ ରଚିତ ୪ଟି ଭକ୍ତିମୂଳକ ଗୀତ ଓ କେତେକ କୃଷ୍ଣଲୀଳାତ୍ମକ ଚୌପଦୀ ସଂଗୃହୀତ ହୋଇଅଛି । 'ପ୍ରବର ଅନଙ୍ଗରଙ୍ଗେ' ଗୀତଟିରେ ସଂସ୍କୃତ ଛାନ୍ଦାନୁକୃତ ପରିଲକ୍ଷିତ ହୁଏ । ତାଙ୍କ ରଚିତ ୬ଟି ଗୀତ (ପୃ-୨୦୪ ରୁ ୨୦୯) ଡ. ଜାନକୀବଲ୍ଲଭ ମହାନ୍ତି ତାଙ୍କର 'ଗୀତିକାବ୍ୟ ସଂକଳନ'ରେ ଉଲ୍ଲେଖ କରିଛନ୍ତି ।

୩୨୬- **ନାରାୟଣ ଭଞ୍ଜ :** ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । ସେ 'ବିଦ୍ୟୁଲତା ଚଉତିଶା' ରଚନା କରିଥିଲେ ।

(ପ୍ରା.ଓ.ଲି.ଭା.ସା.ପୃ-୫୯)

**୩୨୭-ନାରାୟଣ ମଙ୍ଗରାଜ** : ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ। ସେ "ଯମକ ରତ୍ନାକର ଚଉତିଶା'ର କବି।

(ଉ.ବି.)

**୩୨୮-ନାରାୟଣ ମର୍ଦ୍ଦରାଜ** : ଆନୁମାନିକ ୧୮ଶ ଶତାବ୍ଦୀ । ସେ 'ଜଗଦମ୍ବା ସ୍ତୁତି ଓ 'ଦୁର୍ଗାମାଳଶ୍ରୀ ରଚନା କରିଥିବାର ଜଣାଯାଏ। ସେ ମଧ୍ୟ କେତେକ ଚାଟୁଗୀତର ରଚୟିତା।

(D.C.O.M.Vol.VIII P-304)

**୩୨୯-ନାରାୟଣ ମହାନ୍ତି** : ଆନୁମାନିକ ୧୯ଶ ଶତାବ୍ଦୀ। ସେ 'କାମଶାସ୍ତ୍ର' ରଚନା କରିଥିଲେ।

(ଉ.ବି.)

**୩୩୦-ନାରାୟଣ ଶୂର** : ୧୮ଶ ଶତାବ୍ଦୀ । 'ଅଷ୍ଟୋତ୍ତର ଶତନାମ'ର ସେ ରଚୟିତା । କେତେକ ଜଣାଣ ଭଜନ ରଚନା କରିଥିବାର ଜଣାଯାଏ।

(ପ୍ରା.ଓ.ଲି.ଭା.ସା. ପୃ-୭୯)

**୩୩୧-ନାଳି ଗୋପାଳୀ** : ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । ତାଙ୍କ ରଚିତ କବିତାର ପ୍ରଥମ ପଂକ୍ତି ହେଉଛି ' ଆଗୋ ନଣନ୍ଦେ, ମୁଁ ମରଇ କାଳିଆ ଭୂତର ପାଇଁ।'

(ଶ୍ରୀଜଗନ୍ନାଥ ନୀଳାମୃତ ପୃ-୮୮)

**୩୩୨-ନିତ୍ୟାନନ୍ଦ ଦାସ** : ସମ୍ଭବତଃ ୧୯ଶ ଶତାବ୍ଦୀ । ଦୁଇଟି ରାଧାକୃଷ୍ଣ ଲୀଳାତ୍ମକ ଓ ଗୋଟିଏ ପରକୀୟା ନାୟିକାର ପ୍ରୀତିମୂଳକ ଚୌପଦୀ ଏବଂ ଗୋଟିଏ ଭକ୍ତି କବିତା ଏହାଙ୍କ ନାମରେ ପ୍ରଚଳିତ।

(ଓ.ଗୀ.କା. ପୃ-୨୯୪) ଏବଂ (ଓ.ଗୀ.ସଂ ପୃ-୨୦୯)

**୩୩୩-ନିତ୍ୟାନନ୍ଦ ଭଞ୍ଜ** : ଆନୁମାନିକ ୧୮ଶ ଶତାବ୍ଦୀ । 'ମଥୁରାବିଜେ ଚଉତିଶା'ର ଲେଖକ।

(କୃ.ଚ.ସା.)

**୩୩୪-ନିତ୍ୟାନନ୍ଦ ସାହୁ** : ଆନୁମାନିକ ୧୮ଶ ଶତାବ୍ଦୀ । ସେ କେତେକ ପ୍ରେମ କବିତାର ରଚୟିତା । ସେ କେତେକ ଚଉପଦୀ ରଚନା କରିଥିବାର ଜଣାଯାଏ। ତାଙ୍କର ଗୋଟିଏ କବିତାର ଶେଷ ପଂକ୍ତି ହେଉଛି ଦେଖିଲେ ସାଧିବେ ଦାଉ ସହିପାରିବ କି ପୀଡ଼ା ।

(D.C.O.M.Vol.VIII P-228)

**୩୩୫-ନିଧି ଦାସ (୧)** : ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । ସେ "ବ୍ୟାଘ୍ର ବୋଲି" ରଚନା କରିଥିଲେ। କେତେକ ପ୍ରେମ କବିତାର ରଚୟିତା ଜଣେ ନିଧି।

(ପ୍ରା.ଓ.ଲି.ଭା.ସା. ପୃ-୬୯)

**୩୩୬- ନିଧି ଦାସ (ଦୀନ)(୨)** ୧୮ଶ ଶତାବ୍ଦୀ ପ୍ରଥମାର୍ଦ୍ଧ । ଦୀନ ନିଧି ଦାସ ଭଣିତା ଥିବା କେତେକ ଜଣାଣ ଭଜନ ଦେଖିବାକୁ ମିଳେ ସେ 'ଅଶ୍ୱମେଧ ଯଜ୍ଞ' ଲେଖିଥିବାର ଜଣାଯାଏ । ପୁସ୍ତକଟି ୨ ଭାଗରେ ବିଭକ୍ତ । ୧ମ ଭାଗରେ ୫୫୩ ପଦ ଓ ୨ୟ ଭାଗରେ ୨୯୬ ପଦ । ପ୍ରଥମଭାଗ ଏକାଦଶାକ୍ଷରରେ ପ୍ରତ୍ୟେକପାଦ ଯୋଜନା କରାଯାଇଥିଲେ ହେଁ, ଦ୍ୱିତୀୟ ଭାଗ 'ଭାଗବତ ବୃତ୍ତ'ରେ ଗାଇବାକୁ ନିର୍ଦ୍ଦେଶ ଦିଆଯାଇଛି । ସେ କେତେ ସ୍ଥଳରେ ନିଜକୁ 'ଶିଶୁ ନିଧି ଦାସ' ରୂପେ ବର୍ଣ୍ଣନା କରିଛନ୍ତି ।

(ପ୍ରା.ଓ.ଲି.ଭା.ସା: ପୃ-୭୯)

**୩୩୭- ନିଧି ରଥ :** ଆନୁମାନିକ ୧୮ଶ ଶତାବ୍ଦୀ । ଘର ଧରାକୋଟ, ଗଞ୍ଜାମ । 'ଋତୁ ସଂହାର' (ଅନୁବାଦ) ଓ 'ଭଲମନ୍ଦ ଚଉତିଶା'ର ରଚୟିତା ।

(ଓ.ଗୀ.କା.ପୃ-୨୯୪)

**୩୩୮ - ନିମାଇଁ ବ୍ରାହ୍ମଣ :** ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । ସେ କେତେକ ଜଣାଣ ଭଜନ ଲେଖିଥିବାର ଜଣାଯାଏ ।

(ପ୍ରା.ଓ.ଲି.ଭା.ସା ପୃ-୭୯)

**୩୩୯ - ନିରାକାର ଦାସ :** ସମୟ ସମ୍ଭବତଃ ୧୮ଶ ଶତାବ୍ଦୀ । 'ଜୁମର ଚରିତ ଗୀତା'ର ଲେଖକ ଭାବେ ପରିଚିତ । (ପ୍ର.ଦା.) 'ଜୁମର ସଂହିତା' ଓ 'ଜୁମର ବ୍ରହ୍ମଜ୍ଞାନ' ନାମକ ରଚନାମାନ ମଧ୍ୟ ଏହାଙ୍କ ନାମରେ ମିଳେ ।

**୩୪୦ - ନିଶଙ୍କରାୟ ରାଣୀ :** ସେ ୧୭୮୮ ଖ୍ରୀଷ୍ଟାବ୍ଦରେ ଘୁମୁସର ରାଜସିଂହାସନ ଅଧିକାର କରିଥିବା ଜଣାଯାଏ । ସେ 'ଜରଡା' ରାଜ୍ୟ ଶାସକ ବାସୁଦେବ ଥାଟ ରାଜାଙ୍କ ଦୁହିତା ଥିଲେ । ସେ 'ବୁଢ଼ାରଶିଙ୍ଗୀ' ନିଶଙ୍କ ରାୟଙ୍କ ପାଟରାଣୀ ଥିଲେ । ସେ 'ପଦ୍ମାବତୀ ଅଭିଳାଷ' ବା 'ମଧୁମାଳତୀ କଥାରସ'ନାମକ ଦୁଇଟି କାବ୍ୟ ରଚନା କରିଥିଲେ ।

**୩୪୧ - ନୀଳକଣ୍ଠ କବିରାଜ :** ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । ସେ କେତେକ ଜଣାଣ ଭଜନ ଲେଖିଥିବାର ଜଣାଯାଏ ।

(ପ୍ରା.ଓ.ଲି.ଭା.ସା. ପୃ-୭୯)

**୩୪୨ - ନୀଳକଣ୍ଠ କର :** ଅନୁମାନତଃ ୧୯ଶ ଶତାବ୍ଦୀର ଶେଷଭାଗ । 'ତାରା ପ୍ରମୋଦ'ର ରଚୟିତା ।

(D.C.O.M.Vol.IX P-237)

**୩୪୩- ନୀଳକଣ୍ଠ ଭଞ୍ଜ :** ଅଷ୍ଟାଦଶ ଶତାବ୍ଦୀ । ରାଜତ୍ୱକାଳ ୧୭୦୧-୧୭୦୩ । ଉପେନ୍ଦ୍ର ଭଞ୍ଜଙ୍କ ପିତା । ଏହାଙ୍କ ରଚିତ 'ଦୌପଦୀ ଚନ୍ଦ୍ରୋଦୟ'ରେ ଦୁଇଗୋଟି ଗୀତ ଡ଼. ଜାନକୀବଲ୍ଲଭ ମହାନ୍ତି ତାଙ୍କର 'ଗୀତିକାବ୍ୟ ସଂକଳନ'ରେ ଉଲ୍ଲେଖ କରିଛନ୍ତି ।

୩୪୪- **ନୀଳମଣି ଜେମାଦେଈ** : ଉନବିଂଶ ଶତାବ୍ଦୀ । ସେ 'ମଙ୍ଗଳଗୀତ' ରଚନା କରିଥିଲେ। କେବଳ 'ନୀଳମଣି' ଭଣିତା ଥିବା କେତେକ ପ୍ରେମ କବିତା ଦୃଷ୍ଟିଗୋଚର ହୁଏ। ସେ ସବୁର ଆଦ୍ୟ ପଂକ୍ତି ହେଉଛି :

(୧)ବଞ୍ଚିବି କି ମୁଁ ତୋ ବିନାରେ ନବୀନା

(୨) ଧରମ ସହିବ କି ମରମ କରିବାର

(୩) "ସେହି କାରଣୁ କି କ୍ରୋଧ ମୃଗ ଲୋଚନା"

(ପ୍ରା.ଓ.ଲି.ଭା.ସା. ପୃ-୮୧)

୩୪୫- **ନୀଳମଣି ରଥ** : ଉନବିଂଶ ଶତାବ୍ଦୀର କବି। ସେ ଅନେକ ରାଧାକୃଷ୍ଣ ପ୍ରେମ ସମ୍ବଳିତ ଏବଂ ମାନବୀୟ ପ୍ରେମ ସମ୍ବଳିତ ଚୌପଦୀ ରଚନା କରିଛନ୍ତି। ଦୃଷ୍ଟାନ୍ତ-ଆଦ୍ୟ ପଂକ୍ତି- (୧) ସେହି କାରଣୁ କି କ୍ରୋଧ ମୃଗ ଲୋଚନା।

(୨) ଧରମ ସହିବକି ମରମ କରିବାର' ଇତ୍ୟାଦି।

(ରାଜ୍ୟ ସଂଗ୍ରହାଳୟ)

୩୪୬- **ନୀଳାଦ୍ରୀବିହାରୀ ଶ୍ରୀହରିଚନ୍ଦନ** : ଉନବିଂଶ ଶତାବ୍ଦୀ । ବାଙ୍କିର ରାଜା ବୋଲି ଅନୁମାନ କରାଯାଏ। କେତେକ ସାଧାରଣ ପ୍ରେମ ଧର୍ମୀ କବିତା ଲେଖିଛନ୍ତି।

(ଉ.ବି.)

୩୪୭- **ନୀଳାମ୍ବର ଦାସ (ବିପ୍ର)** : ୧୭ଶ ଶତାବ୍ଦୀର ଶେଷଭାଗ। ସେ ନୀଳଗିରିନିବାସୀ ବା ପୁରୀବାସୀ ଥିଲେ। ସେ ପଦ୍ମପୁରାଣ ଅନ୍ତର୍ଗତ 'କ୍ରିୟାଯୋଗସାର'ର ଓଡ଼ିଆ ପଦ୍ୟାନୁବାଦ କରି ଏହାର ନାମ 'ହରିଭକ୍ତି ରତ୍ନମାଳା' ଦେଇଥିଲେ। 'ଜୈମିନି ଭାରତ' 'ରୁଦ୍ରସ୍ତୁତି ଓ 'ପୁରୁଷୋତ୍ତମ ଦେଉଳ ତୋଳା' ତାଙ୍କ ଦ୍ୱାରା ରଚିତ ହୋଇଥିବାର ଜଣାଯାଏ। ତାଙ୍କ କୃତ 'ଦଶାବତାର', 'ହିତୋପଦେଶ' 'ରସିକମଞ୍ଜରୀ', 'ରାମଲୀଳା' ଓ 'କୃଷ୍ଣଲୀଳାର' ସନ୍ଧାନ ଏପର୍ଯ୍ୟନ୍ତ ମିଳି ନାହିଁ। 'ହରିବଂଶ' ପ୍ରଣେତା ବିପ୍ର ନୀଳାମ୍ବର ଓ 'କ୍ରିୟାଯୋଗସାର' ରଚୟିତା ବିପ୍ର ନୀଳାମ୍ବର ଏକ ଓ ଅଭିନ୍ନ ଥିବାର ମନେହୁଏ। 'ପାର୍ବତୀ ଜଣାଣ'ର ରଚୟିତା ନୀଳାମ୍ବର ଦ୍ୱିଜ (ଓ.ଗୀ.କା. ପୃ-୨୯୫) ବିପ୍ର ନୀଳାମ୍ବର ହୋଇଥିବା ଖୁବ୍ ସମ୍ଭବ।

୩୪୮- **ନୀଳାମ୍ବର ଭଞ୍ଜ** : ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । ସେ କେତେକ ଚଉପଦୀ ଲେଖିଥିଲେ। ତାଙ୍କର ଗୋଟିଏ କବିତାର ଶେଷ ପଂକ୍ତି ହେଉଛି : "ବନ୍ଧୁକୁ ମୋ ଭରସା ନଭାଙ୍ଗ ମୋର ଆଶା, ନୀଳାମ୍ବର ଭଞ୍ଜ ଭାଷା ଶୁଣି ସେ ରମଣୀ ତେଜିଲେ ରସା।"

(D.C.O.M.Vol.VIII P-249)

୩୪୯- **ନୃସିଂହ ଗଜପତି** : ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । ଏହି କବିଙ୍କ ଦ୍ୱାରା ରଚିତ ଏକମାତ୍ର 'ମଙ୍ଗଳଗୀତ'ର ସନ୍ଧାନ ମିଳିଅଛି।

(ଓ.ଗୀ.କା. ପୃ-୨୯୫)

୩୫୦- **ନୃସିଂହ ଦାସ** : ଆନୁମାନିକ ୧୮ଶ ଶତାବ୍ଦୀ । 'ରସଚନ୍ଦ୍ର ଚଉତିଶା'ର କବି ।

(ଉ.ବି.)

୩୫୧- **ନୃସିଂହ ନୃପ ବା ନରେନ୍ଦ୍ର** : ଆନୁମାନିକ ୧୮ଶ ଶତାବ୍ଦୀ । 'କଳିଗମନ ଚଉତିଶା'ର କବି ।

(D.C.O.M.Vol.VIII P-213)

୩୫୨- **ନୃସିଂହ ପଟ୍ଟନାୟକ** : ପ୍ରାଚୀନ ଚଉପଦୀ ରଚୟିତାମାନଙ୍କ ମଧ୍ୟରୁ ଅନ୍ୟତମ ବିଶିଷ୍ଟ କବି । ଏହାଙ୍କ 'ଚୌପଦୀ ଚନ୍ଦ୍ରୋଦୟ'ରେ ରଚିତ ୩୪ଟି ଗୀତ (ପୃ-୨୧୨ରୁ ୨୩୭) ଡ. ଜାନକୀବଲ୍ଲଭ ମହାନ୍ତି ତାଙ୍କର 'ଗୀତିକାବ୍ୟ ସଙ୍କଳନ'ରେ ଉଦ୍ଧାର କରିଛନ୍ତି ।

୩୫୩- **ନୃସିଂହ ଭ୍ରମରବର** : ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । ସେ 'ପ୍ରିୟା ବିଚ୍ଛେଦ ଚଉତିଶା' ରଚନା କରିଥିଲେ ।

(ପ୍ରା.ଓ.ଲି.ଭା.ସା. ପୃ-୫୯)

୩୫୪- **ନୃସିଂହ ମର୍ଦ୍ଦରାଜ** : ଆନୁମାନିକ ୧୮ଶ ଶତାବ୍ଦୀ । ସେ କେତେକ ପ୍ରେମ କବିତା ରଚନା କରିଥିଲେ ।

(D.C.O.M.Vol.VIII P-305)

୩୫୫- **ପଣ୍ଡିତ ଦାସ** : ଆନୁମାନିକ ୧୯ଶ ଶତାବ୍ଦୀ । ସେ 'ଆଗତ ଭବିଷ୍ୟ' ରଚନା କରିଥିଲେ ।

(ଉ.ବି.)

୩୫୬- **ପତିତପାବନ** : ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । ସେ 'କମଳ ବଦନୀ ଚଉତିଶା' ରଚନା କରିଥିଲେ ।

(ପ୍ରା.ଓ.ଲି.ଭା.ସା. ପୃ-୫୬)

୩୫୭- **ପତିତପାବନ ପଟ୍ଟନାୟକ** : ୧୮୭୩-୧୯୦୭ ତିମିରିସେଣା, ପୁରୀ 'ନାୟକ ନାୟିକା ସଂପର୍କୀୟ' ଓ 'କୃଷ୍ଣଲୀଳାତ୍ମକ ବହୁ ସଂଗୀତ' ଏବଂ 'ଦେବୀ ବନ୍ଦନା' ମୂଳକ 'ଦକ୍ଷିଣକାଳୀ ମାଳଶ୍ରୀ' ପ୍ରଭୃତିର ରଚୟିତା । ତାଙ୍କ ରଚିତ 'ଦୂତି ପ୍ରତି ରାଧା' ଓ 'ନାୟକର ଚାଟୁ' (ପୃ-୨୬୩) କାବ୍ୟଦ୍ୱୟ ଡ଼. ଜାନକୀବଲ୍ଲଭ ମହାନ୍ତି 'ଗୀତିକାବ୍ୟ ସଂକଳନ'ରେ ଉଦ୍ଧାର କରିଛନ୍ତି ।

୩୫୮- **ପଦନ ଦାସ** : ସମ୍ଭବତଃ ୧୯ଶ ଶତାବ୍ଦୀ । ଚୌପଦୀ ଓ ଭକ୍ତିସଂଗୀତ ପ୍ରଣେତା । ଏହାଙ୍କର କେତେକ ଗୀତ 'ସଂଗୀତସାଗର'ର ୩ୟ,୪ର୍ଥ ୫ମ ଓ ୬ଷ୍ଠ ଭାଗରେ ମୁଦ୍ରିତ । ତାଙ୍କ ରଚିତ 'ଶ୍ରୀକୃଷ୍ଣଙ୍କ ଚାଟୁ' (ପୃ-୨୬୪) କାବ୍ୟଟି ଡ଼. ଜାନକୀବଲ୍ଲଭ ମହାନ୍ତି ତାଙ୍କର 'ଗୀତିକାବ୍ୟ ସଂକଳନ'ରେ ଉଦ୍ଧାର କରିଛନ୍ତି ।

**୩୫୯- ପଦ୍ମରାମ ଦ୍ୱିଜ :** ସପ୍ତଦଶ ଶତାବ୍ଦୀର କବି। 'କୃଷ୍ଣପଞ୍ଚକ'ର ରଚୟିତା ।

**୩୬୦- ପଦ୍ମନ ସିଂହ :** ପଦ୍ମନ ସିଂହଙ୍କ ରଚିତ 'ନାଗବଂଶ ରଚିତ' ଏକ ଅପ୍ରକାଶିତ ଐତିହାସିକ ତଥ୍ୟ ସମ୍ବଳିତ ପୁସ୍ତକ। ଆନୁମାନିକ ୧୮ଶ ଶତାବ୍ଦୀର କବି।

(ପ୍ରା.ଓ.ଲି.ଭା.ସା. ପୃ-୧୬୭)

**୩୬୧- ପଦ୍ମନାଭ ଦେବ :** (୧୭୮୦-୧୮୩୨) ଟିକାଲିର ରାଜା । 'ଭଗବତୀ' କାବ୍ୟ, 'ବିବିଧ ଚଉପଦୀ' ଓ 'ଶ୍ରୀ ବ୍ରଜରାଜଙ୍କ ଜଣାଣ'ର ରଚୟିତା। କେବଳ ପଦ୍ମନାଭ ଭଣିତା ଥିବା କେତେକ କବିତା ଦେଖିବାକୁ ମିଳେ। ତାଙ୍କର ଗୋଟିଏ କବିତାର ଶେଷ ପଂକ୍ତି ହେଉଛି : "ଭଣେ ଦେବ ପଦ୍ମନାଭ ନୀରତେ ହୋଇ ଆନନ୍ଦ, ଈଶ୍ୱରଙ୍କ ଗଳେ ମୁଣ୍ଡମାଳ କିମ୍ପାଇ ହେଲା।"

(ଓ.ଗୀ.କା. ପୃ-୨୯୬) ଓ (D.C.O.M.Vol-VIII P-14)

**୩୬୨- ପଦ୍ମନାଭ ଦ୍ୱିଜ :** ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । ସେ କେତେକ ଚଉପଦୀ ଲେଖିଥିଲେ। ତାଙ୍କର ଗୋଟିଏ କବିତାର ଶେଷପଂକ୍ତି ହେଉଛି : ଦ୍ୱିଜ ପଦ୍ମନାଭ କହେ ଏହୁ ଭାବ ପ୍ରିୟରେ ଏ ବିନତି କୁହାରେ।

(D.C.O.M.Vol-VIII P-254)

**୩୬୩- ପଦ୍ମନାଭ ନରେନ୍ଦ୍ର :** ଆନୁମାନିକ ୧୯ଶ ଶତାବ୍ଦୀ । ସେ 'ସମଣ୍ଡନା ଚଉତିଶା' ରଚନା କରିଥିଲେ।

(ଉ.ବି.)

**୩୬୪- ପଦ୍ମନାଭ ନାରାୟଣଦେବ :** ସମୟ ୧୮୭୨-୧୯୦୪। ପାରଳାର ରାଜକୁମାର । 'ଗୀତ ସ୍ତବକ' ଓ କେତେକ ଗୀତିନାଟ୍ୟର ରଚୟିତା ।

(ଓ.ଗୀ.କା. ପୃ-୨୯୭)

**୩୬୫- ପଦ୍ମନାଭ ପଟ୍ଟନାୟକ :** ସମ୍ଭବତଃ ୧୯ଶ ଶତାବ୍ଦୀ । ଚଉପଦୀ ଓ ଭକ୍ତି ସଙ୍ଗୀତ ପ୍ରଣେତା । ଡ଼. ଜାନକୀବଲ୍ଲଭ ମହାନ୍ତି ତାଙ୍କର ଓଡିଆ ଗୀତି କାବ୍ୟ ସଂକଳନ'ରେ କବି ପଦ୍ମନାଭ ପଟ୍ଟନାୟକଙ୍କର ୩ଟି କବିତା'ବେଣୀ ପ୍ରଶଂସା', 'ନାୟକର ନାୟିକା ପ୍ରାପ୍ତିଲାଗି ତପସ୍ୟା' ଓ 'ନାୟକର ନାୟିକା ପ୍ରଶସ୍ତି', ଉଦ୍ଧାର କରିଛନ୍ତି। ଭାବ, ଭାଷା ଛନ୍ଦ ଓ ରଚନା ରୀତି ଦୃଷ୍ଟିରୁ ତାହାଙ୍କ ସଙ୍ଗୀତଗୁଡିକ ଉଚ୍ଚକୋଟୀର।

**୩୬୬- ପଦ୍ମନାଭ ଶ୍ରୀଚନ୍ଦନ** ୧୭୩୫ରୁ ୧୭୫୭ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ। ସେ ବାଙ୍କୀ ରାଜ୍ୟର ରାଜା ଥିଲେ। 'ଶଶୀରେଖା' କାବ୍ୟ ପ୍ରାଚୀ ସମିତି ଦ୍ୱାରା ପ୍ରକାଶିତ ଏହା କବି ସମ୍ରାଟ ଉପେନ୍ଦ୍ରଭଞ୍ଜଙ୍କ 'ଲାବଣ୍ୟବତୀ' କାବ୍ୟର ଅନୁକରଣରେ ଲିଖିତ। ଏତଦ୍‌ବ୍ୟତୀତ 'ଇଚ୍ଛାବତୀ' ନାମକ ଅନ୍ୟ ଏକ କାବ୍ୟ ଏବଂ ବହୁ ଚଉପଦୀ ଓ ଚିଟାଉର ରଚୟିତା ।

(ଖୁ.ଇ. ପୃ-୨୧୪ ଓ ଓ.ଗୀ.କା. ପୃ-୨୯୭)

**୩୬୭-ପଙ୍କଜ ଚରଣ** : ସମ୍ଭବତଃ ୧୯ଶ ଶତାବ୍ଦୀ । 'ରାଧାକୃଷ୍ଣ ଲୀଳା' ଓ ମାନବିକ ପ୍ରୀତିମୂଳକ ବହୁ ସଙ୍ଗୀତର ରଚୟିତା । ତାଙ୍କ ରଚିତ ୩୫ଟି ଚଉତିଶା (ପୃ-୨୩୮ ରୁ ୨୬୨) ଡ. ଜାନକୀବଲ୍ଲଭ ମହାନ୍ତି ତାଙ୍କ 'ଗୀତିକାବ୍ୟ ସଂକଳନ'ରେ ଉଦ୍ଧାର କରିଛନ୍ତି ।

**୩୬୮-ପରମାନନ୍ଦ ଦାସ** : ସମ୍ଭବତଃ ୧୯ଶ ଶତାବ୍ଦୀ । ସେ 'ପ୍ରଭାବତୀ ଚଉତିଶା' ରଚନା କରିଥିଲେ । କୃଷ୍ଣଲୀଳାତ୍ମକ କେତେକ ଚୌପଦୀ ଓ ଜଣାଣର ସେ ପ୍ରଣେତା । ଅନ୍ୟାନ୍ୟ ରଚନା - 'ସୀତା ବିଚ୍ଛେଦ ଚଉତିଶା', 'ନବଘନ ଚଉତିଶା' । ତାଙ୍କ ରଚିତ 'ରାଧାଙ୍କ ପ୍ରତି ସଖୀର ଉକ୍ତି,' 'ରାଧାପ୍ରତି ଦୂତୀ', 'ଶ୍ରୀକୃଷ୍ଣଙ୍କ ପ୍ରତି ରାଧା (ପୃ-୨୭୦ ରୁ ୨୭୧) ଡ଼. ଜାନକୀବଲ୍ଲଭ ମହାନ୍ତି ତାଙ୍କର 'ଗୀତିକାବ୍ୟ ସଂକଳନ'ରେ ଉଦ୍ଧାର କରିଛନ୍ତି ।

**୩୬୯-ପରମେଶ୍ୱର ସାମନ୍ତରାୟ** : ଆନୁମାନିକ ୧୭ଶ ଶତାବ୍ଦୀର ଶେଷ ଭାଗ କଥା । ୧୮ଶ ଶତାବ୍ଦୀର ପ୍ରଥମ ଭାଗ । ଖେମୁଣ୍ଡି ରାଜ୍ୟର ଗଙ୍ଗବଂଶୀୟ ଅଧିପତି ପୀତାମ୍ବର ଅନଙ୍ଗ ଭୀମ ଦେବଙ୍କ ସଭା ପଣ୍ଡିତ ଥିଲେ । ସେ ଗୋବିନ୍ଦ ରାମ ଭଟ୍ଟାଚାର୍ଯ୍ୟ ନାମକ ଗୌଡ଼ୀୟ ପଣ୍ଡିତଙ୍କୁ ପରାସ୍ତ କରି 'ସାମନ୍ତ ରାୟ' ପଦବୀ ପ୍ରାପ୍ତ ହୋଇଥିଲେ । ସେ 'ବୈଷ୍ଣବ ତୋଷଣୀ' ଟୀକା ସାହାଯ୍ୟରେ 'ଭାଗବତ'ର ପ୍ରାଞ୍ଜଳ ବ୍ୟାଖ୍ୟା କରୁଥିଲେ । ରାଜା ପୀତାମ୍ବରଙ୍କ ନିର୍ଦ୍ଦେଶରେ 'ଅମରକୋଷ' ପରି ଖଣ୍ଡିଏ 'କୋଷ' ଏବଂ ରାଧାକୃଷ୍ଣ ଲୀଳା ସମ୍ବଳିତ 'ମଥୁରା ପ୍ରୟାଣ' ନାମକ ଖଣ୍ଡକାବ୍ୟ ରଚନା କରିଥିଲେ ।

(ଖ୍ରୀ.ଇ.ପୃ-୧୬୮)

**୩୭୦-ପର୍ଶୁରାମ ଦାସ** : ଆନୁମାନିକ ସପ୍ତଦଶ ଶତାବ୍ଦୀ । ସେ 'ବ୍ରହ୍ମଗୀତା' ରଚନା କରିଥିଲେ । ବେହାରୀ ପର୍ଶୁରାମ ଦାସ ନାମକ ଜନୈକ କବି । ଆନୁମାନିକ ସପ୍ତଦଶ ଶତାବ୍ଦୀର 'ଗୀତା'ର ଓଡ଼ିଆ ଅନୁବାଦ କରଥିଲେ । (D.C.O.M.Vol-VIII P-57) ସେ ୧୦ଟି ଜନପ୍ରିୟ ଜଣାଣ ରଚନା କରିଥିବା ଜଣାଯାଏ । (ଓ.ଗୀ.କ: ପୃ-୨୯୭)

**୩୭୧-ପାର୍ଥ ଶ୍ରୀଚନ୍ଦନ** ୧୬ଶ ଶତାବ୍ଦୀ । 'କଳାବତୀ' କାବ୍ୟଟି ପାର୍ଥ ଶ୍ରୀଚନ୍ଦନଙ୍କ ଦ୍ୱାରା ରଚିତ ହୋଇଥିବା ଜଣାଯାଏ । ଏହା ସାତ ଛାନ୍ଦ ବିଶିଷ୍ଟ ଏକ କ୍ଷୁଦ୍ର କାବ୍ୟ ହେଲେ ମଧ ଏଥିରେ ଶୁଦ୍ଧ ଔପନାସିକ କାବ୍ୟ କଥା ବସ୍ତୁର ପରିଚୟ ମିଳିଥାଏ ଏବଂ ଅଳଙ୍କାର ବିମୁକ୍ତ ମଧୁର କାବ୍ୟ ରୀତିର ପରିଚୟ ଏଥିରୁ ସୁଲଭ ହୋଇଥାଏ ।

**୩୭୨-ପିଣ୍ଡିକ ଦାସ** : ଆନୁମାନିକ ୧୮ଶ ଶତାବ୍ଦୀ । 'ଶରୀରଭେଦ ଭଜନ' ଓ 'ଆଗତ ଭବିଷ୍ୟ ମାଳିକା'ର ରଚୟିତା ।

(ଉ.ବି.)

**୩୭୩-ପିଣ୍ଡିକ ଶ୍ରୀଚନ୍ଦନ** : ୧୮ଶ ଶତାବ୍ଦୀ । ପୁରୀ ଜିଲ୍ଲା ବୋଲଗଡ ଅଞ୍ଚଳରେ ଜନ୍ମଗ୍ରହଣ କରିଥିଲେ । ସେ 'ବସନ୍ତରାସ'ର ପ୍ରଣେତା ରୂପେ ସମଗ୍ର ଉତ୍କଳରେ ଖ୍ୟାତ । ଏଥିରେ ରାଧାକୃଷ୍ଣଙ୍କ ରାସଲୀଳାର ବିସ୍ତୃତ ବର୍ଣ୍ଣନା ଦେଖାଯାଏ । କେହି ଏହାକୁ ଅଭିନୟ ଉଦ୍ଦେଶ୍ୟରେ ପ୍ରଣୟନ କରିଥିଲେ । ତାଙ୍କର 'କନ୍ଦର୍ପ ରଥ' ନାମକ ଏକ ଅନ୍ୟ ରଚନା ଥିବା ଜଣାଯାଏ ।

୩୭୪- ପୀତ ବାସ   ୧୯ଶ ଶତାବ୍ଦୀର କବି । 'ତ୍ରିନାଥ ମେଳା'ର ରଚୟିତା ।

(D.C.O.M.Vol-IX P-294)

୩୭୫- ପୀତାମ୍ବର : ଆନୁମାନିକ ୧୯ଶ ଶତାବ୍ଦୀ । 'ଚନ୍ଦ୍ରହାରା କେଳି ଅଭିଳାସ'ର ରଚୟିତା ।

(D.C.O.M.Vol-IX P-278)

୩୭୬- ପୀତାମ୍ବର ଦାସ : ଆନୁମାନିକ ୧୮ଶ ଶତାବ୍ଦୀ । ଗଞ୍ଜାମ ଜିଲ୍ଲାର ଋଷିକୁଲ୍ୟା ନଦୀ ତୀରବର୍ତ୍ତୀ ପୂର୍ବଖଣ୍ଡର ଢ଼ଆଁର ଗ୍ରାମରେ ଏକ ବ୍ରାହ୍ମଣ ପରିବାରରେ ଜନ୍ମ ଗ୍ରହଣ କରିଥିଲେ । ସେ ଓଡ଼ିଶାର ଜଣେ ପୁରାଣ ପ୍ରଣେତା । ସେ ବିରାଟ 'ନୃସିଂହ ପୁରାଣ' (ସାତଖଣ୍ଡ ବା ରତ୍ନାକର) ଗ୍ରନ୍ଥକୁ ସରଳ ଓଡିଆ ପଦ୍ୟରେ ଅନୁବାଦ କରିଥିଲେ । ପୀତାମ୍ବର ଦ୍ୱିଜ ଭଣିତାଯୁକ୍ତ କେତେକ ଗୀତ ଦେଖିବାକୁ ମିଳେ ଏବଂ ଉଭୟେ ଏକ ବ୍ୟକ୍ତି ହୋଇଥିବା ଖୁବ୍ ସମ୍ଭବ ।

(ଓ.ଗୀ.କା. ପୃ-୨୯୮)

୩୭୭- ପୀତାମ୍ବର ଦେବ : ଅଷ୍ଟାଦଶ ଶତାବ୍ଦୀ । ପ୍ରାଚୀନ ଉତ୍କଳରେ ନନ୍ଦପୁର ବା ଜୟପୁର (ବର୍ତ୍ତମାନ କୋରାପୁଟ ଜିଲ୍ଲା) ରାଜ୍ୟରେ ଶଙ୍କର ବଂଶ ରାଜତ୍ୱ କରୁଥିଲେ । ରାଜା ରାମଚନ୍ଦ୍ର ଦେବ । ପୀତମ୍ବର ଦେବଙ୍କ ବଡ଼ ଭାଇ । ସେ 'ଅଖିଳ ରସ ଚିନ୍ତାମଣି' ନାମକ ଏକ କାବ୍ୟ ରଚନା କରିଥିଲେ । ଏହାର ପ୍ରତ୍ୟେକ ପାଦ 'ଅ' ଅକ୍ଷରରେ ଆରମ୍ଭ ହୋଇଛି । ଏହା ୧୮ଶ କିରଣ ବା ଅଧ୍ୟାୟରେ ବିଭକ୍ତ । ରାମ ଦାସ ନାମକ ଜନୈକ କବି ଉକ୍ତ ଗ୍ରନ୍ଥର ପ୍ରକୃତ ପ୍ରଣେତା । ସେ କେତେକ ଚାଟୁ ଗୀତ ରଚନା କରିବାର ଜଣାଯାଏ । ତାଙ୍କର କବିତାର ଗୋଟିଏ ପଂକ୍ତି: "ଶ୍ରୀ ପୀତାମ୍ବର ଦେବ ଭାସିଲେ ତୋଷ କରିବେ କିଶୋରୀ, ଆଦର ରଜନୀରେ ଆଣିମି ମଦନ ମୋହନ ମୁରଲୀଧାରୀ ।"

(D.C.O.M.Vol-VIII P-306)

୩୭୮- ପୀତାମ୍ବର ଭଞ୍ଜ : ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । 'ମଙ୍ଗଳଗୀତ' ଓ 'ଗୁଣ୍ଡିଚା ବିଜେ ଚଉତିଶା' ରଚନା କରିଥିଲେ ।

(ପ୍ରା.ଓ.ଲି.ଭା.ସା. ପୃ-୭୯)

୩୭୯- ପୀତାମ୍ବର ରାଜେନ୍ଦ୍ର   ଆନୁମାନିକ ୧୭୮୬-୧୮୧୫ । ଚିକିଟିର ରାଜା କୃଷ୍ଣଚନ୍ଦ୍ର ରାଜେନ୍ଦ୍ରଙ୍କ ପୁତ୍ର । ତାଙ୍କ କୃତ 'ରାମଲୀଳା' ଗଞ୍ଜାମ, କଳାହାଣ୍ଡି, ଜୟପୁର ଅଞ୍ଚଳରେ ଅନ୍ତତଃ ଲୋକପ୍ରିୟ ଥିଲା । ତେଣୁ ଏହା ଲୋକମୁଖରେ 'ଚିକିଟି ରାମଲୀଳା' ନାମରେ ଖ୍ୟାତ । ତାଙ୍କ ଦ୍ୱାରା ପ୍ରଣୀତ ଅନ୍ୟ ଏକ ଗ୍ରନ୍ଥର ନାମ 'ଖଣ୍ଡ ରାମାୟଣ' ।

(ପ୍ରା.ଓ.ଲି.ଭା.ସା. ପୃ-୧୨୫)

୩୮୦- ପୁରୁଷୋତ୍ତମ ଅନଙ୍ଗଭୀମଦେବ : ୧୭୨୮-୧୭୭୬ । ଖେମୁଣ୍ଡି ଅଧିପତି ତେଜସ୍ୱୀ ବୀର ଓ ସାହିତ୍ୟସେବୀ ଥିଲେ । ଲୋକପ୍ରିୟ ରାଧାକୃଷ୍ଣ ଲୀଳାକୁ ଅବଲମ୍ବନ

କରି 'କୃଷ୍ଣ କେଳି ତରଙ୍ଗିଣୀ' ନାମକ ଏକ ସୁନ୍ଦର କାବ୍ୟ ରଚନା କରିଥିଲେ । ତାଙ୍କ ସଭାରେ ଅନେକ ବିଖ୍ୟାତ ପଣ୍ଡିତ ଆଶ୍ରୟ ଗ୍ରହଣ କରିଥିଲେ ।

(ଖ୍ରୀ.ଇ. ପୃ-୨୨୧)

୩୮୧- **ପୁରୁଷୋତ୍ତମ ଦାସ (୧)** ୧୬ଶ ଶତାବ୍ଦୀ । ସେ ସୂର୍ଯ୍ୟ ବଂଶୀୟ ଗଜପତି ପୁରୁଷୋତ୍ତମ ଦେବଙ୍କ ଇତିହାସ ପ୍ରସିଦ୍ଧ କାଞ୍ଚି ଅଭିଯାନ ଅବଲମ୍ବନରେ 'କାଞ୍ଚିକାବେରୀ' ନାମକ ଗ୍ରନ୍ଥ ରଚନା କରିଥିଲେ । ସେ ଜଗନ୍ନାଥଙ୍କ ପରମ ଭକ୍ତ ଥିଲେ । ତାଙ୍କ ପିତାଙ୍କ ନାମ ଭାଗୀରଥି ଓ ପିତାମହଙ୍କ ନାମ ବରୁଣ ଦାସ । ତାଙ୍କର 'ଗଙ୍ଗା ମାହାତ୍ମ୍ୟ' ଉଲ୍ଲେଖ ଯୋଗ୍ୟ ରଚନା । ସେ 'କାଞ୍ଚିଓଲା ବ୍ରତ'ର ରଚନା ମଧ କରିଥିଲେ ।

୩୮୨- **ପୁରୁଷୋତ୍ତମ ଦାସ (୨)** : ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । ସେ 'ଗୋପୀପ୍ରେମ ପ୍ରକାଶ' ନାମକ କୃଷ୍ଣକାବ୍ୟ ରଚନା କରିଥିଲେ । 'ଗୁଣ୍ଡିଚା ବିଜୟ' ନାମକ ଏକ କାବ୍ୟ ଓ 'ପୁରୁଷୋତ୍ତମ ଜଣାଣ' 'ପୁରୁଷୋତ୍ତମ ଦାସ'ଙ୍କ ନାମରେ ଭଣିତା ଦେଖିବାକୁ ମିଳେ ।

(ପ୍ରା.ଓ.ଲି.ଭା.ସା. ପୃ-୭୯)

୩୮୩- **ପୁରୁଷୋତ୍ତମଦେବ (ଗଜପତି)** : (୧୪୬୬-୧୪୯୫) ଉତ୍କଳର ଗଜପତି । ସେ 'ମୁକ୍ତି ଚିନ୍ତାମଣି', 'ଭୁବନେଶ୍ୱରୀ ପୂଜା ପଲ୍ଲବ', 'ଗୋପାଳାର୍ଚ୍ଚନ ପଦ୍ଧତି', 'କୁବଳୟାଶ୍ୱ ରଚିତ. 'ନାମ ମାଳିକା', 'ଆନନ୍ଦ ବିଳାସ. 'ଦଶଗ୍ରୀବ ବଧ', 'ଜାନକୀ ପ୍ରମୋଦ', 'ଅଭିନବ ଗୀତଗୋବିନ୍ଦ' ଓ 'ଅଭିନବ ବେଣୀ ସଂହାର' ରଚନା କରିଥିବାର ଜଣାଯାଏ । ସେ ମଧ 'ହରଗୌରୀ' ପ୍ରବନ୍ଧର ରଚୟିତା ଦିବାକର ମିଶ୍ର (କବିଚନ୍ଦ୍ର) 'ଅଭିନବ ଗୀତ ଗୋବିନ୍ଦ' ଚରନା କରି ଗଜପତି ପୁରୁଷୋତ୍ତମ ଦେବଙ୍କ ନାମରେ ଭଣିତା କରିଥିଲେ ତାଙ୍କ ନାମରେ ଭଣିତା ଥିବା କେକେତ 'ଷଡ' ଦେଖିବାକୁ ମିଳେ ।

(ପ୍ରା.କା.ଧା. ପୃ-୪୮)

୩୮୪- **ପୁରୁଷୋମ ମାନଧାତା** : ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । ସେ 'ଶୋଭାବତୀ' ରଚନା କରିଥିଲେ ।

(ପ୍ରା.ଓ.ଲି.ଭା.ସା. ପୃ-୧୯୦)

୩୮୫- **ପ୍ରତାପ ରାୟ** : ଆନୁମାନିକ ୧୬ଶ ଶତାବ୍ଦୀର ଶେଷଭାଗ । କବିଙ୍କର 'ଶଶୀସେଣା' ପଞ୍ଚସଖା ଯୁଗର ଶେଷଭାଗରେ ରଚିତ ଆଖ୍ୟାନ କାବ୍ୟଗୁଡ଼ିକ ମଧରେ ଏକ ସ୍ୱତନ୍ତ୍ର ସମ୍ମାନ ଦାବି କରେ । 'ଶଶୀସେଣା' କାବ୍ୟର ବର୍ଣ୍ଣନା ଶୈଳୀ, ଋତୁଚିତ୍ର ପ୍ରଭୃତି ସ୍ୱାଭାବିକ କାବ୍ୟ ସୁଷମାରେ ନିରୋଳ କବିତ୍ୱର ମାଧୁରୀ ପ୍ରକଟନ କରିଅଛି ।

୩୮୬- **ପ୍ରତାପରୁଦ୍ର ଦେବ ଭୂପ** : ଆନୁମାନିକ ୧୮ଶ ଶତାବ୍ଦୀ ଓଡ଼ିଆରେ ମାନବୀୟ ପ୍ରେମ ସଂବଳିତ ଚଉପଦୀମାନ ରଚନା କରିଛନ୍ତି । ତାଙ୍କର ଗୋଟିଏ କବିତାର ଆଦ୍ୟ ପଂକ୍ତି ହେଉଛି :- 'ଦୂର କଲୁ କି ବିଚାରିରେ କିଶୋରୀ'

(ଉ.ବି.)

୩୮୭-**ପ୍ରଭାକର :** ଅଷ୍ଟାଦଶ ଶତାବ୍ଦୀର ଶେଷାର୍ଦ୍ଧର କବି। କେତେକ ପ୍ରେମ କବିତାର ରଚୟିତା । ତାଙ୍କର ଗୋଟିଏ କବିତାର ଆଦ୍ୟ ପଂକ୍ତି ହେଉଛି : - "ମଥାପୋଡି ଗାମାବର ଆଉ ଗୁଷନା, ଗୀତ କହେ ପ୍ରଭାକର ପାଶେ ରହେ ବ୍ରଜଧର ଯହିଁ ଥିଲେ ତହିଁ ତୋହରି ସିନା।"

୩୮୮-**ପ୍ରଭାକର ମହାପାତ୍ର :** ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । ସେ କେତେକ ଚଉପଦୀ ରଚନା କରିଥିଲେ।

(ପ୍ରା.ଓ.ଲି.ଭା.ସା. ପୃ-୬୩)

୩୮୯-**ପ୍ରେମାନନ୍ଦ :** ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ। ସେ ଚଉପଦୀ ରଚନା କରିଥିବାର ଜଣାଯାଏ। କେତେକ କବିତାରେ ପ୍ରେମାନନ୍ଦ ଦାସ ଭଣିତା ମଧ୍ୟ ମିଳିଥାଏ।

(ପ୍ରା.ଓ.ଲି.ଭା.ସା. ପୃ-୬୩)

୩୯୦-**ଫକୀର ଭଞ୍ଜ** ୧୭ଶ ଶତାବ୍ଦୀ । ଘୁମୁସର ରାଜବଂଶରେ ଧନଞ୍ଜୟ ଭଞ୍ଜଙ୍କ ପୂର୍ବବର୍ତ୍ତୀ କବିଭାବେ ଫକୀର ଭଞ୍ଜଙ୍କ ନାମର ଉଲ୍ଲେଖ ଦେଖାଯାଏ। ଡ଼. ଜାନକୀବଲ୍ଲଭ ମହାନ୍ତି ତାଙ୍କର "ଓଡ଼ିଆ ଗୀତିକାବ୍ୟ ସଂକଳନ"ରେ ଫକୀର ଭଞ୍ଜଙ୍କର ୧୫ଟି ଗୀତ ସଂଗ୍ରହ କରି ଅଛନ୍ତି।

୩୯୧-**ଫକୀର ଚୟନି :** ଆନୁମାନିକ ୧୯ଶ ଶତାବ୍ଦୀ । ମାଦଳାପାଞ୍ଜି ଅନୁକରଣରେ ଫକୀର ଚୟନିଙ୍କ ଦ୍ୱାରା "ଚୟନି ଚକଡ଼ା" ଶୀର୍ଷକ ଗଦ୍ୟ ପୁସ୍ତକଟି ଐତିହାସିକ ଉପାଦାନ ଦୃଷ୍ଟିରୁ ଖଣ୍ଡିଏ ଦୁର୍ଲଭ ରଚନା । ଉକ୍ତ ପୁସ୍ତକରେ କଟକ ଜିଲ୍ଲାର ମହାନଦୀ କୂଳରେ ଥିବା ଧ୍ୱଂସପ୍ରାପ୍ତ ଷୋଳଶାସନ'ର ବିବରଣୀ ପ୍ରଦତ୍ତ ହୋଇଅଛି।

(ପ୍ରା.ଓ.ଲି.ଭା.ସା. ପୃ-୧୬୫)

୩୯୨-**ଫଗୁ ଦାସ :** ଅଷ୍ଟାଦଶ ଶତାବ୍ଦୀ । "ନାମ ସ୍ମରଣ ଗୀତା" (୪୪ ଅଧ୍ୟାୟ)ର ରଚୟିତା ।

(କୃ.ଚ.ସା)

୩୯୩-**ବଂଶୀ ଦାସ :** ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । ପଣ୍ଡିତ ନୀଳମଣି ମିଶ୍ର ପ୍ରାଚୀନ ଲିପି ଭାଷା ଓ ସାହିତ୍ୟ ପୁସ୍ତକ (ପୃ-୫୪-୫୯)ରେ ବଂଶୀ ଦାସଙ୍କ ପ୍ରଣୀତ ଖଣ୍ଡିଏ 'ଗୌରା କଳସା' ଶୀର୍ଷକ ତାଳପତ୍ର ପୋଥି ରାଜ୍ୟ ସଂଗ୍ରହାଳୟ ତାଳପତ୍ର ପୋଥି ଭଣ୍ଡାରରେ ଥିବା ଉଲ୍ଲେଖ କରିଛନ୍ତି। ସେ ବଛା ଦାସଙ୍କ 'କଳସା ଚଉତିଶା' ଓ ବଂଶୀ ଦାସଙ୍କ 'ଗୌରା କଳସା' ମଧ୍ୟରେ ସାମାନ୍ୟ ପାଠ ଭେଦ ବ୍ୟତୀତ ବିଷୟଗତ କୌଣସି ପାର୍ଥକ୍ୟ ନ ଦେଖି ଉଭୟ କବିଙ୍କୁ ଏକ ହୋଇଥିବାର ସମ୍ଭାବନା ପ୍ରକାଶ କରିଛନ୍ତି। ଏହା ବ୍ୟତୀତ ବଂଶୀ ଦାସଙ୍କ ଭଣିତାରେ 'ଉଦ୍ଧବ ଚଉତିଶା', 'କୋକିଳ ଚଉତିଶା' ଶୀର୍ଷକ ଅନ୍ୟ କେତେକ ଖଣ୍ଡକାବ୍ୟ ମିଳିଥିବା ବିଷୟ ମଧ୍ୟ ସେ ଉଲ୍ଲେଖ କରିଛନ୍ତି।

୩୯୪- **ବଂଶୀଧର** : ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । ସେ 'ଅଦ୍‌ଭୁତ କୋଇଲି' ଓ କୋକିଳ ଚଉତିଶା ଲେଖିଥିବାର ଜଣାଯାଏ ।

୩୯୫- **ବଂଶୀଧର ପଟ୍ଟନାୟକ** : ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । କେତେକ କ୍ଷୁଦ୍ର କବିତାର ରଚୟିତା ।

୩୯୬- **ବଜୁରୀ ଦାସ ବା ବଜରି ଦାସ** : ୧୬ଶ ଶତାବ୍ଦୀ । ଖଲ୍ଲିକୋଟ ନିକଟବର୍ତ୍ତୀ ଅଶୋକ ଖୋଲ କବିଙ୍କର ଜନ୍ମସ୍ଥାନ ବୋଲି ଅନୁମାନ କରାଯାଇପାରେ । ସେ ଜୟଦେବଙ୍କ ପ୍ରସିଦ୍ଧ 'ଗୀତଗୋବିନ୍ଦ'କୁ ସରଳ ନବାକ୍ଷରୀ ଅନୁବାଦ କରିଥିଲେ । ଏହାର ନାମ 'ଅର୍ଥ ଗୋବିନ୍ଦ' । କବିଙ୍କ ନାମରୁ କେହି କେହିଁ ପଶ୍ଚିମା ବୋଲି ମନେ କରିଥାନ୍ତି ।

(ପ୍ରା.ଓ.ଲି.ଭା.ସା. ପୃ-୨୦୪)

୩୯୭- **ବସ୍ତା ଦାସ** : ଆନୁମାନିକ ୧୫ଶ ଶତାବ୍ଦୀ । ସେ 'କଳସା ଚଉତିଶା' ରଚନା କରିଥିଲେ । ହିମାଳୟତନୟା ଗୌରୀ ଶିବଙ୍କୁ ବର ରୂପେ ପାଇବା ପାଇଁ ବହୁତପସ୍ୟା କରିଥିଲେ । ଏବଂ ବିବାହ ବୟସ ହେବାରୁ ହିମାଳୟ ଶିବଂକ ସହିତ ବିବାହ ସ୍ଥିର କଲେ । ଶିବ ଛଦ୍ମବେଶ ଧାରଣ କରି କୁତ୍ସିତ ବୁଢ଼ା ରୂପରେ ଉପସ୍ଥିତ ସମୟରେ ତାଙ୍କର କୁତ୍ସିତ ରୂପର ବର୍ଣ୍ଣନା ଏହି ଚଉତିଶାର ମୁଖ୍ୟ ବିଷୟ । ପରେ ଶିବଂକର ଛଦ୍ମବେଶ ତ୍ୟାଗ ବିବାହ ଓ ମଧୁଶଯ୍ୟା ବର୍ଣ୍ଣନା ଏହି ଚଉତିଶାରେ ଦେଖିବାକୁ ମିଳେ ।

(ପ୍ରାଚୀନ ଗଦ୍ୟ ପଦ୍ୟାଦର୍ଶ)

(Introduction P-9)

୩୯୮- **ବନମାଳୀ** : ଆନୁମାନିକ ୧୯ଶ ଶତାବ୍ଦୀ । 'ତ୍ରିନାଥ ମେଳା'ର ରଚୟିତା ।

(D.C.O.M.Vol IX- P-295)

୩୯୯- **ବନମାଳୀ ଦାସ** : ୧୬ଶ ଶତାବ୍ଦୀର ଶେଷଭାଗ । ସେ 'ଚାଟ ଇଚ୍ଛାବତୀ' ଓ 'କାଳଜ୍ଞାନ' ରଚନା କରିଥିଲେ । ଦିବାକର ଦାସ ପ୍ରଣୀତ 'ଜଗନ୍ନାଥ ଚରିତାମୃତ' ଗ୍ରନ୍ଥରେ 'ବନମାଳୀ ଦାସ' ନାମକ ଜଗନ୍ନାଥ ଦାସଙ୍କ ଜନୈକ ଶିଷ୍ୟଙ୍କ ଉଲ୍ଲେଖ ହୋଇଥିବାର ଦେଖାଯାଏ । ଉଭୟ ବନମାଳୀ ଏକ ବୋଲି ଅନୁମାନ ।

(D.C.O.M.Vol VIII- P-300)

୪୦୦- **ବନମାଳୀ ଦାସ (ଶିଶୁ)** : ୧୬ଶ ଶତାବ୍ଦୀର ଶେଷଭାଗ କିମ୍ବା ୧୭ଶ ଶତାବ୍ଦୀର ପ୍ରଥମ ଦଶକ । ତିନି ଖଣ୍ଡରେ ବିଭକ୍ତ ଏକ ବିରାଟ 'ରାମଗ୍ରନ୍ଥ'ର ପ୍ରଣେତା ।

୪୦୧- **ବନମାଳୀ ଦାସ (କବି)** : ଅଷ୍ଟାଦଶ ଶତାବ୍ଦୀ । ସେ ପୁରୀ ଦୋଳମଣ୍ଡପ ସାହିରେ କରଣ କୁଳରେ ଜନ୍ମଗ୍ରହଣ କରିଥିଲେ । ପିତାଙ୍କ ନାମ ହରି ଓ ଗୁରୁଙ୍କ ନାମ ଲକ୍ଷ୍ମଣ ଚଳିଛୋ । ସେ ବୀରକେଶରୀ ଦେବଙ୍କ ୨୩ ଅଙ୍କ ବା ୧୭୫୪ ଖ୍ରୀ.ରେ ପ୍ରସିଦ୍ଧ ଭୋଜରାଜ ଓ ଲକ୍ଷ୍ମଣ ସୂରିଙ୍କ ଦ୍ୱାରା ସଂସ୍କୃତରେ ରଚିତ 'ରାମାୟଣ ଚମ୍ପୂ' ଅବଲମ୍ବନରେ 'ସୁଚିତ୍ର

ରାମାୟଣ' ଗ୍ରନ୍ଥ ରଚନା କରିଥିଲେ, ସେ 'ମଥୁରାଲୀଳା' କାବ୍ୟ ଓ କେତେକ ସୁଲଳିତ ପଦ୍ୟାବଳୀର ପ୍ରଣେତା, ସଙ୍ଗୀତକର୍ତ୍ତା ଓ ଭକ୍ତକବି । ତାଙ୍କର ନାମ ବନମାଳୀ ପଟ୍ଟନାୟକ ଥିବାର ଜଣାଯାଏ ।

(ପ୍ରା.ଓ.ଲି.ଭା.ସା. ପୃ-୧୨୨)

**୪୦୨-ବନମାଳୀ (ଦ୍ୱିଜ)** : ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । ଦ୍ୱିଜ ବନମାଳୀଙ୍କର 'ରାଧିକା ବୋଲି' ଥିବାର ଜଣାଯାଏ ।

(ପ୍ରା.ଓ.ଲି.ଭା.ସା. ପୃ-୬୯)

**୪୦୩-ବନମାଳୀ ବାବନ** : ଆନୁମାନିକ ସପ୍ତଦଶ ଶତାବ୍ଦୀ । ସ୍ନାନଯାତ୍ରାକୁ କବି ଉପଲକ୍ଷ୍ୟ କରି 'ରାଜା ଇନ୍ଦ୍ରଦ୍ୟୁମ୍ନ କହେ' କବିତାଟି ରଚନା କରିଛନ୍ତି ।

(ଶ୍ରୀଜଗନ୍ନାଥ ଲୀଳାମୃତ ପୃ-୯୦)

**୪୦୪-ବରଜୁ ଦାସ** : ଆନୁମାନିକ ୧୮ଶ ଶତାବ୍ଦୀ । ସେ କେତେକ 'ଚଉପଦୀ' ରଚନା କରିଥିଲେ ।

**୪୦୫-ବଳଦେବ ରଥ (କବିସୂର୍ଯ୍ୟ)** : (୧୭୮୯-୧୮୪୫) ପିତାଙ୍କ ନାମ ଉଜ୍ଜ୍ୱଳ ରଥ । କବିଙ୍କ ପିତା ପୁରୀଜିଲ୍ଲା ମଣିପୁର ଶାସନରୁ ଆସି ବଡ଼ଖେମୁଣ୍ଡି ଗଡ଼ରେ ବସବାସ କରିଥିଲେ । କବି ରାଜ କର୍ମଚାରୀ ରୂପେ ନିଯୁକ୍ତି ପାଇ ଜଳନ୍ତର ରାଜ୍ୟକୁ ଯାଇଥିଲେ । ଜଳନ୍ତରର ରାଜା ରାମଚନ୍ଦ୍ର ଛୋଟରାୟ କବି ସୂର୍ଯ୍ୟଙ୍କୁ ସମ୍ମାନ ପ୍ରଦର୍ଶନ କରୁଥିଲେ । ସେଠାରେ ସେ 'ଚନ୍ଦ୍ରକଳା' ନାମକ ଏକ କାବ୍ୟ ରଚନା କରିଥିଲେ । ତାପରେ ଆଠଗଡ଼ର ରାଜା ବାଲୁକେଶ୍ୱର ହରିଚନ୍ଦନଙ୍କ ଆମନ୍ତ୍ରଣ କ୍ରମେ ସେଠାକୁ ଗଲେ । ଆଠଗଡ଼ରେ ସେ 'କିଶୋରଚନ୍ଦ୍ରାନନ ଚମ୍ପୂ' ରଚନା କରିଥିଲେ । ଶ୍ରୀଜଗନ୍ନାଥଙ୍କ ଦର୍ଶନ ଉଦ୍ଦେଶ୍ୟରେ ପୁରୀ ଯାଇ ନିଜର କବି ପ୍ରତିଭା ବଳରେ ଗଜପତି ମୁକୁନ୍ଦ ଦେବଙ୍କ ଠାରୁ 'କବିସୂର୍ଯ୍ୟ ରାୟଗୁରୁ ମହାପାତ୍ର' ଉପାଧି ପାଇଥିଲେ । ଏତଦ୍ ବ୍ୟତୀତ ସେ 'ହାସ୍ୟକଲ୍ଲୋଳ' ନାମକ ଏକ ପଦ୍ୟ ରଚନା କରିଥିଲେ ।

**୪୦୬-ବଳଭଦ୍ର ଦ୍ୱିଜ** : ଆନୁମାନିକ ଊନବିଂଶ ଶତାବ୍ଦୀ । ତାଙ୍କ ରଚିତ 'ସଖୀ ପ୍ରତି ରାଧା' ଚଉପଦୀ (ପୃ-୨୮୪)ଟି ଡ଼. ଜାନକୀବଲ୍ଲଭ ମହାନ୍ତି ତାଙ୍କର 'ଗୀତିକାବ୍ୟ ସଂକଳନ'ରେ ଉଦ୍ଧାର କରିଛନ୍ତି ।

**୪୦୭-ବଳଭଦ୍ର (ଦୀନ)** ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । ତାଙ୍କ ଏକ କବିତାର ଆଦ୍ୟପଂକ୍ତି ହେଉଛି : 'ଶୂନ୍ୟରେ ବସିଲା' । (କୃ.ଚ.ସା) 'ଗଣେଶ ଜନ୍ମ'ର ରଚୟିତା ମଧ୍ୟ ଜଣେ ବଳଭଦ୍ର । କେତେକ ପ୍ରେମ କବିତାର ରଚୟିତା ଭାବେ ଜଣେ ବଳଭଦ୍ର ପ୍ରସିଦ୍ଧି ଲାଭ କରିଛନ୍ତି ।

(D.C.O.M.Vol-VIII P-21)

**୪୦୮-ବଳଭଦ୍ର ଦାସ :** ଆନୁମାନିକ ଅଷ୍ଟାଦଶ ଶତାବ୍ଦୀର କବି। 'ଅଶ୍ୱମେଧ ଯଜ୍ଞ'ରେ ଶିଶୁ ଦୀନନିଧି ଓ ବଳଭଦ୍ର ଦାସଙ୍କ ନାମ ଦେଖିବାକୁ ମିଳେ।

**୪୦୯-ବଳଭଦ୍ର ବୈଶ୍ୟ :** ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । ତାଙ୍କ ରଚିତ 'ନାୟକ ଚାଟୁ' (ପୃ-୨୮୮) ଚଉପଦୀଟି ଡ. ଜାନକୀବଲ୍ଲଭ ମହାନ୍ତି ତାଙ୍କର ଗୀତିକାବ୍ୟ ସଂକଳନରେ ଉଦ୍ଧାର କରିଛନ୍ତି।

**୪୧୦-ବଳଭଦ୍ର ଭଞ୍ଜ :** (୧୭୬୪-୧୭୯୨)। କେନ୍ଦୁଝର ରାଜା। କେତେକ ଚଉପଦୀ ଓ 'ଜଳଧର ଚଉତିଶା'ର ରଚୟିତା।

(ଓ.ଗୀ.କା. ପୃ-୩୦୨)

**୪୧୧-ବଳରାମ (ରାଜା) :** ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । ସେ କେତେକ ଜଣାଣ ଭଜନ ଲେଖିଥିବାର ଜଣାଯାଏ।

(ପ୍ରା.ଓ.ଲି.ଭା.ସା. ପୃ-୧୭୯)

**୪୧୨-ବଳରାମ ଦାସ (୬ଜଣ) :** ଜନ୍ମ ୧୪୭୦। ପଞ୍ଚସଖାଯୁଗର ବିଶିଷ୍ଟ କବି। ପିତାଙ୍କ ନାମ ସୋମନାଥ ମହାପାତ୍ର । ମାତାଙ୍କ ନାମ ମନମାୟା ବା ଜମ୍ବୁବତୀ । ପୁରୁଷୋତ୍ତମ କ୍ଷେତ୍ରର ଅଧିବାସୀ ଓ ଜାତିରେ ଶୂଦ୍ର ଥିଲେ। ସେ 'ଜଗମୋହନ ରାମାୟଣ' ବା 'ଦାଣ୍ଡି ରାମାୟଣ' (ସାତକାଣ୍ଡ) 'ଶ୍ରୀମଦ୍ ଭାଗବତ ଗୀତା' ଓ 'ଉଦ୍ଧବ ଗୀତା' (ସଂସ୍କୃତ ଭାଗବତ -୧୦ମ ସ୍କନ୍ଧ-୪୬ଶ ଓ ୪୭ଶ ଅଧ୍ୟାୟ) ତାଙ୍କର ଦୁଇଟି ଅନୁବାଦ ଗ୍ରନ୍ଥ। 'ଲକ୍ଷ୍ମୀ ପୁରାଣ' ଓ 'ବ୍ରହ୍ମାଣ୍ଡ ଭୂଗୋଳ' ତାଙ୍କର ରଚନା ବୋଲି ଅନୁମାନ କରାଯାଏ।

(୨) ୧୬ଶ ଶତାବ୍ଦୀର ଶେଷ ଭାଗ କିମ୍ବା ୧୭ଶ ଶତାବ୍ଦୀରେ ଅନ୍ୟ ଏକ ବଳରାମ 'ବେଦାନ୍ତ ସାର ଗୁପ୍ତଗୀତା' ଲେଖିଥିବାର ଜଣାଯାଏ।

(୩) 'ପଣସଚୋରି' ଜଣେ ବଳରାମ ଲେଖିଥିବା ଜଣାଯାଏ।

(୪) ଶିଶୁ ଅନନ୍ତ ଦାସଙ୍କ ରଚିତ 'ଗରୁଡ଼ ସମ୍ବାଦ' ଅନୁଯାୟୀ ଜଣେ ବଳରାମ ଦାସଙ୍କ ନିବାସ ସ୍ଥାନ ହେଉଛି ସୁଆଙ୍ଗ ମୁଣୋଇ ବିଶି।

(୫) ଅପ୍ରକାଶିତ 'ସପ୍ତରାଗିଣୀ ବନ୍ଧ'ର ରଚୟିତା ବଳରାମ ଦାସଙ୍କ ଘର ସିଂହଭୂମ୍ ଓ ତାଙ୍କ ପିତାଙ୍କ ନାମ ଜଗନ୍ନାଥ ଦାସ।

'ଭାବସମୁଦ୍ର', 'ଗଣେଶ ବିଭୂତିଟୀକା', ଗୁପ୍ତଗୀତା ବା 'ବ୍ରହ୍ମଗୀତା', 'ଜ୍ଞାନ ଉଜ୍ଜ୍ୱଳ ମଣି ଗୀତା', 'ବିରାଟ ଗୀତା', 'ଦୀପ୍ତିସାର ଗୀତା', 'ମୃଗୁଣୀ ସ୍ତୁତି', 'ବଟ ଅବକାଶ', 'ଅମରକୋଷ ଗୀତା' ପ୍ରଭୃତି ଗ୍ରନ୍ଥ ବଳରାମ ଦାସଙ୍କ ନାମ ଭଣିତାରେ ଦେଖିବାକୁ ମିଳେ।

**(୬) ବଳରାମ ଦାସ :** ସିଂହଭୂମର ଅଧିବାସୀ। ସମୟ ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । ଜଗନ୍ନାଥ ଦାସଙ୍କ ସୁତ। 'ସପ୍ତରାଗିଣୀ ଛନ୍ଦବନ୍ଧ'ର ରଚୟିତା ରୂପେ ପରିଚିତ।

(କୃ.ଚ.ସା)

**୪୧୩- ବଲ୍ଲଭ (କବି) :** ଆନୁମାନିକ ଊନବିଂଶ ଶତାବ୍ଦୀ । ସେ 'ପାଲା' ରଚନା କରିଥିଲେ ।

(ପ୍ରା.ଓ.ଲି.ଭା.ସା. ପୃ-୮୩)

**୪୧୪- ବଲ୍ଲଭ ଦାସ :** ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । ସେ 'ରସକଳା ଚଉତିଶା' ରଚନା କରିଥିଲେ । ସେ ମଧ୍ୟ କେତେକ ଭଜନ ଲେଖିଥିବାର ଜଣାଯାଏ ।

(ପ୍ରା.ଓ.ଲି.ଭା.ସା. ପୃ-୫୬)

**୪୧୫- ବଲ୍ଲଭ ନାରାୟଣ ବେହେରା ମହାପାତ୍ର :** ୧୮ଶ ଶତାବ୍ଦୀ । ଗଞ୍ଜାମ ଜିଲ୍ଲା (ବର୍ତ୍ତମାନ କୋରାପୁଟ ଜିଲ୍ଲା) ର ବିରାଟ ନନ୍ଦପୁର ବା ଜୟପୁର ରାଜବଂଶର ମନ୍ତ୍ରୀ ପରିବାରରେ ଜନ୍ମଗ୍ରହଣ କରିଥିଲେ । କବି 'ବିଷ୍ଣୁପୁରାଣ', 'ତୀର୍ଥ ଚିନ୍ତାମଣି' ଓ ଶିବଗୀତା ରଚନା କରିଥିବା ଜଣାଯାଏ ।

(ଖୁରୁଧା ଇତିହାସ ପୃ-୨୨୬)

**୪୧୬- ବାଇକଣ୍ଠ ଦାସ :** ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । ସେ 'ପିଣ୍ଡ ବ୍ରହ୍ମାଣ୍ଡ ଗୀତା' ରଚନା କରିଥିଲେ ।

**୪୧୭- ବାଇ ଦାସ :** ଆନୁମାନିକ ୧୮ଶ ଶତାବ୍ଦୀ । ସେ ନାମଭଜନ ରଚନା କରିଥିଲେ । ବାଇମୂର୍ଖ ଭଣିତାଯୁକ୍ତ କେତେକ ଭଜନ ଦେଖିବାକୁ ମିଳେ । ସମ୍ଭବତଃ ଉଭୟେ ଏକ ବ୍ୟକ୍ତି ।

(ଓ.ଗୀ.କା.ପୃ-୩୦)

**୪୧୮- ବାଙ୍କ :** ଆନୁମାନିକ ୧୮ଶ ଶତାବ୍ଦୀ । କେତେକ ପ୍ରେମ କବିତାର ରଚୟିତା । ତାଙ୍କ ରଚିତ ଗୋଟିଏ କବିତାର ଶେଷ ପଂକ୍ତି ହେଉଛି :-

"ପଙ୍କଜ କଳିକା ଦୁଇ/ଅଙ୍କରେ ରଖେ କି ବିହି
ବାଙ୍କ ବୋଲେ ରଙ୍କ ପରି ମୋ ମନ ଯାଏ ତରଳି ।"

(D.C.O.M.-Vol VIII P-220)

**୪୧୯- ବାମଦେବ :** ଆନୁମାନିକ ସମୟ, ସପ୍ତଦଶ ଶତାବ୍ଦୀ । ଗୀତିକବି ପାଦପଦ୍ମ କବିତାର ଲେଖକ । ଏହାର ଆଦ୍ୟପଂକ୍ତି ହେଉଛି "ଶ୍ରୀଗୁରୁଙ୍କ ଆଜ୍ଞା ଘେନି କରି କହୁଅଛି ସାଧୁଜନେ ।" 'ଘନମାଳ ଚଉତିଶା'ର ରଚୟିତା ମଧ୍ୟ ଜଣେ ବାମଦେବ ।

**୪୨୦- ବାମଦେବ ପଟ୍ଟନାୟକ :** ଆନୁମାନିକ ୧୮ଶ ଶତାବ୍ଦୀ । ସେ କେତେକ ଚଉପଦୀ ଚଉତିଶା ମାଧ୍ୟମରେ ଚିଟାଉ, 'ଗୋପୀଚିନ୍ତା ବୋଲି', 'ଛପନପଦିଆ' ଓ 'ପଚାଶ ପଦିଆ' ଆଦି ରଚନା କରିଥିବାର ଜଣାଯାଏ । ତାଙ୍କର ଅନ୍ୟ ଏକ ରଚନା ହେଉଛି 'ଶରଦ ବର୍ଣ୍ଣନା ।'

(ପ୍ରା. ଓ. ଲି. ଭା. ସା. ପୃ-୫୫)

୪୨୧-ବାରଙ୍ଗ ଦାସ : ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । କଟକ ଜିଲ୍ଲା ଅନ୍ତର୍ଗତ ବାରଙ୍ଗ ଗ୍ରାମର ଅଧିବାସୀ। ସମୟ ସପ୍ତଦଶ ଶତାବ୍ଦୀ । ଶିଶୁ ଅନନ୍ତଙ୍କର ଶିଷ୍ୟ 'ବ୍ରହ୍ମକୁଣ୍ଡଳୀ', 'ଚୁମ୍ବକ ଗୀତା', 'ଆଗତ ଭବିଷ୍ୟ ମାଳିକା' ଓ ଜଣାଣ ଭଜନ ଲେଖକ ଭାବେ ପରିଚିତ ।

(ପ୍ରା.ଓ.ଲି.ଭା.ସା. ପୃ-୭୯)

୪୨୨-ବାରାନିଧି ଦାସ : ସପ୍ତଦଶ ଶତାବ୍ଦୀ । ବିଲଙ୍କା ଖଣ୍ଡର ରଚୟିତା।

(କୃ.ଚ.ସା)

୪୨୩-ବାଳ କବି : ଆନୁମାନିକ ୧୮ଶ ଶତାବ୍ଦୀ 'ଭଗବତୀ ଚଉତିଶା'ର ଲେଖକ ।

(ଓ.ଗୀ.କା. ପୃ-୩୦୨)

୪୨୪-ବାଳକୃଷ୍ଣ ଦ୍ୱିଜ କବି : ଊନବିଂଶ ଶତାବ୍ଦୀ । କେତେକ ସାଧାରଣ ପ୍ରେମଧର୍ମୀ କବି ଭାବରେ ପରିଚିତ। ଗୋଟିଏ କବିତାର ଆଦ୍ୟପଂକ୍ତି ଯଥା 'ମେଲାଣି ହେଉଛି ଧନ, ହସିକହ 'ବାଣୀକିରେ'। 'ବିଦେଶାନୁଚିନ୍ତା ଚଉତିଶା'ର ରଚୟିତା (ଓ.ଗୀ.କା ପୃ-୩୦୨) ଜଣେ ବାଳକୃଷ୍ଣ ଦାସ । ସମ୍ଭବତଃ ଉଭୟେ ଏକବ୍ୟକ୍ତି।

୪୨୫-ବାସୁଦେବ ଦାସ : ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ। ସେ ପଚାଶପଦିଆ ରଚନା କରିଥିଲେ। (ପ୍ରା ଓ ଲି ଭା ସା ପୃ-୮୩)

୪୨୬- ବାସୁଦେବ ଦ୍ୱିଜ : ଆନୁମାନିକ ବିଂଶ ଶତାବ୍ଦୀ । ସେ 'ପାଲା' ରଚନା କରିଥିଲେ। (ପ୍ରା ଓ ଲି ଭା ସା ପୃ-୮୩)

୪୨୭-ବାସୁଦେବ ଭଞ୍ଜ : ଆନୁମାନିକ ୧୮ଶ ଶତାବ୍ଦୀ । ସାଧାରଣ ମାନବିକ ପ୍ରେମଧର୍ମୀ ଚଉପଦୀଗୁଡ଼ିଏ ରଚନା କରିଛନ୍ତି। ସଂପ୍ରାପ୍ତ ଗୋଟିଏ କବିତାର ଆଦ୍ୟପଂକ୍ତି ହେଉଛି 'ମାନବମେ ପ୍ରାଣପ୍ରିୟେ, ଘେନ ଘେନ ମୋ ବିନତିରେ ।' (ରାଜ୍ୟ ସଂଗ୍ରହାଳୟ)

୪୨୮-ବାସୁଦେବ ରଥ : ଆନୁମାନିକ ୧୮ଶ ଶତାବ୍ଦୀ । କେତେକ ଆଦି ରସାତ୍ମକ ଗୀତର ରଚୟିତା ।

(ଓ.ଗୀ.କା. ପୃ-୩୦୨)

୪୨୯-ବାହୁଡ଼ା ୧୯ଶ ଶତାବ୍ଦୀର ଶେଷ ଭାଗ। ହରିଜନ। ଭିଙ୍ଗାରପୁର କୁଶକଣ୍ଟା ଗ୍ରାମରେ ଜନ୍ମ। କେତେକ ଭଜନର ରଚୟିତା ।

(ଓ.ଗୀ.କା. ପୃ-୩୦୨)

୪୩୦-ବାଲାଜି ପଟ୍ଟନାୟକ : ଆନୁମାନିକ ୧୮ଶ ଶତାବ୍ଦୀ । ସେ 'ପନ୍ଦର ପଦିଆ' ଓ '୨୦ ପଦିଆ' ଚଉପଦୀ ରଚନା କରିଥିଲେ।

(ପ୍ରା. ଓ. ଲି. ଭା. ସା. ପୃ -୬୩)

**୪୩୧- ବାଲିଗାଁ ଦାସ :** ଆନୁମାନିକ ୧୬୨୦ । ଭକ୍ତ ଦାସିଆ ବାଉରୀ ଭାବରେ ପ୍ରସିଦ୍ଧ। ଘର ଡେଲାଙ୍ଗ ନିକଟବର୍ତ୍ତୀ ବାଲିଗାଁ। ନବାକ୍ଷରୀ ବୃତ୍ତରେ ରଚିତ 'ବାଲିଗାଁ ଦାସିଆ ଭାଗବତ', 'ଭକ୍ତମାଳିକା' ଓ' 'ଆଗତଭବିଷ୍ୟ ଚଉତିଶା' ରଚନା କରିଥିବା ଜଣାଯାଏ। ସେ 'ଅର୍ଦ୍ଧଚନ୍ଦ୍ରିକା'ରେ ନିଜକୁ ସୁଦାମ ଗୋସାଇଁଙ୍କ ଶିଷ୍ୟ ଓ ପ୍ରସିଦ୍ଧ ଭକ୍ତ ଦାସିଆଙ୍କ ପରିବାରର ବ୍ୟକ୍ତି ରୂପେ ବର୍ଣ୍ଣନା କରିଛନ୍ତି। (କୃ ଚ ସା) ବ୍ରହ୍ମାଣ୍ଡ ସାଗର ଗୀତା ତାଂକ ରଚିତ ଅନ୍ୟ ଗୋଟିଏ ପ୍ରସିଦ୍ଧ ରଚନା (ବ୍ର ଦା)

**୪୩୨- ବାଲୁଙ୍କେ ଦାସ :** ଆନୁମାନିକ ସପ୍ତଦଶ ଶତାବ୍ଦୀର କବି। 'ଚାରୁମଣ୍ଡନ ଚଉତିଶା'ର ଲେଖକ।

(D.C.O.M.-Vol VIII P-315)

**୪୩୩- ବାଲୁଙ୍କି ଶରଣ ମହାରଥୀ :** ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । ସେ ଶ୍ରୀରାମଙ୍କ ବିବାହକାଳୀନ ଏକ ମଙ୍ଗଳଗୀତ ଲେଖିଥିବା ଜଣାଯାଏ। ଗୋଟିଏ ମଙ୍ଗଳଗୀତର ଭଣିତା ହେଲା । 'ଭଣେ ବିରୋଳୀ ସାମନ୍ତ, ବାଲୁଙ୍କି ମହାରଥୀଙ୍କୁ ରଖ ରଘୁନାଥ ।'

(ପ୍ରା.ଓ.ଲି.ଭା.ସା. ପୃ-୮୧)

**୪୩୪- ବାଲୁଙ୍କେଶ୍ୱର ଜଗଦେବ :** ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । ସେ ଚଉପଦୀ ରଚନା କରିଥିବା ଜଣାଯାଏ।

'କହେ ଶ୍ରୀ ବାଲୁଙ୍କେଶ୍ୱର ଜଗଦେବ
ମଉନେ ରହିଲି ପୁଣି ସେ
ଜାଣେ କି ମନ୍ତ୍ରର ହେଲା ମୋ ଅନ୍ତର
ଗତ ସେହି ନୀଳମଣି ସେ।

(D.C.O.M.-Vol VIII P-228)

**୪୩୫- ବାଲୁଙ୍କେଶ୍ୱର ଦାସ :** ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । ସେ 'ବସନ ବୋଲି' ଓ 'ରମଣୀ ବୋଲି' ରଚନା କରିଥିବାର ଜଣାଯାଏ।

(ପ୍ରା.ଓ.ଲି.ଭା.ସା. ପୃ-୬୯)

**୪୩୬- ବାଲୁଙ୍କେଶ୍ୱର ମର୍ଦ୍ଦରାଜ ବା (ବାଲୁଙ୍କିଶରଣ) :** ୧୮ଶ ଶତାବ୍ଦୀ । ବାଲୁଙ୍କେଶ୍ୱର ଖଲ୍ଲିକୋଟ ରାଜବଂଶର ଜଣେ ପ୍ରସିଦ୍ଧ ରାଜା ଥିଲେ। ସେ ନିଜର ବୀରତ୍ୱ ଓ ସାହସ ଯୋଗୁଁ ଖୁରୁଧା ରାଜାଙ୍କ ଠାରୁ 'ମର୍ଦ୍ଦରାଜ' ଉପାଧି ପ୍ରାପ୍ତ ହୋଇଥିଲେ। ସେ ରାମଚନ୍ଦ୍ରଙ୍କ ବିବାହ ସମ୍ବନ୍ଧରେ ଏକ କ୍ଷୁଦ୍ର ଗ୍ରନ୍ଥ ରଚନା କରିଥିବାର ଜଣାଯାଏ।

(ଖୁରୁଧା ଇତିହାସ ପୃ-୨୧୭)

**୪୩୭- ବାଲୁଂକେଶ ଶ୍ରୀଚନ୍ଦନ :** ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । ସେ 'ରାମମଙ୍ଗଳ' ଗୀତ ରଚନା କରିଥିବାର ଜଣାଯାଏ।

(ପ୍ରା.ଓ.ଲି.ଭା.ସା. ପୃ-୧୨୫)

**୪୩୮- ବାଲୁଙ୍କେଶ୍ୱର ନୃପ ହରିଚନ୍ଦନ :** ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । କେତେକ କ୍ଷୁଦ୍ର କବିତାର ଚରୟିତା ଭାବେ ପ୍ରସିଦ୍ଧ । ତାଙ୍କ ରଚିତ ଗୋଟିଏ କବିତାରେ ନିମ୍ନ ଭଣିତି ଦେଖିବାକୁ ମିଳେ।

'ବାଲୁଂକେଶ ନୃପତି ନିରଖ ସୀତ ହାତ ।'

(D.C.O.M.-Vol -IX P - 169 Vol VII P-79)

**୪୩୯- ବିକ୍ରମ ଦେବ :** ୧୮ଶ ଶତାବ୍ଦୀ । ପରିଚୟ ଓ ଜୀବନକାଳ ଅଜ୍ଞାତ। ତାଙ୍କ ରଚିତ 'ନାୟକର ଚାଟୁକ୍ତି' ଚଉପଦୀ ଡ଼. ଜାନକୀବଲ୍ଲଭ ମହାନ୍ତି 'ଗୀତିକାବ୍ୟ ସଂକଳନ' (ପୃ-୨୯୨) ରେ ଉଦ୍ଧାର କରିଛନ୍ତି।

**୪୪୦- ବିକ୍ରମ ନରେନ୍ଦ୍ର :** ୧୮ଶ ଶତାବ୍ଦୀ । ସେ 'ରାମଲୀଳା' ରଚନା କରିଥିଲେ। କୃଷ୍ଣଚନ୍ଦ୍ର ରାଜେନ୍ଦ୍ରଙ୍କ ଦ୍ୱାରା ପ୍ରୋତ୍ସାହିତ ହୋଇ ବିପ୍ର ଜନାର୍ଦ୍ଦନ ଓ ବିକ୍ରମ ନରେନ୍ଦ୍ର ନାମକ ଦୁଇଜଣ କବି 'ଶ୍ରୀରାମଚରିତାମୃତ' ବା 'ରାଘବ ଚରିତାମୃତ' ନାମକ ରାମଲୀଳା ରଚନା କରିଥିଲେ। ଏହାର ପ୍ରଥମ ତିନିକାଣ୍ଡର ପୋଥି ଏ ପର୍ଯ୍ୟନ୍ତ ମିଳିଛି। ଏଥିରୁ କେବଳ ଗୋଟିଏ ଗୀତର ଭଣିତାରେ କୃଷ୍ଣଚନ୍ଦ୍ର ରାଜେନ୍ଦ୍ରଙ୍କ ନାମ ମିଳେ। ଦୁଇଟି ଗୀତରେ କୃପାସିନ୍ଧୁ ଦାସ, ତିନୋଟି ଗୀତରେ କେଶବ ଓ ଗୋଟିଏ ଗୀତରେ ଦ୍ୱିଜ ଗୋପାଳଙ୍କ ନାମ ମିଳେ। ଏହା ବୈଶ୍ୟ ସଦାଶିବଙ୍କ ପ୍ରସିଦ୍ଧ 'ରାମଲୀଳା' ଅନୁକରଣରେ ରଚିତ ହୋଇଥିଲା। ଏଥିରେ ଋଷିକୁଲ୍ୟା ନଦୀ ଓ ତା'ର ତୀରବର୍ତ୍ତୀ ତୁମ୍ବେଶ୍ୱର ଓ କୃଷ୍ଣଗିରିର ବିଶେଷ ପ୍ରାଧାନ୍ୟ ଦିଆଯାଇଥିବାରୁ ପ୍ରଧାନ କବିଦ୍ୱୟ ଗଞ୍ଜାମ ଜିଲ୍ଲାବାସୀ ଥିବାର ଅନୁମାନ କରାଯାଇପାରେ।

(ପ୍ରା.ଓ.ଲି.ଭା.ସା ପୃ-୧୨୫)

**୪୪୧- ବିଦ୍ୟାଧର :** ଆନୁମାନିକ ୧୮ଶ ଶତାବ୍ଦୀ । 'ଗୋପୀ ଚିଂତା' ଓ 'ଅଭୋଗ ଚିଟାଉ' ଶୀର୍ଷକ ଗ୍ରନ୍ଥର ରଚୟିତା ।

(D.C.O.M.-Vol VI., P-40)

**୪୪୨- ବିଦ୍ୟାଧର (ବିପ୍ର) :** ଅଷ୍ଟାଦଶ ଶତାବ୍ଦୀ । କେତେକ ପ୍ରେମ କବିତାର ରଚୟିତା।

**୪୪୩- ବିଦ୍ୟାଭୂଷଣ :** ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । ତାଂକ ରଚିତ 'ନାୟିକା'ର କେଳି ବାହୁଡ଼ା ରୂପ(ପୃ-୨୯୩) ନାମକ ଏକ କବିତା ଡ଼. ଜାନକୀ ବଲ୍ଲଭ ମହାନ୍ତି ଗୀତିକାବ୍ୟ ସଂକଳନରେ ଉଦ୍ଧାର କରିଛନ୍ତି।

**୪୪୪- ବିନାୟକ ସିଂହ** : ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । ସେ ଚଉପଦୀ ଚରନା କରିଥିଲେ।

(ପ୍ରା.ଓ.ଲି.ଭା.ସା. ପୃ-୬୩)

**୪୪୫- ବିପ୍ର ଅନନ୍ତ** : ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । ତାଙ୍କ ରଚିତ ଗୋଟିଏ କବିତାର ଆଦ୍ୟ ପଂକ୍ତ ହେଉଛି ----

'କହଇ ସୁଜନେ ଶୁଣ ସାବଧାନେ

କେଉଁ ଅକ୍ଷରୁ ସୃଷ୍ଟି ଜାତ'

**୪୪୬- ବିପ୍ର କାଶୀ ଦାସ** : ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । 'ଗୁଣ୍ଡିଚା ବିଜେ'ର ରଚୟିତା।

(D.C.O.M.-Vol VIII P-112)

**୪୪୭- ବିପ୍ର କୃପାସିନ୍ଧୁ** : ଆନୁମାନିକ ୧୮ଶ ଶତାବ୍ଦୀ । ସେ 'ତେଣ୍ଟା ପେଷି ଯୁଦ୍ଧ ବା ଭଂଜବିଳାସ' ଓ ତେରପାଳି ବୁଧ ମଂଗଳବାର କଥା ଆଦିର ରଚୟିତା ।

(ପ୍ରା.ଓ.ଲି.ଭା.ସା. ପୃ-୧୬୭)

**୪୪୮- ବିପ୍ର କୃଷ୍ଣ ଦାସ** : ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ। ସେ କେତେକ କ୍ଷୁଦ୍ର କବିତା ରଚନା କରିଥିବା ଜଣାଯାଏ।

**୪୪୯- ବିପ୍ର ଗୟାଧର** : ଅଷ୍ଟାଦଶ ଶତାବ୍ଦୀ । କେତେକ ପ୍ରେମ କବିତାର ରଚୟିତା। ସେ ଗୀତାବଳି ରଚନା କରିଥିବାର ଜଣାଯାଏ। ତାଙ୍କର ଗୋଟିଏ କବିତାର ଶେଷ ପଂକ୍ତି ହେଉଛି----

" କହେ ବିପ୍ର ଗୟାଧର

ତୁମ୍ଭି କୋତେ ବିମ୍ବାଧର

ମାର ମୁଖୁ ହେବି ଉଦ୍ଧାର।

(D.C.O.M.-Vol VIII P-84)

**୪୫୦- ବିପ୍ର ଗୋପାଳ** : ଆନୁମାନିକ ୧୮ଶ ଶତାବ୍ଦୀ । ପ୍ରଦ୍ୟୁମ୍ନ ଜନ୍ମ ଗ୍ରନ୍ଥର ପ୍ରଣେତା। (ବୃ.ଦା)

**୪୫୧- ବିପ୍ର ଗୋବିନ୍ଦ** : ଆନୁମାନିକ ୧୮ଶ ଶତାବ୍ଦୀ ଲାଳିକା ଓ ଗୀତ ପ୍ରଭୃତି ରଚନା କରିଥିଲେ ।

(କୃ.ଚ.ସା)

**୪୫୨- ବିପ୍ର ଦାସ** : ଅଷ୍ଟାଦଶ ଶତାବ୍ଦୀ । 'ଅଳଙ୍କାର ବୋଲି'ର ଲେଖକ ଭାବେ ପ୍ରସିଦ୍ଧ। (ଉ.ବି.)

**୪୫୩- ବିପ୍ର ନରହରି :** ଅଷ୍ଟାଦଶ ଶତାବ୍ଦୀ । 'ବଂଶୀ ହରଣ'ର ରଚୟିତା ।

(କୃ.ଚ.ସା)

**୪୫୪- ବିପ୍ର ପ୍ରଭୁ ଦାସ :** ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । କେତେକ କ୍ଷୁଦ୍ର କବିତାର ରଚୟିତା ।

(ଉ.ବି.)

**୪୫୫- ବିପ୍ର ମଧୁ :** ଅଷ୍ଟାଦଶ ଶତାବ୍ଦୀ । କୃଷ୍ଣ ଭକ୍ତିମୂଳକ କବିତାର ରଚୟିତା । 'ଗୀତାବଳୀ'ର ମଧ୍ୟ ରଚୟିତା ।

(D.C.O.M.-Vol VIII P-79)

**୪୫୬- ବିପ୍ର ଶ୍ରୀଧର ଦାସ :** ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । 'ବ୍ରହ୍ମ ସାରସ୍ୱତ ଗୀତା'ର ରଚୟିତା ଭାବେ ପରିଚିତ । (ବ୍ର.ଦା.) କେତେକ କୃଷ୍ଣଭକ୍ତିମୂଳକ କବିତାର ରଚୟିତା । ସେ ମଧ୍ୟ କେତେକ ଚଉପଦୀ ରଚନା କରିଥିବାର ଜଣାଯାଏ ।

(D.C.O.M.-Vol VIII P-215)

**୪୫୭- ବିପ୍ର ରାମ ଦାସ :** ଆନୁମାନିକ ସପ୍ତଦଶ ଶତାବ୍ଦୀ । 'ଗୁଣ୍ଡିଚା ବସନ୍ତ'ର ରଚୟିତା ।

(ପ୍ରା.ଓ.ଲି.ଭା.ସା. ପୃ-୧୫୯)

**୪୫୮- ବିପ୍ର ସିଂହ :** ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । ସେ 'ମନ ପ୍ରବୃଦ୍ଧ ଚଉତିଶା' ଓ ବିପ୍ର ସିଂହା ଚଉତିଶା ରଚନା କରିଥିଲେ ।

"ବୋଲେ ବିପ୍ର ସିଂହ ଅବଶ୍ୟ ପାଇବ ଓ ଗୋପୀମାନେ ।"

(D.C.O.M.-Vol VIII -P-209)

**୪୫୯- ବିମ୍ବା ଦାସ :** ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । ଭଜନ ରଚୟିତା ଭାବେ ପ୍ରସିଦ୍ଧ । ତାଙ୍କ ରଚିତ ଗୋଟିଏ କବିତାର ଆଦ୍ୟ ପଂକ୍ତି ହେଉଛି "କହଇ ଶିଷ୍ୟ ବିନୟ ଭାବରେ, କୃପାକର ଗୁରୁଜ୍ଞାନ ମୋ ଠାରେ ।"

**୪୬୦- ବିମ୍ବାଧର :** ଆନୁମାନିକ ୧୯ଶ ଶତାବ୍ଦୀ । କବିଙ୍କର ଗୋଟିଏ ଗୀତିକାର ଆଦ୍ୟ ପଂକ୍ତି - "ଆହେ ବ୍ରଜଧାରୀ ନିକୁଞ୍ଜବିହାରୀ"

(ଓ.ଗୀ.ସଂ.)

**୪୬୧- ବିମ୍ବାଧର ସାମନ୍ତ :** ଆନୁମାନିକ ଉନବିଂଶ ଶତାବ୍ଦୀ । ସେ 'ରାମଲୀଳା' ରଚନା କରିଥିଲେ ।

(ପ୍ରା.ଓ.ଲି.ଭା.ସା. ପୃ-୧୨୫)

୪୬୨-ବିରଞ୍ଚ : ଆନୁମାନିକ ଅଷ୍ଟାଦଶ ଶତାବ୍ଦୀର କବି । କେତେକ ଜଣାଣ ଭଜନ ଲେଖିଥିଲେ ।

(D.C.O.M.-Vol VIII P-122)

୪୬୨-ବିଶି ଦାସ : ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ ସେ 'ରାମରୋଦନ' ଚଉତିଶା ରଚନା କରିଥିଲେ ।

(ପ୍ରା.ଓ.ଲି.ଭା.ସା. ପୃ-୫୮)

୪୬୪-ବିଶ୍ୱନାଥ ଖୁଣ୍ଟିଆ : ୧୮ ଶ ଶତାବ୍ଦୀ । ପୁରୁଷୋତ୍ତମ କ୍ଷେତ୍ରବାସୀ ବିଶ୍ୱନାଥ ଖୁଣ୍ଟିଆ ଜଗନ୍ନାଥ ମହାପ୍ରଭୁଙ୍କ ଜଣେ ସେବକ ଥିଲେ । ତାଙ୍କ କୃତ 'ବିଚିତ୍ର ରାମାୟଣ' ବା 'ବିଶି ରାମାୟଣ' ଓଡ଼ିଆ ସାହିତ୍ୟ ଭଣ୍ଡାରରେ ଏକ ଅମୂଲ୍ୟ ରତ୍ନ । ଉପେନ୍ଦ୍ର ଭଞ୍ଜଙ୍କ ସମକାଳୀନ ଥିବାରୁ ସେ ସ୍ୱଗ୍ରନ୍ଥର ଆରଣ୍ୟକ କାଣ୍ଡର ବୃତ୍ତ ନିର୍ଦ୍ଦେଶ ସମ୍ପର୍କରେ ଭଞ୍ଜଙ୍କ ଚଉପଦୀ ଭୂଷଣ, ନଅକ୍ଷରୀ ବୃତ୍ତେ ବୋଲି ଉଲ୍ଲେଖ କରିଛନ୍ତି । ବିଭିନ୍ନ ମନୋହରିଣୀ ରାଗ ରାଗିଣୀରେ ରଚିତ ବୋଲି କବି କାବ୍ୟର ନାମ ବିଚିତ୍ର ରାମାୟଣ ଦେଇଥିବାର ଜଣାଯାଏ । ଏହାର ଭାଷା ଅତ୍ୟନ୍ତ ସରଳ ଓ ହୃଦୟସ୍ପର୍ଶୀ । ସେ ରାମକ୍ରୋଧ ଚଉତିଶା ରଚନା କରିଥିବା ଜଣାଯାଏ ।

(D.C.O.M.-Vol VIII P-211)

୪୬୫-ବିଶ୍ୱନାଥ ଦେବ (ରାଜା) : ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । କେତେକ ଜଣାଣ ଭଜନ ଲେଖିଥିବାର ଜଣାଯାଏ ।

ପ୍ରା.ଓ.ଲି.ଭା.ସା.ପୃ-୭୯

୪୬୬-ବିଶ୍ୱନାଥ ଦ୍ୱିଜ : ଆନୁମାନିକ ଊନବିଂଶ ଶତାବ୍ଦୀ । ସେ ପାଲା ରଚନା କରିଥିଲେ ଦ୍ୱିଜ ବିଶ୍ୱନାଥଙ୍କ ରଚିତ 'ସତ୍ୟନାରାୟଣ ଜନ୍ମ ପାଲା'ରୁ ୧୬ଟି ପାଲାର ନାମ ଜଣାଯାଏ । ସେ 'ଗୁଡ଼ିଆ ଶଂକର ପାଲା' ମଧ ରଚନା କରିଥିଲେ ।

(ପ୍ରା. ଓ. ଲି. ଭା. ସା. ପୃ -୮୩)

୪୬୭-ବିଶ୍ୱନାଥ ସିଂହ : ଆନୁମାନିକ ୧୮ଶ ଶତାବ୍ଦୀ । 'ମନ୍ମଥ ବିଳାସ' ଗ୍ରନ୍ଥର ରଚୟିତା । ସେ ବିଶାଖାପାଟଣା ନରେଶ ଭାବେ ପରିଚିତ ।

୪୬୮-ବିଶ୍ୱମ୍ଭର ଦାସ : ଅଷ୍ଟାଦଶ ଶତାବ୍ଦୀ । 'ବିଚିତ୍ରା ମହାଭାଗବତ' ଗ୍ରନ୍ଥର ରଚୟିତା । ସେ 'ଛାନ୍ଦଭାରତ' (ଆରଣ୍ୟକ) ରଚନା କରିଥିବା ଜଣାଯାଏ ।

ଶ୍ରୀକୃଷ୍ଣ ପାଦ ଚିନ୍ତି ନିରନ୍ତର ସେ
ଦୀନ ବିଶ୍ୱମ୍ଭର ଦାସ ଯେ

(D.C.O.M.-Vol .IX P-41)

**୪୬୯-ବିଶ୍ୱମ୍ବର ଦ୍ୱିଜ** : ଆନୁମାନିକ ଊନବିଂଶ ଶତାବ୍ଦୀ । ସେ 'ପାଲା' ଓ କେତେକ ଜଣାଣ ଭଜନ ରଚନା କରିଥିବାର ଜଣାଯାଏ ।

(ପ୍ରା.ଓ.ଲି.ଭା.ସା.ପୃ-୭୧)

**୪୭୦-ବିଶ୍ୱମ୍ବର ନୃପତି** : ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । ସେ 'ମଙ୍ଗଳ ଗୀତ' ରଚନା କରିଥିଲେ ।

(ପ୍ରା.ଓ.ଲି.ଭା.ସା. ପୃ-୮୧)

**୪୭୧-ବିଶ୍ୱମ୍ବର ରାଜେନ୍ଦ୍ର** : ଆନୁମାନିକ ୧୮୫୧-୫୨ ଖ୍ରୀଷ୍ଟାବ୍ଦରେ ଚିକିଟିର ରାଜା ହୋଇଥିଲେ । ସେ ୧୮୭୯ ମସିହାରେ 'ବୀର ରାମଚନ୍ଦ୍ର ବିଳାସ' ନାମକ ଗୋଟିଏ ଗ୍ରନ୍ଥ ଲେଖିଥିଲେ । ଏହି ଗ୍ରନ୍ଥଟି ସମଗ୍ର ରାମାୟଣର ବିଷୟବସ୍ତୁ ଭଂଜୀୟ ଶୈଳୀର ଅନୁକରଣ 'ବ' ଆଦ୍ୟାନୁପ୍ରାସ ଓ ଭାଗବତ ବାଣୀରେ ଲିଖିତ । ଏହି ଗ୍ରନ୍ଥ ବ୍ୟତୀତ 'କୃଷ୍ଣଲୀଳା', 'ରଘୁନାଥ ବିଳାସ', 'ଚଉପଦୀଭୂଷଣ', 'ଉଷାବିଳାସ' ତାଙ୍କ ଭଣିତାରେ ଦେଖିବାକୁ ମିଳେ । 'ରଘୁନାଥ ବିଳାସ'ର ପ୍ରକୃତ ଲେଖକ ରଘୁନାଥ ରାୟଗୁରୁ ବୋଲି କେତେକ ଆଲୋଚନାରୁ ଜଣାଯାଏ । ('ଓଡିଆ କବି ଓ କାବ୍ୟ' -ପଣ୍ଡିତ ନୀଳମଣି ମିଶ୍ର ପୃ-୧୪୮) ଚଉପଦୀ ଚିନ୍ତାମଣି 'ରାଧାମୋହନ ଗୀତା' ଓ 'ରାହାସଲୀଳା' ଗ୍ରନ୍ଥ ଭଣିତାରେ ମଧ ବିଶ୍ୱମ୍ବର ରାଜେନ୍ଦ୍ରଙ୍କ ନାମ ଭଣିତା ହୋଇ ଥିବାର ଦେଖାଯାଏ ଏବଂ ତାଙ୍କ ନାମ ଭଣିତାରେ ଅନେକ ଖଣ୍ଡ କବିତା ଦେଖିବାକୁ ମିଳେ ।

(D.C.O.M.-Vol VIII P-240)

**୪୭୨-ବିଷ୍ଣୁ ଦାସ** : ୧୬ଶ ଶତାବ୍ଦୀର ଶେଷଭାଗ ଓ ୧୭ଶ ଶତାବ୍ଦୀର ଆଦ୍ୟଭାଗ । ସେ ପ୍ରଥମେ ରଣପୁର ରାଜା ପ୍ରସିଦ୍ଧ ପଦ୍ମନାଭ ନରେନ୍ଦ୍ରଙ୍କ ପୁତ୍ର ପାର୍ଥ ଶ୍ରୀଚନ୍ଦନ ଏବଂ ପରେ ବାଣପୁର ରାଜା ରଘୁନାଥ ରାଜ ହରିଚନ୍ଦନଙ୍କ ସଭାମଣ୍ଡନ କରିଥିଲେ । ସେ ବାଣୀ ସାଧନାରେ ନିରତ ରହି ବହୁ ଚଉତିଶା ଓ କାବ୍ୟ ରଚନା କରିଥିବା 'ଲୀଳାବତୀ' କାବ୍ୟରୁ ଜଣାଯାଏ । ଏପର୍ଯ୍ୟନ୍ତ ତାଙ୍କ ଦ୍ୱାରା ରଚିତ 'ସାବିତ୍ରୀ ଚରିତ', 'ପ୍ରେମଲୋଚନା', 'କଳାବତୀ' ଓ 'ଲୀଳାବତୀ' ନାମକ ୪ଟି କାବ୍ୟ ଓ ପ୍ରାୟ ୧୦ଟି ଚଉତିଶା ଆବିଷ୍କୃତ ହୋଇଅଛି । ଉକ୍ତ କାବ୍ୟମାନଙ୍କ ମଧ୍ୟରୁ 'ପ୍ରେମଲୋଚନା' ଓ 'କଳାବତୀ' ଓଡ଼ିଶା ରାଜ୍ୟ ମିଉଜିୟମ କର୍ମକର୍ତ୍ତାଙ୍କ ଦ୍ୱାରା ମୁଦ୍ରିତ ଓ ପ୍ରକାଶିତ । କବି ପ୍ରାଚୀନ ଓଡିଆ ସାହିତ୍ୟରେ ଏକ ନୂତନ ରଚନା ଶୈଳୀର ପ୍ରବର୍ତ୍ତକ ରୂପେ ବିବେଚିତ ହୁଅନ୍ତି । ତାଙ୍କ ରଚନାରେ ପରବର୍ତ୍ତୀ କାବ୍ୟ-ଯୁଗ ସୁଲଭ, ଶବ୍ଦ ବୈଭବ ଅଳଙ୍କାର ପ୍ରିୟତା ଆଦି ରସାତ୍ମକ ବର୍ଣ୍ଣନା ବାହୁଲ୍ୟ ପରିଦୃଷ୍ଟ ହୁଏ ।

(ଖୁରୁଧା ଇତିହାସ ପୃ-୪୦)

'ପ୍ରବାସ ବାହୁଡ଼ା ଚଉତିଶା', 'ମନ୍ଦାକିନୀ ଚଉତିଶା', 'ମାଲ୍ୟବନ୍ତ ଚଉତିଶା' ଓ 'ରଘୁବୀର ଚଉତିଶା' ଆଦି ବିଷ୍ଣୁ ଦାସଙ୍କ ନାମ ଭଣିତାରେ ଦେଖିବାକୁ ମିଳେ ।

୪୭୩- **ବିଷ୍ଣୁ ନାଥ** : ଆନୁମାନିକ ୧୮ଶ ଶତାବ୍ଦୀ । କେତେକ ସାଧାରଣ ପ୍ରେମଧର୍ମୀ କବିତାର ରଚୟିତା । ଗୋଟିଏ କବିତାର ଆଦ୍ୟପଂକ୍ତି "ବାରିଜମୁଖୀ ରଖି ଥିବୁଟି ଜ୍ଞାନ /ବିବେକୀ ଜୀବନ ବରଷିବ ବନ ।"

(ଓ.ରା.ସଂ)

୪୭୪- **ବିଷ୍ଣୁ ପଟ୍ଟନାୟକ** : ଆନୁମାନିକ ୧୮ଶ ଶତାବ୍ଦୀ । ସେ 'ଅନୁରାଗବତୀ' ୬ଷ୍ଠ ଛାନ୍ଦରେ ଲେଖିଥିଲେ ।

(ପ୍ରା.ଓ.ଲି.ଭା.ସା. ପୃ-୧୯୨)

୪୭୫- **ବୀଣାପାଦ** : ଆନୁମାନିକ ୧୧ଶ ଶତାବ୍ଦୀ । ବୀଣାପାଦଙ୍କ କବିତାରେ ଲାଉ, ଅନଦ୍ଧା, ଦାଣ୍ଡୀ, ଆଲୋ, ସନ୍ଧି, ବେନି, ସାରି ପ୍ରଭୃତି ଓଡ଼ିଆ ଶବ୍ଦର ବ୍ୟବହାର ସଂଖ୍ୟାବାଚକ 'ବତିଶ' ଶବ୍ଦର ପ୍ରୟୋଗ ବର୍ତ୍ତମାନ କାଳର ବହୁ ବଚନରେ ନାଚନ୍ତି, ଗାଆନ୍ତିର ପ୍ରୟୋଗ ଓ ଆଜ୍ଞା ବାଚକ କ୍ରିୟାରେ ସଂସ୍କୃତ ଲୋଟ୍ ଲକାରରେ ଖାଉ, ପିଉ ପରି 'ଉ' ପ୍ରତ୍ୟୟର ବ୍ୟବହାର ଇତ୍ୟାଦି ଓଡ଼ିଆ ଭାଷାର ବୈଶିଷ୍ଟ୍ୟ ପରିଦୃଷ୍ଟ ହୁଏ । ତେଣୁ ଡ଼. କରୁଣାକର କର ବୀଣାପାଦଙ୍କୁ ଓଡ଼ିଆ ଥିବାର ଅନୁମାନ କରିଛନ୍ତି ।

(ଆଶ୍ଚର୍ଯ୍ୟ ଚର୍ଯ୍ୟାଚୟ ପୃ-୫୫)

୪୭୬- **ବୀରକିଶୋର** : ୧୭୪୩-୧୭୮୦ । ଓଡ଼ିଶାର ଗଜପତିରାଜା । ବହୁ ଜନପ୍ରିୟ ଭଜନ ଓ ଚଉପଦୀରେ ବୀରକିଶୋର ଭଣିତା ଦେଖିବାକୁ ମିଳେ । କବି ବନମାଳୀ ଏହାଙ୍କ ନାମରେ କେତେକ ଗୀତ ଭଣିତା କରିଥିବା ଜଣାଯାଏ ।

(ପ୍ରା.ଓ.ଲି.ଭା.ସା. ପୃ-୭୯)

୪୭୭- **ବୀରବର ପାତ୍ର** : ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । କେତେକ ପ୍ରେମ କବିତାର ରଚୟିତା । ସେ ମଧ କେତେକ ଚଉପଦୀ ରଚନା କରି ଥିବାର ଜଣାଯାଏ ।

(D.C.O.M.-Vol VIII P-49)

୪୭୮- **ବୀରବର ମଙ୍ଗରାଜ** : ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । ସେ ଶହେ ପଦିଆ ରଚନା କରିଥିଲେ ।

(ପ୍ରା.ଓ.ଲି.ଭା.ସା. ପୃ-୭୧)

୪୭୯- **ବୀର ସିଂହ** : ୧୬ଶ ଶତାବ୍ଦୀ । ବହୁ ଜ୍ଞାନମାର୍ଗୀୟ ଚଉତିଶାର ରଚୟିତା । ତାଙ୍କର ନାମାନୁସାରେ 'ବୀରସିଂହ ଚଉତିଶା' ପ୍ରସିଦ୍ଧ ।

(ପ୍ରାଚୀନ କାବ୍ୟଧାରା କୃ.ଚ.ସା. ପୃ-୨୧)

୪୮୦- **ବୀରେନ୍ଦ୍ର ଭାସ୍କର** : ଆନୁମାନିକ ଊନବିଂଶ ଶତାବ୍ଦୀର ଶେଷାର୍ଦ୍ଧ । ତାଙ୍କର ଗୋଟିଏ କବିତାର ଆଦ୍ୟ ପଂକ୍ତି ହେଉଛି ।

'ଚାହିଁ ଚାହିଁ ନିଶି ପାହିଲା କାହିଁକି ଶ୍ୟାମ ନଇଲା ।'

୪୮୧-**ବେଣୁଧର** : ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । ସେ 'ସୁନାପୁଅ କୋଇଲି' ରଚନା କରିଛନ୍ତି ।

(ପ୍ରା.ଓ.ଲି.ଭା.ସା. ପୃ-୭୬)

୪୮୨-**ବେଣୁଧର କବିଚନ୍ଦ୍ର** : ଉନବିଂଶ ଶତାବ୍ଦୀ । ପ୍ରେମଧର୍ମୀ କବିତା ମାନ ରଚନା କରିଛନ୍ତି । ସାଧାରଣ ମାନବୀୟ ପ୍ରେମ ଏବଂ ରାଧାକୃଷ୍ଣ ପ୍ରେମଧର୍ମୀ କବିତାଗୁଡ଼ିଏ ଦେଖାଯାଏ । ଦୃଷ୍ଟାନ୍ତ ସ୍ୱରୂପ କେତେକ କବିତାର ଆଦ୍ୟ ପଂକ୍ତି ହେଉଛି :

୧-ପ୍ରୀତିଛତା ମନ୍ତ୍ର ମୋତେ ଦିଅ କହି

୨-ଛାଡ଼ ଏ ଭଙ୍ଗୀ ଟାପରା (ଉ.ବି.)

୪୮୩-**ବୈରାଗୀ** : ଆନୁମାନିକ ୧୮ଶ ଶତାବ୍ଦୀ । ଡ଼. ଜାନକୀବଲ୍ଲଭ ମହାନ୍ତି ତାଙ୍କର ଓଡ଼ିଆ 'ଗୀତିକାବ୍ୟ ସଂକଳନ'ରେ କବି ବୈରାଗୀଙ୍କର ବସନ୍ତକାଳରେ ନାୟକର ବିରହାନୁ ଚିନ୍ତା ଓ ନାୟକର ବିଦେଶାନୁଚିନ୍ତା ନାମକ ୨ଟି ଗୀତିକା ଉଦ୍ଧାର କରିଛନ୍ତି ।

୪୮୪-**ବୈରାଗୀ ଦାସ** : ଆନୁମାନିକ ୧୮ଶ ଶତାବ୍ଦୀ । ସେ 'ଶିଶୁଦେବ' କୋଇଲି ରଚନା କରିଥିଲେ । ଏହି 'କୋଇଲି'ଟି ଅନ୍ୟ କୋଇଲି ପରି ଚଉତିଶା କିଂବା ବାରମାସୀ ରୀତିରେ ଲେଖାଯାଇ ନାହିଁ । ଏହା ଶତାଧିକ ପଦରେ ଶେଷ ହୋଇଅଛି । ସେ ମଧ କେତେକ ଜଣାଣ ଭଜନ ଲେଖିଥିବାର ଜଣାଯାଏ ।

କବି 'ଗୋପୀଚିଂତା ନାମକ କୃଷ୍ଣକାବ୍ୟ ରଚନା କରିଥିବାର ଜଣାଯାଏ ।

(ପ୍ରା.ଓ.ଲି.ଭା.ସା. ପୃ-୭୯)

୪୮୫-**ବୈଶ୍ୟ ଦୀନବନ୍ଧୁ** : ଆନୁମାନିକ ୧୮ଶ ଶତାବ୍ଦୀ । 'ଚନ୍ଦ୍ରାବତୀ ହରଣ' କାବ୍ୟର ରଚୟିତା ।

୪୮୬-**ବୈଶ୍ୟ ବୃନ୍ଦନାଥ** : ଆନୁମାନିକ ୧୮ଶ ଶତାବ୍ଦୀ । କେତେକ ରୀତିସିଦ୍ଧ କବିତାର ଲେଖକ । ସେ କେତେକ ଚଉପଦୀ ମଧ ରଚନା କରିଥିବାର ଜଣାଯାଏ ।

(D.C.O.M.-Vol VIII P-223)

୪୮୭-**ବୈଶ୍ୟ ସଦାଶିବ** : ଅଷ୍ଟାଦଶ ଶତାବ୍ଦୀ । ଗଉତ ସୁଆଙ୍ଗ ଓ ରାମଲୀଳାର ରଚୟିତା ଭାବେ ପ୍ରସିଦ୍ଧ ।

(D.C.O.M.-Vol VIII P-8)

୪୮୮-**ବୈଶ୍ୟ ହରି (ଦ୍ୱିଜ)** : ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । ଉନବିଂଶ ଶତାବ୍ଦୀର ଲୋକ ବୋଲି ଅନୁମାନ କରାଯାଏ । ପ୍ରେମଧର୍ମୀ କବିତାର କବି । ଆଦ୍ୟ ପଂକ୍ତି- 'କନକ ଚଂପା ବରନା ଥାଅ ଯାଉଛି' ।

(D.C.O.M.-Vol VIII P-195)

୪୮୯- **ବୈଷ୍ଣବ ଦାସ :** ଆନୁମାନିକ ୧୮ଶ ଶତାବ୍ଦୀ । ସେ 'ଗୋପୀ ଚିଂତା ଗୀତା'ନାମକ କୃଷ୍ଣକାବ୍ୟ ରଚନା କରିଥିଲେ।

(D.C.O.M.-Vol VIII P-162)

୪୯୦- **ବୈଷ୍ଣବ ଚରଣ ଦାସ :** ଆନୁମାନତଃ ଅଷ୍ଟାଦଶ ଶତାବ୍ଦୀର କବି। 'ଜନ୍ମଲାଭ' ବା 'ଅନନ୍ତ ଶୟନଲୀଳା'ର ରଚୟିତା।

(D.C.O.M.-Vol VIII P-145)

୪୯୧- **ବୃନ୍ଦାବତୀ ଦାସୀ** ୧୮ଶ ଶତାବ୍ଦୀ। ସ୍ୱାମୀଙ୍କ ନାମ ଚନ୍ଦ୍ରଶେଖର ଦାସ ବା ମହାପାତ୍ର। ପୁତ୍ରଂକ ନାମ ଭୀମ ଦାସ। ଘର ମଳିପଡା। ସେ 'ପୂର୍ଣ୍ଣତମ ଚନ୍ଦ୍ରୋଦୟ' ରଚନା କରିଥିଲେ।

(ଓ.ସା.ଇ-ପଣ୍ଡିତ ସୂର୍ଯ୍ୟନାରାୟଣ ଦାସ)

୪୯୨- **ବୃନ୍ଦାବନ ଦାସ (୧) :** ଅଷ୍ଟାଦଶ ଶତାବ୍ଦୀର କବି। 'ଜଗନ୍ନାଥ ଜଣାଣ'ର ରଚୟିତା।

(D.C.O.M.-Vol -VN X-96)

୪୯୩- **ବୃନ୍ଦାବନ ଦାସ (୨) :** ଆନୁମାନିକ ୧୬ଶ ଶତାବ୍ଦୀର ମଧ୍ୟଭାଗ। ଜୟଦେବଂଙ୍କ 'ଗୀତଗୋବିନ୍ଦ'କୁ ଅନୁବାଦ କରିଥିଲେ। ଏହି ଅନୁବାଦ ଗ୍ରନ୍ଥର ନାମ 'ରସ ବାରିଧି।' ଏହା ୨୦ଟି ଛାନ୍ଦରେ ବିଭକ୍ତ। ପ୍ରତ୍ୟେକ ଛାନ୍ଦ ବିଭିନ୍ନ ରାଗ ରାଗିଣୀରେ ରଚିତ।

'ଶିଶୁବେଦ ଭକ୍ତିଜ୍ଞାନୋଦୟ' ଶୀର୍ଷକ ଗ୍ରନ୍ଥର ରଚୟିତା ମଧ୍ୟ ଜଣେ ବୃନ୍ଦାବନ ଦାସ। 'ଦୁର୍ଗାସ୍ତୁତି' ଓ 'ଗହନ ଗୀତା'ର ରଚୟିତା ମଧ୍ୟ ବୃନ୍ଦାବନ ଦାସ।

(ପ୍ରା.ଓ.ଲି.ଭା.ସା. ପୃ-୨୦୩)

୪୯୪- **ବୃନ୍ଦାବନ ପଟ୍ଟନାୟକ :** ଆନୁମାନିକ ୧୮ଶ ଶତାବ୍ଦୀ । 'ଚଉତିଶା' ମାଧ୍ୟମରେ ଚିଟାଉ ଲେଖିଥିବାର ପଣ୍ଡିତ ନୀଳମଣି ମିଶ୍ର ତାଂକର 'ପ୍ରାଚୀନ ଓଡ଼ିଆ ଲିପି' ଭାଷା ଓ ସାହିତ୍ୟ ପୁସ୍ତକରେ (ପୃ-୫୫) ଉଲ୍ଲେଖ କରିଛନ୍ତି।

୪୯୫- **ବୃନ୍ଦାବନ ସାମନ୍ତ** ଆନୁମାନିକ ୧୮ଶ ଶତାବ୍ଦୀ। ଡ. ଜାନକୀବଲ୍ଲଭ ମହାନ୍ତି 'ଓଡ଼ିଆ ଗୀତିକାବ୍ୟ ସଂକଳନ'ରେ କବିଙ୍କର ଗୋଟିଏ ଗୀତିକା ସଂକଳନସ୍ଥ କରିଛନ୍ତି।

(ଓ.ଗୀ.ସଂ. ପୃ-୩୧୧)

୪୯୬- **ବ୍ରଜକିଶୋର ଦେଓ :** ସମୟ ଆନୁମାନିକ ଊନବିଂଶ ଶତାବ୍ଦୀ । କେତେକ ରାଧାକୃଷ୍ଣ ପ୍ରେମଧର୍ମୀ କବିତାର ରଚକ। ପ୍ରାପ୍ତ ଗୋଟିଏ କବିତାର ଆଦ୍ୟ ପଂକ୍ତି ହେଉଛି --

"ଧନ କେମନ୍ତେ ମୁର୍ଚ୍ଛିବେ ରେ ମନରୁ ନ ଗଲୁ କ୍ଷଣେ।"

**୪୯୭- ବ୍ରଜ ଦାସ :** ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । ସେ 'ଘାଟବୋଲି' ଓ 'ମଧୁ ମାଳତୀ' ନାମକ କୃଷ୍ଣକାବ୍ୟ ରଚନା କରିଥିଲେ । ସେ ମଧ୍ୟ କେତେକ ଜଣାଣ ଲେଖିଥିବା ଜଣାଯାଏ ।

(ପ୍ରା.ଓ.ଲି.ଭା.ସା. ପୃ-୬୯)

**୪୯୮- ବ୍ରଜନାଥ :** ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । ସେ 'ଛପନ ପଦିଆ' ରଚନା କରିଥିଲେ ।

(ପ୍ରା.ଓ.ଲି.ଭା.ସା. ପୃ-୭୧)

**୪୯୯- ବ୍ରଜନାଥ ବଡ ଜେନା :** ୧୭୩୦-୯୫ । ପିତାଙ୍କ ନାମ ବାଲୁଙ୍କେଶ୍ୱର ପଟ୍ଟନାୟକ । ସେ ଉତ୍କଳ ପ୍ରସିଦ୍ଧ ଭକ୍ତ ପ୍ରବର ରଘୁ ଅରକ୍ଷିତଙ୍କ ବଂଶରେ ଜନ୍ମଗ୍ରହଣ କରିଥିବାର କେତେକ କିମ୍ବଦନ୍ତୀରୁ ଜଣାଯାଏ । ସେ ଜାତିରେ ଶିଷ୍ଟକରଣ ଥିଲେ । ତାଙ୍କର କୌଣସି ପୂର୍ବପୁରୁଷ ପ୍ରାୟ ୧୭ଶ ଶତାବ୍ଦୀର ପ୍ରାରମ୍ଭରେ ଢେଙ୍କାନାଳରେ ବାସ କରିବାକୁ ଲାଗିଲେ । ସେ ଚାରି ଭାଇ ଥିଲେ । ଗୋପୀନାଥ, ଜଗନ୍ନାଥ, ବ୍ରଜନାଥ ଓ ଲୋକନାଥ, ପ୍ରତ୍ୟେକ ଭାଇ ଶିକ୍ଷିତ ଓ କବି ଥିଲେ ।

ବ୍ରଜନାଥ ଜଣେ ପ୍ରତିଭାଶାଳୀ କବି, ଚିତ୍ରକର ଓ ଶିଳ୍ପୀ ଥିଲେ । ତାଙ୍କର ସଂସ୍କୃତ, ଓଡ଼ିଆ, ବଂଗଳା, ହିନ୍ଦୀ ଓ ତେଲୁଗୁ ଭାଷାରେ ପାଣ୍ଡିତ୍ୟ ଥିଲା । ତାଳପତ୍ର, କାଗଜ, କାଠପଟା ଓ ଅଭ୍ର ଆଦିରେ ଚିତ୍ରାଙ୍କନ ଏବଂ ମୂର୍ତ୍ତି ନିର୍ମାଣରେ ସେ ସୁଦକ୍ଷ ଥିଲେ । ୧୭୫୫ରୁ ୧୭୭୮ ଖ୍ରୀ. ମଧ୍ୟରେ 'ବିଚକ୍ଷଣ', 'ଚତୁର ବିନୋଦ', 'କେଳି କଳାନିଧି', 'ତ୍ରିଭୁବନ ସୁନ୍ଦରୀ', 'ବିଦେଶାନୁ ଚିଂତା', 'ଛପନ ପଦିଆ', 'ଦଶପୋଇ' ବିଭିନ୍ନ ଚଉପଦୀ 'ଚଣ୍ଡିମାଳଶ୍ରୀ', 'ଜଣାଣ', 'କୃଷ୍ଣଲୀଳା', 'ଗୋପୀବିଳାସ', 'ଶ୍ୟାମ ରାସୋତ୍ସବ', 'ଅମ୍ବିକା ବିଳାସ' ପ୍ରଭୃତି ଗ୍ରନ୍ଥ ରଚନା କରିଥିଲେ । ସେ ଜୀବନର ଶେଷଭାଗରେ ସମର ତରଙ୍ଗ (୧୭୮୧), ରାଜନଙ୍କୁ ଛଳଉକ୍ତି (୧୭୮୫), ରାଜସଭା (୧୭୯୦-୯୧) ଓ ହିନ୍ଦୀରେ ଗୁଣ୍ଡିଚାବିଜେ (୧୭୯୩) ପ୍ରଣୟନ କରିଥିଲେ । ତାଂକର ରଚନାବଳି ମଧ୍ୟରେ 'ଚତୁର ବିନୋଦ' ସେ ଯୁଗର ଗଦ୍ୟରେ ଲିଖିତ । ଏହାର ରଚନା ଶୈଳୀ ଅତି ଚମତ୍କାର । ତେଣୁ ଏହା ଓଡ଼ିଆ ଭାଷାରେ ଏକ ଅଦ୍ୱିତୀୟ ଗ୍ରନ୍ଥ ।

(ଓ.ସା.ଇ.ସୂର୍ଯ୍ୟନାରାୟଣ ଦାସ)

**୫୦୦- ବ୍ରଜବିହାରୀ ଶ୍ରୀଚନ୍ଦନ** ୧୭୮୬-୧୮୧୩ । ବାଙ୍କି ରାଜା । କବି 'ନିଶାମଣି ଚଉତିଶା' ଓ ସମ୍ଭବତଃ 'ବକ୍ରଦୁର୍ଗେଶ' ଭଣିତା ଯୁକ୍ତ ଚଉତିଶାଟି ରଚନା କରିଥିବାର ଜଣାଯାଏ । ଏତଦ୍ ବ୍ୟତୀତ 'ସୁଖୀରେ ରାଧାର ନିକଟେ ଶ୍ୟାମ ବିରଦ ବର୍ଣ୍ଣନା', 'ବସନ୍ତ ଅପେକ୍ଷା ନାୟିକାର ଉତ୍କର୍ଷ', 'ନାୟକର ସମ୍ଭୋଗ ସ୍ତୁତି', 'ଶରତକାଳୀନ ନାୟିକାଠାରେ ବସନ୍ତ ଓ ବର୍ଷାର ଏକତ୍ର ସମାବେଶ', 'ବସନ୍ତ ବର୍ଣ୍ଣନା' ଓ 'ନାୟକର ଚାଟୁ' (୩୧୨ ରୁ ୩୧୭) ଡ଼. ଜାନକୀବଲ୍ଲଭ ମହାନ୍ତି ଗୀତିକାବ୍ୟ ସଂକଳନରେ ଉଦ୍ଧାର କରିଛନ୍ତି ।

**୫୦୧- ବ୍ରଜବଂଧୁ ସାମନ୍ତସିଂହାର :** ଆନୁମାନିକ ଉନବିଂଶ ଶତାବ୍ଦୀ । ସେ 'ରାମଲୀଳା' ରଚନା କରିଥିଲେ ।

(ପ୍ରା.ଓ.ଲି.ଭା.ସା. ପୃ-୧୨୫)

**୫୦୨- ବ୍ରଜ ଭାବିୟା ଦାସ :** ସପ୍ତଦଶ ଶତାବ୍ଦୀ । 'ଜ୍ଞାନସାର' ଗ୍ରନ୍ଥର ରଚୟିତା ଭାବେ ପ୍ରସିଦ୍ଧ।

(D.C.O.M.-Vol -IX P-199)

**୫୦୩- ବ୍ରଜରାଜ ସୁର ପାଟଦେବ :** ଆନୁମାନିକ ୧୮ଶ ଶତାବ୍ଦୀ । ସାଧାରଣ ପ୍ରେମଧର୍ମୀ କବିତାର ରଚକ ଭାବେ ପ୍ରସିଦ୍ଧ ରହିଛି।

(କୃ.ଚ.ସା)

**୫୦୪- ବ୍ରଜସୁନ୍ଦର :** ଆନୁମାନିକ ୧୯ଶ ଶତାବ୍ଦୀର କବି। ସେ 'ତ୍ରିଗୁଣ ଭାରତ'ର ରଚୟିତା ।

(D.C.O.M.-Vol -IX P-273)

**୫୦୫- ବ୍ରଜସୁନ୍ଦର (ନୃପ) :** ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । ଧରାକୋଟର ରାଜା। ସେ କେତେକ ଚଉପଦୀ ରଚନା କରିଥିଲେ। ତାଙ୍କ ରଚିତ ଗୋଟିଏ ଚଉପଦୀର ଶେଷ ପଂକ୍ତି ହେଉଛି-

"ପକାଇଛ ସଂସାର ମୋହେ, ପ୍ରଭୁ ମୁଁ କି କୃପା ମାତ୍ର ନୋହେ

ଶ୍ରୀ ବ୍ରଜସୁନ୍ଦର ନୃପ ପୁରନ୍ଦର ଧରାକୋଟ ଧରାଧବ କହେ।"

(D.C.O.M.-Vol -IX P-273)

**୫୦୬- ବ୍ରଜସୁନ୍ଦର ଦେବ :** ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । ସେ କେତେକ 'ଚଉପଦୀ' ରଚନା କରିଥିଲେ।

(ପ୍ରା.ଓ.ଲି.ଭା.ସା. ପୃ-୬୩)

**୫୦୭- ବ୍ରଜସୁନ୍ଦର ପଟ୍ଟନାୟକ :** ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । ସେ '୫୬ ପଦିଆ' ରଚନା କରିଥିଲେ।

(D.C.O.M.Vol VI ମୁଖବନ୍ଧ ପୃ-୯୨)

**୫୦୮- ବ୍ରଜସୁନ୍ଦର ସିଂହ :** ଆନୁମାନିକ ୧୮ଶ ଶତାବ୍ଦୀ । ଧରାକୋଟର ନରପତି। 'ଅଭିନୟ ଦର୍ପଣ' ଗ୍ରନ୍ଥର ରଚୟିତା।

(ଉ.ବି.)

**୫୦୯- ବ୍ରହ୍ମଚାରୀ ବର :** ଆନୁମାନିକ ଉନବିଂଶ ଶତାବ୍ଦୀ । ରାଧାକୃଷ୍ଣ ପ୍ରୀତି ସମ୍ବଳିତ ଗୋଟିଏ କବିତାର ଆଦ୍ୟ ପଂକ୍ତି ହେଉଛି 'କେତେ କଷ୍ଟ ସହିବି କେତକୀ ବଦନା'

(କୃ.ଚ.ସା)

୫୧୦-ଭଉଁରୀ ଦାସ : ଷୋଡଶ ଶତାବ୍ଦୀର ସନ୍ଥ କବି। 'କ୍ଷିତି ଚଉତିଶା' ଓ 'ଛନ୍ଦା ଚଉତିଶା'ର ରଚୟିତା ଭାବେ ପ୍ରସିଦ୍ଧ। ତାଙ୍କର ଅନ୍ୟଏକ ରଚନା 'ଜ୍ଞାନ ଚୂଡ଼ାମଣି।'

(ପ୍ରାଚୀନ ଓଡ଼ିଆ କାବ୍ୟଧାରା କୃ.ଚ.ସା. ପୃ-୩୮)

୫୧୧-ଭଟ୍ଟ ନୀଳକଣ୍ଠ : ଆନୁମାନିକ ଅଷ୍ଟାଦଶ ଶତାବ୍ଦୀର କବି। 'ଅର୍ଜୁନ ଲାଖବିନ୍ଧା' 'ଅର୍ଥ ଉଜିଆ ବ୍ରତର' ରଚୟିତା।

୫୧୨-ଭରତ : ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । ଡ଼. ଜାନକୀବଲ୍ଲଭ ମହାନ୍ତି ଓଡ଼ିଆ 'ଗୀତି କାବ୍ୟ ସଂକଳନ'ରେ କବିଙ୍କର ୩ଟି ଗୀତିକା (ପୃ-୧୮) ଉଦ୍ଧାର କରିଛନ୍ତି। ସିଂହଭୂମିରୁ ସଂଗୃହୀତ ଗୋବିନ୍ଦଚନ୍ଦ୍ର ଗୀତର ରଚୟିତା ଜନୈକ ବିପ୍ର 'ଭରଥ।'

୫୧୩-ଭରତ ଦାସ : ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । ଗୀତି କବି। ତାଙ୍କର ଗୋଟିଏ କବିତାର ଆଦ୍ୟ ପଂକ୍ତି ହେଉଛି 'ଚିନ୍ତାମଣି ବେଣୁପାଣି ନାମକୁ ଚିନ୍ତା।'

(ପ୍ରା.ଓ.ଲି.ଭା.ସା. ପୃ-୭୯)

୫୧୪-ଭକ୍ତଚରଣ ଦାସ ୧୮ଶ ଶତାବ୍ଦୀ । କବିଙ୍କ ଜନ୍ମସ୍ଥାନ ହେଉଛି ବୋଲଗଡ଼ ନିକଟବର୍ତ୍ତୀ ସାନପଦର ଗ୍ରାମ। ସନ୍ନ୍ୟାସ ଧର୍ମ ଗ୍ରହଣ କରିବା ପୂର୍ବରୁ ତାଂକର ନାମ ଥିଲା ବୈରାଗୀଚରଣ ପଟ୍ଟନାୟକ। ରଣପୁର ଅନ୍ତର୍ଗତ ସୁନାଖଳା ଗ୍ରାମରେ ଏକ ମଠ ସ୍ଥାପନ କରି ସେଠାରେ ସେ ଜୀବନର ଅଧିକାଂଶ ସମୟ ଅତିବାହିତ କରିଥିଲେ। ଜନ୍ମସ୍ଥାନ ସାନପଦର ଗ୍ରାମରେ ମଧ କବିଂକର ଦୁଇଟି ମଠ ଅଛି। କବି ଭକ୍ତଚରଣ ଦିବ୍ୟସିଂହଦେବଂକ ଭଗିନୀ ମୁକ୍ତା ଦେଈଙ୍କ ଗୁରୁ ଥିବାର ଜଣାଯାଏ। ସେ ରାଧାକୃଷ୍ଣ ଲୀଳା ବିଷୟକ ଏକ ଉଚ୍ଚକୋଟୀର ଗ୍ରନ୍ଥ ମଥୁରାମଙ୍ଗଳର ପ୍ରଣେତା 'ମଥୁରାମଙ୍ଗଳ' ବ୍ୟତୀତ କବି 'ଗୋପମଙ୍ଗଳ ଓ ମନଶିକ୍ଷା' ଲେଖିଥିବା ଜଣାଯାଏ। ତାଙ୍କ କୃତ ଲୋକପ୍ରିୟ କଳାକଳେବର ଚଉତିଶା' ଓ 'ମନବୋଧ ଚଉତିଶା' ଦ୍ୱୟ ପ୍ରାଚୀନ ଓଡ଼ିଆ ସାହିତ୍ୟ ଭଣ୍ଡାରରେ ଦୁଇଟି ଅମୂଲ୍ୟରତ୍ନ।

୫୧୫-ଭକ୍ତ ହରି ଦାସ : ୧୬ଶ ଶତାବ୍ଦୀ । ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଶିଷ୍ୟ ଏବଂ ସାତ ଲହଡ଼ୀ ମଠର ଅଧିକାରୀତ୍ୱ ପ୍ରାପ୍ତ ହୋଇଥିଲେ। ସେ 'ମୟୂରଚନ୍ଦ୍ରିକା' ରଚନା କରିଥିଲେ। 'ମୟୂରଚନ୍ଦ୍ରିକା'ରେ ଶ୍ରୀକୃଷ୍ଣଙ୍କୁ ମୟୂରଚନ୍ଦ୍ରିକା ରୂପେ ଗ୍ରହଣ କରାଯାଇ କୃଷ୍ଣତତ୍ତ୍ୱର ବିଶ୍ଳେଷଣ କରାଯାଇଛି। ପଣ୍ଡିତ ବିନାୟକ ମିଶ୍ର ଶ୍ରୀହରି ଦାସ ଓ ଭକ୍ତ ହରି ଦାସଙ୍କୁ ଏକ ବ୍ୟକ୍ତି ବୋଲି ଗ୍ରହଣ କରିଛନ୍ତି। ତାଙ୍କ ମତରେ ସେ ଅଷ୍ଟାଦଶ ଶତାବ୍ଦୀର କବି। ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା ଯେଉଁ ହରି ଦାସଙ୍କ ପ୍ରତି ମୋଗଲ ସମ୍ରାଟଙ୍କ ଅତ୍ୟାଚାର କଥା ବର୍ଣ୍ଣନା କରିଛନ୍ତି ସେ ଏହି ଆଲୋଚିତ।

(ଖୁରୁଧା ଇତିହାସ ପୃ-୧୫୫)

୫୧୬-ଶ୍ରୀ ହରି ଦାସ : ଆନୁମାନିକ ୧୮ଶ ଶତାବ୍ଦୀ । କେତେକ ରାମଭକ୍ତମୂଳକ କବିତାର ରଚୟିତା ।

(ଉ.ବି.)

**୫୧୭- ଭଗବାନ :** ଆନୁମାନିକ ୧୮ଶ ଶତାବ୍ଦୀ। ଏହାଙ୍କ ରଚିତ 'ଯୋଗୀନ୍ଦ୍ର ଦାଣ୍ଡଧୁଆ' ଡ. ଜାନକୀବଲ୍ଲଭ ମହାନ୍ତି ତାଙ୍କର ଚଉତିଶା ସଂକଳନରେ ଉଦ୍ଧାର କରିଛନ୍ତି। ଉକ୍ତ ଚଉତିଶାର ପ୍ରଥମ ଧାଡି କହଇ ଯୋଗୀନ୍ଦ୍ର ଉତ୍ତମ ଭାବ ବହି। 'ଉଲଟ ତରୁମୂଳେ ସଦାନନ୍ଦ କହି।' ତାଙ୍କର 'କୃଷ୍ଣନାମାମୃତ ସିନ୍ଧୁ ଚଉତିଶା' ନାମକ ରଚନା ମଧ ଥିବାର ଜଣାଯାଏ। (ପୃ-୧୧୭)

**୫୧୮- ଭଗବାନ ଦାସ (୧) :** ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । ସେ 'କେଳି ବୋଲି' ରଚନା କରିଥିଲେ। ସେ ମଧ 'କୁନ୍ଦଫୁଲ ଚଉତିଶା' ରଚନା କରିଥିବା ଜଣାଯାଏ ।

(ପ୍ରା.ଓ.ଲି.ଭା.ସା. ପୃ-୫୬)

**୫୧୯- ଭଗବାନ ଦାସ (୨) :** ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ। କୃଷ୍ଣ ଦାସ କବିରାଜଙ୍କ ରଚିତ ଶ୍ରୀଚୈତନ୍ୟ ଚରିତାମୃତର ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ପ୍ରଳାପ ଓ ଶିକ୍ଷାଷ୍ଟକ ଅଂଶକୁ ଓଡ଼ିଆରେ ଅନୁବାଦ କରିଥିଲେ।

**୫୨୦- ଭଗବାନ ବ୍ରହ୍ମା (କବିରାଜ) :** ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । ସେ 'ଗୁଣ୍ଡିଚା ବିଜୟ' ଚମ୍ପୂ ଓ 'ମୃଗୟା ଚମ୍ପୂ' ଲେଖିଥିବାର ଜଣାଯାଏ।

(ଖୁରୁଧା ଇତିହାସ ପୃ-୨୫୭)

**୫୨୧- ଭଦ୍ରପାଦ :** ଆନୁମାନିକ ୧୧ଶ ଶତାବ୍ଦୀ । ଭଦ୍ରପାଦ ବା ଭାବେପାଙ୍କ କବିତାରେ ଓଡ଼ିଆ ଭାଷାର ବୈଶିଷ୍ଟ୍ୟ ସମ୍ବନ୍ଧ ପଦରେ 'ମୋ' ପଦଟି ସର୍ବନାମ ଉତ୍ତମ ପୁରୁଷରେ ଏବଂ କର୍ମ କାରକରେ 'ମକୁ' ବା 'ମୁକୁ'୨ୟା ବିଭକ୍ତିରେ 'ନ୍ତ' ପ୍ରତ୍ୟୟ ଜାତ 'ତ' ପ୍ରତ୍ୟୟ ଭାବରେ ବ୍ୟବହୃତ ହୋଇଥିବାରୁ ଡ଼. କରୁଣାକର କର ଭଦ୍ରପାଦଙ୍କୁ ଓଡ଼ିଆ ବୋଲି ଅନୁମାନ କରିଛନ୍ତି।

(ଆଶ୍ଚର୍ଯ୍ୟ ଚର୍ଯ୍ୟାଚୟ)

**୫୨୨- ଭାଗବତ :** ଆନୁମାନିକ ୧୮ଶ ଶତାବ୍ଦୀ । ଗାୟକ ପ୍ରଶ୍ନୋତ୍ତର ଓ କେତେକ ଚଉପଦୀର ରଚୟିତା।

**୫୨୩- ଭାଗୀରଥୀ :** ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । ସେ କେତେକ ଜଣାଣ ଭଜନ ଲେଖିଥିବାର ଜଣାଯାଏ। ଡ଼. ଜାନକୀବଲ୍ଲଭ ମହାନ୍ତି ଓଡ଼ିଆ ଗୀତିକାବ୍ୟ ସଂକଳନରେ (ପୃ-୩୨୦) କବିଙ୍କର ଗୋଟିଏ ଗୀତିକା ଉଦ୍ଧାର କରିଛନ୍ତି।

**୫୨୪- ଭାଗୀରଥି ଦାସ :** ଆନୁମାନିକ ୧୮ଶ ଶତାବ୍ଦୀ । ସେ 'ରାଧାବିଳାସ' କାବ୍ୟ ଓ 'ଶ୍ରୀଜଗନ୍ନାଥ ଭଜନ' ଲେଖିଥିବାର ଜଣାଯାଏ।

(ପ୍ରା. ଓ ଲି ଭା ଷା ପୃ.୧୬୦)

**୫୨୫- ଭାଗୀରଥି ମହୀନ୍ଦ୍ର :** ଢେଙ୍କାନାଳର ରାଜା। ୧୮୬୭ରେ ସେ ରାଜପଦରେ ଅଧିଷ୍ଠିତ ହୋଇ ୧୮୭୭ରେ ମୃତ୍ୟୁବରଣ କରିଥିଲେ। ବହୁ ଚଉପଦୀ ଓ ଭଜନରେ

ଏହାଙ୍କ ଭଣିତା ଦେଖିବାକୁ ମିଳେ । ତାଙ୍କ ରଚିତ ଭକ୍ତ ନାୟକର ବର୍ଷାକାଳରେ ବିରହିଣୀ ଭାବସ୍ମରଣ (ପୃ-୩୨୦) ଗୀତଟି ପ୍ରାଚୀ ସଂଗ୍ରହ ଅନ୍ତର୍ଗତ ।

**୫୨୬-ଭାଗୀରଥି ସୁମହାପାତ୍ର(କବି ଭୂଷଣ)** : ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । କେତେକ କ୍ଷୁଦ୍ର କବିତାର ରଚୟିତା ।

(ଉ.ବି.)

**୫୨୭-ଭାବଗ୍ରାହୀ ଦାସ** : ଆନୁମାନିକ ୧୮ଶ ଶତାବ୍ଦୀ । ସେ 'ବ୍ରଜବିହାର' ରଚନା କରିଥିଲେ ।

(ଉ.ବି.)

**୫୨୮-ଭାବିୟା ଦାସ** : ଅଷ୍ଟାଦଶ ଶତାବ୍ଦୀର କବି । 'ଜ୍ଞାନସାଗର' ଓ 'ଜ୍ଞାନସାଗର ଗୀତା' ର ରଚୟିତା ।

(D.C.O.M.-Vol IX P-99)

**୫୨୯-ଭାରତ କବି** : ଆନୁମାନିକ ୧୮ଶ ଶତାବ୍ଦୀ । ସେ 'ଷାଠିଏପଦିଆ' ରଚନା କରିଥିଲେ ।

(ପ୍ରା.ଓ.ଲି.ଭା.ଷା. ପୃ-୭୧)

**୫୩୦-ଭିକାରୀ** : ଆନୁମାନିକ ୧୮ଶ ଶତାବ୍ଦୀ । 'ଚନ୍ଦ୍ରାବତୀହରଣ' ସମେତ କେତେକ କ୍ଷୁଦ୍ର କବିତାର ରଚୟିତା ।

(D.C.O.M.-Vol VIII P-286)

**୫୩୧-ଭୀମ ଦାସ** : ଅନୁମାନିକ ସପ୍ତଦଶ ଶତାବ୍ଦୀର କବି । 'ଜଳଧର ଚଉତିଶା'ର ସେ ରଚୟିତା ।

(ଖୁରୁଧା ଇତିହାସ ପୃ-୧୩)

**୫୩୨-ଭୀମଦେବ ଗଜପତି** : ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । କେତେକ ପ୍ରେମ କବିତାର ରଚୟିତା ଭାବେ ପ୍ରସିଦ୍ଧ । ବୀରକେଶରୀ ଦେବଙ୍କ ସମକାଳୀନ ବଡ଼ଖେମୁଣ୍ଡି ଅଧିପତି ଥିଲେ ବୋଲି ଅନୁମାନ କରାଯାଏ । ଏହାଙ୍କ ଅନେକ କବିତା ସଙ୍ଗୀତ ସାଗରରେ ସଂକଳିତ ହୋଇଛି ।

(D.C.O.M.-Vol VIII P-80)

**୫୩୩-ଭୀମ ଭୋଇ** ଆନୁମାନିକ ୧୮୫୫-୯୫ । ରେଢ଼ାଖୋଲର କନ୍ଧଗୃହରେ ଜନ୍ମଗ୍ରହଣ କରିଥିଲେ । ସେ ଜନ୍ମାନ୍ଧ ଥିଲେ । କବି କୁମ୍ଭୀର ପଟିଆ ଧର୍ମର ପ୍ରଚାରକ ଥିଲେ । ସେ 'ସ୍ତୁତିଚିନ୍ତାମଣି' ନାମକ ଏକ ଗ୍ରନ୍ଥ ଓ କେତେକ ଚଉତିଶା ଭଜନ ରଚନା କରିଥିଲେ । ସ୍ତୁତି ଚିନ୍ତାମଣି ୧୮୦ଟି ବୋଲି ବା ଭାଗରେ ବିଭକ୍ତ । ପ୍ରତ୍ୟେକ ବୋଲିର ପଦସଂଖ୍ୟା କୋଡ଼ିଏ ଓ ଅକ୍ଷର ସଂଖ୍ୟା ମଧ କୋଡ଼ିଏ । (ମୋ ଜୀବନ ପଛେ ନର୍କେ

ପଢ଼ିଥାଉ ଜଗତ ଉଦ୍ଧାର ହେଉ) (୨୭ଶ ବୋଲି) କବିଙ୍କ ଜୀବନର ଆଦର୍ଶ। ଏତଦ୍ ବ୍ୟତୀତ କବି ଭୀମ ଭୋଇ 'ବ୍ରହ୍ମନିରୂପଣ ଗୀତା', 'ଆଦିଅନ୍ତ ଗୀତା', 'ଅଷ୍ଟକ ବିହାରୀ ଗୀତା', 'ନିର୍ବେଦ ସାଧନା', 'ଶ୍ରୁତିନିଷେଧ ଗୀତା', ନିର୍ବେଦ ସଂହିତା ଆଦି କେତେକ ପୁସ୍ତକ ଏବଂ ପ୍ରାୟ ପାଞ୍ଚଶହ ଭଜନ ରଚନା କରିଅଛନ୍ତି।

**୫୩୪- ଭୀମ ରଥ** : ଆନୁମାନିକ ୧୮ଶ ଶତାବ୍ଦୀ । 'ସଙ୍ଗୀତ ଲହରୀ'ର ରଚୟିତା ।

(କୃ.ଚ.ସା.)

**୫୩୫- ଭୀମ ଦାସ** : ଆନୁମାନିକ ୧୮ଶ ଶତାବ୍ଦୀ । ମଳିପଡ଼ା ଗଡ଼ର କରଣ କୁଳରେ ଜନ୍ମ। ପିତାଙ୍କ ନାମ ଚନ୍ଦ୍ରଶେଖର ମହାପାତ୍ର ବା ଦାସ ଓ ପିତାମହାଙ୍କ ନାମ ଜଗନ୍ନାଥ ଦାସ, ମାତାଙ୍କ ନାମ ବୃନ୍ଦାବତୀ ଦାସୀ ସେ 'ହରିଭକ୍ତି ରତ୍ନାବଳୀ' ଓ 'ହରିଭକ୍ତି ଚନ୍ଦ୍ରୋଦୟ' ନାମକ ଦୁଇଟି ଗ୍ରନ୍ଥର ଅନୁବାଦ କରିଥିଲେ। ହରିଭକ୍ତି ରତ୍ନାବଳୀର ଲେଖକ ହେଉଛନ୍ତି, ବିଷ୍ଣୁପୁରୀ। କବି ଭୀମ ଦାସ ଉକ୍ତ ଗ୍ରନ୍ଥର ଅନୁବାଦ ନବାକ୍ଷରୀ ଭାଗବତ ବୃତ୍ତରେ କରିଥିଲେ। ଏହାର ରଚନା ସମୟ ୧୬୯୨ ଖ୍ରୀଷ୍ଟାବ୍ଦ।

**୫୩୬- ଭୀମା ଧିବର** : ଆନୁମାନିକ ୧୭ଶ ଶତାବ୍ଦୀ । ସେ 'କପଟ ପାଶା' ରଚନା କରିଛନ୍ତି । ସରଳ, ସହଜ ଓ ମନୋହର ଭାଷାରେ ଲିଖିତ ଉକ୍ତ ଗ୍ରନ୍ଥ ଉତ୍କଳରେ ପରିଚିତ ଓ ଆଦୃତ।

**୫୩୭- ଭୁବନେଶ୍ୱର କବିଚନ୍ଦ୍ର** : ଉନବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧ। ସ୍ଥାନ ଦିଗପହଣ୍ଡି। ବହୁ ଛାନ୍ଦ ଚଉପଦିର ଲେଖକ। କଟପାୟ, ଶ୍ରୀନିବାସ ଦୀପିକାର, ପଦ୍ୟାନୁବାଦ ସରଳ, ସାବଲୀଳ ଓ କାବ୍ୟିକ ଅନୁବାଦ କରିଛନ୍ତି। ତାଙ୍କ କବିତାର ଗୋଟିଏ ପଂକ୍ତି ହେଉଛି-

"ପତିତ ଜନେଶ ଦ୍ୱିଜ ଭୁବନେଶ ଗତି ଏହି କଞ୍ଜ ନେତ୍ର

ପତିତ ମିଳିନ୍ଦ୍ର ବ୍ରାତ ମକରନ୍ଦ ପାନକୁ ପାବନି ପାତ୍ରରେ ।"

(D.C.O.M.-Vol VIII P-238)

**୫୩୮- ଭୁସୁକୁ ପାଦ** : ଆନୁମାନିକ ୧୧ଶ ଶତାବ୍ଦୀର ମଧଭାଗ। ଭୁସୁକୁଙ୍କ ନାମ ପରିଗ୍ରହଣ ସଂପର୍କରେ କେତୋଟି କିମ୍ବଦନ୍ତୀ ଉଲ୍ଲେଖ ଯୋଗ୍ୟ (କ) ତାଙ୍କର ପ୍ରକୃତ ନାମଥିଲା ଶାନ୍ତିଦେବ। ତାଙ୍କର ବିଚିତ୍ର ରହନସହନ ଦେଖି ରାଜା ଦେବ ପାଳ ଥରେ ଭୁସୁକୁ କହିଦେଲେ। ତାପର ଠାରୁ ସେ ସେହି ନାମରେ ପରିଚିତ, (ଖ) ଭୂମିରେ ବିଳକରି ଶୟନ କରୁଥିବାରୁ ଭୁସୁକୁ ନାମ ହେଲା। (ଗ) ନାଳନ୍ଦାର ସଂଘରେ ତାଙ୍କର ସତୀର୍ଥଗଣ ଏପରି ନାମକରଣ କରିବା ମୂଳରେ କାରଣ ସ୍ୱରୂପ ଥିଲା, ଭୋଜନ, ଶୟନ, ଓ କୁଟୀରରେ ବସିଥିଲେ ବି ତାଙ୍କର ମୂର୍ତ୍ତି ଉଜ୍ଜ୍ୱଳ ଦିଶୁଥିଲା। (ଘ) ଭୁସୁକୁ ନିଜର ନିର୍ଜନ କୁଟୀରରେ ରହିକେବଳ ଭୋଜନ ଶୟନ, କରୁଥିବାରୁ ଭୁସୁକୁ ନାମ ହେଲା। (ଙ) ସେ ସର୍ବଦା ଶାନ୍ତଭାବରେ ରହୁଥିବାରୁ ଲୋକେ ଶାନ୍ତିଦେବ କହୁଥିଲେ। (ଚ) ମଗଧ ରାଜାଙ୍କର ରାଉତ ପଦ ଗ୍ରହଣ କରିବାରୁ କିମ୍ବା ନିଜେ କ୍ଷତ୍ରିୟ ବା ରାଜକୁଳରେ ଜନ୍ମିଥିବାରୁ ରାଉତ ନାମରେ ପରିଚିତ ଥିଲେ। 'କାହେରେ ମେଲି ଅଚ୍ଛଦ କୀସ' ତାଙ୍କର ଏକ ପ୍ରସିଦ୍ଧ ଚର୍ଯ୍ୟାପଦ। (ଆଶ୍ଚର୍ଯ୍ୟ ଚର୍ଯ୍ୟାଚୟ)

୫୩୯- **ଭୂପତି ପଣ୍ଡିତ** : ଖ୍ରୀ: ୧୬୫୦ର ପରବର୍ତ୍ତୀ ସମୟରେ କବିଙ୍କର ଆବିର୍ଭାବ ଘଟିଥିବାର ଅନୁମାନ କରାଯାଏ। କବିଥିଲେ ପଶ୍ଚିମା ସାରସ୍ୱତ ବ୍ରାହ୍ମଣ, ପୁରୀ ରାଜା ଦିବ୍ୟସିଂହ ଦେବଙ୍କଠାରୁ ଜାଗିରୀ ପାଇ ସେ ରଥପୁର ଗ୍ରାମରେ ବାସ କରୁଥିଲେ। ସେ ଗୋପୀ ପ୍ରେମର ପରାକାଷ୍ଠା ପ୍ରଦର୍ଶନ କରିବା ଉଦ୍ଦେଶ୍ୟରେ 'ପ୍ରେମ ପଞ୍ଚାମୃତ' ରଚନା କରିଥିବା ଜଣାଯାଏ । 'ପ୍ରେମ ପଞ୍ଚାମୃତ'ର ଭାଷା ସହଜ, ସରଳ, ସୁବୋଧ ଓ ଭାଗବତ ବୃତ୍ତରେ ସଂପୂର୍ଣ୍ଣ କାବ୍ୟଟି ରଚିତ। ସେତେବେଳେ ପ୍ରକୃତ ଓଡ଼ିଆ ଭାଷା ପ୍ରତି ସଂସ୍କୃତାଭିମାନୀ ପଣ୍ଡିତମାନଙ୍କର ଅନାଦର ରହିଥିଲା। କିନ୍ତୁ ଭୂପତି ପଣ୍ଡିତଙ୍କ ପରି କବିମାନେ ଓଡ଼ିଆ ଭାଷାରେ ସରସ କାବ୍ୟ ରଚନା କରି ପଣ୍ଡିତମାନଙ୍କର ସେହି ଅଭିମାନକୁ ଭାଙ୍ଗିବା ଲାଗି ଯତ୍ନ କରିଥିଲେ।

ପୁରୀବାସୀ ମହନ୍ତ ଚୈତନ୍ୟ ଦାସଙ୍କ ଦ୍ୱାରା ପ୍ରୋତ୍ସାହିତ ହୋଇ ସେ ଓଡ଼ିଆ ଭାଷାରେ ବ୍ୟୁତ୍ପତ୍ତି ଲାଭପୂର୍ବକ ଏଥିରେ ବିଭିନ୍ନ 'ଚଉପଦୀ ଚଉତିଶା' ରଚନା କରିଥିବା ଜଣାଯାଏ। କବିଙ୍କର ଉଦ୍ଧବ ଚଉତିଶା 'ପ୍ରାଚୀ' ସମିତିଦ୍ୱାରା 'ଚଉତିଶା ମଧୁ ଚକ୍ର' (୩ୟ ଖଣ୍ଡ)ରେ ପ୍ରକାଶିତ।

୫୪୦- **ଭୃଗୁରାମ** : ଆନୁମାନିକ ଉନବିଂଶ ଶତାବ୍ଦୀ । ସେ ପାଲାରଚନା କରିଥିଲେ।

(ପ୍ରା.ଓ.ଲି.ଭା.ସା.ପୃ-୮୩)

୫୪୧- **ଭୈରବ** : ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ, ବ୍ରହ୍ମଜ୍ଞାନ ସମ୍ବଳିତ କବିତା ରଚୟିତା ଭାବେ ପ୍ରସିଦ୍ଧ। 'ଭୈରବ ଜ୍ଞାନ ଚୂଡ଼ାମଣି' ନାମକ ରଚନା ଏହାଙ୍କ ନାମରେ ମିଳେ।

(Vol IX P-187)

୫୪୨- **ଭୋଳାନାଥ** : ଆନୁମାନିକ ୧୮ଶତାବ୍ଦୀ। ଏହାଙ୍କ ରଚିତ ୨ଟି ଚଉପଦୀ ସୋନପୁର ଅଞ୍ଚଳରୁ ସଂଗୃହୀତ।

(ଓ.ଗୀ.ସଂ. ପୃ-୩୨୩)

୫୪୩- **ଭ୍ରଥ ବିପ୍ରବର** : ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । କେତେକ କୃଷ୍ଣକଥାମୂଳକ କବିତାର ରଚୟିତା। ତାଙ୍କର ଗୋଟିଏ କବିତାର ଶେଷ ପଂକ୍ତି ହେଉଛି।

'ଭଣେ ଭ୍ରଥ ବିପ୍ରବର କଲ୍ୟାଣ ଥିଲେ ତୁମ୍ଭର
ଆସିଲେ ଏ ମଧୁପୁର ଗୁରୁଜନ ମନତୋଷ।'

(D.C.O.M.-Vol VIII. P-85)

୫୪୪- **ଭ୍ରମରବର** : ଆନୁମାନିକ ୧୮ଶ ଶତାବ୍ଦୀ । ସେ 'ଛପୋଇ ଓ ସାତପୋଇ ଓ 'ଦଶ ବୋଲି' ରଚନା କରିଥିବା ଜଣାଯାଏ। ଭୃଙ୍ଗନୃପତି ଭଣିତା ଥିବା କେତେକ କବିତା ଦେଖିବାକୁ ମିଳେ।

(ଓ.ଗୀ.ସଂ.-ପୃ-୩୨୨)

**୫୪୫- ଭ୍ରମରବର ଦେବ :** ଆନୁମାନିକ ୧୮ଶ ଶତାବ୍ଦୀ । ସେ ଚନ୍ଦ୍ରପ୍ରଭା ଚଉତିଶା ରଚନା କରିଥିଲେ। ଭ୍ରମରବର ନରେନ୍ଦ୍ର ଭଣିତାରେ କେତେକ ଗୀତିକା ଦେଖିବାକୁ ମିଳେ।

(ଓ.ଗୀ.ସଂ. ପୃ-୩୨୧)

**୫୪୬- ମଣିବିବୁଧେନ୍ଦ୍ର ବୀର :** ଊନବିଂଶ ଶତାବ୍ଦୀର ବ୍ୟକ୍ତି। ତାଙ୍କ ରଚିତ କବିତାର ଆଦ୍ୟ ପଂକ୍ତି ହେଉଛି- 'ନବୀନ କିଶୋରୀ ରାମା କାମାତୁରେ ମଲାଟିରେ।' (ଉ.ବି.)

**୫୪୭- ମଥୁରା ଦାସ :** ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । ସେ 'ଗୋପୀବିଳାପ' ନାମକ କୃଷ୍ଣକାବ୍ୟ ରଚନା କରିଥିବାର ଜଣାଯାଏ।

(ପ୍ରା.ଓ.ଲି.ଭା. ପୃ-୧୫୨)

**୫୪୮- ମଦନ ଗୋପାଳ ମହାପାତ୍ର :** ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । ସେ ଚଉପଦୀ ରଚନା କରିଥିବାର ଜଣାଯାଏ।

(କୃ.ଚ.ସା)

**୫୪୯- ମଦନ ମୋହନ ସିଂହ :** ଆନୁମାନିକ ଊନବିଂଶ ଶତାବ୍ଦୀର କବି। ସେ 'ଜଗଦୀଶ ଜଣାଣ' ଓ ଅନ୍ୟାନ୍ୟ ଜଣାଣର ରଚୟିତା।

(D.C.O.M.Vol-IX P-86)

**୫୫୦- ମଧୁ କର (ହୀନ) :** ୧୮ଶ ଶତାବ୍ଦୀ । 'କହନ୍ତି କମଳା ଶୁଣ ବିମଳା ରଙ୍ଗି।' ପଦ୍ୟଟି ଏକ ଚଉତିଶା (ଶ୍ରୀଜଗନ୍ନାଥ ଲୀଳାମୃତ ପୃ-୮୨)

**୫୫୧- ମଧୁ ଦାସ : (୧)** ଊନବିଂଶ ଶତାବ୍ଦୀ । କଳିଯୁଗ ଭାଗବତ ରସାମୃତର ରଚୟିତା।

(ଉ.ବି.)

**୫୫୨- ମଧୁ ଦାସ :** ଅନୁମାନତଃ ଅଷ୍ଟାଦଶ ଶତାବ୍ଦୀ। ରାଧା ରସାମୃତ (ବ୍ର.ଦା) ଓ ଭିଣା ମଧୁ ଦାସ ଭଣିତା ସେ ମଧ ଲେଖିଛନ୍ତି। 'ଖୋଷାକଟା' ଓ 'ଜ୍ଞାନମୃତ ସିନ୍ଧୁ' ନାମକ କୃଷ୍ଣ କାବ୍ୟ ରଚନା କରିଥିବାର ଜଣାଯାଏ।

(ପ୍ରା.ଓ.ଲି.ଭା.ସା ପୃ-୧୫୨)

**୫୫୩- ମଧୁସୂଦନ ଦାସ** ୧୭ଶ ଶତାବ୍ଦୀ । ପ୍ରଥମ ଭାଗର କବି। ସେ 'ନଳ ଚରିତ' ରଚନା କରିଥିଲେ। ଏହା ସାତଟି ଛାନ୍ଦରେ ବିଭକ୍ତ। ସୀତା ବିରହରେ ବିଷାଦଗ୍ରସ୍ତ ରାମଚନ୍ଦ୍ରଙ୍କୁ ମହର୍ଷି ମାର୍କଣ୍ଡେୟ ଆଶ୍ୱାସନା ପ୍ରଦାନ ନିମିତ୍ତ ତାଙ୍କଠାରୁ ଅଧିକ ଦୁଃଖୀ ନଳ ରାଜାଙ୍କ ଚରିତ ଶୁଣାଇଛନ୍ତି। ଏଥିରେ ରାମ ଶ୍ରୋତା ଓ ମାର୍କଣ୍ଡେୟ ମୁନି ବକ୍ତା ।

(ନଳ ଚରିତ -ପ୍ର-ଉତ୍କଳ ବିଶ୍ୱବିଦ୍ୟାଳୟ)

**୫୫୪- ମଧୁ ଦ୍ୱିଜ :** ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । ଡ଼. ଜାନକୀବଲ୍ଲଭ ମହାନ୍ତି 'ଓଡ଼ିଆ ଗୀତିକାବ୍ୟ ସଂକଳନ'ରେ କବିଙ୍କର ଗୋଟିଏ ଗୀତିକା ଉଦ୍ଧାର କରିଛନ୍ତି ।

**୫୫୫-ମାଧୁ ସୂଦନ ଦେବ** : ଅଷ୍ଟାଦଶ ଶତାବ୍ଦୀ । ରାଜା ରାମଚନ୍ଦ୍ର ଦେବଙ୍କ ପୁତ୍ର । ସେ ନିଜକୁ ଅଖଣ୍ଡ ଭୂମି ଖଣ୍ଡର ରାଜା ରୂପେ ବର୍ଣ୍ଣନା କରିଛନ୍ତି । ତାଙ୍କର କାବ୍ୟଟିର ନାମ 'ମଦନ ମଞ୍ଜରୀ' (ପଞ୍ଚଦଶ ଛାନ୍ଦ) । ସେ ମଧ୍ୟ ଚଣ୍ଡୀ ରହସ୍ୟ ରଚନା କରିଥିବାର ଦେଖାଯାଏ । ସେ ମଧ୍ୟ କେତେକ ଚଉପଦି ରଚନା କରିଥିବାର ଜଣାଯାଏ ।

**୫୫୬-ମଧୁସୂଦନ ବିପ୍ର (କବିଚନ୍ଦ୍ର)** ୧୯ଶ ଶତାବ୍ଦୀ । ସେ 'କୁହୁକଣ୍ଠ' ଚଉତିଶା ରଚନା କରିଥିଲେ ।

ପୁରୀ ଜିଲ୍ଲା ଅନ୍ତର୍ଗତ ସାନପୁଟ ଗ୍ରାମର ମଧୁସୂଦନ ବିପ୍ରଙ୍କ ଦ୍ୱାରା ରଚିତ 'ଫିରିଙ୍ଗି କଳିଭାରତ' ଶୀର୍ଷକ ଖଣ୍ଡିଏ ଐତିହାସିକ କାବ୍ୟ ରଚିତ ହୋଇଥିଲା । ଏହି ପୁସ୍ତକର ରଚନାକାଳ ୧୮୩୪-୩୫ ମସିହା । ଉକ୍ତ ପୁସ୍ତକରେ ଖୋର୍ଦ୍ଧା ଗଜପତି କକୁନ୍ଦଦେବଙ୍କ ସହିତ ଇଂରେଜମାନଙ୍କ ଯୁଦ୍ଧ ବର୍ଣ୍ଣିତ ।

(ପ୍ରା.ଓ.ଲି.ଭା.ଷା. ପୃ-୧୬୯)

**୫୫୭-ମଧୁସୂଦନ ହରିଚନ୍ଦନ ଜଗଦେବ** ୧୮ଶ ଶତାବ୍ଦୀ । ସେ ଗଞ୍ଜାମ ଆଠଗଡ଼ ରାଜ୍ୟର ଅଧିପତି । ସଂସ୍କୃତ 'ବୈଶାଖ ମାହାତ୍ମ୍ୟ' ଗ୍ରନ୍ଥର ସରଳ ଓଡ଼ିଆ ପଦ୍ୟାନୁବାଦ କରିଥିଲେ । ମଧୁସୂଦନ ନୃପଙ୍କ ନାମରେ ଭଣିତା ଥିବା 'ନଳ ଚରିତ' ଗ୍ରନ୍ଥ ମଧ୍ୟ ଏହାଙ୍କ ଦ୍ୱାରା ରଚିତ ହୋଇଥିବାର ମନେହୁଏ । ସେ 'ସଂସ୍କୃତ ଚଣ୍ଡୀ'ର ପଦ୍ୟାନୁବାଦ କରିଥିଲେ ଏବଂ ଏହାର ନାମ 'ଦୁର୍ଗା ରହସ୍ୟ' ।

(ଖୁରୁଧା ଇତିହାସ ପୃ-୨୧୯)

**୫୫୮-ମନୋରମା ଜେମାଦେଈ** : ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ ଉନବିଂଶ ଶତାବ୍ଦୀ, ସେ ମଙ୍ଗଳଗୀତା ରଚନା କରିଥିଲେ ।

(ପ୍ରା.ଓ.ଲି.ଭା.ସା. ପୃ-୮୧)

**୫୫୯-ମରକତମଣି ଜେମାଦେଈ** : ଆନୁମାନିକ ଉନବିଂଶ ଶତାବ୍ଦୀ, ପରିଚୟ ଜଣାଯାଏ ନାହିଁ । ସେ ମଙ୍ଗଳଗୀତ ରଚନା କରିଥିଲେ ।

(ପ୍ରା.ଓ.ଲି.ଭା.ସା. ପୃ-୮୧)

**୫୬୦-ମର୍ଦ୍ଧରାଜ ଜେମାଦେଈ** : ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । ସେ କେତେକ 'ମଙ୍ଗଳ ଗୀତ' ରଚନା କରିଥିଲେ ।

(ପ୍ରା.ଓ.ଲି.ଭା.ସା. ପୃ-୮୧)

**୫୬୧-ମର୍ଦ୍ଧରାଜ ରାଜନ** : ଉନବିଂଶ ଶତାବ୍ଦୀ, ତାଙ୍କ ରଚିତ ଦୁଇଟି କବିତାର ଆଦ୍ୟ ପଂକ୍ତି (୧) 'ସଙ୍ଗାଳି ତୁ ଏ ରୀତି କଲୁ', (୨) 'ଭୂମଣ୍ଡନା କି ବିମନା'

(ରାଜ୍ୟ ସଂଗ୍ରହାଳୟ)

**୫୬୨-ମର୍ଦ୍ଦରାଜ ରାୟସିଂହ :** ଆନୁମାନିକ ୧୮ଶ ଶତାବ୍ଦୀ । 'ମର୍ଦ୍ଦରାଜ' ଭଣିତା ଥାଇ ୬ଟି ଓ ମର୍ଦ୍ଦରାଜ ରାୟସିଂହ ଭଣିତା ଥାଇ ଗୋଟିଏ ଏହିପରି ୭ଟି ଗୀତିକା ଡ଼. ଜାନକୀବଲ୍ଲଭ ମହାନ୍ତି 'ଗୀତିକାବ୍ୟ ସଂକଳନ'ରେ ଉଦ୍ଧାର କରିଛନ୍ତି ।

(ପୃ- ୩୨୪-୩୨୯)

**୫୬୩-ମହାଦେବ ଦାସ** ୧୭ଶ ଶତାବ୍ଦୀର ଶେଷଭାଗ ଓ ୧୮ଶ ଶତାବ୍ଦୀର ପ୍ରଥମ ଭାଗ । ପିତାଙ୍କ ନାମ ଲକ୍ଷ୍ମଣ ଦାସ ଓ ମାତାଙ୍କ ନାମ ମୁକ୍ତା ଦେଈ । କବି ପୁରୀ ବାସୀ ଥିଲେ କିମ୍ବା ଜୀବନର କେତେକ ଅଂଶ ପୁରୀରେ ଅତିବାହିତ କରିଥିବା ଜଣାଯାଏ । କବି ଉତ୍କଳରେ ପୁରାଣକାର ରୂପେ ପ୍ରସିଦ୍ଧ । ସେ 'ମାର୍କେଣ୍ଡ ପୁରାଣ', 'ବିଷ୍ଣୁ କେଶରୀ ପୁରାଣ', 'ମାଘ ମାହାତ୍ମ୍ୟ', 'କାର୍ତ୍ତିକ ମାହାତ୍ମ୍ୟ', 'ବୈଶାଖ ମାହାତ୍ମ୍ୟ', 'ଆଷାଢ଼ ମାହାତ୍ମ୍ୟ', 'ଦ୍ୱାଦଶୀ ମାହାତ୍ମ୍ୟ', 'ନୀଳାଦ୍ରି ମହୋଦୟ' ଇତିହାସ ଶ୍ରୀରାମତୀର୍ଥ ବା ଧର୍ମଗୀତା କାଚବୋଲି ଓ କାଞ୍ଚନବୋଲି ଗ୍ରନ୍ଥ ରଚନା କରିଥିବା ଜଣାଯାଏ ।

(ଖୁରୁଧା ଇତିହାସ ପୃ-୧୫୫)

**୫୬୪-ମହୀଧର ପାଦ :** ଆନୁମାନିକ ୧୧ଶ ଶତାବ୍ଦୀ, ମହୀଧର ପାଦଙ୍କ କବିତାରେ ଓଡ଼ିଆ ସଂଖ୍ୟାବାଚକ ଶବ୍ଦ ତିନିଏ' ବା ତିନିହେଁ, ତିନିଏଁ ରୂପେ ଅସମାପିକା କ୍ରିୟାରେ ଇ ପ୍ରତ୍ୟୟ ୨ୟା ବିଭକ୍ତିରେ ନ୍ତ ପ୍ରତ୍ୟୟ ଏବଂ ବେନି ଏଥୁ ଶବ୍ଦର ବ୍ୟବହାର ଇତ୍ୟାଦି ଓଡ଼ିଆ ଭାଷାରେ ବହୁ ବୈଶିଷ୍ଟ୍ୟ ରହିଥିବାରୁ ଡ଼. କରୁଣାକର କର ମହୀଧର ପାଦଙ୍କୁ ଓଡ଼ିଆ ବୋଲି ଗ୍ରହଣ କରିଛନ୍ତି ।

(ଆଶ୍ଚର୍ଯ୍ୟ ଚର୍ଯ୍ୟାଚୟ)

**୫୬୫-ମହେନ୍ଦ୍ର ସିଂହ ସାମନ୍ତ :** ଖଣ୍ଡପଡ଼ା ରାଜକୁମାର । ୧୮୭୮ରେ ତାହାଙ୍କ ଜନ୍ମ । ୧୯ଶ ଶତାବ୍ଦୀରେ ଶେଷ ଦଶକରେ ସେ ବହୁ ଗୀତି କବିତା ରଚନା କରିଥିଲେ । ତାହାଙ୍କ ରଚିତ ଗୀତିନାଟ୍ୟ 'ବୃନ୍ଦାବନଚନ୍ଦ୍ର ବିନୋଦ'ରେ 'କ' ଠାରୁ 'କ୍ଷ' ପର୍ଯ୍ୟନ୍ତ ଅକ୍ଷର ନିୟମରେ ଲିଖିତ ୩୪ ଗୋଟି ଗୀତ ସନ୍ନିବିଷ୍ଟ ସଙ୍କଳନସ୍ଥ ଚଉପଦୀଟି ଉକ୍ତ ପୁସ୍ତକରୁ ନିର୍ବାଚିତ ।

କେବଳ ମହୀନ୍ଦ୍ର ଭଣିତା ଥିବା କେତେକ ପ୍ରେମକବିତା ଦେଖିବାକୁ ମିଳେ । ତାଙ୍କର ଗୋଟିଏ କବିତାର ଶେଷପଂକ୍ତି ହେଉଛି

"ବଦତି ମହୀନ୍ଦ୍ର ସରି (୨)ସ୍ମରି
ବାହୁ ପାଶେ ବାନ୍ଧ ଚମ୍ପକ ଗୋରି ।"

(D.C.O.M.-Vol VIII P-226)

**୫୬୬-ମହେଶ୍ୱର ଦାସ :** ସପ୍ତଦଶ ଶତାବ୍ଦୀ । ସେ 'ଟୀକାରାମାୟଣ' ରଚନା କରିଥିଲେ । ଏହି ନାମରେ ଭଣିତା ଥିବା ଜ୍ଞାନଗୀତା, 'ଜ୍ଞାନ ଅର୍ଜୁନଗୀତା' ଓ ଜ୍ଞାନ ସମ୍ବାଦଗୀତା' ମଧ୍ୟ ଦେଖିବାକୁ ମିଳେ ।

(ଖୁରୁଧା ଇତିହାସ ପୃ-୧୨୦)

୫୬୭- **ମହେଶ୍ୱର ବିପ୍ର :** ଆନୁମାନିକ ୧୯ଶ ଶତାବ୍ଦୀ । କବି ସମ୍ବଲପୁର ଅଞ୍ଚଳର ହେବା ଅନୁମେୟ । ଏହାଙ୍କ 'ଲକ୍ଷ୍ମୀ ଜଗନ୍ନାଥ ବଚନିକା' ୧୮୯୮ରେ ବାମଣ୍ଡା ଜଗନ୍ନାଥ ବଲ୍ଲଭ ପ୍ରେସରେ ମୁଦ୍ରିତ ହୋଇଥିଲା ।

୫୬୮ - **ମାଗୁଣି ଦାସ :** ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । ସେ କେତେକ ଜଣାଣ ଭଜନ ଲେଖିଥିବାର ଜଣାଯାଏ । ତାଙ୍କର କୃଷ୍ଣ କଥା ସମ୍ବଳିତ ଏକ ଚଉପଦୀର ଆଦ୍ୟ ପଂକ୍ତି ହେଉଛି 'ସଖି ଶିଖୀ ଚୁଳରେ ଆଖି ରହିଲା ଲାଗି' । ସେ 'ଦେଉଳ ତୋଳା' ଶୀର୍ଷକ ଗ୍ରନ୍ଥ ମଧ ପ୍ରଣୟନ କରିଥିଲେ ।

(ପ୍ରା.ଓ .ଲି.ଭା. ପୃ-୭୯)

୫୬୯ - **ମାଗୁଣି ପଟ୍ଟନାୟକ :** ୧୮ଶ ଶତାବ୍ଦୀ । ସେ ପଙ୍ଗାର ସିଂହ ଦୁର୍ଗର କୋଟପଲା ଗ୍ରାମର ଛାମୁକରଣ ରଘୁନାଥ ପଟ୍ଟନାୟକଙ୍କ ପୁତ୍ର । ସେ ରାମଚନ୍ଦ୍ର ବିହାର ନାମକ ଏକ ବିଶାଳ ରାମକାବ୍ୟ ୧୭୭୨ରେ ରଚନା କରିଥିଲେ । ସେ ମଧ 'ଗୋପଚରିତ' ନାମକ ଏକ କୃଷ୍ଣ କାବ୍ୟ ରଚନା କରିଥିଲେ । କବି ମାଗୁଣି ରସଲ୍ଲୋଳ ଅବଲମ୍ବନ 'କ' ଆଦ୍ୟାନୁପ୍ରାସରେ 'ଗୋପ ଚରିତ ଗ୍ରନ୍ଥଟି ରଚିତ ।

(ଖୁରୁଧା ଇତିହାସ ପୃ-୨୧)

୫୭୦ - **ମାଧବ ଦାସ :** ୧୬ଶ ଶତାବ୍ଦୀ । ଚୈତନ୍ୟଙ୍କ ସମସାମୟିକ । ସେ 'ଚୈତନ୍ୟ ବିଳାସ' ନାମକ କାବ୍ୟ ରଚନା କରିଛନ୍ତି । ଏହା ୧୦ଟି ଛାନ୍ଦରେ ବିଭକ୍ତ । ଶ୍ରୀ ସୁରେନ୍ଦ୍ର ମହାନ୍ତି ଓଡ଼ିଆ ସାହିତ୍ୟର ମଧ ପର୍ବରେ 'ଚୈତନ୍ୟ ବିଳାସ' ପ୍ରଣେତାଙ୍କୁ ମାଧବ ପଟ୍ଟନାୟକ ବୋଲି ଲେଖିଛନ୍ତି । କବି 'ମାଧବ' 'ଚୈତନ୍ୟ ବିଳାସ'ର ପ୍ରତ୍ୟେକ ଛାନ୍ଦର ନାମ ଭଣିତାରେ କୌଣସି ଠାରେ 'ମାଧବ ପଟ୍ଟନାୟକ' ବୋଲି ଉଲ୍ଲେଖ କରି ନାହାନ୍ତି ଏବଂ ୨ୟ ଛାନ୍ଦ ଶେଷ ପଦରେ 'ମାଧବ ରଥ' ବୋଲି ଉଲ୍ଲେଖ କରିଥିବା ବିଷୟ ପଣ୍ଡିତ ନୀଳମଣି ମିଶ୍ର ତାଙ୍କର 'ପ୍ରାଚୀନ ଓଡ଼ିଆ ଲିପି ଭାଷା ଓ ସାହିତ୍ୟ' ପୁସ୍ତକ (ପୃ-୧୬୪) ରେ ଦର୍ଶାଇଛନ୍ତି । ଏହି ନାମରେ ଭଣିତା ଥାଇ 'ବଂଧୁ ଚଉତିଶା' ମଧ ଦେଖିବାକୁ ମିଳେ । 'ନୋହୁଁ ମୋର ବାଳ ତରୁଣୀ' ଆଦ୍ୟ ପଂକ୍ତି ଥିବା କବିତାର ଲେଖକ ମଧ ଜଣେ ମାଧବ ଦାସ ।

୫୭୧ - **ମାଧବ ବିପ୍ର :** ଆନୁମାନିକ ଅଷ୍ଟାଦଶ ଶତାବ୍ଦୀର କବି । 'କୃଷ୍ଣଜନ୍ମ ରହସ୍ୟ' ନାମକ କାବ୍ୟ ଲେଖିଥିଲେ । 'ମାଧବ ଭଣିତା' ଥିବା 'ଜନ୍ମାଷ୍ଟମୀ ବ୍ରତ' ନାମକ ରଚନା ମଧ ମିଳେ ।

(ପ୍ରା.ଓ.ଲି.ଭା.ସା.ପୃ-୧୩୩)

୫୭୨ - **ମାଧବୀ ଦାସୀ :** ୧୬ଶ ଶତାବ୍ଦୀ । ଶିଖି ମହାନ୍ତିଙ୍କ ଭଗିନୀ ଓ ଚୈତନ୍ୟଙ୍କ ସମସାମୟିକ 'ବ୍ରଜବୋଲି' ଓ ବଙ୍ଗଳାରେ ବହୁ ପଦ୍ୟ ରଚନା କରିଥିଲେ । ଜଣାଣ ଓ ଭଜନ ରଚନାରେ କେତେଜଣ ନାରୀ କବି ନିଜନିଜ ପ୍ରତିଭାର ପରିଚୟ ଦେଇଛନ୍ତି । ସେମାନଙ୍କ ମଧରେ ମାଧବୀ ଦାସୀଙ୍କ ରଚନା ପ୍ରାଚୀନତମ ବୋଲି ମନେହୁଏ । ତାଙ୍କର ଗୋଟିଏ ଭଜନର ପ୍ରଥମ ଧାଡି ହେଲା, 'ଚକାନୟନ ହେ ଜଗଜୀବନ ଶ୍ରୀହରି ।'

**୫୭୩- ମାନ କେଶରୀ ସାମନ୍ତ :** ଆନୁମାନିକ ୧୯ଶ ଶତାବ୍ଦୀ । କେତେକ ପ୍ରେମଧର୍ମୀ କବିତାର ରଚୟିତା । କବିଙ୍କର ଗୋଟିଏ କବିତାର ପ୍ରଥମ ଧାଡି ହେଲା-'ଧରା ପଡିଲାରେ ବରାରୋହା ତୋ ବେଭାର'।

(ଓ.ରା.ସଂ.)

**୫୭୪- ମାନଗୋବିନ୍ଦ ଓତା :** ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । 'ଅଷ୍ଟକାଳ ପଦ୍ୟାବଳୀ' ଓ 'ମନଶିକ୍ଷା'ର ରଚୟିତା ଭାବେ ପ୍ରସିଦ୍ଧ । ଦ୍ୱିଜ ମାନଗୋବିନ୍ଦ ଦାସ ଭଣିତା ଥିବା 'ଅଷ୍ଟକାଳ ଗୀତ', 'ଅଷ୍ଟକାଳନିର୍ଣ୍ଣୟ', 'ଅଷ୍ଟନାୟିକା' ରଚନାମାନ ମଧ ମିଳେ। ଏ ସବୁର ଭାଷା ବଙ୍ଗଳା ମିଶା ଓଡ଼ିଆ।

(ଓଡ଼ିଆ ଗୀତିକାବ୍ୟ ସଂକଳନ ପୃ-୩୩୪)

**୫୭୫- ମାନ୍‌ଧାତା :** ଆନୁମାନିକ ୧୮ଶ ଶତାବ୍ଦୀ । 'ମାନଧାତା' ଭଣିତା ଯୁକ୍ତ ଗୀତଗୁଡ଼ିକ ସମ୍ଭବତଃ ଯଦୁମଣିଙ୍କ ରଚନା । ନୟାଗଡ଼ ରାଜା ବିନାୟକ ସିଂହ 'ମାନ୍‌ଧାତା'ଙ୍କ ନାମ ଯଦୁମଣିଙ୍କ ଅନ୍ୟାନ୍ୟ ଗୀତରେ ଦେଖିବାକୁ ମିଳେ । ଡ଼. ଜାନକୀବଲ୍ଲଭ ମହାନ୍ତି ତାଙ୍କର ଗୀତିକାବ୍ୟ ସଂକଳନରେ (ପୃ-୩୩୮) ଦୁଇଟି ଗୀତ ଉଦ୍ଧାର କରିଛନ୍ତି ।

**୫୭୬- ମାନସିଂହ ସାମନ୍ତ :** ସମୟ ଉନବିଂଶ ଶତାବ୍ଦୀ ବୋଲି ଅନୁମାନ କରାଯାଏ । କେତେକ ମାନବିକ ପ୍ରେମ ଧର୍ମମୂଳକ କବିତା ରଚନା କରିଛନ୍ତି । ଗୋଟିଏ କବିତାର ଆଦ୍ୟ ପଂକ୍ତି-

ଯଥା- "ଏକାଳେ ଛାଡ଼ି ଅଇଲି ଶିର ଫୁଲ ଛାତିକି"

(ରାଜ୍ୟ ସଂଗ୍ରହାଳୟ)

**୫୭୭- ମାଳୀ ଦାସ :** ଅଷ୍ଟାଦଶ ଶତାବ୍ଦୀ, 'ବ୍ରହ୍ମାଣ୍ଡସାର ଗୀତା' ତାଙ୍କର ରଚନା ।

**୫୭୮- ମାର୍କଣ୍ଡ ଦାସ :** ୧୫ଶ ଶତାବ୍ଦୀ । 'ମହାଭାଷ' ଓ 'କେଶବ କୋଇଲି'ର ରଚୟିତା । 'ମହାଭାଷ' ଦୁଷ୍ପ୍ରାପ୍ୟ, କୋଇଲି କବିତାର ପ୍ରଥମ କବିରୂପେ ମାର୍କଣ୍ଡ ଦାସ ସ୍ମରଣୀୟ । ପୁତ୍ର ବିଚ୍ଛେଦରେ ମାତା ଯଶୋଦାଙ୍କର ମର୍ମବେଦନା ହିଁ କେଶବ କୋଇଲି କବିତାର ଉପଜୀବୀ । ମାତୃ ହୃଦୟର ସ୍ୱାଭାବିକ କୋମଳତା ଅତ୍ୟନ୍ତ ହୃଦୟ ସ୍ପର୍ଶୀ ।

**୫୭୯- ମୁକୁନ୍ଦ :** ଆନୁମାନିକ ୧୮ଶ ଶତାବ୍ଦୀ । 'କରେ କୋଦଣ୍ଡ ଚଉତିଶା'ର ରଚୟିତା ଓ 'ବେତାଳ ପଞ୍ଚ ବିଂଶତି'ର ଅନୁବାଦକ ।

(D.C.O.M.Vol VIII P-227)

**୫୮୦- ମୁକୁନ୍ଦ ଦେବ :** (୧୭୯୮-୧୮୧୭) ସେ 'କୋକିଳ ଚଉତିଶା' ବା ଚଉତିଶା ରଚନା କରିଥିଲେ । ପ୍ରାଚୀ ସଂଗ୍ରହରେ କେତୋଟି ଚଉପଦୀ ସନ୍ନିବିଷ୍ଟ କରାଯାଇଅଛି । ଡ଼. ଜାନକୀବଲ୍ଲଭ ମହାନ୍ତି ତାଙ୍କର 'ଗୀତିକାବ୍ୟ ସଙ୍କଳନ'ରେ ସଖୀ ପ୍ରତି ରାଧା, ସଖୀ ପ୍ରତି କଳହାନ୍ତରିତା ରାଧା ଓ 'ରାଧାପ୍ରତି ସଖୀ' ଗୀତିକା ସଂକଳନସ୍ଥ କରିଛନ୍ତି ।

କବିସୂର୍ଯ୍ୟ ବଳଦେବ ତାଙ୍କର କେତେକ ଗୀତକୁ ଗଜପତି ମୁକୁନ୍ଦ ଦେବଙ୍କ ନାମରେ ଭଣିତା କରିଥିଲେ।

ଗଜପତି ମୁକୁନ୍ଦଦେବ କଟକରେ ଅଟକଥିବା ସମୟରେ ନୀଳାଦ୍ରିବିହାରୀ ଜଗନ୍ନାଥଙ୍କୁ ନିଜ ଦୁଃଖ ଜଣାଇ ଏକ ହୃଦୟସ୍ପର୍ଶୀ ଜଣାଣ ରଚନା କରିଥିଲେ । ପଣ୍ଡିତ ଶ୍ରୀ ସୂର୍ଯ୍ୟନାରାୟଣ ଦାସଙ୍କ ଦ୍ୱାରା ଏହି ଐତିହାସିକ ରଚନା ସଂଗୃହୀତ ହୋଇଅଛି। ଏହାର ପ୍ରଥମ ଧାଡ଼ି

'ଆହେ ନୀଳାଦ୍ରିବିହାରୀ, କଟକେ ଅଟକ ହେବାରୁ ମୋ ଦିନ

ସରୁନାହିଁ ଝୁରି ଝୁରି।"

ଗଜପତି ମୁକୁନ୍ଦଦେବ 'କୃଷ୍ଣାଅଭିଳାଷ' ନାମକ କୃଷ୍ଣ କାବ୍ୟ ରଚନା କରିଥିବାର ଜଣାଯାଏ।

(ପ୍ରା.ଓ.ଲି.ଭା.ସା-ପୃ୫୯)

**୫୮୧-ମୁକୁନ୍ଦ ପଟ୍ଟନାୟକ :** ଆନୁମାନିକ ଉନବିଂଶ ଶତାବ୍ଦୀ । ସେ "ରାମାଶ୍ୱାମେଧ ଯଜ୍ଞ" ରଚନା କରିଥିଲେ।

(ପ୍ରା.ଓ.ଲି.ଭା.ସା ପୃ-୧୨୫)

**୫୮୨-ମୁରାରି ଦାସ :** ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । 'ସଖି ଗୋ ନୀଳକନ୍ଦରେ ବିଜେ' ତାଙ୍କ ରଚିତ କବିତାର ପ୍ରଥମ ପଂକ୍ତି।

(ଶ୍ରୀଜଗନ୍ନାଥ ଲୀଳାମୃତ ପୃ-୮୬)

**୫୮୩-ମୃତ୍ୟୁଞ୍ଜୟ :** ଆନୁମାନିକ ୧୮ଶ ଶତାବ୍ଦୀର କବି। କେତେକ କ୍ଷୁଦ୍ର କବିତାର ରଚୟିତା ।

(D.C.O.M.Vol. VIII P-220)

**୫୮୪-ମୋହନ ଗୋସ୍ୱାମୀ :** ବିଂଶ ଶତାବ୍ଦୀ । ପ୍ରେମ ସମ୍ବଳିତ କବିତା ରଚନା କରିଛନ୍ତି। ଆଦ୍ୟ ପଂକ୍ତି-

୧-କହିବୁଲୋ ସହୀ, ମୋ ପ୍ରାଣନାଥଙ୍କୁ

୨-ଘନ ବରନ ମଦନ ମୋହନଙ୍କୁ

**୫୮୫-ମୋହନ ଦାସ :** ଆନୁମାନିକ ୧୯ଶ ଶତାବ୍ଦୀ । ଚୈତନ୍ୟ ଗୀତାର ରଚୟିତା ।

**୫୮୬-ଯଦୁ ଦାସ (ଶିଶୁ) :** ଆନୁମାନିକ ୧୮ଶ ଶତାବ୍ଦୀ । ସେ 'ହଂସଦୂତ ଚଉତିଶା' ରଚନା କରିଥିଲେ।

(ଚଉତିଶା ସଂଚୟନ ୧ମ ଭାଗ ପୃ-୧୯୬)

**୫୮୭- ଯଦୁନନ୍ଦନ ଦାସ** : ସମୟ ଆନୁମାନିକ ୧୮ଶ ଶତାବ୍ଦୀ । 'ଗୋବିନ୍ଦ ଲୀଳାମୃତ'ର ଓଡ଼ିଆ ଟୀକା ରଚନା କରିଥିଲେ।

(D.C.O.M.Vol. VIII P-183)

**୫୮୮- ଯଦୁପତି ଦାସ** : ସପ୍ତଦଶ ଶତାବ୍ଦୀର କବି। 'ଗୁଣ୍ଡିଚା ସଢ଼ ତାଙ୍କର ପ୍ରସିଦ୍ଧ ରଚନା।

(ଶ୍ରୀଜଗନ୍ନାଥ ଲୀଳାମୃତ ପୃ-୫୯)

**୫୮୯- ଯଦୁମଣି** : ଆନୁମାନିକ ୧୮ ଶ ଶତାବ୍ଦୀ । ସେ 'କେରଳ ଦଶାରୋପଣ'ର ଅନୁବାଦ କରିଥିଲେ।

(ପ୍ରା.ଓ.ଲି.ଭା.ସା. ପୃ-୨୦୧)

**୫୯୦- ଯଦୁମଣି ତୁଙ୍ଗ** : ତିଗିରିଆ ରାଜା। ଆନୁମାନିକ ୧୮ଶ ଶତାବ୍ଦୀ । ସେ ମଙ୍ଗଳ ଗୀତ ରଚନା କରିଥିଲେ।

(ପ୍ରା.ଓ.ଲି.ଭା.ସା. ପୃ-୮୧)

**୫୯୧- ଯଦୁମଣି ପ୍ରହରାଜ** : ଆନୁମାନିକ ୧୮ଶ ଶତାବ୍ଦୀ । ସେ କେତେକ ଜଣାଣ ଭଜନ ଲେଖିଥିବାର ଜଣାଯାଏ।

(ପ୍ରା.ଓ.ଲି.ଭା.ସା. ପୃ-୭୯)

**୫୯୨- ଯଦୁମଣି ମହାପାତ୍ର** : (୧୭୮୧-୧୮୬୬) । କବି ଯଦୁମଣି ଗଞ୍ଜାମ ଜିଲ୍ଲାର ଆଠଗଡ଼ରେ ଜନ୍ମଗ୍ରହଣ କରିଥିଲେ ଓ ପରେ ଇଟାମାଟି ଗ୍ରାମରେ ବସବାସ କରୁଥିଲେ। ଜାତିରେ ବଢ଼େଇ ଥିଲେ। ସେ ନିଜର ବିଚକ୍ଷଣତା ଓ ତୀକ୍ଷଣ୍ କବି ବୁଦ୍ଧି ବଳରେ 'ଯଦୁମଣି ରହସ୍ୟ' ନାମରେ ହାସ୍ୟରସ ପୂର୍ଣ୍ଣ ପୁସ୍ତକ ରଚନା କରିଥିବାର ଜଣାଯାଏ । ରୀତି ଯୁଗର ଭଞ୍ଜ ଅଭିମନ୍ୟୁ ସେବିତ ଆଳଂକାରିକ ଅର୍ଥପୂର୍ଣ୍ଣ କଳ୍ପନା ବିଳାସ ଶବ୍ଦାଡମ୍ବରମୟ କାବ୍ୟ ରଚନାର ଆଦର୍ଶରେ ଆପଣାର ଲେଖିନୀକୁ ସଂଜୀବିତ କରି ସେ ଦୁଇଖଣ୍ଡ ଅମ୍ଳାନ କାବ୍ୟ କୃତି ଯଥା :ରାଘବ ବିଳାସ ଓ 'ପ୍ରବନ୍ଧ ପୂର୍ଣ୍ଣଚନ୍ଦ୍ର' ରଚନା କରିଥିଲେ।

**୫୯୩- ଯଦୁମଣି ରାଉତରାୟ (ରାଜକବି)** : ଆନୁମାନିକ ୧୬୬୨-୧୬୮୭ ଗଞ୍ଜାମ ଜିଲ୍ଲା ଚିକିଟି ରାଜବଂଶର ଜଣେ ପ୍ରାଚୀନ ନରପତି। ରାଜକବି ଯଦୁମଣି ଓଡ଼ିଆ ଭାଷାରେ ଅଳଙ୍କାର ଶାସ୍ତ୍ରର ଏକାନ୍ତ ଅଭାବ ଲକ୍ଷ୍ୟ କରି ସ୍ୱଦେଶ ଭାଷାରେ 'କବି କଳ୍ପଦ୍ରୁମ' ରଚନା କରିଥିଲେ। ଯଦୁମଣି ମୁଖ୍ୟତଃ 'ସାହିତ୍ୟ ଦର୍ପଣ' ଅବଲମ୍ବନରେ ଉକ୍ତ ଗ୍ରନ୍ଥ ପ୍ରଣୟନ କରିଥିଲେ ମଧ ବାମନ ପ୍ରମୁଖ ଅନ୍ୟାନ୍ୟ ପ୍ରସିଦ୍ଧ ଆଳଙ୍କାରିକ ମାନଙ୍କ ମତ ମଧ ଉଲ୍ଲେଖ କରିଛନ୍ତି। ଗ୍ରନ୍ଥଟି ଆଠଟି ପ୍ରକାଣ୍ଡ ବା ଭାଗରେ ବିଭକ୍ତ।

(ଖୁରୁଧା ଇତିହାସ ପୃ-୧୬୦)

**୫୯୪- ଯଶୋବନ୍ତ ଦାସ** : ୧୬ଶ ଶତାବ୍ଦୀ । 'ପଞ୍ଚସଖା' ଯୁଗର ବିଶିଷ୍ଟ କବି। କଟକ ଜିଲ୍ଲା ଅନ୍ତର୍ଗତ ଅଡଙ୍ଗଗଡ଼ ତାଙ୍କର ଜନ୍ମସ୍ଥାନ। ପିତା ବଳଭଦ୍ର ମଲ୍ଲ ଓ ମାତା ରେଖା ଦେବୀ ।

କବି ତାଙ୍କର ଅଲୌକିକ ଆଜ୍ଞା ପାଇଁ ପ୍ରସିଦ୍ଧ । 'ଯଶୋବନ୍ତ ସୁତ' ଓ 'ସୁଦର୍ଶନ ଦାସ' ସନ୍ଥ ଯଶୋବନ୍ତଙ୍କର ଚଉରାଶୀ ଆଜ୍ଞାକୁ ଲିପିବଦ୍ଧ କରିଛନ୍ତି । ସୁଦର୍ଶନ ଦାସଙ୍କ ଅନୁଯାୟୀ ଯଶୋବନ୍ତ ଦାସ ଅନ୍ୟାନ୍ୟ ଚାରି ସଖାଙ୍କ ସହ ପୁରୀକୁ ଯାଇ ଶ୍ରୀଚୈତନ୍ୟ ଓ ପ୍ରତାପରୁଦ୍ରଙ୍କ ସମ୍ମୁଖରେ ଏକ ପରୀକ୍ଷାର ସମ୍ମୁଖୀନ ହୋଇ ନିଜର ଅଲୌକିକ ଶକ୍ତିଦ୍ୱାରା ସମସ୍ତଙ୍କୁ ଚମତ୍କୃତ କରିଥିଲେ । ଈଶ୍ୱର ଦାସଙ୍କ ('ଚୈତନ୍ୟ ଭାଗବତ') ଅନୁଯାୟୀ ସେ ଥିଲେ । ଶ୍ରୀଚୈତନ୍ୟଙ୍କର ଅନୁଗତ ଭକ୍ତ ।

ଯଶୋବନ୍ତ ଦାସଙ୍କ ଅମର କୃତି ହେଉଛି 'ଗୋବିନ୍ଦଚନ୍ଦ୍ର' । ଏହା ବ୍ୟତୀତ ସେ 'ଶିବ ସରୋଦୟ', 'ପ୍ରେମଭକ୍ତି', 'ବ୍ରହ୍ମଗୀତା', 'ଷଷ୍ଠୀଓଷା ଆତ୍ମ ପରଚେ ଗୀତା', 'ବଣ ଭୋଜି', 'ଦିବ୍ୟ  ଦେହ ବୋଲି', 'ଯନ୍ତ୍ର ବୋଲି' ଓ 'ମାଳିକା' ପ୍ରଭୃତିର ରଚୟିତା ରୂପେ ପ୍ରସିଦ୍ଧ । ସେ ବହୁ କ୍ଷୁଦ୍ର କବିତା ଓ ସାକ୍ଷୀ ରଚନା କରିଛନ୍ତି ।

**୫୯୫-ଯୁଧିଷ୍ଠିର ଦାସ** : ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । ସେ 'ଗୁଣ୍ଡିଚାଯାତ୍ରା' କାବ୍ୟ ରଚନା କରିଥିଲେ ।

(ପ୍ରା.ଓ.ଲି.ଭା.ସା. ପୃ-୧୫୯)

**୫୯୬-ଯୁଧିଷ୍ଠିର (ଦ୍ୱିଜ)** : ଆନୁମାନିକ ୧୯ଶ ଶତାବ୍ଦୀ । କେତେକ ଲୌକିକ ପ୍ରେମଧର୍ମୀ କବିତାର ରଚକ । ଗୋଟିଏ କବିତାର ଆଦ୍ୟପଂକ୍ତି-

ରସବତି କି ଗଜପତିକି

ଦେଖିଲେ କା ଦେହ ସହିବରେ ।

(ରାଜ୍ୟ ସଂଗ୍ରହାଳୟ)

**୫୯୭-ରଙ୍କା** : ଆନୁମାନିକ ଷୋଡ଼ଶ ଶତାବ୍ଦୀ । କେତେକ 'ଚଉତିଶା'ର ରଚୟିତା ।

(ଉ.ବି.)

**୫୯୮-ରଙ୍ଗନାଥ** : ଆନୁମାନିକ ୧୯ଶ ଶତାବ୍ଦୀ । କେତେକ ଗୀତିକବିତାର ରଚୟିତା । ଗୋଟିଏ କବିତାର ଆଦ୍ୟ ପଂକ୍ତି- 'ସଜନୀ ତାକୁ ଯା ଯା ବୋଲି କହଗୋ/ନୂତନ ପ୍ରୀତି ଯାରେ କରିଅଛି ତା ପାଶେ ।'

(ଓ .ରା.ସଂ)

**୫୯୯-ରଘୁ ଅରକ୍ଷିତ** : ୧୬ଶ ଶତାବ୍ଦୀ । ମାଦଳା ପାଞ୍ଜି ଓ ଦାଡ୍ୟତା ଭକ୍ତିରେ ପ୍ରତାପରୁଦ୍ର ଦେବଙ୍କ ସମୟରେ ଯେଉଁ ରଘୁ ଅରକ୍ଷିତଙ୍କ ଚରିତ ବର୍ଣ୍ଣିତ ହୋଇଛି ଏହି କବ ସେହି ହୋଇଥିବା ସମ୍ଭବ । କବିଙ୍କର ଏକ ଚଉତିଶାର ଭଣିତିରେ 'ଅରକ୍ଷିତ ରଘୁ ଚୈତନ୍ୟଙ୍କ ସମସାମୟିକ ଥିବା ଅନୁମାନ କରାଯାଇପାରେ । ବଳରାମ ଦାସ ଓ କାହ୍ନୁ ଦାସ (ସମ୍ଭବତଃ କହ୍ନାଇ ଖୁଣ୍ଟିଆ)ଙ୍କ ସହ ମିଶି ରଘୁ ଅରକ୍ଷିତ 'ଜ୍ଞାନଉଦେ ଚଉତିଶା' ଲେଖିଥିବା କଥା ଶ୍ରୀ ସଚ୍ଚିଦାନନ୍ଦ ମିଶ୍ର 'ଚଉତିଶା ବିଚିତ୍ର' । (ପୃ-୧)ରେ ଉଲ୍ଲେଖ କରିଛନ୍ତି ।

ଅରକ୍ଷିତ ରଘୁ ଭଣିତା ଥାଇ କେତେକ 'ମଙ୍ଗଳଗୀତ' ମଧ୍ୟ ଦେଖିବାକୁ ମିଳେ।

'ପ୍ରାଚୀନ କାବ୍ୟଧାରା'ରେ (ସଂ-ଡ଼. କୃଷ୍ଣଚରଣ ସାହୁ) ରଘୁ ଅରକ୍ଷିତଙ୍କର 'ଗୋଚରଗୀତା' ଓ ସଗୁଣ ଭାବାଶ୍ରିତ କ୍ଷୁଦ୍ର କବିତା ପ୍ରକାଶିତ ହୋଇଛି ।

'ଅବକାଶ ଭଜନ'ରେ ରଘୁ ଅରକ୍ଷିତ ଓ ରସାନନ୍ଦ ନବଘନ ଚାନ୍ଦଙ୍କ ନାମ ଏକତ୍ର ଦେଖିବାକୁ ମିଳେ।

୬୦୦- **ରଘୁନାଥ ଜଗଦେବ :** ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । ଡ଼. ଜାନକୀବଲ୍ଲଭ ମହାନ୍ତି କବିଙ୍କର ଦୁଇଟି ଗୀତିକା 'ଓଡ଼ିଆ ଗୀତି କାବ୍ୟ ସଂକଳନ'ରେ ଉଦ୍ଧାର କରିଛନ୍ତି ।

(ପୃ-୩୩୯)

୬୦୧- **ରଘୁନାଥ ନରପତି :** ଊନବିଂଶ ଶତାବ୍ଦୀର ବ୍ୟକ୍ତି । ସେ କେତେକ ପ୍ରେମଧର୍ମୀ କବିତାର ରଚନା କରିଥିଲେ। ତାଙ୍କର ରଚିତ ଦୁଇଟି କବିତା ହେଉଛି-

୧-ବିରସ ନୁହଁରେ ରସନିଧି

୨-ଆରେ ଚାରୁ ଚାମୀକର ଗୋରୀ

(ରାଜ୍ୟ ସଂଗ୍ରହାଳୟ)

୬୦୨- **ରଘୁନାଥ ଦ୍ୱିଜ :** ଆନୁମାନିକ ୧୮ଶ ଶତାବ୍ଦୀର କବି। ସେ କେତେକ ଚଉପଦୀ ରଚନା କରିଥିଲେ।

(ପ୍ରା.ଓ.ଲି.ଭା.ସା. ପୃ-୬୩)

୬୦୩- **ରଘୁନାଥ ପରିଛା (କବିଚନ୍ଦ୍ର) :** ୧୮ଶ ଶତାବ୍ଦୀର ଶେଷଭାଗ ଓ ୧୯ଶ ଶତାବ୍ଦୀର ମଧ୍ୟଭାଗ। କବି ଗୌରହରି ତଥା ଗୋପାଳକୃଷ୍ଣ (୧୭୮୫- ୧୮୬୨)ଙ୍କ ସମସାମୟିକ ଓଡ଼ିଶୀ ସଙ୍ଗୀତ ରଚନାରେ ଜଣେ ପ୍ରବୀଣ କବି ରୂପେ ତତ୍‌କାଳୀନ ସଙ୍ଗୀତଜ୍ଞମାନଙ୍କ ମଧ୍ୟରେ ସୁପରିଚିତ। ତାଙ୍କ କୃତ ଗୋପୀନାଥବଲ୍ଲଭ ନାଟକ, ସଙ୍ଗୀତ କୃଷ୍ଣଲୀଳା, ରାଧାମାଧବ ବିଳାସ ଓ ରାଧାକୃଷ୍ଣ ପରିହାସ ଚିନ୍ତାମଣି ଆଦି ପଦ୍ୟାତ୍ମକ ଦୃଶ୍ୟକାବ୍ୟ ଦକ୍ଷିଣ ଓଡ଼ିଶାରେ ସର୍ବତ୍ର ପ୍ରସିଦ୍ଧ।

(ପ୍ରା.ଓ.ଲି.ଭା.ସା. ପୃ-୧୫୦)

୬୦୪- **ରଘୁନାଥପୁର ନୃପ ଜେମା :** ଆନୁମାନିକ ୧୮ଶ ଶତାବ୍ଦୀର ଶେଷଭାଗ। ଗଞ୍ଜାମ ଜିଲ୍ଲା ବୀର ରଘୁନାଥପୁର ଶାସନର ଅଧିବାସିନୀ । କେତେକ କ୍ଷୁଦ୍ର କବିତାର ରଚୟିତା । ଏହି ଭଣିତା ଥିବା କେତେକ କବିତା ରାଜ୍ୟ ସଂଗ୍ରହାଳୟରେ ସଂଗୃହୀତ ହୋଇ ସୁରକ୍ଷିତ ଅଛି।

**୬୦୫- ରଘୁନାଥ ରାଜଗୁରୁ ମହାପାତ୍ର :** ୧୯ଶ ଶତାବ୍ଦୀର ଶେଷାର୍ଦ୍ଧ। (ଗଞ୍ଜାମ) ଆଠଗଡର ତତ୍‌କାଳୀନ ରାଜା ନାରାୟଣ ମର୍ଦ୍ଦରାଜାଙ୍କ ସଭାପଣ୍ଡିତ ଓ 'ଚୌପଦୀ କଳାନିଧି' ପ୍ରଣେତା।

(ଓଡ଼ିଆ ଗୀତିକାବ୍ୟ ସଂକଳନ ପୃ-୩୪୧)

**୬୦୬- ରଘୁନାଥ ରାଜ ହରିଚନ୍ଦନ :** ୧୭ଶ ଶତାବ୍ଦୀର ମଧ୍ୟଭାଗ। ବାଣପୁରର ରାଜା। ୧୬୫୫ରେ ସେ ରାଜା ପଦରେ ଅଭିଷିକ୍ତ ହୋଇଥିଲେ। ଚନ୍ଦ୍ରମୁଖୀ ଚଉତିଶା, କଳକଣ୍ଠ ଚଉତିଶା ଓ ଲୀଳାବତୀ କାବ୍ୟର ରଚୟିତା। ସେ କେତେକ ଚଉପଦୀ ମଧ୍ୟ ରଚନା କରିଥିଲେ।

(ପ୍ରା.ଓ.ଲି.ଭା.ସା.ପୃ-୬୩)

**୬୦୭- ରଘୁନାଥ ରାୟଗୁରୁ :** ୧୯ଶ ଶତାବ୍ଦୀର କବି। ଚିକିଟି ରାଜା ବିଶ୍ୱମ୍ଭର ରାଜେନ୍ଦ୍ରଙ୍କ ନାମରେ ଭଣିତା ହୋଇଥିବା 'ରଘୁନାଥ ବିଳାସ' ଓ ତାଙ୍କ ପୁତ୍ର ରଘୁନାଥ ରାୟଗୁରୁଙ୍କ ନାମରେ ଭଣିତା ହୋଇଥିବା 'ରାଧା ପ୍ରେମଲୀଳା ନାଟକ' ରଘୁନାଥ ରାୟଗୁରୁ ରଚନା କରିଥିବା କେତେକ ଆଲୋଚନାରୁ ଜଣାଯାଏ।

'ରଘୁନାଥ ବିଳାସ' ଗ୍ରନ୍ଥଟି ବିଶ୍ୱନାଥ ଖୁଣ୍ଟିଆ, କେଶବ ପଟ୍ଟନାୟକ, ଅନଙ୍ଗ ନରେନ୍ଦ୍ର, ବିକ୍ରମ ନରେନ୍ଦ୍ର ଆଦି କବିଙ୍କ 'ରାମଲୀଳା' ପରି ଲୀଳା ଢଙ୍ଗରେ ରଚିତ। ଗ୍ରନ୍ଥଟିରେ ଅଧ୍ୟାୟ ବିଭାଜନ କରାଯାଇ ନାହିଁ। ଛୋଟ ଛୋଟ ଗୀତି ଦ୍ୱାରା ସମଗ୍ର ରାମାୟଣର ବିଷୟବସ୍ତୁ ରଚିତ ହୋଇଅଛି। କେତେକ ସ୍ଥାନରେ ଏହାର ନାମ 'ଛାନ୍ଦ ରାମାୟଣ' ଲେଖାଯାଇଛି।

**୬୦୮- ରଘୁନାଥ ସିଂହ :** ଆନୁମାନିକ ଉନବିଂଶ ଶତାବ୍ଦୀ । ସେ 'ରାମଲୀଳା' ରଚନା କରିଥିଲେ।

(ପ୍ରା.ଓ.ଲି.ଭା.ସା. ପୃ-୧୨୫)

**୬୦୯- ରଥୀ ଦାସ :** ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । 'ଅଳଙ୍କାର ବୋଲିର' ରଚୟିତା ।

(କୃ.ଚ.ସା)

**୬୧୦- ରନ୍ ପଟ୍ଟନାୟକ** ୧୯ଶ ଶତାବ୍ଦୀର ମଧ୍ୟଭାଗ। ଚିକିଟି ରାଜବଂଶର ଆଶ୍ରୟ ଲାଭକରି ରାଜା ବିଶ୍ୱମ୍ଭରଙ୍କୁ ଗ୍ରନ୍ଥ ରଚନାରେ ସାହାଯ୍ୟ କରିବା ସଙ୍ଗେ ସଙ୍ଗେ ନିଜେ ମଧ୍ୟ କବିତା ରଚନାରେ ପ୍ରବୃତ୍ତ ହୋଇଥିଲେ। ତାଙ୍କ ରଚିତ 'କ' ଠାରୁ 'କ୍ଷ' ପର୍ଯ୍ୟନ୍ତ ଅକ୍ଷର ନିୟମରେ ରଚିତ ଗୋଟିଏ ଭଜନରେ ସେ ବିଶ୍ୱମ୍ଭର ରାଜେନ୍ଦ୍ରଙ୍କୁ ପ୍ରଶଂସା କରିଥିବା ବିଷୟ ପଣ୍ଡିତ ନୀଳମଣି ମିଶ୍ର ତାଙ୍କର 'ଓଡ଼ିଆ କବି ଓ କାବ୍ୟ ପୁସ୍ତକ (ପୃ-୧୪୭-୧୪୮)ରେ ଉଲ୍ଲେଖ କରିଛନ୍ତି। ସେ ଚଉପଦୀ ଲେଖିଥିବା ଜଣାଯାଏ।

**୬୧୧- ରନ୍ ସୁତ :** ସେ ୧୯ଶ ଶତାବ୍ଦୀର କବି ହେବା ଅନୁମେୟ। 'ସଙ୍ଗୀତ ସାଗର'ରେ ଏହାଙ୍କର ଗୀତ ପରିଦୃଷ୍ଟ ହୁଏ। ଏହାଙ୍କର କେତେ କ ଚଉପଦୀ ପ୍ରାଚୀ ସମିତି ଦ୍ୱାରା ପ୍ରକାଶିତ।

**୬୧୨-ରତ୍ନମାଳୀ ଜେମାଦେଈ** : ଆନୁମାନିକ ଊନବିଂଶ ଶତାବ୍ଦୀ । ସେ କେତେକ 'ମଙ୍ଗଳଗୀତ' ରଚନା କରିଥିଲେ।

(ଓ.ଲି.ଭା.ସା. ପୃ-୮୧)

**୬୧୩-ରତ୍ନାକର ଦାସ ବା ରତ୍ନଦାସ** : ସମୟ ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । ପିତାଙ୍କ ନାମ ଶ୍ୟାମସୁନ୍ଦର। କବି ରତ୍ନାକର ଦାସ ସମ୍ବଲପୁର ପାଟଣା ସୋନପୁର ଅଞ୍ଚଳର ଅଧିବାସୀ। ସେ ଜାତିରେ ଲୁଗା ବୁଣାଳୀ ଭୁଲିଆ। କବି ସାରସ୍ୱତ ଗୀତାର ପ୍ରଣେତା ରୂପେ ପ୍ରଖ୍ୟାତ। ଏଥିରେ ସେ ଯୋଗଶାସ୍ତ୍ର ଓ ଧର୍ମତତ୍ତ୍ୱ ସମ୍ବନ୍ଧୀୟ ନିଗୂଢ଼ ବିଷୟ ଅତି ସରଳ ନବାକ୍ଷରୀ ବୃତ୍ତରେ ବୁଝାଇ ଅଛନ୍ତି। ଓଡ଼ିଆ ସାହିତ୍ୟରେ ବହୁ କୃଷ୍ଣ ଦାସଙ୍କ ମଧ୍ୟରୁ ଜଣେ କୃଷ୍ଣ ଦାସ ଏହାଙ୍କର ଶିଷ୍ୟ ଥିବାର ଜଣାଯାଏ।

(ଖୁରୁଧା ଇତିହାସ ପୃ- )

**୬୧୪-ରସ ବଲି** : ଆନୁମାନିକ ୧୯ଶ ଶତାବ୍ଦୀ । କେତେକ ପ୍ରେମଧର୍ମୀ କବିତାର ରଚୟିତା । କବିଙ୍କର ଗୋଟିଏ କବିତାର ଆଦ୍ୟ ପଂକ୍ତି 'ଲମ୍ପଟ ପୁରୁଷ ତୁମ୍ଭେ ଅଟ ବଡ଼ ଦଗାଦାର....କହେ ରସବଲି ଗୀର'।

(ଓ.ରା.ସଂ.)

**୬୧୫-ରସମୟୀ ଦାସ** : ଆନୁମାନିକ ୧୮ଶ ଶତାବ୍ଦୀ । 'ଚାରି ଲହରୀ'ର ରଚୟିତା ।

(D.C.O.M.Vol.VIII P-334)

**୬୧୬-ରସାନନ୍ଦ** : ଆନୁମାନିକ ୧୮ଶ ଶତାବ୍ଦୀ । ସେ 'ଦୂତୀ ଚଉତିଶା' ରଚନା କରିଥିଲେ।

(ପ୍ରା.ଓ.ଲି.ଭା.ସା. ପୃ-୫୬)

**୬୧୭-ରସାନନ୍ଦ ଚାନ୍ଦ** : ଆନୁମାନିକ ୧୯ଶ ଶତାବ୍ଦୀ । କେତେକ ଭଜନର ରଚୟିତା । ଗୋଟିଏ ଭଜନ'ର ଆଦ୍ୟ ପଂକ୍ତି- 'କଳା ବଦନ ଦେଖିବାକୁ ଶୋଭାବନ' ।

(ଓ.ରା.ସଂ)

**୬୧୮-ରସାନନ୍ଦ ଦାସ** : ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । କୃପାସିନ୍ଧୁ ଜଣାଣରେ ରସାନନ୍ଦ ଦାସଙ୍କ ନାମ ଭଣିତାରେ ଦେଖିବାକୁ ମିଳେ।

(ପ୍ରା.ଓ.ଲି.ଭା.ସା. ପୃ-୭୯)

**୬୧୯-ରସାନନ୍ଦ ନବଘନ ଚାନ୍ଦ** : ସପ୍ତଦଶ ଶତାବ୍ଦୀ । 'ବୈଷ୍ଣବ ପଦାବଳୀ' ରଚୟିତା ଭାବେ ପ୍ରସିଦ୍ଧ। ତାଙ୍କ ରଚିତ କବିତାଗୁଡିକ ଅତ୍ୟନ୍ତ ଭାବପୂର୍ଣ୍ଣ।

(କୃ.ଚ.ସା.)

**୬୨୦-ରାଜକିଶୋର :** ଆନୁମାନିକ ସମୟ ଉନବିଂଶ ଶତାବ୍ଦୀ । ତାଙ୍କ ରଚିତ ଗୋଟିଏ କବିତାର ଆଦ୍ୟ ପଂକ୍ତି ହେଉଛି ।

"ଶ୍ୟାମ ଲାଗି କି ବୁଦ୍ଧି କରିବି ଗୋ କହ ସଖୀ ।"

(ରାଜ୍ୟ ସଂଗ୍ରହାଳୟ)

**୬୨୧-ରାଜଗୁରୁ ଦ୍ୱିଜ :** ସମ୍ଭବତଃ ଉନବିଂଶ ଶତାବ୍ଦୀର କବି । ଲୌକିକ ପ୍ରେମଧର୍ମୀ କବିତା ଲେଖିଥିବା ତାଙ୍କର କେତେକ ଭଣିତାରୁ ଜଣାଯାଏ । ଗୋଟିଏ କବିତାର ଆଦ୍ୟ ପଂକ୍ତି ହେଉଛି, "ପୀରତି ଲଗାଇ ବନ୍ଧୁ ଦୂରଦେଶେ ତୁ ନଯାରେ ।"

(ରାଜ୍ୟ ସଂଗ୍ରହାଳୟ)

**୬୨୨-ରାଜମଣି ଜେମାଦେଈ :** ଆନୁମାନିକ ବିଂଶ ଶତାବ୍ଦୀ । ସେ 'ମଙ୍ଗଳ ଗୀତ' ରଚନା କରିଥିଲେ ।

(ଓ.ଲି.ଭା.ସା. ପୃ-୮୧)

**୬୨୩-ରାଜସିଂହ ମର୍ଦ୍ଦରାଜ :** ଆନୁମାନିକ ଉନବିଂଶ ଶତାବ୍ଦୀ । ସେ 'ରାଧାଷ୍ଟମୀ ବ୍ରତ ଗୀତ' ରଚନା କରିଥିଲେ ।

(ଉତ୍କଳ ବିଶ୍ୱବିଦ୍ୟାଳୟ)

**୬୨୪-ରାଜେନ୍ଦ୍ର ବର :** ଆନୁମାନିକ ଉନବିଂଶ ଶତାବ୍ଦୀ । ଏହାଙ୍କ 'ନାୟକର ବିରହାନୁଚିନ୍ତା' ଚଉପଦୀର 'ପ୍ରାଣବନ୍ଧୁ ଦୂରେ ମୋ ରହିଲା' ଶୀର୍ଷକ କବିତା ସଂଗୃହୀତ ହୋଇଛି ଓଡ଼ିଆ ଗୀତିକାବ୍ୟ ସଂକଳନରେ । ତାଙ୍କର ଅନ୍ୟ ଗୋଟିଏ କବିତାର ଶୀର୍ଷକ ହେଉଛି, ଧନ ଘନକେଶୀ ମାନେ/ଯାଅ ଯାଅ ଘେନି ମୋର ବାଣୀରେ ।

(ରାଜ୍ୟ ସଂଗ୍ରହାଳୟ)

**୬୨୫-ରାଧାକୃଷ୍ଣ (କବି) :** ଉନବିଂଶ ଶତାବ୍ଦୀ । କବି ସାଧାରଣ ପ୍ରେମଧର୍ମୀ ଓ ରାଧାକୃଷ୍ଣ ପ୍ରେମଧର୍ମୀ ଚଉପଦୀମାନ ରଚନା କରିଛନ୍ତି । ସଂପ୍ରାପ୍ତ ଏକ କବିତାର ଆଦ୍ୟ ପଂକ୍ତି, 'ଦେଖିଲାରୁ ଧନ ଦ୍ରବିଲା ମୋ ମନ ।'

(ରାଜ୍ୟ ସଂଗ୍ରହାଳୟ)

**୬୨୬-ରାଧାଚରଣନାୟକ :** ଆନୁମାନିକ ଉନବିଂଶ ଶତାବ୍ଦୀ । ସେ ରସରାମାୟଣ ରଚନା କରିଥିଲେ ।

**୬୨୭-ରାଧିକାମଣି :** ଉନବିଂଶ ଶତାବ୍ଦୀ । ଏହାଙ୍କ 'ବସନ୍ତ କାଳରେ ସଖୀ ପ୍ରତି ରାଧା ଚଉପଦୀ' ରଚନା କରିଥିଲେ । ପ୍ରଥମ ଧାଡ଼ି ହେଲା-ମଧୁକାଳ ହୋଇଲା ସଜନୀ ଦିଶେ ସୁନ୍ଦର ଦିବା ରଜନୀ ।

(ରା.ସଂ.)

୬୨୮- ରାମ : ସମ୍ଭବତଃ ଅଷ୍ଟାଦଶ ଶତାବ୍ଦୀ । 'ବୈଶାଖ ମହାତ୍ମ୍ୟ'ର ରଚୟିତା ।

(ରାଜ୍ୟ ସଂଗ୍ରହାଳୟ)

୬୨୯- ରାମକୃଷ୍ଣ : ଆନୁମାନିକ ୧୮ଶ ଶତାବ୍ଦୀ । ସେ 'ପଚିଶ ପଦିଆ' ଓ 'ଯଶୋଦା କୋଇଲି' ରଚନା କରିଥିଲେ।

(ପ୍ରା.ଓ.ଲି.ଭା.ସା. ପୃ-୭୫)

୬୩୦- ରାମକୃଷ୍ଣ (କବିଚନ୍ଦ୍ର) : ୧୮ଶ ଶତାବ୍ଦୀ । ପ୍ରାଚୀନ ଚଉପଦୀ ରଚୟିତାମାନଙ୍କ ମଧ୍ୟରୁ ରାମକୃଷ୍ଣ ସୁବିଖ୍ୟାତ । ଗୀତିକବି ଭାବେ ତାହାଙ୍କ ଆସନ ବହୁ ଊର୍ଦ୍ଧ୍ୱରେ । ଗୌରୀଶଙ୍କର ରାୟ ଏହି କବିଙ୍କ ମହତ୍ତ୍ୱ ସ୍ୱୀକାର କରିଛନ୍ତି। 'ସଙ୍ଗୀତ ସାଗର'ରେ ଏହାଙ୍କ ରଚିତ ୩୩ଟି ଗୀତ ମୁଦ୍ରିତ। ଏହାଙ୍କ ରଚିତ ୩୫ଟି ଚଉପଦୀ, ଡ଼. ଜାନକୀବଲ୍ଲଭ ମହାନ୍ତି 'ଗୀତିକାବ୍ୟ ସଂକଳନ'ରେ ଉଦ୍ଧାର କରିଛନ୍ତି।

୬୩୧- ରାମକୃଷ୍ଣ ଛୋଟରାୟ : (୧୮୫୭-୧୯୦୫)। ଜଳନ୍ତରର ରାଜା। 'ପ୍ରହ୍ଲାଦ ନାଟକ'ର ପ୍ରଣେତା। କିନ୍ତୁ ଗୌରହରି ପରିଚ୍ଛା ଏହି ନାଟକର ପ୍ରକୃତ ଲେଖକ ବୋଲି ଅନୁମାନ କରାଯାଏ।

୬୩୨- ରାମକୃଷ୍ଣ ଦେବ (ପାଲୁରୁ ଯୁବରାଜ) : ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ କବି କେତେକ ପ୍ରେମ କବିତାର ରଚୟିତା। ତାଙ୍କର କେତେକ କବିତାର ଆଦ୍ୟ ପଂକ୍ତି ହେଉଛି-

୧) 'ତୁ ନଯା'ରେ ମଦନ ରଜାରେ ମୋତେ ମାରି'

୨) ବାମନେତ୍ର କୋଣେ ମାତ୍ର ବଂଧୁ ଥରେ ଚାହାଁରେ

(ରାଜ୍ୟ ସଂଗ୍ରହାଳୟ)

୬୩୩- ରାମଚନ୍ଦ୍ର ଗଜପତି : ଅଷ୍ଟାଦଶ ଶତାବ୍ଦୀ । କେତେକ କ୍ଷୁଦ୍ର କବିତାର ରଚୟିତା। (ରାଜ୍ୟ ସଂଗ୍ରହାଳୟ)

୬୩୪- ରାମଚନ୍ଦ୍ର ଜଗଦେବ : ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । ଡ଼. ଜାନକୀବଲ୍ଲଭ ମହାନ୍ତି 'ଓଡ଼ିଆ ଗୀତିକାବ୍ୟ ସଂକଳନ'ରେ କବିଙ୍କର ୩ଟି ଗୀତିକା ଉଦ୍ଧାର କରିଛନ୍ତି।

୬୩୫- ରାମଚଂଦ୍ର ଦାସ : ଆନୁମାନିକ ୧୮ଶ ଶତାବ୍ଦୀ । ସେ କେତେକ 'ଚିଟାଉ' ରଚନା କରିଥିଲେ।

(ପ୍ରା.ଓ.ଲି.ଭା.ସା. ପୃ-୫୫)

୬୩୬- ରାମଚଂଦ୍ର ଦେବ (ଜଳନ୍ତର) : ସମ୍ଭବତଃ ଊନବିଂଶ ଶତାବ୍ଦୀ । ଜଳନ୍ତରର ରାଜା । କବିଙ୍କର ଗୋଟିଏ ଗୀତିକାର ଡ଼. ଜାନକୀବଲ୍ଲଭ ମହାନ୍ତି 'ଓଡ଼ିଆ ଗୀତିକାବ୍ୟ ସଂକଳନ'ରେ ଉଦ୍ଧାର କରିଛନ୍ତି। କବିତାଟି ଆଦି ରସାତ୍ମକ। ସେ ବହୁ ସଙ୍ଗୀତ ଲେଖିଥିବା ଜଣାଯାଏ।

୬୩୭- **ରାମଚନ୍ଦ୍ର ପଟ୍ଟନାୟକ :** ୧୮ଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧ। 'ହାରାବତୀ' ଓ 'ଅନୁରାଗବତୀ' କାଳ୍ପନିକ କାବ୍ୟ ଦୁଇଟିରେ ସେ ସାଧାରଣ ପରିବାରରୁ କାବ୍ୟର ନାୟକ ନାୟିକାଙ୍କୁ ଗ୍ରହଣ କରିଛନ୍ତି।

'ଅନୁରାଗବତୀ', ରାମଚନ୍ଦ୍ର ପଟ୍ଟନାୟକ ଏବଂ ତାଙ୍କ ଭାଇ ବିଷ୍ଣୁ ପଟ୍ଟନାୟକ ଉଭୟଙ୍କ ଦ୍ୱାରା ଲିଖିତ ଏକ କାଳ୍ପନିକ କାବ୍ୟ ।

୬୩୮- **ରାମଚନ୍ଦ୍ର ବୀରବର ହରିଚନ୍ଦନ ବାହାଦୂର :** ଆନୁମାନିକ ୧୮ଶ ଶତାବ୍ଦୀ । କେତେକ ପ୍ରେମ କବିତାର ରଚୟିତା। ଗୋଟିଏ କବିତାର ଆଦ୍ୟ ପଂକ୍ତି ହେଉଛି, 'ସଖୀ ରୁଷନାରେ। କନକ ବରନା ନୀରଜ ନୟନୁ ନୀର ନିରତେ ମୁଞ୍ଚନାରେ। ସେ ସମ୍ଭବତଃ ଉନବିଂଶ ଶତାବ୍ଦୀର କବି।

(ରାଜ୍ୟ ସଂଗ୍ରହାଳୟ)

୬୩୯- **ରାମଚଂନ୍ଦ୍ର ଭ୍ରମରବର :** ଆନୁମାନିକ ୧୯ଶ ଶତାବ୍ଦୀ । ଡ଼. ଜାନକୀବଲ୍ଲଭ ମହାନ୍ତି କବିଙ୍କର ଗୋଟିଏ ଗୀତିକା, 'ଓଡ଼ିଆ ଗୀତିକାବ୍ୟ ସଂକଳନ'ରେ (ପୃ-୩୮୩) ଉଦ୍ଧାର କରିଛନ୍ତି। ଏହା ଆଦିରସାତ୍ମକ।

୬୪୦- **ରାମଚଂନ୍ଦ୍ର ଭୂୟାଁ :** ଆନୁମାନିକ ୧୮ଶ ଶତାବ୍ଦୀର କବି। ସେ କେତେକ 'ମଙ୍ଗଳ ଗୀତି' ରଚନା କରିଥିଲେ।

(ଓ.ଲି.ଭା.ସା. ପୃ-୮୧)

୬୪୧- **ରାମଚଂନ୍ଦ୍ର ସୁର :** ତରଲା ରାଜ୍ୟରୁ ରାଜା। ଉନବିଂଶ ଶତାବ୍ଦୀ ବୋଲି ଅନୁମାନ କରାଯାଏ। ସେ 'ପ୍ରହ୍ଲାଦ ନାଟକ' ରଚନା କରିଥିବା ଜଣାଯାଏ। (ରାଜ୍ୟ ସଂଗ୍ରହାଳୟ)

୬୪୨- **ରାମ ଦାସ :** ଆନୁମାନିକ ୧୮ଶ ଶତାବ୍ଦୀର କବି। 'ଅମରକୋଷ ଗୀତା' ଓ 'ଜାନକୀଶ ବିଳାସ'ର ରଚୟିତା। ସେ ମଧ 'ବଳଭଦ୍ର ବୋଲି' ରଚନା କରିଥିବା ଜଣାଯାଏ।

୬୪୩- **ରାମ ଦାସ ( ବିପ୍ର)** ୧୮ଶ ଶତାବ୍ଦୀ । ପିତାଙ୍କ ନାମ ଲଛମନ ଦାସ। ଗଞ୍ଜାମ ଜିଲ୍ଲାସ୍ଥ ମହୁରୀ ରାଜ୍ୟର ତୁରା ଗ୍ରାମରେ ବ୍ରାହ୍ମଣ କୁଳରେ ଜନ୍ମ । ତାଙ୍କ କୃତ 'ଦାଢ୍ୟତା ଭକ୍ତି ରସାମୃତ ଗ୍ରନ୍ଥ' ଜଗନ୍ନାଥ ଦାସଙ୍କ ଭାଗବତ ପରି ସମଗ୍ର ଓଡ଼ିଶାରେ ଅତ୍ୟନ୍ତ ଲୋକପ୍ରିୟ। ଏଥିରେ ଅନେକ ଭକ୍ତଙ୍କ ଚରିତ ଲିଖିତ ହୋଇଥିବାରୁ ଏହାର ଯଥେଷ୍ଟ ଐତିହାସିକ ଗୁରୁତ୍ୱ ରହିଛି। ଏହା ୨ଖଣ୍ଡରେ ରଚିତ। ପ୍ରଥମ ଖଣ୍ଡର ରଚନାକାଳ ୧୭୬୮ ଓ ଦ୍ୱିତୀୟ ଖଣ୍ଡର ରଚନା କାଳ ୧୮୦୦ ମସିହା। ସେ 'ଗୁଣ୍ଡିଚା ବସନ୍ତ' କାବ୍ୟ ମଧ ରଚନା କରିଥିବା ଜଣାଯାଏ।

୬୪୪- **ରାମ ଦାସ (ବାଳକ)** ୧୮ଶ ଶତାବ୍ଦୀ । ମଥୁରା ନିକଟବର୍ତ୍ତୀ ଗଲତ ଗାଦିରୁ ଭକ୍ତ ରାମ ଦାସ ଉତ୍କଳକୁ ଆସି ଜରଡ଼ା ରାଜ୍ୟର ସୁବର୍ଣ୍ଣପୁର ଗ୍ରାମରେ ଗୋଟିଏ ମଠ ପ୍ରତିଷ୍ଠା କରିଥିଲେ। ସେ ସଂସ୍କୃତ ଅଧ୍ୟାତ୍ମ ରାମାୟଣରୁ ସୂକ୍ତି ସଂଗ୍ରହ କରି 'ଶ୍ରୀରାମ ଭକ୍ତି ରତ୍ନାବଳୀ' ନାମକ ଏକ ଗ୍ରନ୍ଥ ସଂସ୍କୃତ ଭାଷାରେ ରଚନା କରିଥିଲେ।

ତାଙ୍କର ସୁଯୋଗ୍ୟ ଶିଷ୍ୟ ବାଳକ ରାମ ଦାସ ଏହି ଗ୍ରନ୍ଥକୁ ସରଳ ନବାକ୍ଷରୀ ବୃତ୍ତରେ ଅନୁବାଦ କରିଥିଲେ। ଏହାକୁ ଅଧ୍ୟାତ୍ମ ରାମାୟଣର ସାର ସଂଗ୍ରହ କୁହାଯାଇପାରେ, ତାଙ୍କ ରଚିତ ଅନ୍ୟ ଗ୍ରନ୍ଥର ନାମ "ରାମାନନ୍ଦ ଲୀଳାମୃତ" ବା 'ରାମାନନ୍ଦ ଚରିତାମୃତ।' କବିଙ୍କ ଅନ୍ୟନାମ ସେବା ଦାସ ଥିବାର ଜଣାଯାଏ। ସେବା ଦାସ ନାମରେ ଭଣିତା ଥିବା କେତେକ ରଚନା ମଧ୍ୟ ପରିଦୃଷ୍ଟ ହୁଏ।

୬୪୫ - **ରାମାନଂଦ ଦାସ :** ଆନୁମାନିକ ୧୮ଶ ଶତାବ୍ଦୀ । ସେ 'ସୀତା କାରୁଣ୍ୟ ଚଉତିଶା', 'ହନୁମାନ ଚଉତିଶା' ଓ ଜାନକୀ ବିଚ୍ଛେଦ ଚଉତିଶା' ରଚନା କରିଥିଲେ।

(ପ୍ରା.ଓ.ଲି.ଭା.ସା. ପୃ-୫୭)

୬୪୬ - **ରାମାନୁଜ ଦାସ :** ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । ସେ କେତେକ ଜଣାଣ, ଭଜନ ଲେଖିଥିବାର ଜଣାଯାଏ।

(ଓ.ଲି.ଭା.ସା. ପୃ- ୭୯)

୬୪୭ - **ରାୟସିଂହ ଛୋଟରାୟ :** ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । ସେ 'ରସକାହାଣୀ ଚଉତିଶା' ରଚନା କରିଥିଲେ।

(ପ୍ରା.ଓ.ଲି.ଭା.ସା. ପୃ-୫୯)

୬୪୮ - **ରାସବିହାରୀ ଦାସ :** ଆନୁମାନିକ ଊନବିଂଶ ଶତାବ୍ଦୀ । 'ରାଧାକୃଷ୍ଣ ମିଳନ ଗ୍ରନ୍ଥ'ର ରଚୟିତା ।

(ରାଜ୍ୟ ସଂଗ୍ରହାଳୟ)

୬୪୯ - **ରାହାସ ନୃପ ନନ୍ଦିନୀ :** ଆନୁମାନିକ ସପ୍ତଦଶ ଶତାବ୍ଦୀ । 'ଗୋପବିଳାସ ଚଉତିଶା'ର ରଚୟିତା ।

(ରାଜ୍ୟ ସଂଗ୍ରହାଳୟ)

୬୫୦ - **ଲଡୁକେଶ** ୧୯ଶ ଶତାବ୍ଦୀ । କେତେକ ଚଉପଦୀ ଓ 'କାମଦୁଘା ଚଉତିଶା'ର ରଚୟିତା । ତାଙ୍କ ରଚିତ ୧ଟି ଚଉପଦୀ ଡ଼. ଜାନକୀବଲ୍ଲଭ ମହାନ୍ତି 'ଗୀତିକାବ୍ୟ ସଂକଳନ'ରେ ଉଦ୍ଧାର କରିଛନ୍ତି।

୬୫୧ - **ଲକ୍ଷ୍ମଣ ଦାସ :** ଆନୁମାନିକ ୧୮ଶ ଶତାବ୍ଦୀ । ସେ କେତେକ ଜଣାଣ ଓ ଭଜନ ଲେଖିଥିବାର ଜଣାଯାଏ।

(ଓ.ଲି.ଭା.ସା. ପୃ-୭୯)

୬୫୨ - **ଲକ୍ଷ୍ମଣ ମହାନ୍ତି :** ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । ସେ 'ଉର୍ମିଳା ଛାନ୍ଦ'ନାମକ ଏକ କାଳ୍ପନିକ କାବ୍ୟ ରଚନା କରିଥିଲେ।

(ପ୍ରା.ଓ.ଲି.ଭା.ସା. ପୃ-୧୯୦)

୬୫୨-(କ) **ଲକ୍ଷ୍ମଣ ରଥ :** ଉନବିଂଶ ଶତାବ୍ଦୀ । "ଯୋଗ ବା ଶିଷ୍ଟ ରାମାୟଣକୁ ଓଡ଼ିଆରେ ଅନୁବାଦ କରି ଭକ୍ତ ଲକ୍ଷ୍ମଣ ରଥ ଏ ଦେଶରେ ଧନ୍ୟବାଦର ପାତ୍ର ହୋଇପାରିଛନ୍ତି। ଏ ଖଣ୍ଡ ସମ୍ବଲପୁର ପ୍ରେସ୍‌ରେ ୧୯୨୨ରେ ପ୍ରକାଶିତ ହୁଏ"। (ଓଡ଼ିଆ ସାହିତ୍ୟରେ ଧର୍ମଧାରା ପୃ-୧୭୦)

୬୫୩-**ଲକ୍ଷ୍ମୀଧର ତ୍ରିପାଠୀ :** ଷୋଡ଼ଶ ଶତାବ୍ଦୀ । ବୀରସିଂହଙ୍କ ଶିଷ୍ୟ । କେତେକ ବ୍ରହ୍ମଜ୍ଞାନମୂଳକ କବିତାର ଲେଖକ ଭାବରେ ପରିଚିତ।

(ଉ.ବି.)

୬୫୪-**ଲକ୍ଷ୍ମୀଧର ଦାସ :** ଅଷ୍ଟାଦଶ ଶତାବ୍ଦୀ । 'ଅଙ୍ଗଦ ପଡି' ବା 'ଅଙ୍ଗଦ ଚିଟାଉ'ର ରଚୟିତା ଭାବେ ପ୍ରସିଦ୍ଧ।

୬୫୫-**ଲକ୍ଷ୍ମୀଶରଣ ଭଞ୍ଜ :** ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । କେତେକ ରୀତିସିଦ୍ଧ କବିତାର ରଚୟିତା । ସେ ଗଞ୍ଜାମ ଜିଲା ବୀରରଘୁନାଥପୁର ଶାସନର ଅଧିବାସୀ ।

(ରାଜ୍ୟ ସଂଗ୍ରହାଳୟ)

୬୫୬-**ଲିମ୍ବ ମାଝି :** ଆନୁମାନିକ ୧୮ଶ ଶତାବ୍ଦୀ । ସେ କେତେକ ଜଣାଣ ଓ ଭଜନ ଲେଖିଥିବାର ଜଣାଯାଏ।

(ପ୍ରା.ଓ.ଲି.ଭା.ସା. ପୃ-୭୯)

୬୫୭-**ଲୁଇ ପାଦ :** ଆନୁମାନିକ ୧୦ମ ଶତାବ୍ଦୀ । ତାଙ୍କ ଗୁରୁଙ୍କ ନାମ ଶବରୀ ପାଦ। ଲୁଇ ଉଡ୍‌ଡ଼ୀୟାନବାସୀ ଥିଲେ। ଏହି ଉଡ୍‌ଡୀୟାନ ଯେ ଓଡ଼ିଆ, ଏହା ଏକ ସୁପ୍ରମାଣିତ ଅଭିମତ। ଓଡ଼ିଶାର ରାଜା ବାରିକ ଓ ମନ୍ତ୍ରୀ ଡେଙ୍ଗୀପା ଏବଂ ଆଉ ଜଣେ ରାଜା ବଜ୍ରଘଣ୍ଟ ତାଙ୍କର ଶିଷ୍ୟ ଥିଲେ। ଲୁଇ ଓଡ଼ିଶା ରାଜାଙ୍କ କାୟସ୍ଥ ଭାବେ କାର୍ଯ୍ୟ କରୁଥିଲା ବେଳେ ଶବରୀପାଙ୍କ ଶିଷ୍ୟ ହୋଇଥିଲେ। ଶବରୀପା ମଧ୍ୟ ଉତ୍କଳୀୟ ଥିଲେ। ଅଚ୍ୟୁତାନନ୍ଦଙ୍କ 'ଶୂନ୍ୟସଂହିତା'ରେ ପ୍ରାଚୀ ନଦୀ କୂଳରେ ଅବସ୍ଥାନ କରୁଥିବା ସିଦ୍ଧମାନଙ୍କ ମଧ୍ୟରେ ଲୋହି ଦାସ ଅନ୍ୟତମ। ଅନନ୍ତ ଦାସଙ୍କ 'ଗୁପ୍ତ ଗୀତା'ରେ ସିଦ୍ଧମାନଙ୍କ ନାମ ତାଲିକାରେ ଲୋହିଙ୍କ ନାମ ମିଳେ ଏବଂ ତାଙ୍କର ହେତୁଦୋୟ ଭାଗବତରେ ପ୍ରଦତ୍ତ ମତ୍ସ୍ୟେନ୍ଦ୍ରନାଥଙ୍କ ବିବରଣୀ ସହ ପ୍ରାୟ ମିଳିଯାଏ। ଲୋହି ଗୀତା ନାମରେ ଖଣ୍ଡିଏ ପ୍ରାଚୀନ ପୋଥି ମଧ୍ୟ ବର୍ତ୍ତମାନ ଦୃଷ୍ଟିଗୋଚର ହୋଇଛି। ଲୁଇଙ୍କର ନାମ ଲୋହି , ଲୁହି, ଲୋହିତ ଭାବରେ ଲେଖାଯାଇଥାଏ। ମୟୂରଭଞ୍ଜରେ ଏବେ ସୁଦ୍ଧା ପ୍ରଚଳିତ ଲୁଇପୂଜା ଲୁଇପାଙ୍କର ଉତ୍କଳ ସହିତ ନିବିଡ଼ ସମ୍ପର୍କ ଥିବା ପ୍ରମାଣ କରେ। ହରପ୍ରସାଦ ଶାସ୍ତ୍ରୀ ଲୁଇଙ୍କୁ ରାଢ଼ ଦେଶୀୟ ଲୋକ କହି ପକ୍ଷାନ୍ତରେ ମୟୂରଭଞ୍ଜ ଅଧିବାସୀ ବୋଲି ସ୍ୱୀକାର କରିଯାଇଛନ୍ତି। କାରଣ ରାଜମଣ୍ଡଳ ମଧ୍ୟରେ ମୟୂରଭଞ୍ଜ ଅନ୍ତର୍ଗତ ଥିଲା। ସର୍ବୋପରି ଲୁଇଙ୍କର ଦୁଇଟି ଚର୍ଯ୍ୟା ଗୀତିକା' ଆଲୋଚନାରୁ ଏହାର ଭାଷା କିପରି ଓଡ଼ିଆ ଭାଷାର ନିକଟବର୍ତ୍ତୀ, ତାହା ସହଜରେ ଉପଲବ୍ଧି କରିହୁଏ। ଏ ସମସ୍ତ କାରଣରୁ ଅନ୍ୟାନ୍ୟ କେତେକ ଚର୍ଯ୍ୟା-

ଲେଖକମାନଙ୍କ ପରି ଲୁଇ ମଧ ଉଲ୍ଲେଖନୀୟ ଥିଲେ ବୋଲି କୁହାଯାଇପାରିବ । 'କାଆ ତରୁବର ପଞ୍ଚ ବୀଡାଳ' ତାଙ୍କର ଏକ ପ୍ରସିଦ୍ଧ ଚର୍ଯ୍ୟାପଦ ।

୬୫୮ - **ଲୋକନାଥ ଦାସ :** ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । ସେ 'ଯମକ ସାର ଚଉତିଶା' ରଚନା କରିଥିଲେ । ତାଙ୍କର ଦୁଇଟି କବିତାର ଆଦ୍ୟ ପଂକ୍ତି ହେଉଛି-

୧- 'ହରେ ରାମକୃଷ୍ଣଙ୍କୁ ଭଜ'

୨- 'ହରେ ରାମକୃଷ୍ଣ ଅବଳ'

(ରାଜ୍ୟ ସଂଗ୍ରହାଳୟ)

କେତେକ ପ୍ରେମ କବିତାର ରଚୟିତା ମଧ ଜଣେ ଲୋକନାଥ ।

(ପ୍ରା.ଓ.ଲି.ଭା.ସା. ପୃ-୫୯)

୬୫୯ - **ଲୋକନାଥ ଦ୍ୱିଜ :** ଆନୁମାନିକ ଅଷ୍ଟାଦଶ ଶତାବ୍ଦୀ । ରଚନା କେତେକ ଚଉପଦୀ ଓ 'ବିମଳା ସ୍ତୁତି' । ଏତଦ୍ ବ୍ୟତୀତ 'ବା ଚଉତିଶା' ତାଙ୍କର ରଚନା ବୋଲି ଜଣାଯାଏ । ତାଙ୍କ ରଚିତ ଚଉପଦୀ ଡ଼. ଜାନକୀବଲ୍ଲଭ ମହାନ୍ତି 'ଗୀତିକାବ୍ୟ ସଂକଳନ'ରେ ଉଦ୍ଧାର କରିଛନ୍ତି ।

୬୬୦ - **ଲୋକନାଥ ଧୀବର :** ଆନୁମାନିକ ୧୮ଶ ଶତାବ୍ଦୀ । 'ରସ କଦମ୍ବ ଚଉତିଶା' (ଚଉତିଶା ସଞ୍ଚୟନ ୨ୟ ପୃ-୧୨୧) ର ରଚୟିତା ।

(ଓ.ଗୀ.କା.ପୃ-୩୧୨)

୬୬୧ - **ଲୋକନାଥ ପଟ୍ଟନାୟକ :** ଆନୁମାନିକ ୧୮ଶ ଶତାବ୍ଦୀର କବି । ସେ 'ଅନୁଚିନ୍ତା ଚଉତିଶା' ଓ ଜ୍ଞାନ ଚଉତିଶା'ର ଲେଖକ ଭାବେ ପ୍ରସିଦ୍ଧ । (ରାଜ୍ୟ ସଂଗ୍ରହାଳୟ)

୬୬୨ - **ଲୋକନାଥ ନୀଳମଣି :** ଉନବିଂଶ ଶତାବ୍ଦୀର କବି । ପ୍ରେମଭକ୍ତି ଧର୍ମୀ କବିତାର ଲେଖକ । ତାଙ୍କର ଗୋଟିଏ କବିତାର ଆଦ୍ୟ ପଂକ୍ତି ହେଉଛି-

"ଆରେ କୁନ୍ଦଫୁଲ, କୃଷ୍ଣ ପୀରତି ଲଗାଇ କଲୁ ଦୂର" ।

(ରାଜ୍ୟ ସଂଗ୍ରହାଳୟ)

୬୬୩- **ଲୋକନାଥ ବିଦ୍ୟାଧର** ୧୭ଶ ଶତାବ୍ଦୀର ଶେଷ ଓ ୧୮ଶ ଶତାବ୍ଦୀର ପ୍ରଥମ ଭାଗ । କବି ଗଜପତି ଦିବ୍ୟସିଂହ ଦେବଙ୍କ ପାତ୍ର ଜଗନ୍ନାଥ ବିଦ୍ୟାଧର ମହାପାତ୍ରଙ୍କ ପୁତ୍ର ଥିବା ତାଙ୍କର ନୀଳାଦ୍ରି ମହୋତ୍ସବ ଗ୍ରନ୍ଥରୁ ଜଣାଯାଏ । ସେ 'ସର୍ବାଙ୍ଗସୁନ୍ଦରୀ', 'ଚିତ୍ରକଳା' ଓ 'ରସକଳା' ନାମକ ଅନ୍ୟ ତିନିଗୋଟି ଗ୍ରନ୍ଥ ମଧ ରଚନା କରିଥିଲେ । କବି ବାଣପୁର ରାଜା ଜଗନ୍ନାଥ ହରିଚନ୍ଦନଙ୍କ ପୃଷ୍ଠପୋଷକତା ଲାଭ କରି ସେଠାରେ 'ସର୍ବାଙ୍ଗ ସୁନ୍ଦରୀ' କାବ୍ୟ ପ୍ରାୟ ୧୬୯୨-୧୬୯୩ ଖ୍ରୀଷ୍ଟାବ୍ଦରେ ସମାପ୍ତ କରିଥିଲେ । 'ନୀଳାଦ୍ରି ମହୋତ୍ସବ ୧୬୯୯ ରୁ ୧୭୦୦ ମଧ୍ୟରେ ପୁରୀ ଅବସ୍ଥାନ କାଳରେ ରଚିତ

ହୋଇଥିଲା। ସେ 'ପଦ୍ମାବତୀ ପରିଚୟ' ନାମକ ଅନ୍ୟ ଏକ କାବ୍ୟ ଲେଖିଥିବାର ଜଣାଯାଏ। ସେ ମଧ୍ୟ ଚଉତିଶା ମାଧ୍ୟମରେ ଚିଟାଉ ପ୍ରଣୟନ କରିଥିଲେ। ତାଙ୍କର "ଗୋପଲୀଳା ସପ୍ତରାଗ ଚଉତିଶା" ନାମରେ ଏକ ଚଉତିଶା ମଧ୍ୟ ଦେଖିବାକୁ ମିଳେ।

(ଖୁରୁଧା ଇତିହାସ ପୃ-୧୩୯)

୬୬୪-**ଲୋକନାଥ ବୀରବର :** ଆନୁମାନିକ ୧୮ଶ ଶତାବ୍ଦୀ। ସେ କେତେକ ଚଉପଦୀର ରଚୟିତା ।

(ପ୍ରା.ଓ.ଲି.ଭା.ସା. ପୃ-୬୩)

୬୬୫-**ଲୋକନାଥ ଭାଗୀରଥି :** ଅଷ୍ଟାଦଶ ଶତାବ୍ଦୀ। କବି 'ଭୃଙ୍ଗଦୂତ ଚଉତିଶା'ର ଲେଖକ।

(କୃ.ଚ.ସା)

୬୬୬-**ଲୋହି ଦାସ :** ୧୬ଶ ଶତାବ୍ଦୀ। ଯଶୋବନ୍ତ ଦାସଙ୍କର ଅନ୍ୟତମ ଶିଷ୍ୟ ଓ 'ଲୋହି ଗୀତା'ର ଲେଖକ। କୁଜଙ୍ଗ ଅଞ୍ଚଳରେ ଲୋହି ଦାସଙ୍କ ଗାଦୀ ଅଛି।

୬୬୭-**ଲୋହି ନାଥ :** ଅଷ୍ଟାଦଶ ଶତାବ୍ଦୀ ଜ୍ଞାନମାର୍ଗର କବି। ତାଙ୍କର ଏକ କବିତାର ମୂଳ ପଂକ୍ତି ହେଉଛି, ଷଡ଼ଚକ୍ର ପଞ୍ଚାଶ ପାଖୁଡ଼ା ଉପରେ ଯାଇ'। ସେ ନିଜକୁ 'ଧୀବର ଲୋହି ନାଥିଆ' ବୋଲି ଉଲ୍ଲେଖ କରିଛନ୍ତି। ଲୋକନାଥ ଭଣିତା ଥିବା 'ନବୀନ ସୁନ୍ଦର ଶ୍ୟାମ' କବିତାଟି ଏହାଙ୍କର ହେବା ସମ୍ଭବ। (କୃ.ଚ.ସା)

(ଶ୍ରୀଜଗନ୍ନାଥ ଲୀଳାମୃତ ପୃ-୮୭)

୬୬୮-**ଶଙ୍କର ଆଚାର୍ଯ୍ୟ :** ଆନୁମାନିକ ଉନବିଂଶ ଶତାବ୍ଦୀ। ମର୍ଦ୍ଦଗାଜି ପାଲା ଓ ଉଗ୍ରତରା ପାଲାର ଲେଖକ।

(D.C.O.M.Vol.VI P-94)

୬୬୯-**ଶଙ୍କର ଦାସ** ଷୋଡ଼ଶ ଶତାବ୍ଦୀର କବି। 'ବାରମାସୀ କୋଇଲି'ର ରଚୟିତା ।

